ISSN-0971-8400

# ଯୋଜନା

ଜାନୁଆରୀ ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୩୦ ଟଙ୍କା

ବିଶେଷାଙ୍କ

## ବ୍ୟାଙ୍କ୍ ସଂସ୍କାର

**ବ୍ୟାଙ୍କ ଉଦ୍ୟୋଗରେ ସଂସ୍କାର**
ଅଡିସା କୁମାର

**ବ୍ୟାଙ୍କ ଉଦ୍ୟୋଗର ଯାତ୍ରା ଗତି ଓ ଭବିଷ୍ୟତ**
ବିବେକ କୁମାର, ସାଂକେତ୍ ଟଣ୍ଡନ୍ ଓ ସୁଭଦ୍ରା ରାଓ

**ଅଚଳ ପୁଂଜିଜନିତ ସମସ୍ୟା ଓ ସମାଧାନ**
ଦୀପକ ନାରଙ୍ଗ

ବିଶେଷ ପ୍ରବନ୍ଧ
**ବ୍ୟାଙ୍କ ପୁନଃ ପୁଂଜିକରଣ**
ଆଶୁତୋଷ କୁମାର

ଫୋକସ୍
**ବ୍ୟବସାୟରେ ଦେବାଳିଆ ସ୍ଥିତିର ସମାଧାନ ପାଇଁ ନୂଆ ବ୍ୟବସ୍ଥା**
ଇନ୍ଦିବଜଲ ଧସମାନା

ଭିନ୍ନ କଥା
**ଭାରତମାଳା ପରିଯୋଜନା: ରାଜପଥ ବିକାଶର ନୂଆ ପରିସର**
ଯୁଦ୍ଧବୀର ସିଂହ ମଲିକ



## ବିକାଶର ନକ୍ସା

# ଆଇଏନ୍ଏସ୍ କଲବରୀ ଜାତି ଉଦ୍ଦେଶ୍ୟରେ ଅର୍ପିତ



ଭାରତୀୟ ନୌବାହିନୀର ବୁଡ଼ାଜାହାଜ ଆଇଏନ୍ଏସ୍ କଲବରୀ ୨୦୧୭ ଡିସେମ୍ବର ୧୪ରେ ମୁମ୍ବଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜାତି ଉଦ୍ଦେଶ୍ୟରେ ଅର୍ପିତ ହୋଇଛି। ଏହି ଅବସରରେ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ନୌସେନାର ଏହି ବୁଡ଼ାଜାହାଜ କଲବରୀ 'ମେକ୍ ଇନ୍ ଇଣ୍ଡିଆ'ର ପ୍ରାଥମିକ ଉଦାହରଣ। ଏହାର ନିର୍ମାଣରେ ସଂପୃକ୍ତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଭାରତ ଓ ଫ୍ରାନ୍ସ ମଧ୍ୟରେ ଯେଉଁ ରଣକୌଶଳାତ୍ମକ ସହଯୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି, କଲବରୀ ତାହାର ଉଦାହରଣ। ଏହି ବୁଡ଼ାଜାହାଜ ଦ୍ୱାରା ଭାରତୀୟ ନୌସେନାର ଶକ୍ତି ଆହୁରି ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏକବିଂଶ ଶତାବ୍ଦୀକୁ ଭାରତୀୟ ଶତାବ୍ଦୀ ବୋଲି ବର୍ଣ୍ଣନା କରାଯାଉଛି। ଭାରତର ନୂଆ ବିକାଶ ପ୍ରକ୍ରିୟା ଭାରତ ମହାସାଗର ଦେଇ ଆରମ୍ଭ ହେବ। ସେଥିପାଇଁ ଭାରତ ସରକାରଙ୍କ ନୀତିରେ ଭାରତ ମହାସାଗର ସ୍ୱତନ୍ତ୍ର ଗୁରୁତ୍ୱ ଲାଭ କରିଛି। 'ସାଗର' ଶବ୍ଦ ତାଙ୍କ ଦୂରଦୃଷ୍ଟିର ପରିଚୟ ବହନ କରେ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ 'SAGAR' ଅର୍ଥ ସିକ୍ୟୁରିଟି ଆଣ୍ଡ୍ ଗ୍ରୋଥ୍ ଅଫ ଅଲ୍ ଇନ୍ ଦି ରେଜିଅନ। ଗତ ତିନିବର୍ଷ ମଧ୍ୟରେ ଦେଶର ନିରାପତ୍ତା ଓ ପ୍ରତିରକ୍ଷା ପରିବେଶରେ ବଡ଼ଧରଣର ପରିବର୍ତ୍ତନ ଆସିଛି। ବୁଡ଼ାଜାହାଜ କଲବରୀରେ ଯେଉଁ ଦକ୍ଷତା ଓ ନିର୍ମାଣ କୌଶଳ ବିନିଯୋଗ ହୋଇଛି ତାହା ଭାରତର ସମ୍ବଳ ଓ ସମ୍ପତ୍ତି।

ଏହି ବୁଡ଼ାଜାହାଜ ଉଭୟ ଡିଜେଲ ଓ ବିଦ୍ୟୁତ୍ ଚାଳିତ। ମୁମ୍ବଇ ନିକଟ ମାଜଗାଓଁ ଜାହାଜ ନିର୍ମାଣ କେନ୍ଦ୍ରରେ ଏହା ତିଆରି ହୋଇଛି। ନୌବାହିନୀ ପାଇଁ ଯେଉଁ ଛ'ଟି ଅତ୍ୟାଧୁନିକ ବୁଡ଼ାଜାହାଜ ନିର୍ମାଣର ଯୋଜନା ରହିଛି ସେଥିମଧ୍ୟରୁ କଲବରୀ ପ୍ରଥମ। ଫ୍ରାନ୍ସ ସହାୟତାରେ କଲବରୀ ତିଆରି ହୋଇଥିଲେ ହେଁ ଏହା 'ମେକ୍ଇନ୍ ଇଣ୍ଡିଆ' ପ୍ରୟାସରେ ସଫଳ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଜାନୁଆରୀ ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ / ଚତୁର୍ଥ ସଂଖ୍ୟା

## ଏ ସଂଖ୍ୟାରେ...


| ବିଷୟ / ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୦୪ |
| ବ୍ୟାଙ୍କ ଉଦ୍ୟୋଗରେ ସଂସ୍କାର<br>*ଅତିସା କୁମାର* | ୫ |
| ବ୍ୟାଙ୍କ ଉଦ୍ୟୋଗର ଯାତ୍ରା ଗତି ଓ ଭବିଷ୍ୟତ<br>*ବିବେକ କୁମାର, ସାଂକେତ ଟଣ୍ଡନ୍ ଓ ସୁଭଦ୍ରା ରାଓ* | ୧୦ |
| ଅଚଳ ପୁଂଜିଜନିତ ସମସ୍ୟା ଓ ସମାଧାନ<br>*ଦୀପକ ନାରଙ୍ଗ* | ୧୪ |
| ଭାରତମାଳା ପରିଯୋଜନା: ରାଜପଥ ବିକାଶର ନୂଆ ପରିସର<br>*ଯୁଦ୍ଧବୀର ସିଂହ ମଲିକ* | ୨୩ |
| ଭାରତରେ ଗ୍ରାମୀଣ ବ୍ୟାଙ୍କ ସେବା : ସମସ୍ୟା ଓ ଆହ୍ୱାନ<br>*ମଂଜୁଳା ୱାଧୱା* | ୩୪ |
| ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ବ୍ୟାଙ୍କ ସମୂହଙ୍କ ଭୂମିକା<br>*ଚରଣ ସିଂହ ଓ ଶିବକୁମାର ରେଡ୍ଡୀ* | ୪୨ |
| କ୍ରେଡିଟ୍ ରେଟିଂରେ ଭାରତ ଉପରକୁ ଉଠିବାକୁ ଯୋଗ୍ୟ<br>*ପ୍ରଭାକର ସାହୁ ଓ ଭବେଶ ଗର୍ଗ* | ୫୦ |
| ମିଶନ ଇନ୍ଦ୍ରଧନୁଷ୍ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୁନର୍ବିନ୍ୟାସ<br>*ଡି. ଏସ୍. ମଲିକ* | ୫୬ |
| ବ୍ୟାଙ୍କମାନଙ୍କର ବ୍ୟାଙ୍କ - ଭାରତୀୟ ରିଜର୍ଭ ବ୍ୟାଙ୍କ | ୬୧ |
| ଡିଜିଟାଇଜେସନ୍ ଓ ସ୍ୱଳ୍ପନଗଦ ଅର୍ଥନୀତି ସାଇବର ଠକେଇ ନିରୋଧୀ ନିରାପତ୍ତା ଓ ଆଇନଗତ ଆବଶ୍ୟକତା<br>*ସୁବ୍ରମଣ୍ୟ କୁମାର* | ୬୫ |
| ଆପଣ ଜାଣନ୍ତି କି ? | ୭୦ |
| ସାମ୍ପ୍ରତିକୀ | ୭୨ |

**ଫୋକସ୍**
ବ୍ୟବସାୟରେ ଦେବାଳିଆ ସ୍ଥିତିର ସମାଧାନ ପାଇଁ ନୂଆ ବ୍ୟବସ୍ଥା
ଇନ୍ଦିବର୍ଜଲ ଧସମାନା: ୨୮

**ବିଶେଷ ପ୍ରବନ୍ଧ**
ବ୍ୟାଙ୍କ ପୁନଃ ପୁଂଜିକରଣ
ଆଶୁତୋଷ କୁମାର: ୧୮


**Editor**
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସ ମ୍ପା ଦ କୀ ୟ



# ନିରାପଦ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ ସେବା

ସମଗ୍ର ବିଶ୍ୱର ବିଭିନ୍ନ ସଂସ୍କୃତିରେ ସଂଚୟର ଉପଯୋଗିତା ଓ ଆବଶ୍ୟକତା ପ୍ରାଧାନ୍ୟ ଲାଭ କରିଛି । କୁମ୍ଭିରେ ଟଙ୍କା / ସ୍ୱର୍ଣ୍ଣମୁଦ୍ରା ସଂଗ୍ରହ କରି ରଖିବା ଏବଂ ସଂଚିତ ଅର୍ଥକୁ ମାଟି ତଳେ ପୋତି ଲୁଚାଇ ରଖିବା ଭଳି ଅଭ୍ୟାସ ଓ ପରମ୍ପରା ପ୍ରାଚୀନ କାଳରେ ବିଶ୍ୱର ବିଭିନ୍ନ ଦେଶରେ ଅନୁସୃତ ହେଉଥିଲା । ରାଜକୋଷ ଦେଶର ସଂଗୃହୀତ ରାଜସ୍ୱର ଭଣ୍ଡାର ଥିଲା । ରାଜା ମହାରାଜାମାନେ ସେମାନଙ୍କର ପ୍ରଜା, ଜମିଦାର, ଅଧସ୍ତନ ରାଜା ଓ ବଣିକମାନଙ୍କଠାରୁ ସଂଗ୍ରହ କରୁଥିବା ରାଜଭାଗ ବା ରାଜସ୍ୱ ରାଜ୍ୟର ତହବିଲରେ ଜମା କରି ରଖାଯାଉଥିଲା ।

ଆଧୁନିକ ବ୍ୟାଙ୍କ ବ୍ୟବସ୍ଥାର ପ୍ରସାର ଫଳରେ ଅର୍ଥର ପରିଚାଳନା ଘରୁ ବ୍ୟାଙ୍କ ହାତକୁ ଚାଲିଗଲା । ଲୋକେ ନିଜର ଟଙ୍କା ଓ ଗହଣାଗାଣ୍ଠି ଘରେ ରଖିବା ଅପେକ୍ଷା ବ୍ୟାଙ୍କରେ ଜମା ରଖିବାକୁ ନିରାପଦ ମଣିଲେ । ବ୍ୟାଙ୍କରେ ଅର୍ଥ ଓ ଅଳଙ୍କାର ନିରାପଦରେ ରହିବାର ବ୍ୟବସ୍ଥା ଥିବାରୁ ଲୋକେ ସେଥିପ୍ରତି ଅଧିକ ଆକର୍ଷିତ ହେଲେ । ବ୍ୟାଙ୍କରେ ଅର୍ଥ ଜମା ରଖିବାର ଆଉ ଏକ ବଡ଼ ଆକର୍ଷଣ ହେଲା ସୁଧ । ଜମାକାରୀଙ୍କୁ ଏଥିପାଇଁ ନିର୍ଦ୍ଦିଷ୍ଟ ହାରରେ ସୁଧ ମିଳିଥାଏ । ସୁଧ ଏକ ଅତିରିକ୍ତ ଆୟର ସୁବିଧା ଦିଏ । ବ୍ୟାଙ୍କ ସମୂହ ମଧ୍ୟ ନିଜ ପାଖରେ ଥିବା ଜମାକୁ ବିଭିନ୍ନ ପ୍ରତିଭୂତି ଓ ଫଟକା ବଜାରରେ ଲଗାଇ ତା’ ଉପରେ ଅଧିକ ସୁଧ ପାଇଥାନ୍ତି । ଏହାଦ୍ୱାରା ସେମାନଙ୍କର କାରବାର ଓ ଆର୍ଥିକ ଲାଭ ବଢ଼ିଥାଏ । ଏଭଳି ଭାବରେ ଇନ୍‌ଭେଷ୍ଟମେଣ୍ଟ (ନିବେଶ) ବ୍ୟାଙ୍କିଙ୍ଗ ଓ କର୍ପୋରେଟ ବ୍ୟାଙ୍କିଙ୍ଗ୍ (ଉଦ୍ୟୋଗ ବ୍ୟାଙ୍କିଙ୍ଗ୍)ର ଏକ ନୂଆ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ସରକାରୀ ଅର୍ଥ ମଧ୍ୟ ରାଜକୋଷରୁ ବିଧିବଦ୍ଧ ବ୍ୟବସ୍ଥାରେ ଦେଶର କେନ୍ଦ୍ରୀୟ ବ୍ୟାଙ୍କକୁ ସ୍ଥାନାନ୍ତରିତ ହୋଇଥିଲା । ଧୀରେ ଧୀରେ ଏହି କେନ୍ଦ୍ରୀୟ ବ୍ୟାଙ୍କ ଦେଶର ଆର୍ଥିକ ନୀତିର ନିୟନ୍ତ୍ରକ ସାଜିଥିଲା । ଆଜିକାଲି ଏକ କେନ୍ଦ୍ରୀୟ ନିୟନ୍ତ୍ରଣକାରୀ କର୍ତ୍ତୃପକ୍ଷଙ୍କ ବିନା ଗୋଟିଏ ଅର୍ଥନୀତିର ପରିକଳ୍ପନା କରାଯାଇ ନ’ପାରେ । ଭାରତର କେନ୍ଦ୍ରୀୟ ବ୍ୟାଙ୍କ ଯାହା ରିଜର୍ଭ ବ୍ୟାଙ୍କ ଭାବେ ପରିଚିତ, ଏବେ କେବଳ ସରକାରୀ ଅର୍ଥର ଜମା ସଂଗ୍ରହକାରୀ ନୁହେଁ, ଏହା ଆର୍ଥିକ ନୀତିର ନିୟନ୍ତ୍ରକ, ବ୍ୟାଙ୍କ ସମୂହଙ୍କର ବ୍ୟାଙ୍କ୍‌ର ଓ ମୁଦ୍ରାର ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଛି ।

ଭାରତରେ ବ୍ୟାଙ୍କ ବ୍ୟବସ୍ଥା କ୍ଷୁଦ୍ର ଘରୋଇ ବ୍ୟାବସାୟିକ ବ୍ୟାଙ୍କ ସହିତ ଆରମ୍ଭ ହୋଇଥିଲା । ସେଥିରୁ ପ୍ରାରମ୍ଭିକ ଅବସ୍ଥାରେ କିଛି ବିଫଳ କିମ୍ବା ଅର୍ଥ ହେରଫେର / ଆତ୍ମସାତରେ ଲିପ୍ତ ହେବାରୁ ଜମାକାରୀ ସେମାନଙ୍କର କଷ୍ଟାର୍ଜିତ ଧନ ହରାଇଥିଲେ । ଏହାକୁ ରୋକିବାକୁ ସରକାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲେ ଏବଂ ଏସବୁ ବ୍ୟାଙ୍କକୁ ଜାତୀୟକରଣ କରାଗଲା । ସରକାରଙ୍କର ଏହି ବଡ଼ଧରଣର ସଂସ୍କାରବାଦୀ କାର୍ଯ୍ୟକ୍ରମ ଫଳରେ ଗ୍ରାହକ/ଜମାକାରୀଙ୍କର କୌଣସି ଅସୁବିଧା ହେଲାନାହିଁ କିମ୍ବା ବ୍ୟାଙ୍କ ସମୂହର କୌଣସି କ୍ଷତି ଘଟିଲା ନାହିଁ । ଏଥିରେ ବଡ଼ ଲାଭଟି ହେଲା ଜମାକାରୀ / ଗ୍ରାହକଙ୍କର । ସେମାନଙ୍କ ଜମା ଅର୍ଥ  ନିରାପଦ ହେଲା ଓ ଏହାର ଆତ୍ମସାତ ବାଟ ବନ୍ଦ ହୋଇଗଲା । ବ୍ୟାଙ୍କ ସମୂହ ଜମାକାରୀଙ୍କ ଅର୍ଥର ଦୁରୁପଯୋଗ କରିପାରିଲେ ନାହିଁ । ସମୟକ୍ରମେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହକୁ ଉଚିତମାର୍ଗରେ ପରିଚାଳନା କରିବା ପାଇଁ ବିଭିନ୍ନ ନିୟନ୍ତ୍ରକ / ନିୟାମକ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା ।

ନରସିଂହମ୍ କମିଟିଙ୍କ ସୁପାରିସ ବ୍ୟାଙ୍କ ସଂସ୍କାର କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହାପରଠାରୁ ବିଭିନ୍ନ କମିଟି ଓ କମିଶନ ଗଠନ କରାଯାଇ ବ୍ୟାଙ୍କ ଉଦ୍ୟୋଗର ଦକ୍ଷତା ବୃଦ୍ଧି ଓ ଏହାର କାର୍ଯ୍ୟ ପରିସରକୁ ଅଧିକ ସ୍ୱଚ୍ଛ, ସୁସଂହତ କରିବାକୁ ଅନେକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଆସୁଛି । ଏକ ସମୟରେ ସରକାର ବିଚାର କଲେ ଯେ ବିଶ୍ୱର ପରିବର୍ତ୍ତନ ଧାରା ଅନୁସାରେ ଅନ୍ୟାନ୍ୟ କ୍ଷେତ୍ର ଭଳି ବ୍ୟାଙ୍କ ଉଦ୍ୟୋଗରେ ଘେରୋଇକରଣକୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଛି । ଏହାପରେ ଭାରତରେ ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ, ଏକ୍ସିସ୍ ଓ ୱାୟେସ୍ ବ୍ୟାଙ୍କ ଭଳି ଘରୋଇ ବ୍ୟାଙ୍କଗୁଡ଼ିକୁ  କାରବାର କରିବାକୁ ଅନୁମତି ପ୍ରଦାନ କରାଗଲା । ଏସବୁ ଘରୋଇ ବ୍ୟାଙ୍କ ଗ୍ରାହକ ସେବା କ୍ଷେତ୍ରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଠାରୁ  ଅଧିକ ସଫଳ ପ୍ରମାଣିତ ହେବା ସହ ଭଲ କାରବାର କଲେ । ଖୁବ୍ କମ୍ ଦିନରେ ଏହି ଘରୋଇ ବ୍ୟାଙ୍କ ସବୁ ଉଭୟ କର୍ପୋରେଟ ବ୍ୟାଙ୍କି ଓ ରିଟେଲ ବ୍ୟାଙ୍କି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ସମର୍ଥ ହେଲେ । ଏମାନଙ୍କ ସଫଳତାରୁ ସୂତ୍ରନେଇ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନେ କ୍ରମଶଃ ଅଧିକରୁ ଅଧିକ ଗ୍ରାହକ ସନ୍ତୋଷ ଉପରେ ଗୁରୁତ୍ୱ ଦେଲେ । ଗ୍ରାହକ ଅନୁକୂଳ ହେବା ସହିତ ନିଜର ଟେକ୍‌ନୋଲୋଜିରେ ଉନ୍ନତି ଆଣିଲେ । ଫଳରେ ସେମାନଙ୍କ କାର୍ଯ୍ୟ ଓ ସେବା ପ୍ରଦାନରେ ଉନ୍ନତି ଘଟିଲା ।

ସଫଳ ବ୍ୟାଙ୍କ ବ୍ୟବସ୍ଥା କ୍ଷେତ୍ରରେ ସବୁଠୁ ବଡ଼ ପ୍ରତିବନ୍ଧକ ହେଲା ବ୍ୟାଙ୍କ ସମୂହଙ୍କ ଅଚଳ ପୁଂଜିର ପରିମାଣ ବୃଦ୍ଧି । ଏହି ଅଚଳ ପୁଂଜିଟିର ସରଳ ଅର୍ଥ ହେଲା ଦିଆଯାଉଥିବା ଋଣ ଓ ତା’ ଉପରେ ଧାର୍ଯ୍ୟ ହୋଇଥିବା ସୁଧ ଆଦାୟ ନ’ହେବା । ଏହା ‘ବ୍ୟାଡ୍ ଲୋନ୍’ ବା ‘ମନ୍ଦ ଋଣ’ ଭାବେ ମଧ୍ୟ ପରିଚିତ । ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାରେ ଏହି ମନ୍ଦ ଋଣ ବା ଅଚଳ ପୁଂଜି ସମସ୍ୟାଟି ଉତ୍କଟ ଆକାର ଏବେ ଧାରଣ କରିଛି । ଏହାଦ୍ୱାରା ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ସମୂହ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି । ଏହି ପ୍ରମୁଖ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ‘ମିଶନ ଇନ୍ଦ୍ରଧନୁଷ୍’ ନାମରେ ଏକ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି । ଏହାର ପ୍ରମୁଖ ଲକ୍ଷ୍ୟ ହେଲା ବ୍ୟାଙ୍କ ବ୍ୟବସ୍ଥାରେ ବଡ଼ଧରଣର ସଂସ୍କାର ଆଣିବା । ପୁଂଜିହୀନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କୁ ପୁନଃ ପୁଂଜିଯୋଗାଣ, ବ୍ୟାଙ୍କିଙ୍ଗ୍ ବୋର୍ଡ ବ୍ୟୁରୋ ଗଠନ ଏବଂ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ବ୍ୟବସ୍ଥା ପ୍ରସ୍ତୁତ କରିବା ଏହି ଯୋଜନାର ଅନ୍ତର୍ଭୁକ୍ତ । ପରେ ଇନ୍‌ସଲଭେନ୍ସି ଓ ବ୍ୟାଙ୍କରପ୍‌ସିକୋଡ୍ ବ୍ୟବସ୍ଥାରେ ବ୍ୟାଙ୍କ ସମୂହର ଅନାଦାୟ ପୁଂଜି (ଏନ୍‌ପିଏ) ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଉଛି । ଆଦାୟ ହୋଇପାରୁ ନ ଥିବା ଋଣ ଅସୁଲି ପାଇଁ ଇନସଲଭେନ୍ସି କୋଡ (ଦେବାଳିଆ ଓ ଋଣ ସଂହିତା) ପ୍ରଣିତ ହୋଇଛି ।

ଆଧୁନିକ ବ୍ୟାଙ୍କ ବ୍ୟବସ୍ଥାରେ ସାଇବର ନିରାପତ୍ତା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ସ୍ୱଳ୍ପ ନଗଦ କାରବାର ଭିତ୍ତିକ ଅର୍ଥନୀତି ଓ ବ୍ୟାଙ୍କ କାରବାରର ଡିଜିଟାଇଜେସନ୍ ପରିପ୍ରେକ୍ଷୀରେ ସାଇବର ଠକେଇର ଆଶଙ୍କା ଅଧିକ । ଏହାର ମୁକାବିଲା କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରୟାସ ଆରମ୍ଭ ହୋଇଛି । ଆଏଆଏଟି ଭଳି ପ୍ରତିଷ୍ଠାନର ସହଯୋଗରେ ସୂଚନାପ୍ରଯୁକ୍ତି (ଆଏଟି) ବିଭାଗ ସାଇବର ଠକେଇ ବିରୋଧରେ ଦୃଢ଼ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରୁଛନ୍ତି । ବ୍ୟାଙ୍କ ଜରିଆରେ ଆର୍ଥିକ ସମାବେଶୀ ପ୍ରକ୍ରିୟା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଜନଧନ ଯୋଜନା ଓ ପ୍ରତ୍ୟକ୍ଷ ଲାଭ ଯୋଗାଣ (ଡିବିଟି) ଯୋଜନାକୁ ସୁରକ୍ଷିତ କରି ଉଦ୍ଦିଷ୍ଟ ବର୍ଗଙ୍କୁ ସରକାରୀ ଲାଭ ସିଧାସଳଖ ଯୋଗାଇବା ଉଦ୍ଦେଶ୍ୟରେ ଏହାକୁ ବ୍ୟାଙ୍କସହ ସଂପୃକ୍ତ କରାଯାଇଛି । ଗ୍ରାମାଞ୍ଚଳ ବ୍ୟାଙ୍କ ସେବା ସରକାରଙ୍କ ପାଇଁ ଏକ ସମସ୍ୟା । ଦେଶର ଗ୍ରାମାଞ୍ଚଳରେ ବ୍ୟାଙ୍କର ପ୍ରସାର ଆଶାଜନକ ଭାବେ ହୋଇପାରିନାହିଁ । ବିଭିନ୍ନ ପ୍ରାକୃତିକ ଓ ସଂରଚନାଗତ ସମସ୍ୟା ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଛି । ସ୍ୱଳ୍ପ ସାକ୍ଷରତା ହାର ଓ ବ୍ୟାଙ୍କ ସେବାର ଅପହଞ୍ଚ କାରଣରୁ ଗ୍ରାମାଞ୍ଚଳ ଲୋକେ ମଧ୍ୟ ଅନେକାଂଶରେ ବ୍ୟାଙ୍କ ସେବା ଓ ସୁବିଧାରୁ ବଂଚିତ । ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମାଞ୍ଚଳରେ ବ୍ୟାଙ୍କ ପ୍ରତିନିଧି (ବିସି) ନିଯୁକ୍ତି ପ୍ରୟାସ ଆରମ୍ଭ ହୋଇଛି । ଏମାନେ ଗ୍ରାମୀଣ ଜନତା ଓ ବ୍ୟାଙ୍କ ମଧ୍ୟରେ ପ୍ରତିନିଧିଭାବେ କାର୍ଯ୍ୟ କରୁଛନ୍ତି ।

ଏସବୁ କାରଣରୁ ବ୍ୟାଙ୍କ ସଂସ୍କାର ବିଚାର ଅର୍ଥନୀତିଜ୍ଞ ଏବଂ ନୀତିନିର୍ଦ୍ଧାରକଙ୍କ ପାଇଁ ଅବଶ୍ୟ ଏକ ଆହ୍ୱାନ । ବ୍ୟାଙ୍କ ହେଉଛି ସେହିସ୍ଥାନ ଯେଉଁଠି ଲୋକେ ତାଙ୍କର କଷ୍ଟାର୍ଜିତ ଧନକୁ ନିରାପତ୍ତା ଓ ଲାଭ ଦୃଷ୍ଟିରୁ ରଖିବାକୁ ବିଶ୍ୱାସ କରନ୍ତି । ଅର୍ଥ ସୁରକ୍ଷିତ ରହିଲେ ଲୋକେ ଚାପମୁକ୍ତ ରହନ୍ତି; ନିଜ ଅର୍ଥର କାରବାର କ୍ଷେତ୍ରରେ ସୁଦକ୍ଷ ଓ ନିର୍ଭରଶୀଳ ବ୍ୟାଙ୍କ ସେବା ଏ କ୍ଷେତ୍ରରେ ଲୋକଙ୍କ ଚିନ୍ତା ଓ ଚାପକୁ ଆହୁରି କମାଇବାରେ ସହାୟକ  ହୋଇଥାଏ । ବ୍ୟାଙ୍କ ସମୂହ ସବୁ ଲୋକଙ୍କ ଚିନ୍ତା ଓ ଚାପ ଦୂର କରିବାରେ ବ୍ରତୀ ହୋଇ କାର୍ଯ୍ୟ କରିବା ଆବଶ୍ୟକ ।

# ବ୍ୟାଙ୍କ ଉଦ୍ୟୋଗରେ ସଂସ୍କାର

■ ଅତିସା କୁମାର

ଭାରତରେ ଉଭୟ ଘରୋଇ ଏବଂ ଔଦ୍ୟୋଗିକ ରଣ ଯୋଗାଣ କ୍ଷେତ୍ରରେ ବ୍ୟାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଦେଶର ଆର୍ଥିକ ବଜାରର କାର୍ଯ୍ୟକୁ ସୁଗମ କରିବାରେ ବ୍ୟାଙ୍କର ଆକାର, ସ୍ଥିତି ସ୍ଥାପକତା, ଅର୍ଥ ଲଗାଣର ସାମର୍ଥ୍ୟ ଓ ଦକ୍ଷତା ବିଶେଷ ସହାୟକ ହୋଇଥାଏ। ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାରେ ଅଧିକ ବ୍ୟାଙ୍କ ସରକାରୀ ନିୟନ୍ତ୍ରଣାଧୀନ ବା ରାଷ୍ଟ୍ରାୟତ୍ତ। ଦେଶର ବ୍ୟାଙ୍କ କ୍ଷେତ୍ରର ଅନେକ ସମସ୍ୟା ରହିଛି। ସେଥିମଧ୍ୟରୁ ସ୍ୱଳ୍ପ ପୁଂଜି, ଅଧିକ ଅଚଳ ସମ୍ପତ୍ତି (ଅନାଦାୟ ରଣ), ରାଷ୍ଟ୍ରାୟତ୍ତ ବ୍ୟାଙ୍କଙ୍କ ଅଧିକ ଉପସ୍ଥିତି ଅନ୍ୟତମ। ଏସବୁ କାରଣରୁ ଶିଳ୍ପ ଉଦ୍ୟୋଗକୁ ରଣ ଯୋଗାଣ ଏବଂ ଆଭ୍ୟନ୍ତରୀଣ ପୁଂଜି ଆବଶ୍ୟକତା ପୂରଣ କରିବାକୁ ବ୍ୟାଙ୍କ ସମୂହ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ସତ୍ତ୍ୱେ ତାହା ବିଶେଷ ଫଳବତୀ ହୋଇପାରୁନାହିଁ। ସେଥିପାଇଁ ତିନିଟି କ୍ଷେତ୍ର ଉପରେ ଦୃଷ୍ଟି କେନ୍ଦ୍ରୀତ କରି କାର୍ଯ୍ୟ କରିବାକୁ ପଡ଼ିବ। ଏହି ତିନିଟି କ୍ଷେତ୍ର ହେଲା - ବ୍ୟାଙ୍କ ଉଦ୍ୟୋଗର ଉଦ୍ଦୀପନା ଆଣିବା, ବ୍ୟାଙ୍କ ସମୂହଙ୍କ ମଧ୍ୟରେ ପ୍ରତିଯୋଗିତା ବଢ଼ାଇବା ଏବଂ କର୍ପୋରେଟ ବଣ୍ଡ୍ ମାର୍କେଟର ବିକାଶ ଘଟାଇ ବ୍ୟାଙ୍କ ସମୂହର ପୁଂଜି ଜନିତ ଚାପକୁ ହ୍ରାସ କରିବା।



**ବ୍ୟାଙ୍କ ସଂସ୍କାରର ଇତିହାସ:** ୧୯୯୧ ପୂର୍ବରୁ ଭାରତରେ ବ୍ୟାଙ୍କ ଉଦ୍ୟୋଗରେ ବଡ଼ଧରଣର ସଂସ୍କାରବାଦୀ ପଦକ୍ଷେପମାନ ନିଆଯାଇଥିଲା। ୧୯୬୯ରେ ସରକାର ୫୦ କୋଟିରୁ ଅଧିକ ଜମା ଥିବା ୧୪ଟି ବେସରକାରୀ ବ୍ୟାଙ୍କକୁ ଜାତୀୟକରଣ କରିଥିଲେ। ସେତେବେଳେ ଏସବୁ ବ୍ୟାଙ୍କ ଅଧୀନରେ ଦେଶରେ ୮୦ ଶତାଂଶରୁ ଅଧିକ ଶାଖା କାର୍ଯ୍ୟ କରୁଥିଲା। ୧୯୮୦ରେ ସରକାର ଆଉ କେତେକ ବ୍ୟାଙ୍କକୁ ନିଜ ଅଧୀନକୁ

ଆଣିଲେ। ଯେଉଁସବୁ ବ୍ୟାଙ୍କର ଦେଶବ୍ୟାପୀ ଜମାରାଶି ପରିମାଣ ୨୦୦କୋଟି ଟଙ୍କାରୁ ଅଧିକ ଥିଲା ସେସବୁକୁ ଜାତୀୟକରଣ କରାଗଲା। ଏହି କ୍ରମରେ ଦେଶର ପ୍ରାୟ ୯୦ ଶତାଂଶ ବ୍ୟାଙ୍କ ସରକାରଙ୍କ ନିୟନ୍ତ୍ରଣକୁ ଆସିଲା ଏବଂ ଏଥିରେ ସରକାରୀ ଅଂଶଧନ ମଧ ଯଥେଷ୍ଟ ବଢ଼ିଲା। ୧୯୬୯ରୁ ୧୯୯୧ ମଧ୍ୟରେ ଦେଶର ଭୌଗୋଳିକ ଇଲାକା ମଧ୍ୟରେ ବ୍ୟାଙ୍କ ଶାଖାର ପ୍ରସାର, ସେବା ଯୋଗାଣ ଓ ସାନ୍ଦ୍ରତାରେ ଉଲ୍ଲେଖନୀୟ ପ୍ରଗତି ଘଟିଥିଲା। ଫଳରେ ବ୍ୟାଙ୍କର ଋଣ ଲଗାଣ ଓ ଜମା ସଂଗ୍ରହରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବା ସହ ଅଗ୍ରାଧିକାର କ୍ଷେତ୍ରକୁ ଋଣ ଯୋଗାଣ ୧୪ ଶତାଂଶରୁ ୪୧ ଶତାଂଶକୁ ବୃଦ୍ଧି ପାଇଥିଲା।

୧୯୯୮ରେ ନରସିଂହମ୍ କମିଟିଙ୍କ ସୁପାରିସରେ ବ୍ୟାଙ୍କ କ୍ଷେତ୍ରରେ ଅଧିକ ସଂସ୍କାରବାଦୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲା। ବ୍ୟାଙ୍କ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଥିଲା ଏହି ସୁପାରିସର ମୁଖ୍ୟ ଲକ୍ଷ୍ୟ। ଏହି କମିଟି ଗଠନ ପଛରେ ମୁଖ୍ୟ କାରଣ ଥିଲା ୧୯୯୧ ବେଳକୁ ବ୍ୟାଙ୍କ ଉଦ୍ୟୋଗର ଦକ୍ଷତା ଓ ଉତ୍ପାଦକତା ହ୍ରାସ ପାଇବାରେ ଲାଗିଲା। ସେତେବେଳକୁ ଦେଶରେ ଉଦାରବାଦୀ ଅର୍ଥନୀତି କାର୍ଯ୍ୟକାରୀ ହେବାକୁ ଆରମ୍ଭ ହୋଇଥିବାରୁ ସରକାର ବ୍ୟାଙ୍କ କ୍ଷେତ୍ରର ସଂସ୍କାର ପାଇଁ ଆଗ୍ରହୀ ହେଲେ। ତଦନୁସାରେ ଏନ୍. ନରସିଂହମଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା। କମିଟି ବ୍ୟାଙ୍କ ସମୂହଙ୍କ ବୈଧାନିକ ନଗଦ ଅନୁପାତ ବା ଷ୍ଟାଚ୍ୟୁଟାରୀ ଲିକ୍ୟୁଡିଟି ରେସିଓ (ଏସ୍ଏଲ୍ଆର୍) ଓ କ୍ୟାସ୍ ରିଜର୍ଭ ରେସିଓ (ସିଆରଆର୍) ହ୍ରାସ କରିବାକୁ ସୁପାରିସ କରିଥିଲେ। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ବ୍ୟାଙ୍କସମୂହଙ୍କ ପାଖରେ ଜମା ହୋଇ ରହୁଥିବା ଅର୍ଥରାଶୀକୁ ମୁକ୍ତ କରିବା ଏବଂ ବଜାର ଶକ୍ତି ଆଧାରରେ ସୁଧହାର ନିର୍ଦ୍ଧାରଣ କରିବା। ସୁପାରିସ କାର୍ଯ୍ୟକାରୀ ହେବା ଫଳରେ ବ୍ୟାଙ୍କ ବ୍ୟାଙ୍କ ମଧ୍ୟରେ ପ୍ରତିଯୋଗିତା ବଢ଼ିଲା ଏବଂ ବିଦେଶୀ ଓ ଘରୋଇ ବ୍ୟାଙ୍କ ଅଧିକରୁ ଅଧିକ ସଂଖ୍ୟାରେ ବଜାରରେ ପ୍ରବେଶ କରି ବ୍ୟବସାୟ ଆରମ୍ଭ କଲେ। ଏହା ଫଳରେ ଦକ୍ଷତାହୀନ ଓ ପ୍ରତିଯୋଗିତାରେ ଅକ୍ଷମ କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଛରେ ପଡ଼ିଗଲେ। ନରସିଂହମ୍ କମିଟିଙ୍କ ସବୁ ସୁପାରିସ କାର୍ଯ୍ୟକାରୀ ହୋଇ ନ ଥିଲେ ମଧ୍ୟ ଏସ୍ଏଲ୍ଆର ଓ ସିଆରଆର୍ ହ୍ରାସ, ବଜାର ଶକ୍ତି ଆଧାରରେ ସୁଧହାର ନିର୍ଦ୍ଧାରଣ, ନୂଆ ଘରୋଇ ଓ ବିଦେଶୀ ବ୍ୟାଙ୍କ ଖୋଲିବା ଆଦି ସୁପାରିସକୁ ସରକାର କାର୍ଯ୍ୟକାରୀ କରିଥିଲେ। ୧୯୯୮ରେ ନରସିଂହମ୍ କମିଟି ବ୍ୟାଙ୍କ କ୍ଷେତ୍ରର ସଂସ୍କାର ପାଇଁ ଆଉ କେତେକ ପଦକ୍ଷେପ ସମ୍ପର୍କରେ ସୁପାରିସ କରିଥିଲେ। ଏଥିରେ ବ୍ୟାଙ୍କ ସମୂହର ପୁଞ୍ଜି ଆବଶ୍ୟକତା ପୂରଣ, କ୍ଷତିରେ ଚାଲୁଥିବା ବ୍ୟାଙ୍କକୁ ଲାଭ କରୁଥିବା ବ୍ୟାଙ୍କ ସହ ମିଶାଇବା, ବୃତ୍ତିଗତ ଦକ୍ଷତା ବୃଦ୍ଧି ପାଇଁ କର୍ମଚାରୀଙ୍କୁ ତାଲିମ, ନୂଆ ଟେକ୍ନୋଲୋଜିର ପ୍ରୟୋଗ ଏବଂ ପରିଚାଳନା ବ୍ୟବସ୍ଥାରେ ଉନ୍ନତି ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ସୁପାରିସ କରାଯାଇଥିଲା। ସେଥି ମଧ୍ୟରୁ କିଛି ସରକାର କାର୍ଯ୍ୟକାରୀ କରିଥିଲେ। ଏହାର କିଛି ସୁଫଳ ମଧ୍ୟ ମିଳିଲା। ୧୯୯୦ ତୁଳନାରେ ବ୍ୟାଙ୍କ ସମୂହଙ୍କ ଋଣ

> ଏବେ ମଧ୍ୟ ଭାରତରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କର ଆଧିପତ୍ୟ ବଳବତ୍ତର ରହିଛି। ଦେଶର ମୋଟ ବ୍ୟାଙ୍କ କାରବାରର ୭୦ ଶତାଂଶ ଏହି ସବୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କରୁଛନ୍ତି। ଜମାସଂଗ୍ରହ ଓ ଋଣ ପ୍ରଦାନରେ ଏମାନେ ଆଗରେ ରହିଥିଲେ ମଧ୍ୟ ଏମାନଙ୍କର ଅନାଦାୟ ସମ୍ପତ୍ତି, ଅଚଳ ସମ୍ପତ୍ତି ଓ ମନ୍ଦ ଋଣ ପରିମାଣ (ଏନ୍‌ପିଏ) ସର୍ବାଧିକ ତଥା ଚିନ୍ତା ଉଦ୍ରେକକାରୀ। ଜୁନ୍ ୨୦୧୭ସୁଦ୍ଧା ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କ ଏନ୍‌ପିଏ ପରିମାଣ (ମନ୍ଦ ଋଣ) ୨ ଲକ୍ଷ ୭୮ ହଜାର କୋଟିରେ ପହଞ୍ଚିଥିଲା। ଘରୋଇ ବ୍ୟାଙ୍କଙ୍କ ଏନ୍‌ପିଏ ଅନୁପାତଠାରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଙ୍କ ଏନ୍‌ପିଏ ଅନୁପାତ ତିନିଗୁଣ ଅଧିକ।



ଅନୁପାତ ଜିଡିପିରେ ପ୍ରାୟ ୨ ଶତାଂଶ ବଢ଼ି ୨୦୦୦ସୁଦ୍ଧା ୫୩.୪%ରେ ପହଞ୍ଚିଲା। ତେବେ ଅନ୍ୟାନ୍ୟ ଦେଶ ତୁଳନାରେ ଏହି ହାର ଅଧିକ ନ ଥିଲା। ୨୦୦୦ ମସିହାରେ ଚୀନର ଏହି ହାର ୧୩୩% ଥିବାବେଳେ ମାଲେସିଆର ୧୪୩ ଶତାଂଶ ଓ ଥାଇଲାଣ୍ଡର ୧୨୨% ଥିଲା।

୨୦୦୦ ଦଶକରେ ବ୍ୟାଙ୍କ କ୍ଷେତ୍ରରେ ଅଧିକ ସଂସ୍କାର ଆଣିବାକୁ ବିଭିନ୍ନ କମିଟି ଗଠିତ ହୋଇଥିଲା। ଆର୍ଥିକ କ୍ଷେତ୍ର ସଂସ୍କାର କମିଟି ବୃହତ୍ ଅର୍ଥନୀତିକ ସଂସ୍କାର ଓ ନିୟାମକ ବ୍ୟବସ୍ଥା ସମ୍ପର୍କରେ ସୁପାରିସ କରିଥିଲେ। ପି. ଜି. ନାୟକ କମିଟି ମଧ୍ୟ ଭାରତୀୟ ବ୍ୟାଙ୍କ ବୋର୍ଡର ଶାସନ ବ୍ୟବସ୍ଥାରେ ସଂସ୍କାର ପାଇଁ ୨୦୧୪ରେ ସୁପାରିସ କରି ପରିଚାଳନା ଗତ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ।

**ସାଂପ୍ରତିକ ସ୍ଥିତି:**

ଏବେ ମଧ୍ୟ ଭାରତରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କର ଆଧିପତ୍ୟ ବଳବତ୍ତର ରହିଛି। ଦେଶର ମୋଟ ବ୍ୟାଙ୍କ କାରବାରର ୭୦ ଶତାଂଶ ଏହି ସବୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କରୁଛନ୍ତି। ଜମାସଂଗ୍ରହ ଓ ଋଣ ପ୍ରଦାନରେ ଏମାନେ ଆଗରେ ରହିଥିଲେ ମଧ୍ୟ ଏମାନଙ୍କର ଅନାଦାୟ ସମ୍ପତ୍ତି, ଅଚଳ ସମ୍ପତ୍ତି ଓ ମନ୍ଦ ଋଣ ପରିମାଣ (ଏନ୍‌ପିଏ) ସର୍ବାଧିକ ତଥା ଚିନ୍ତା ଉଦ୍ରେକକାରୀ। ଜୁନ୍ ୨୦୧୭ସୁଦ୍ଧା ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କ ଏନ୍‌ପିଏ ପରିମାଣ (ମନ୍ଦ ଋଣ) ୨ ଲକ୍ଷ ୭୮ ହଜାର କୋଟିରେ ପହଞ୍ଚିଥିଲା। ଘରୋଇ ବ୍ୟାଙ୍କଙ୍କ ଏନ୍‌ପିଏ ଅନୁପାତଠାରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଙ୍କ ଏନ୍‌ପିଏ ଅନୁପାତ ତିନିଗୁଣ ଅଧିକ। ରାଷ୍ଟ୍ରାୟତ୍ତ ବ୍ୟାଙ୍କସମୂହଙ୍କ ଅଚଳ ସମ୍ପତ୍ତିର ପରିମାଣ ପ୍ରାୟ ୧୬ ଶତାଂଶ। ଟେବୁଲ-୧ରେ ଏ ସମ୍ପର୍କରେ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରାଯାଇଛି।

ଟେବୁଲ -୧ ବ୍ୟାଙ୍କର ଚାପଗ୍ରସ୍ତ / ଅନାଦାୟ ଋଣ ଓ ମୋଟ ଋଣରେ ଏହାର ଅନୁପାତ (%ରେ)

| | ମାର୍ଚ୍ଚ ୨୦୦୮ | ମାର୍ଚ୍ଚ ୨୦୧୭ |
|---|---|---|
| ରାଷ୍ଟ୍ରାୟତ୍ତ ବ୍ୟାଙ୍କ | ୩.୫ | ୧୫.୬ |
| ଘରୋଇ ବ୍ୟାଙ୍କ | ୪.୨ | ୪.୬ |
| ବିଦେଶୀ ବ୍ୟାଙ୍କ | ୩.୦ | ୪.୫ |
| ସମସ୍ତ ବ୍ୟାଙ୍କ | ୩.୫ | ୧୨.୧ |

***ତଥ୍ୟ : ଭାରତୀୟ ରିଜର୍ଭ ବ୍ୟାଙ୍କ***

ଘରୋଇ ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ମଧ୍ୟ ଯଥେଷ୍ଟ ବଢ଼ିଯାଇଥିଲା। ସବୁ ତଫସିଲଭୁକ୍ତ ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ପରିମାଣ ୨୦୧୬ ମାର୍ଚ୍ଚ ସୁଦ୍ଧା ୬.୧ ଟ୍ରିଲିୟନରେ ପହଞ୍ଚିଥିଲା। ଏହି ସମୟ ମଧ୍ୟରେ ବ୍ୟାଙ୍କ ସମ୍ପତ୍ତିର ମାନ ଓ ଲାଭରେ ମଧ୍ୟ ଅବନତି ପରିଲକ୍ଷିତ ହୋଇଥିଲା। ୨୦୦୮ ମାର୍ଚ୍ଚରୁ ୨୦୧୭ ମାର୍ଚ୍ଚ ମଧ୍ୟରେ ଅନାଦାୟ ବ୍ୟାଙ୍କ ଋଣ ଅଂଶ ମୋଟ ଋଣର ୩.୫ ରୁ ୧୨.୧ ଶତାଂଶକୁ ବୃଦ୍ଧି ପାଇଥିଲା। ଟିକସ ପରବର୍ତ୍ତୀ ବ୍ୟାଙ୍କର ଲାଭରେ ମଧ୍ୟ ବର୍ଷକୁ ବର୍ଷ ହ୍ରାସ ଘଟିଥିଲା। ଋଣ ଛାଡ଼, ଋଣ ଅନାଦାୟ ଏବଂ ଋଣ ବୁଡ଼ିଯିବା ଆଦି କାରଣରୁ ବ୍ୟାଙ୍କ ସମୂହଙ୍କ ଲାଭ ମୁଖ୍ୟତଃ କମିଥିଲା। ବ୍ୟାଙ୍କ ସମୂହଙ୍କ ପାଖରେ କ୍ରମଶଃ ପୁଂଜିର ଅଭାବ ପଡ଼ିବାରୁ ସେମାନେ ନୂଆ ଋଣ ଦେବାରେ ଅକ୍ଷମ ହେଲେ। ଫଳରେ ବ୍ୟାଙ୍କର କାରବାର ଓ ଲାଭ ମଧ୍ୟ କମିଲା। ଅଗ୍ରାଧିକାର କ୍ଷେତ୍ରକୁ ବ୍ୟାଙ୍କ ଋଣ ଯୋଗାଣ ହ୍ରାସ ପାଇବାରୁ ସେ କ୍ଷେତ୍ରରେ ଅର୍ଥନୀତି ମାନ୍ଦା ହେଲା। ଏହାର ସବୁଠୁ ଅଧିକ ପ୍ରଭାବ ଶିଳ୍ପୋଦ୍ୟୋଗ କ୍ଷେତ୍ରରେ ପଡ଼ିଲା। ଫଳରେ ଦେଶର ଅର୍ଥନୀତି ଏକ ପ୍ରକାର ଶୀଥିଳ ହୋଇପଡ଼ିଲା। ୨୦୧୭ ଜାନୁୟାରୀରେ ଉଦ୍ୟୋଗ କ୍ଷେତ୍ରକୁ ବ୍ୟାଙ୍କ ଋଣ ଯୋଗାଣ ପରିମାଣ ୫.୧% ହ୍ରାସ ପାଇଥିଲା। ବର୍ଷକ ତଳେ ଅର୍ଥାତ୍ ୨୦୧୬ ଜାନୁୟାରୀ ସୁଦ୍ଧା ଏହି ଋଣ ଯୋଗାଣ ପରିମାଣରେ ୫.୬ ଶତାଂଶ ବଢ଼ିଥିଲା। ଏନ୍‌ପିଏ କାରଣରୁ ବ୍ୟାଙ୍କ ସମୂହ ବେସେଲ-୩ ନିୟମ ଅନୁସାରେ ନିଜ ପାଖରେ ଯେତେ ପୁଂଜି ମହଜୁଦ ରଖିବା କଥା ତାହା ରଖିବାକୁ ଅକ୍ଷମ ହେଉଛନ୍ତି। ୨୦୧୯ ଜାନୁୟାରୀ ସୁଦ୍ଧା ସବୁ ବ୍ୟାଙ୍କକୁ ବେସେଲ-୩ ସୁପାରିସ ପରିପାଳନ କରିବାକୁ ପଡ଼ିବ।

ଏସବୁ ସମସ୍ୟାର ସମାଧାନ ପାଇଁ ସରକାର ବ୍ୟାଙ୍କ ସମୂହରେ ପୁଂଜି ଲଗାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ରିକ୍ୟାପିଟାଲାଇଜେସନ କୁହାଯାଉଛି। ଏଥିପାଇଁ ମିଶନ ଇନ୍ଦ୍ରଧନୁଷ



ଯୋଜନାରେ କାର୍ଯ୍ୟ କରାଯାଉଛି । ତଦନୁସାରେ ସରକାର ବ୍ୟାଙ୍କଗୁଡ଼ିକୁ ରିକ୍ୟାପିଟାଲାଇଜେସନ କାର୍ଯ୍ୟକ୍ରମ (ପୁନଃ ପୁଂଜିକରଣ ପ୍ରକ୍ରିୟା)ରେ ୨.୧ ଲକ୍ଷ କୋଟି ଟଙ୍କା ଯୋଗାଇବେ । ଏହି ଅର୍ଥ ବ୍ୟାଙ୍କ ସମୂହଙ୍କ ପୁଂଜି ଆବଶ୍ୟକତାକୁ କେବଳ ପୂରଣ କରିବ ନାହିଁ; ଏହା ସେମାନଙ୍କର ବାଲାନ୍ସସିଟ୍‌କୁ ସୁଧାରିବା ସହ ମନ୍ଦ ଋଣ ବୋଝ ହଟାଇବାରେ ମଧ୍ୟ ସହାୟକ ହେବ ।

ପୁନଃ ପୁଂଜିକରଣ ବ୍ୟତୀତ ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମରେ ଆଉ କେତେକ ବ୍ୟାଙ୍କ ସଂସ୍କାର ପଦକ୍ଷେପ ଅନ୍ତର୍ଭୁକ୍ତ । ଉଭୟ ଦାୟିତ୍ୱ ନିର୍ଦ୍ଧାରଣ, ପରିଚାଳନାଗତ ସଂସ୍କାର ଓ ଦକ୍ଷତା ବୃଦ୍ଧି, ସିଇଓ ଏବଂ ବ୍ୟାଙ୍କ ଅଧ୍ୟକ୍ଷଙ୍କ ଦାୟିତ୍ୱ ଜଣକ ପରିବର୍ତ୍ତେ ଦୁଇଜଣଙ୍କ ଉପରେ ନ୍ୟସ୍ତ, ବ୍ୟାଙ୍କ ବୋର୍ଡ ବ୍ୟୁରୋ (ବିବିବି) ଗଠନ କରି ତା' ଉପରେ ନିଯୁକ୍ତି ଓ ପ୍ରଶାସନିକ ସଂସ୍କାର କ୍ଷମତା ନ୍ୟସ୍ତ ଆଦି ସେଥିମଧ୍ୟରୁ ଅନ୍ୟତମ । ଆହୁରି ମଧ୍ୟ ଋଣ ପରିଶୋଧ ଅକ୍ଷମତା ଓ ଦେବାଳିଆ କୋଡ୍ (ଇନ୍‌ସଲଭେନ୍ସି ଓ ବ୍ୟାଙ୍କରପ୍‌ସି କୋଡ୍ ବା ଆଇବିସି) ବ୍ୟବସ୍ଥା ମାଧ୍ୟମରେ ଏନ୍‌ପିଏ ସମସ୍ୟାର ସମାଧାନର ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥାରେ ୨୭୦ଦିନ ମଧ୍ୟରେ ଏନ୍‌ପିଏ ମାମଲାର ସମାଧାନ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଋଣକାରୀ ବୁଝାମଣାରେ ଉପନୀତ ହୋଇ ନ'ପାରିଲେ ଋଣକାରୀଙ୍କ ସମ୍ପତ୍ତି ବିଲୋପନ କରିବାର ବ୍ୟବସ୍ଥା ରହିଛି ।

**ତୁଳନାତ୍ମକ ସ୍ଥିତି:**

ଉଭୟ ଅର୍ଥ ମହଜୁଦ ଓ ଆକାରରେ ଭାରତୀୟ ବ୍ୟାଙ୍କ ସମୂହ ବିଶ୍ୱର ପ୍ରମୁଖ ଦେଶର ବ୍ୟାଙ୍କ ଉଦ୍ୟୋଗଠାରୁ ପଛରେ । ଭାରତୀୟ ବ୍ୟାଙ୍କ ସମୂହଙ୍କ ଉପରେ ଆର୍ଥିକ ବିକାଶ ଓ ଦାରିଦ୍ର୍ୟ ଦୂରୀକରଣର ଦାୟିତ୍ୱ ଅଧିକ ଥିବା ବେଳେ ଅନ୍ୟ ରାଷ୍ଟ୍ରଙ୍କ କ୍ଷେତ୍ରରେ ଏହା କିଞ୍ଚିତ ଭିନ୍ନ । ସେମାନେ ଦାରିଦ୍ର୍ୟ ଦୂରୀକରଣ ଅପେକ୍ଷା ବ୍ୟାବସାୟିକ ଓ ଆର୍ଥିକ ଅଭିବୃଦ୍ଧି ପାଇଁ ଅଧିକ ସମର୍ପିତ । ତଳେ ଦିଆଯାଇଥିବା ତଥ୍ୟ ଚିତ୍ରରୁ ଜଣାପଡ଼େ ଯେ ଘରୋଇ ଋଣ ପ୍ରଦାନରେ ଭାରତର ଅଂଶ ଜିଡିପି ଅନୁପାତରେ ଅପେକ୍ଷାକୃତ ବେଶ କମ୍ । ୨୦୧୫ରେ ଭାରତର ଘରୋଇ ଋଣ ଜିଡିପି ଅନୁପାତର ୫୦.୨% ଥିବାବେଳେ ଚୀନରେ ତାହା ୧୪୦% ଓ ବ୍ରାଜିଲରେ ୭୧% ଥିଲା । ସେହିଭଳି ବ୍ୟାଙ୍କ ଜମା ତୁଳନାରେ ଋଣ ପ୍ରଦାନ ହାର ଭାରତରେ ୨୦୧୫ରେ ୭୭% ଥିବାବେଳେ ବ୍ରାଜିଲରେ ଏହା ୧୧୯% ଓ ଚୀନରେ ୩୧୨% ଥିଲା ।

ତଥ୍ୟ ଚିତ୍ର -୧

ଜମାରାଶି ବ୍ୟାଙ୍କ ସମ୍ପତ୍ତି ସହ ଜିଡିପି ଅନୁପାତ (%) - ୨୦୧୫




ତଥ୍ୟ : ଆନ୍ତର୍ଜାତିକ ମୁଦ୍ରାପାଣ୍ଠି

ବୃହତ୍ ବ୍ୟାଙ୍କ ସମୂହ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ପ୍ରଭୁତ୍ୱ ବିସ୍ତାର କରିରଖନ୍ତି । ଫଳରେ ନୂଆ ବ୍ୟାଙ୍କ ଖୁବ୍ କମ୍ ସଂଖ୍ୟାରେ ପ୍ରବେଶ କରିବାର ସୁଯୋଗ ପାଆନ୍ତି । ୨୦୧୬ ମାର୍ଚ୍ଚ ହିସାବ ଅନୁସାରେ ସମ୍ପତ୍ତି ଅନୁସାରେ ଭାରତର ୧୦ଟି ବ୍ୟାଙ୍କ

> ୧୯୯୮ରେ ନରସିଂହମ୍ କମିଟିଙ୍କ ସୁପାରିସରେ ବ୍ୟାଙ୍କ କ୍ଷେତ୍ରରେ ଅଧିକ ସଂସ୍କାରବାଦୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲା । ବ୍ୟାଙ୍କ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଥିଲା ଏହି ସୁପାରିସର ମୁଖ୍ୟ ଲକ୍ଷ୍ୟ । ଏହି କମିଟି ଗଠନ ପଛରେ ମୁଖ୍ୟ କାରଣ ଥିଲା ୧୯୯୧ ବେଳକୁ ବ୍ୟାଙ୍କ ଉଦ୍ୟୋଗର ଦକ୍ଷତା ଓ ଉତ୍ପାଦକତା ହ୍ରାସ ପାଇବାରେ ଲାଗିଲା । ସେତେବେଳକୁ ଦେଶରେ ଉଦାରବାଦୀ ଅର୍ଥନୀତି କାର୍ଯ୍ୟକାରୀ ହେବାକୁ ଆରମ୍ଭ ହୋଇଥିବାରୁ ସରକାର ବ୍ୟାଙ୍କ କ୍ଷେତ୍ରର ସଂସ୍କାର ପାଇଁ ଆଗ୍ରହୀ ହେଲେ । ତଦନୁସାରେ ଏନ୍. ନରସିଂହମଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା ।

ମୋଟ ସମ୍ପତ୍ତିର ୫୮ ଶତାଂଶ ନିୟନ୍ତ୍ରଣରେ ଅଛନ୍ତି । ୧୯୯୧ ଠାରୁ ମାତ୍ର ୧୪ଟି ନୂଆ ବ୍ୟାଙ୍କ ଭାରତରେ ସାର୍ବଜନୀନ ବ୍ୟାଙ୍କ ସେବା ପ୍ରଦାନ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି । ତୁଳନାତ୍ମକ ଭାବେ ଦେଖିଲେ ୧୯୭୬ରୁ ୨୦୦୯ ମଧ୍ୟରେ ଆମେରିକାରେ ପ୍ରତିବର୍ଷ ହାରହାରି ୧୩୦ ନୂଆ ବ୍ୟାଙ୍କଙ୍କୁ ବ୍ୟବସାୟ ପାଇଁ ଅନୁମତି ମିଳୁଛି । ୨୦୧୬ସୁଦ୍ଧା ଭାରତରେ କାରବାର କରୁଥିବା ବିଦେଶୀ ବ୍ୟାଙ୍କ ସମୂହଙ୍କ ମୋଟ ବ୍ୟବସାୟ / ସମ୍ପତ୍ତି ପରିମାଣ ଦେଶର ମୋଟ ବ୍ୟାଙ୍କ ସମ୍ପତ୍ତିର ମାତ୍ର ୬% ।

**ଭବିଷ୍ୟତ:**

ଭାରତର ଜନସଂଖ୍ୟା ଓ ବଜାର ସ୍ଥିତି ଦୃଷ୍ଟିରୁ ଭବିଷ୍ୟତ ପାଇଁ ଅଧିକରୁ ଅଧିକ ସୁଦୃଢ଼, ସଶକ୍ତ ବୃହତ୍ ବ୍ୟାଙ୍କ ବ୍ୟବସ୍ଥାର ଆବଶ୍ୟକତା ରହିଛି । ସେସବୁ ବ୍ୟାଙ୍କର ଆର୍ଥିକ ସ୍ଥିତି ଅତ୍ୟନ୍ତ ସ୍ୱଚ୍ଛଳ ହେବା ଦରକାର; ଯଦ୍ୱାରା

୧୯୯୧ ପୂର୍ବରୁ ଭାରତରେ ବ୍ୟାଙ୍କ ଉଦ୍ୟୋଗରେ ବଡ଼ଧରଣର ସଂସ୍କାରବାଦୀ ପଦକ୍ଷେପମାନ ନିଆଯାଇଥିଲା। ୧୯୬୯ରେ ସରକାର ୫୦ କୋଟିରୁ ଅଧିକ ଜମା ଥିବା ୧୪ଟି ବେସରକାରୀ ବ୍ୟାଙ୍କକୁ ଜାତୀୟକରଣ କରିଥିଲେ। ସେତେବେଳେ ଏସବୁ ବ୍ୟାଙ୍କ ଅଧୀନରେ ଦେଶରେ ୮୦ ଶତାଂଶରୁ ଅଧିକ ଶାଖା କାର୍ଯ୍ୟ କରୁଥିଲା। ୧୯୮୦ରେ ସରକାର ଆଉ କେତେକ ବ୍ୟାଙ୍କକୁ ନିଜ ଅଧୀନକୁ ଆଣିଲେ। ଯେଉଁସବୁ ବ୍ୟାଙ୍କର ଦେଶବ୍ୟାପୀ ଜମାରାଶି ପରିମାଣ ୨୦୦କୋଟି ଟଙ୍କାରୁ ଅଧିକ ଥିଲା ସେସବୁକୁ ଜାତୀୟକରଣ କରାଗଲା। ଏହି କ୍ରମରେ ଦେଶର ପ୍ରାୟ ୯୦ ଶତାଂଶ ବ୍ୟାଙ୍କ ସରକାରଙ୍କ ନିୟନ୍ତ୍ରଣକୁ ଆସିଲା ଏବଂ ଏଥିରେ ସରକାରୀ ଅଂଶଧନ ମଧ୍ୟ ଯଥେଷ୍ଟ ବଢ଼ିଲା।

ସେମାନେ ଅଧିକରୁ ଅଧିକ ଋଣ ପ୍ରଦାନ କରିବା ସହ ପୁଂଜି ଯୋଗାଣକୁ ଉତ୍ପାଦନ ଭିତ୍ତିକ କରିବା ପାଇଁ ପ୍ରୋତ୍ସାହନ ଦେଇ ପାରିବେ ଏବଂ ଋଣ ଆଦାୟକୁ ସୁଗମ କରିବେ। ସେଥିପାଇଁ ଏକ ସୁଦୃଢ଼ ବ୍ୟାଙ୍କ ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ରହିଛି। ଏଥିରେ ରିକ୍ୟାପିଟାଲାଇଜେସନ ସହିତ, କର୍ପୋରେଟ ଶାସନ ପ୍ରଣାଳୀ (ଗଭର୍ଣ୍ଣାନ୍ସ) ସଂସ୍କାର, ପ୍ରବେଶ କ୍ଷେତ୍ରରେ ଥିବା କଟକଣା ହ୍ରାସ, ଉନ୍ନତ ଆର୍ଥିକ ତଦାରଖ ବ୍ୟବସ୍ଥା, ଡାଇନାମିକ ବା ଗତିଶୀଳ କର୍ପୋରେଟ ଋଣ ମାର୍କେଟ, ଋଣ ଆଦାୟ ବ୍ୟବସ୍ଥା ଆଦିକୁ ସୁଦୃଢ଼ ଓ ସୁସଂହତ କରିବାକୁ ହେବ।

ତିନିଟି କ୍ଷେତ୍ର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରଥମଟି ହେଲା ପ୍ରଶାସନିକ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ସ୍ଥିତିକୁ ମଜବୁତ କରିବାକୁ ହେବ। ରିକାପିଟାଲାଇଜେସନ ପରିପ୍ରେକ୍ଷୀରେ ବ୍ୟାଙ୍କର ଢାଞ୍ଚାଗତ ଓ ପ୍ରଶାସନିକ ବ୍ୟବସ୍ଥା ନ ବଦଳିଲେ ଉଦ୍ଦେଶ୍ୟ ସାଧନ ହେବା ସମ୍ଭାବନା କ୍ଷୀଣ। ଏନ୍‌ପିଏ ସମସ୍ୟାର ସମାଧାନ କ୍ଷେତ୍ରରେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର କିପରି ସଫଳ ହୋଇଛନ୍ତି ତାହାକୁ ମଧ୍ୟ ଅନୁଧ୍ୟାନ କରି ସେଥିରୁ ଶିକ୍ଷାଲାଭ କରିବାର ଅଛି। ଚୀନ ଏ କ୍ଷେତ୍ରରେ ଏକ ସଫଳ ଉଦାହରଣ। ଏହି ଦେଶ ନିଜର ବ୍ୟାଙ୍କ ସମୂହଙ୍କ ଏନ୍‌ପିଏ ସମସ୍ୟା ଦୂର କରିବା ସହ ସେମାନଙ୍କର ଆର୍ଥିକ ନିୟନ୍ତ୍ରଣ ଓ ତଦାରଖ କର୍ଯ୍ୟରେ ଉଲ୍ଲେଖନୀୟ ସଂସ୍କାର ଆଣିଛି। ଦକ୍ଷିଣ କୋରିଆରେ ବ୍ୟାଙ୍କ ସମୂହଙ୍କ ପାଇଁ ଏକ ଆର୍ଥିକ ତଦାରଖକାରୀ ସେବା (ଏଫ୍‌ଏସ୍‌ଏସ୍) ଗଠନ କରାଯାଇ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଛି। ଭାରତ ସରକାର ଏବେ ସ୍ୱୀକାର କଲେଣି ଯେ ବ୍ୟାଙ୍କ ପରିଚାଳନା କ୍ଷେତ୍ରରେ ଅଧିକ ସଂସ୍କାର ଅପରିହାର୍ଯ୍ୟ।

ଇନ୍ଦ୍ରଧନୁଷ ଯୋଜନାରେ ଏକ ସ୍ୱାଧୀନ ବ୍ୟାଙ୍କ ବୋର୍ଡ ବ୍ୟୁରୋ ଗଠନର ବ୍ୟବସ୍ଥା ରହିଛି। ଏହା ବ୍ୟାଙ୍କ ଅଧିକାରୀଙ୍କ ନିଯୁକ୍ତି କାର୍ଯ୍ୟ ତଦାରଖ କରିବ। ଯଦି ବାସ୍ତବରେ ଏକ ସ୍ୱାଧୀନ ବ୍ୟୁରୋ ଗଠନ କରଯାଏ, ବ୍ୟାଙ୍କ ପରିଚାଳନା ଉପରେ ଏହାର ନିଶ୍ଚିତ ଉଲ୍ଲେଖନୀୟ ପ୍ରଭାବ ପଡ଼ିବ। ଅଧିକ ଉତ୍ତରଦାୟିତ୍ୱ ବ୍ୟାଙ୍କ ସମୂହଙ୍କୁ ନିଜର ଋଣ ନୀତି ନିର୍ଦ୍ଧାରଣ ଏବଂ ଅଗ୍ରାଧିକାର ଓ ଉତ୍ପାଦନକ୍ଷମ କ୍ଷେତ୍ର ପାଇଁ ପୁଂଜି ଲଗାଣରେ ସହାୟକ ହେବ। ଏହା ଯେତେ ଶୀଘ୍ର କାର୍ଯ୍ୟକାରୀ ହେବ ସେତେ ଭଲ।

ଦ୍ୱିତୀୟ ସଂସ୍କାରଟି ହେଲା କର୍ପୋରେଟ ବଣ୍ଡ୍ ମାର୍କେଟର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ। ବ୍ୟାଙ୍କକୁ ଅର୍ଥ ଯୋଗାଣରେ ବଣ୍ଡ ମାର୍କେଟ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଧନାଢ଼୍ୟ ବଣ୍ଡ୍ ମାର୍କେଟ ବିଭିନ୍ନ ସଂସ୍ଥାକୁ ଶସ୍ତାରେ ଋଣ ଉଠାଇ କାରବାର ବୃଦ୍ଧିରେ ସହାୟକ ହେବ। ସମୟକ୍ରମେ ବଣ୍ଡ ମାର୍କେଟର ସେୟାର କର୍ପୋରେଟ ଜଗତର ଋଣରେ ପରିଣତ ହେବ। ଏହା ଫଳରେ ବ୍ୟାଙ୍କ ସମୂହଙ୍କ ଋଣ ପରିମାଣ ହ୍ରାସ ପାଇବ।

ତୃତୀୟ କ୍ଷେତ୍ରର ସଂସ୍କାରଟି ହେଲା ବ୍ୟାଙ୍କ କ୍ଷେତ୍ରର ସଂସ୍କାର। ବ୍ୟାଙ୍କଗୁଡ଼ିକ ଅଧିକ ପ୍ରତିଯୋଗୀ କରିବାକୁ ପଡ଼ିବ। ଅଧିକରୁ ଅଧିକ ବିଦେଶୀ ଓ ଘରୋଇ ବ୍ୟାଙ୍କକୁ ଭାରତରେ ବ୍ୟବସାୟ ପାଇଁ ଅନୁମତି ଦିଆଗଲେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହ ପ୍ରତିଯୋଗିତା କରିବାକୁ ବାଧ୍ୟ ହେବେ। ଏହାଛଡ଼ା ବ୍ୟାଙ୍କ ସମୂହର ବ୍ୟବସାୟ ବୃଦ୍ଧି ଏବଂ ସୁଶାସନ ପାଇଁ ଅଭିନବ କୌଶଳମାନ ଅବଲମ୍ବନ କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ଯେଉଁ 'ଅନ୍-ଟପ୍' ଲାଇସେନ୍ସିଂ ବ୍ୟବସ୍ଥା କରାଯାଇଛି ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଉପଯୁକ୍ତ ପରିବେଶ ଓ ସୁବିଧାସୁଯୋଗ ସୃଷ୍ଟି ନ'ହେଲେ ବିଦେଶୀ ବ୍ୟାଙ୍କମାନେ ଭାରତକୁ ଆସିବେ ନାହିଁ।

ଐତିହାସିକ ଦୃଷ୍ଟିରୁ ବହୁ ପୂର୍ବରୁ ଭାରତରେ ବ୍ୟାଙ୍କ କ୍ଷେତ୍ରରେ ସଂସ୍କାରବାଦୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୯୯୦ ଦଶକରେ ଗ୍ରହଣ କରାଯାଇଥିବା ସଂସ୍କାରବାଦୀ କାର୍ଯ୍ୟକ୍ରମ ସେଥିମଧ୍ୟରୁ ଉଲ୍ଲେଖନୀୟ। ଏହାଦ୍ୱାରା ପ୍ରତିଯୋଗିତା, ବ୍ୟାଙ୍କ ପ୍ରଶାସନର ସୁଦୃଢ଼ୀକରଣ ଓ ନିୟନ୍ତ୍ରଣ ତିନିଟି ଲକ୍ଷ୍ୟ ସାଧିତ ହୋଇଥିଲା। ଏହାକୁ ଅଧିକ ବ୍ୟାପକ ଓ ତ୍ୱରାନ୍ୱିତ କରିବାକୁ ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଧାରଣର ଆବଶ୍ୟକତା ରହିଛି।

ଲେଖିକା ନୀତି ଆୟୋଗରେ ଜଣେ ଅର୍ଥନୀତିଜ୍ଞ ଭାବେ କାର୍ଯ୍ୟରତ।

# ବ୍ୟାଙ୍କ ଉଦ୍ୟୋଗର ଯାତ୍ରା ଗତି ଓ ଭବିଷ୍ୟତ

■ ବିବେକ କୁମାର, ସାଂକେତ୍ ଟଣ୍ଡନ୍ ଓ ସୁଭଦ୍ରା ରାଓ

ଭାରତୀୟ ଅର୍ଥନୀତି ୨୦୧୮ରେ ପ୍ରବେଶ କରିବା ସହ ଏକ ବଡ଼ଧରଣର ଅଦୃଶ୍ୟ ପରିବର୍ତ୍ତନର ସମ୍ମୁଖୀନ ହେବାକୁ ଯାଉଛି। ଭଲ ଖବର ହେଲା ପ୍ରଥମ ଥର ପାଇଁ ଭାରତର ମୁଣ୍ଡପିଛା ଡଲାର ଆୟ ୨୦୦୦ଅଙ୍କ ଛୁଇଁବ। ଏହା ଏକ କୁହୁକ ଅଙ୍କ ଯାହାର ଚାହିଦା ଆନ୍ତର୍ଜାତିକ ଅର୍ଥ ବଜାରରେ ଅଧିକ ମହତ୍ତ୍ୱ ରଖେ। ଗୋଟିଏ ଦେଶର ମୁଣ୍ଡପିଛା ୨୦୦୦ ଡଲାର ଆୟରୁ ସେ ଦେଶର ଘରୋଇ ଉପଭୋଗ, ଲୋକଙ୍କ ବ୍ୟୟ କ୍ଷମତା ଏବଂ ସର୍ବୋପରି ଏକଦା ଯାହା ବିଳାସ ଭାବେ ଗଣ୍ୟ ହେଉଥିଲା ତାହା କିପରି ଆବଶ୍ୟକତାରେ ପରିଣତ ହୋଇଛି ତାହାର ସୂଚନା ମିଳେ। ଅତଏବ ଏହି କୁହୁକ ଅଙ୍କ ଭାରତ ପାଇଁ ବିଶ୍ୱ ଅର୍ଥନୀତିରେ ବିଶେଷ ଗୁରୁତ୍ୱ ରଖୁଛି।

ଏହି ଅର୍ଥନୈତିକ ପରିବର୍ତ୍ତନରେ ଭାରତର ବ୍ୟାଙ୍କ ବ୍ୟବସ୍ଥା ଏକ ନାୟକର ଭୂମିକା ନିର୍ବାହ କରିବ। ତେଣୁ ଆମେ ଏକ ନିରନ୍ତର ବିକଶିତ ସମୃଦ୍ଧ ବ୍ୟାଙ୍କ ବ୍ୟବସ୍ଥା କେବଳ ଆଶା କରିବା ନାହିଁ, ଆମେ ଅତ୍ୟାଧୁନିକ, ଉତ୍ତରଦାୟୀ, ଝଞ୍ଜାଳମୁକ୍ତ ସେବା ପ୍ରଦାନକାରୀ ବ୍ୟାଙ୍କ ସେବା ବ୍ୟବସ୍ଥା ଲୋଡ଼ିବା।

**ପଛକଥାରୁ କିଞ୍ଚିତ୍:**

ବ୍ୟାଙ୍କ କ୍ଷେତ୍ରରେ ସଂସ୍କାର ବିଷୟରେ ଅଧିକ ଆଲୋଚନା କରିବା ପୂର୍ବରୁ ଏହାର ପଛକଥା ସମ୍ପର୍କରେ କିଞ୍ଚିତ ନଜର ପକାଇବାର ଆବଶ୍ୟକତା ରହିଛି। ୧୯୬୯ ଓ ୧୯୮୦ର ବ୍ୟାଙ୍କ ଜାତୀୟକରଣ ପରେ ବ୍ୟାଙ୍କ କ୍ଷେତ୍ରରେ ସଂସ୍କାରର ଯେଉଁ ନୂଆ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେଲା ତହା ୧୯୯୧ର ନୂଆ ସଂସ୍କାର ପାଇଁ ବାଟ କଢ଼ାଇଲା। ଏହି ପର୍ଯ୍ୟାୟରେ ଋଣ ପ୍ରଦାନ ଓ ଋଣ ହାର ଧାର୍ଯ୍ୟ ନୀତିରେ ଥିବା ନିୟନ୍ତ୍ରଣ ବ୍ୟବସ୍ଥାର ଉଚ୍ଛେଦ, ପ୍ରିଏମ୍ପସନ ବ୍ୟବସ୍ଥାର ପର୍ଯ୍ୟାୟ କ୍ରମିକ ଅବସାନ, ସିବିଏସ୍‌ରେ ସହବନ୍ଧନ ଓ ଘରୋଇ ବ୍ୟାଙ୍କକୁ ବ୍ୟବସାୟ ପାଇଁ ଅନୁମତି ପ୍ରଦାନ ଆଦି ନୀତି ଏକବିଂଶ ଶତାବ୍ଦୀର ପ୍ରଥମ ଦଶକ ନିମନ୍ତେ ବ୍ୟାଙ୍କ ପ୍ରସାର ଓ ପରିବର୍ଦ୍ଧନ ପାଇଁ ବାଟ ଫିଟାଇଲା। ଏହାର ସୁଫଳ ଅବଶ୍ୟ ମିଳିଲା। ଏହି ସଂସ୍କାରବାଦୀ ପଦକ୍ଷେପ ଯୋଗୁଁ ୨୦୦୭ରେ ବ୍ୟାଙ୍କ ସମୂହର ଜମା ରାଶି ଜିଡିପିର ୬୦.୮%ରେ ପହଞ୍ଚିଥିଲା। ୧୯୯୭ରେ ଏହି ହାର ଥିଲା ମାତ୍ର ୩୫.୬ ଶତାଂଶ। ସେହିଭଳି ଋଣ ପ୍ରଦାନରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା। ୨୦୦୭ ଆର୍ଥିକ ବର୍ଷରେ ଏହା ଜିଡିପିର ମାତ୍ର ୧୯.୬ ଭାଗ ଥିବାବେଳେ ୨୦୦୭ରେ ୪୫ ଶତାଂଶରେ ପହଞ୍ଚି ଏକ ରେକର୍ଡ ସୃଷ୍ଟି କରିଥିଲା। ପରବର୍ତ୍ତୀ ୧୦ବର୍ଷ ମଧ୍ୟରେ ଜମା ଓ ଋଣ ଅନୁପାତ ବୃଦ୍ଧି ପାଇ ୨୦୧୭ରେ ଏହା ଯଥାକ୍ରମେ ଜିଡିପିର ୭୧.୨ ଓ ୫୯.୯ ଶତାଂଶ ହୋଇଛି। ବିଶ୍ୱ ଆର୍ଥିକ ସଂକଟ କାଳରେ ଭାରତର ଏହି ଅଭିବୃଦ୍ଧି ଏକ ନିଆରା ଉପଲବ୍ଧି।

ସଂପ୍ରସାରଣର ପ୍ରାରମ୍ଭିକ ପର୍ଯ୍ୟାୟ (୯୦ ଦଶକ)ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପ୍ରାଧାନ୍ୟ ଅଧିକ ଥିଲା। ତେବେ ସ୍ଥିତିରେ ଏକ ଧୀର ମନ୍ଥର ପରିବର୍ତ୍ତନ ଘଟି ଘରୋଇ ବ୍ୟାଙ୍କ ସମୂହଙ୍କ ପ୍ରଭାବ ଏ କ୍ଷେତ୍ରରେ ଅଧିକ ଅନୁଭୂତ ହେଲା। ଏସବୁ ବ୍ୟାଙ୍କ ଦେଶର ଅର୍ଥନୀତିରେ ଯେଉଁ ଗୌଣ ଭୂମିକା ପ୍ରଦର୍ଶନ କରୁଥିଲେ ତାହାକୁ ବଦଳାଇ କ୍ରମଶଃ ଅଗ୍ରଭାଗକୁ ଆସିଲେ। ସେମାନଙ୍କର ଜମା ସଂଗ୍ରହ ବଢ଼ିବା ସହ ଋଣ ପ୍ରଦାନ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଲା। ୨୦୦୭ରେ ଘରୋଇ ବ୍ୟାଙ୍କ ସମୂହଙ୍କର ଋଣ ପ୍ରଦାନ ଅଂଶ ମୋଟ ଋଣର ୨୦% ଥିବାବେଳେ ୨୦୧୭ରେ ଏହା ୨୯



ଶତାଂଶରେ ପହଞ୍ଚିଛି । ବୃଦ୍ଧିଶୀଳ ଋଣ (ଇନକ୍ରିମେଣ୍ଟାଲ ଲୋନ୍)କୁ ବିଚାରକୁ ନେଲେ ଦେଖାଯାଏ ଯେ ଏ କ୍ଷେତ୍ରରେ ଘରୋଇ ବ୍ୟାଙ୍କସମୂହର ଅବଦାନ ୭୫ଶତାଂଶ ଯାହା ବେଶ୍ ଉଲ୍ଲେଖନୀୟ । ଘରୋଇ ବ୍ୟାଙ୍କସମୂହଙ୍କ ସ୍ଥିତି ଓ ଆର୍ଥିକ ଅବସ୍ଥା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ତୁଳନାରେ ଭଲ ନ ଥିଲେ ମଧ୍ୟ ସେମାନେ ୨୦୧୦ ଠାରୁ ଋଣ ପ୍ରଦାନ କ୍ଷେତ୍ରରେ ବେଶ୍ ଉତ୍ତମ ପ୍ରଦର୍ଶନ କରିଆସୁଛନ୍ତି । ଘରୋଇ ବ୍ୟାଙ୍କ ସମୂହଙ୍କ ଏହି ସଫଳତା ପଛର କାରଣ ହେଉଛି ସେମାନଙ୍କର ଉତ୍ତମ ଗ୍ରାହକ ସମ୍ପର୍କ, ଉତ୍ତମ ବ୍ୟବହାର ତଥା ବ୍ୟବସାୟର ସୁପରିଚାଳନା । ସେମାନେ ଗ୍ରାହକଙ୍କ ଆବଶ୍ୟକତା ଠିକଣା ସମୟରେ ପୂରଣ କରିବା ସହ ସେମାନଙ୍କ ବିଶ୍ୱାସଭାଜନ ମଧ୍ୟ ହେଉଛନ୍ତି । ସେମାନେ ଅପେକ୍ଷାକୃତ ଅଧିକ ଋଣ କେବଳ ଦେଉନାହାନ୍ତି, ଜମା ସଂଗ୍ରହ ହାରରେ ମଧ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଙ୍କଠାରୁ ଆଗରେ ଅଛନ୍ତି । ୨୦୦୭ରେ ଏହିସବୁ ବ୍ୟାଙ୍କର ଜମା ସଂଗ୍ରହ ହାର ୨୦ ଶତାଂଶ ଥିବାବେଳେ ୨୦୧୭ରେ ଏହା ୨୪ଶତାଂଶକୁ ବୃଦ୍ଧି ପାଇଛି । ଘରୋଇ ବ୍ୟାଙ୍କ ବ୍ୟବସାୟ ବୃଦ୍ଧି କ୍ଷେତ୍ରରେ ତିନିଟି ସୂତ୍ରକୁ ଗୁରୁତ୍ୱ ଦେଇଆସୁଛନ୍ତି । ସେଗୁଡ଼ିକ ହେଲା କୁଶଳତା, ଉତ୍ପାଦକତା ଓ ଆୟ । ଘରୋଇ ବ୍ୟାଙ୍କଙ୍କ ନିକଟରେ ପ୍ରତିଭାବାନ ଲୋକଶକ୍ତି ବେଶ୍ ଅଧିକ । ସେଥିପାଇଁ ସେମାନେ ଏକ ଉଦାର ନିଯୁକ୍ତି ନୀତି ଆପଣାଇଥାନ୍ତି । ଭଲ ପ୍ରତିଭାଙ୍କୁ ରଖିବା ପାଇଁ ଉତ୍ତମ ବେତନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଥାନ୍ତି ।

> ୧୯୬୯ ଓ ୧୯୮୦ର ବ୍ୟାଙ୍କ ଜାତୀୟକରଣ ପରେ ବ୍ୟାଙ୍କ କ୍ଷେତ୍ରରେ ସଂସ୍କାରର ଯେଉଁ ନୂଆ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେଲା ତହା ୧୯୯୧ର ନୂଆ ସଂସ୍କାର ପାଇଁ ବାଟ କଢ଼ାଇଲା । ଏହି ପର୍ଯ୍ୟାୟରେ ଋଣ ପ୍ରଦାନ ଓ ଋଣ ହାର ଧାର୍ଯ୍ୟ ନୀତିରେ ଥିବା ନିୟନ୍ତ୍ରଣ ବ୍ୟବସ୍ଥାର ଉଚ୍ଛେଦ, ପ୍ରିଏମ୍ପସନ ବ୍ୟବସ୍ଥାର ପର୍ଯ୍ୟାୟ କ୍ରମିକ ଅବସାନ, ସିବିଏସ୍‌ରେ ସହବନ୍ଧନ ଓ ଘରୋଇ ବ୍ୟାଙ୍କକୁ ବ୍ୟବସାୟ ପାଇଁ ଅନୁମତି ପ୍ରଦାନ ଆଦି ନୀତି ଏକବିଂଶ ଶତାବ୍ଦୀର ପ୍ରଥମ ଦଶକ ନିମନ୍ତେ ବ୍ୟାଙ୍କ ପ୍ରସାର ଓ ପରିବର୍ଦ୍ଧନ ପାଇଁ ବାଟ ଫିଟାଇଲା । ଏହାର ସୁଫଳ ଅବଶ୍ୟ ମିଳିଲା ।

ତେଣୁ ପ୍ରତିଭାଧାରୀ ଅଧିକାରୀ ଓ କର୍ମଚାରୀ ନିଜର କୌଶଳ, ଦକ୍ଷତା, ବୁଦ୍ଧି ଓ ବିଚାରର ଉପଯୋଗ କରି ବ୍ୟାଙ୍କର କାରବାର ଏବଂ ଲାଭ ବଢ଼ାଇବାରେ ସହାୟକ ହୋଇଥାନ୍ତି । ବ୍ୟାଙ୍କର ହାନିଲାଭ ବୁଝିବାର ଦାୟିତ୍ୱ ସେମାନଙ୍କ ଉପରେ ମୁଖ୍ୟତଃ ନ୍ୟସ୍ତ ଥାଏ ଏବଂ ଆବଶ୍ୟକ ସ୍ଥଳେ ଏସବୁ ଅଧିକାରୀ ସ୍ୱାଧୀନଭାବେ ନିଷ୍ପତ୍ତି ନେଇଥାନ୍ତି । ଏହି ଦକ୍ଷ ଓ ଯୋଗ୍ୟ ମାନବସମ୍ବଳ ଯୋଗୁଁ ଘରୋଇ ବ୍ୟାଙ୍କଗୁଡ଼ିକର ମନ୍ଦ ଋଣ ପରିମାଣ ଅପେକ୍ଷାକୃତ କମ୍ ଏବଂ ବ୍ୟବସାୟ ଲାଭଜନକ ।

ଉତ୍ପାଦନକତାକୁ ଘରୋଇ ବ୍ୟାଙ୍କ ସର୍ବଦା ଅଗ୍ରାଧିକାର ଦେଇଥାନ୍ତି । କର୍ମଚାରୀଙ୍କ ବାବଦ ବ୍ୟୟ ଏବଂ ଅନ୍ୟାନ୍ୟ ପରିଚାଳନା ବାବଦ ଖର୍ଚ୍ଚକୁ ମିଶାଇ ସେମାନେ ବ୍ୟବସାୟରେ ଆୟର ଅନୁପାତ ମୂଲ୍ୟ (ସିଆଇ)କୁ ହିସାବ କରି ଦେଖନ୍ତି । ଏ କ୍ଷେତ୍ରରେ ସେମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ ସମ୍ପୂର୍ଣ୍ଣ ନିଆରା । ଘରୋଇ ବ୍ୟାଙ୍କ ସମୂହଙ୍କ ସିଆଇ ନିରନ୍ତର ହ୍ରାସ ପାଉଛି । ୨୦୧୨ରେ ଏହା ୪୭ ଶତାଂଶ ଥିବାବେଳେ ୨୦୧୭ରେ ୪୩%ରେ ପହଞ୍ଚିଛି । ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ସିଆଇ ଅପରପକ୍ଷରେ ବଢ଼ି ବଢ଼ି ଚାଲିଛି । ୨୦୧୨ରେ ଏହା ୪୪ ଶତାଂଶ ଥିବାବେଳେ ୨୦୧୭ରେ ୪୯%ରେ ପହଞ୍ଚିଛି । କମ୍ ଖର୍ଚ୍ଚରେ ଅଧିକ ବ୍ୟବସାୟ ଘରୋଇ ବ୍ୟାଙ୍କର ଲାଭାର୍ଜନର ଏକ ବଡ଼ ସୂତ୍ର ।

ସେହିଭଳି ଆୟ ବୃଦ୍ଧିର ନୂଆ କ୍ଷେତ୍ର ଓ କୌଶଳ ଉପରେ ଘରୋଇ ବ୍ୟାଙ୍କ ସର୍ବାଧିକ ଗୁରୁତ୍ୱ ଦେଇଥାଏ । ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହ ମୁଖ୍ୟତଃ ଶିଳ୍ପ ସଂସ୍ଥା ଓ ଭିତ୍ତିଭୂମି କ୍ଷେତ୍ରକୁ ଋଣ ଦେଇଥାନ୍ତି । ଫଳରେ ସେମାନଙ୍କ ବାଲାନ୍ସସିଟ୍ ସବୁବେଳେ ନିମ୍ନମୁଖୀ ରହେ ।

ଅପରପକ୍ଷରେ ଘରୋଇ ବ୍ୟାଙ୍କମାନେ ଉଦାରୀକରଣ ଯୁଗର ନୂଆ ନୂଆ କ୍ଷେତ୍ରକୁ ଋଣ ଦେଇଥାନ୍ତି ଯେଉଁଠି ଅର୍ଥ ବୁଡ଼ିଯିବାର ସମ୍ଭାବନା କମ୍‌ଥାଏ। ସେମାନଙ୍କ ନିବେଶ ମୁଖ୍ୟତଃ ଟେକ୍‌ନୋଲୋଜି ସଲ୍ୟୁସନ୍ ଭିତ୍ତିକ ହୋଇଥିବାରୁ କାରବାର ଚାପର ସମ୍ମୁଖୀନ ହୁଏନାହିଁ କିମ୍ବା ଅର୍ଥ ବୁଡ଼ିଯିବାର ଆଶଙ୍କା ରହେନା। ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରି ସେମାନେ ଋଣ ଓ ସୁଧ ଆଦାୟ କରନ୍ତି ଏବଂ ଅନୁରୂପ ଉପାୟରେ ଋଣ ମଧ ଦେଇଥାନ୍ତି। ପଏଣ୍ଟ ଅଫ ସେଲ୍ (ପିଓଏସ୍) ମେସିନ୍ ସ୍ଥାପନ ଭଳି ବ୍ୟବସାୟରେ ସେମାନେ ଅଧିକ ପୁଂଜି ବିନିଯୋଗ କରିଥାନ୍ତି।

**ଢାଞ୍ଚାଗତ ସଂସ୍କାରର ପ୍ରଭାବ:**

ରାଷ୍ଟ୍ରାୟତ୍ତ ବ୍ୟାଙ୍କ କ୍ଷେତ୍ରରେ ସରକାର କାର୍ଯ୍ୟକାରୀ କରୁଥିବା ଢାଞ୍ଚାଗତ ସଂସ୍କାରର ପ୍ରଭାବ ନିଶ୍ଚିତ ଏହି ଉଦ୍ୟୋଗ ପାଇଁ ଲାଭଦାୟକ ହେବ। ବ୍ୟାଙ୍କ ବୋର୍ଡ ବ୍ୟୁରୋ ଗଠନ, ସିଏମ୍‌ଡି ପଦକୁ ଦୁଇ ଭାଗ କରି ଜଣେ ଅଣ ନିର୍ବାହୀ ଅଧ୍ୟକ୍ଷ ଓ ଜଣେ ସିଇଓ ନିଯୁକ୍ତି, ସିଇଓଙ୍କ କାର୍ଯ୍ୟକାଳ ବୃଦ୍ଧି (୫ବର୍ଷ) ଆଦି ପଦକ୍ଷେପ ଭବିଷ୍ୟତରେ ବ୍ୟାଙ୍କ କ୍ଷେତ୍ରର ଦକ୍ଷତା ବଢ଼ାଇବ। ସେହିଭଳି ବଡ଼ ବଡ଼ ଋଣ ପାଇଁ କେନ୍ଦ୍ରୀୟ ସ୍ତରରେ ସୂଚନା ଗନ୍ତାଘର (ସିଆରଆଇଏଲ୍‌ସି) ଗଠନ ଏବଂ ଋଣ ପରିଶୋଧ ଅକ୍ଷମତା ଓ ଦେବାଳିଆ ବିଧି (ଆଇବିସି)ର କାର୍ଯ୍ୟାରିତା ଦ୍ୱାରା ଅନାଦାୟ ଋଣ ଓ ମନ୍ଦ ସମ୍ପତ୍ତି ସମ୍ପର୍କରେ ସୂଚନା ଆଦାନ ପ୍ରଦାନ ଓ ତାହାର ଅସୁଲି ପ୍ରକ୍ରିୟା ସହଜ ହେବ। ଏହା ଫଳରେ ବ୍ୟାଙ୍କର ବାଲାନ୍ସ ସିଟ୍‌ରେ ଅଟକି ରହିଥିବା ବିପୁଳ ପରିମାଣର ପୁଂଜି ଋଣ ପ୍ରଦାନ କାର୍ଯ୍ୟରେ ବିନିଯୋଗ ହୋଇପାରିବ।

ଉତ୍ପାଦନକତାକୁ ଘରୋଇ ବ୍ୟାଙ୍କ ସର୍ବଦା ଅଗ୍ରାଧିକାର ଦେଇଥାନ୍ତି। କର୍ମଚାରୀଙ୍କ ବାବଦ ବ୍ୟୟ ଏବଂ ଅନ୍ୟାନ୍ୟ ପରିଚାଳନା ବାବଦ ଖର୍ଚ୍ଚକୁ ମିଶାଇ ସେମାନେ ବ୍ୟବସାୟରେ ଆୟର ଅନୁପାତ ମୂଲ୍ୟ (ସିଆଇ)କୁ ହିସାବ କରି ଦେଖନ୍ତି। ଏ କ୍ଷେତ୍ରରେ ସେମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ ସମ୍ପୂର୍ଣ୍ଣ ନିଆରା। ଘରୋଇ ବ୍ୟାଙ୍କ ସମୂହଙ୍କ ସିଆଇ ନିରନ୍ତର ହ୍ରାସ ପାଉଛି। ୨୦୧୨ରେ ଏହା ୪୭ ଶତାଂଶ ଥିବାବେଳେ ୨୦୧୭ରେ ୪୩%ରେ ପହଞ୍ଚିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ସିଆଇ ଅପରପକ୍ଷରେ ବଢ଼ି ବଢ଼ି ଚାଲିଛି। ୨୦୧୨ରେ ଏହା ୪୪ ଶତାଂଶ ଥିବାବେଳେ ୨୦୧୭ରେ ୪୯%ରେ ପହଞ୍ଚିଛି। କମ୍ ଖର୍ଚ୍ଚରେ ଅଧିକ ବ୍ୟବସାୟ ଘରୋଇ ବ୍ୟାଙ୍କର ଲାଭାର୍ଜନର ଏକ ବଡ଼ ସୂତ୍ର।

ସେହିଭଳି ପୁନଃ ପୁଂଜିକରଣ ବ୍ୟବସ୍ଥା ଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହ ଯେଉଁ ୨.୧୧ ଲକ୍ଷ କୋଟି ଟଙ୍କା ସରକାରୀ ବ୍ୟବସ୍ଥା ଦ୍ୱାରା ପାଇବାକୁ ଯାଉଛନ୍ତି ତାହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଏହା ଫଳରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତି ସୁଧୁରିବା ସହ ସେମାନଙ୍କର ବ୍ୟାବସାୟିକ ଦକ୍ଷତା ବୃଦ୍ଧି ପାଇବ। ଏହାଦ୍ୱାରା ଦେଶର ସାମଗ୍ରିକ ଅର୍ଥନୈତିକ ବ୍ୟବସ୍ଥା ଲାଭବାନ ହେବ।

ଏବେ ପ୍ରଶ୍ନ ଉଠୁଛି ଯେ ଆମ ବ୍ୟାଙ୍କ ସମୂହ ପରବର୍ତ୍ତୀ ପିଢ଼ିର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ପାଇଁ ବର୍ତ୍ତମାନ ପ୍ରସ୍ତୁତ ତ ? ୨୦୨୫ ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହେବ। ତେଣୁ ସେହି ଅର୍ଥନୀତିର ଆବଶ୍ୟକତା ପୂରଣ ପାଇଁ ବ୍ୟାଙ୍କ ସମୂହ ନିମନ୍ତେ ବିକାଶ,





ନିୟନ୍ତ୍ରଣମୁକ୍ତ ବ୍ୟବସ୍ଥା, ଜନସଂଖ୍ୟାର ଆଶା ଆକାଂକ୍ଷା ପୂରଣ ଏବଂ ତ୍ରୁଟିଶୂନ୍ୟ ତ୍ୱରିତ ବ୍ୟାଙ୍କ ସେବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିର ବହୁଳ ବ୍ୟବହାର ଅପରିହାର୍ଯ୍ୟ।

ଟେକ୍‌ନୋଲୋଜି ବ୍ୟାଙ୍କ ବ୍ୟବସ୍ଥାରେ ଏକ ବିରାଟ ପରିବର୍ତ୍ତନ ଆଣିବ ଏବଂ ଏହାକୁ ଏଡ଼ାଇଯାଇ କାରବାର କରିବା ସମ୍ଭବ ନୁହେଁ। ଏଥିରେ ବିଗ୍ ଡାଟା, କ୍ଲାଉଡ୍ କମ୍ପ୍ୟୁଟିଙ୍ଗ, ସ୍ମାର୍ଟ ଫୋନ୍, ଓମ୍‌ନିଚାନେଲ, ଭିଡିଓ କନ୍‌ଫରେନ୍ସିଂ, ପରସନାଲାଇଜଡ୍ କନେକ୍ଟ, କ୍ୟାସ୍‌ଲେସ୍, ବ୍ରାଞ୍ଚଲେସ୍ ବ୍ୟାଙ୍କିଙ୍ଗ୍, ମୋବାଇଲ ବ୍ୟାଙ୍କିଙ୍ଗ୍, ଡିଜିଟାଲ ପେମେଣ୍ଟର ଚାହିଦା ଯଥେଷ୍ଟ ବଢ଼ିବ। ଜନଧନ-ଆଧାର ବ୍ୟାଙ୍କିଙ୍ଗ (ଜାମ ଟ୍ରିନିଟି) ମଧ୍ୟ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ବର୍ତ୍ତମାନର ଏଟିଏମ୍ ବ୍ୟବସ୍ଥାରେ ଆହୁରି ଅଭିନବତା ଆଣିବାକୁ ହେବ। ଏଥିପାଇଁ ଭିତ୍ତିଭୂମି ନିର୍ମାଣ ଏକ ବଡ଼ ଆହ୍ୱାନ। ସେ ବ୍ୟବସ୍ଥାଟିକୁ ନ୍ୟୁନ କରି ନୂଆ ଯୁଗର ବ୍ୟାଙ୍କିଙ୍ଗ୍ ପରିକଳ୍ପନା ଏକ ପ୍ରକାର ଅସମ୍ଭବ।

**ଉପସଂହାର:**

ଭବିଷ୍ୟତର ଆବଶ୍ୟକତା ପୂରଣ କରିବାରେ ଯେଉଁ ବ୍ୟାଙ୍କ ବିଫଳ ହେବେ ସେମାନେ ଯୁଗସହିତ ତାଳଦେଇ ଚାଲିପାରିବେ ନାହିଁ। ନୂଆ ପ୍ରଯୁକ୍ତି ଓ ଜ୍ଞାନକୌଶଳ ତଥା ନୂତନ ଅର୍ଥନୈତିକ ଆବଶ୍ୟକତା ବ୍ୟାଙ୍କ ଉଦ୍ୟୋଗ ପାଇଁ ବିପୁଳ ସମ୍ଭାବନା ଆଣିଛି। ଏହାକୁ ପୂରଣ କରିପାରିଲେ ଭାରତ ନୂଆ ଯୁଗ ବ୍ୟାଙ୍କିଙ୍ଗରେ ସଫଳତା ଲାଭ କରିବା ସହ ଭାରତୀୟ ଅର୍ଥନୀତିକୁ ବିଶ୍ୱର ଶ୍ରେଷ୍ଠ ଚାରିସ୍ଥାନକୁ ପ୍ରେରିତ କରିବାରେ ସକ୍ଷମ ହେବ। ଏଥିପାଇଁ ଆସନ୍ତା ପାଞ୍ଚ ବର୍ଷ ବ୍ୟାଙ୍କ ଉଦ୍ୟୋଗ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ।

ସାଂକେତ୍ ଟଣ୍ଡନ ଜଣେ ବ୍ୟାଙ୍କର୍ ହୋଇଥିବାବେଳେ ସୁଭଦ୍ରା ରାଓ ଜଣେ ଅର୍ଥନୀତିଜ୍ଞ। ବିବେକ କୁମାର ହେଉଛନ୍ତି ୟେସ୍ ବ୍ୟାଙ୍କ୍ ମୁମ୍ବାଇ ଶାଖାର ଉପସଭାପତି।

# ଅଚଳ ପୁଞ୍ଜିଜନିତ ସମସ୍ୟା ଓ ସମାଧାନ

■ ଦୀପକ ନାରଙ୍ଗ

ଅର୍ଥର ପ୍ରସାରଣ ଓ ଲାଭ ବୃଦ୍ଧିରେ ବ୍ୟାଙ୍କ ସମୂହ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଯେଉଁମାନଙ୍କ ପାଖରେ ବଳକା ପୁଂଜି ବା ଅର୍ଥ ଅଛି ତାହାକୁ ସେମାନେ ବ୍ୟାଙ୍କରେ ବିଭିନ୍ନ ଯୋଜନାରେ ନିର୍ଦ୍ଦିଷ୍ଟ ସୁଧ ହାରରେ ଜମା ରଖନ୍ତି। ଅର୍ଥ ଲୋଡ଼ୁଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନ, ସଂସ୍ଥାଙ୍କୁ ଅଧିକ ସୁଧରେ ଋଣ ଦେଇ ଲାଭ କରିବା ସହ ଅର୍ଥ ବ୍ୟବସ୍ଥାର ସଂପ୍ରସାରଣ କରିଥାନ୍ତି। ଅର୍ଥନୀତିରେ ଜମା ଓ ଋଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଋଣ ନେଇ ଲୋକେ ବେପାର ବଣିଜ କରି ସ୍ୱାବଲମ୍ବୀ ହୁଅନ୍ତି। ଦେଶର ଅଭିବୃଦ୍ଧି ବଢ଼େ ଏବଂ ଅର୍ଥ ବ୍ୟବସ୍ଥା ସ୍ୱଚ୍ଛଳ ରହେ। ଋଣ ଅର୍ଥ ଠିକଣା ଭାବେ ଉତ୍ପାଦନ ଭିତ୍ତିକ କାର୍ଯ୍ୟରେ ବିନିଯୋଗ ହେଲେ ଦେଶର ବିକାଶ ସାଧିତ ହୋଇଥାଏ।

ତେବେ ଏହି ପ୍ରକ୍ରିୟାରେ ବ୍ୟତିକ୍ରମ ବେଳେବେଳେ ଘଟିଥାଏ। ଋଣ କରିଥିବା ବ୍ୟକ୍ତି ଯଦି ନିର୍ଦ୍ଧାରିତ ସମୟରେ ତାହା ଶୁଝି ନ'ପାରେ ବା ସୁଧ ଦେବାକୁ ଅକ୍ଷମ ହୁଏ କିମ୍ବା ଋଣ ନେଇ ଠକିବାକୁ ଚେଷ୍ଟା କରେ ସେତେବେଳେ ସମସ୍ୟା ସୃଷ୍ଟି ହୁଏ। ଏହା ବେଳେବେଳେ ଇଚ୍ଛାକୃତ ଓ ଆଉ କେତେକ ସମୟରେ ଘଟଣା / ପରିବେଶ ଜନିତ ହୁଏ। ଫଳରେ ଋଣ ଅର୍ଥ ଫେରସ୍ତ ହୁଏନା। ବିଭିନ୍ନ ଶିଳ୍ପପତି, ବଡ଼ବଡ଼ କମ୍ପାନୀ ଓ ସଂସ୍ଥା ନିଜର ପ୍ରଭାବ, ପ୍ରତିଷ୍ଠା ଓ ସମ୍ପତ୍ତି ଦେଖାଇ ବିପୁଳ ପରିମାଣର ଋଣ ବିଭିନ୍ନ ବ୍ୟାଙ୍କରୁ ନେଇ ତାହାକୁ ଅନେକ ସମୟରେ ଇଚ୍ଛାକୃତ ଭାବେ କିମ୍ବା ବ୍ୟାବସାୟିକ କ୍ଷତି ଦର୍ଶାଇ ଶୁଝି ନଥାନ୍ତି। ଫଳରେ ବ୍ୟାଙ୍କ ସମୂହ ଅର୍ଥ ଫେରି ନ'ପାଇ କ୍ଷତିର ସମ୍ମୁଖୀନ ହୋଇଥାନ୍ତି। ସେମାନଙ୍କ ନିକଟରେ ପୁଂଜିର ଅଭାବ ଦେଖାଦିଏ, ନୂଆ ଋଣ ଦେବାକୁ ଅସମର୍ଥ ହୋଇ ବ୍ୟାଙ୍କ ସମୂହ ବ୍ୟାବସାୟିକ କ୍ଷତିର ସମ୍ମୁଖୀନ ହୁଅନ୍ତି। ସଂକ୍ଷେପରେ କହିଲେ - ଦିଆଯାଇଥିବା ଋଣ ଆଦାୟ ହୋଇ ନପାରିବା ହିଁ ଅନାଦାୟ ବା ଅଚଳ ପୁଂଜି। ଏହି ଅଚଳ ପୁଂଜି ମଧ୍ୟ ମନ୍ଦ ଋଣ (ବ୍ୟାଡ୍ ଲୋନ୍) ଭାବେ ପରିଚିତ।

ଏକ ହିସାବ ଅନୁସାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ଅଚଳ ପୁଂଜି ପରିମାଣ ଏବେ ମୋଟ ଋଣର ୭୨ ଶତାଂଶ। ୨୦୧୭ ସେପ୍ଟେମ୍ବର



ବେଆଇନ ଭାବେ ରଣ କରିବା ବା ଅସତ୍ ଉପାୟରେ ରଣ ଦେବା ଏକ ଦଣ୍ଡନୀୟ ଅପରାଧ ହୋଇଥିଲେ ହେଁ ଅଗଣିତ ଲୋକ ମନଇଚ୍ଛା ବିଭିନ୍ନ ବ୍ୟାଙ୍କରୁ ରଣ ଆକାରରେ ହଜାର ହଜାର କୋଟି ଟଙ୍କା ଠକି ନେବାରେ ସକ୍ଷମ ହୋଇଛନ୍ତି। ନୀତି ନିୟମ ସତ୍ତ୍ୱେ ତାହାର ଉଲ୍ଲଘଂନ କରାଯିବା ଏବଂ ବ୍ୟାଙ୍କ ସମୂହ ତାହାକୁ ତଦାରଖ ନ'କରିବା ଅଚଳ ପୁଂଜି ସମସ୍ୟାର ଏକ ପ୍ରମୁଖ କାରଣ। ଗୋଟିଏ ଲୋକ ରଣ ନାମରେ ବାରମ୍ବାର ବ୍ୟାଙ୍କକୁ ଠକିବା ପଛରେ ବ୍ୟାଙ୍କସମୂହଙ୍କ ଅପାରଗତା ଓ ସେମାନଙ୍କର ଏଥିରେ ସଂପୃକ୍ତି ପ୍ରମାଣିତ ହୁଏ।

୩୦ ସୁଦ୍ଧା ବ୍ୟାଙ୍କ ସମୂହଙ୍କ ମୋଟ୍ ମନ୍ଦ ରଣର ପରିମାଣ ଥିଲା ୮.୪୦ଲକ୍ଷ କୋଟି। ସେଥିମଧ୍ୟରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଚଳ ପୁଂଜି ପରିମାଣ ୯୦ ଶତାଂଶ। ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ମନ୍ଦ ରଣ ପରିମାଣ ୭.୩୩ଲକ୍ଷ କୋଟି ଥିଲା। ଏହାଛଡ଼ା ୧୭ଟି ଘରୋଇ ବ୍ୟାଙ୍କର ମନ୍ଦ ରଣ ପରିମାଣ ଥିଲା ୧.୦୬ ଲକ୍ଷ କୋଟି। ଆହୁରି ଉଲ୍ଲେଖନୀୟ ବିଷୟ ହେଲା ପାଞ୍ଚକୋଟି ଟଙ୍କାରୁ ଅଧିକ ରଣ ନେଇଥିବା ରଣ ଗ୍ରହିତାଙ୍କ ଉପରେ ୫୬ଶତାଂଶ ରଣ ଅନାଦାୟ ପଡ଼ିଛି ଯାହା ମୋଟ୍ ଅନାଦାୟ ରଣର ୮୬.୫ ଶତାଂଶ। କୋଡ଼ିଏ କୋଟିରୁ ୫୦ କୋଟି ଏବଂ ୫୦ କୋଟିରୁ ୧୦୦କୋଟି ଟଙ୍କା ପର୍ଯ୍ୟନ୍ତ ରଣ କରିଥିବା ବ୍ୟକ୍ତି ବିଶେଷ ଓ ସଂସ୍ଥା ପରିଶୋଧ କରି ନ ଥିବା (ଖିଲାପି) ତାଲିକାରେ ସର୍ବାଧିକ ଅଛନ୍ତି। ଏକଶହ ଜଣ ରଣୀଙ୍କ ଉପରେ ପ୍ରାୟ ୧୫.୨ ଶତାଂଶ ଅନାଦାୟ ରଣ ପଡ଼ିରହିଛି।

ଅନାଦାୟ ରଣ ପରିମାଣ ସବୁଠୁ ଅଧିକ ଶିଳ୍ପ ଓ ଉଦ୍ୟୋଗ ଉପରେ ରହିଛି। ୨୦୧୭ ମାର୍ଚ୍ଚ ସୁଦ୍ଧା ଏହାର ଅଂଶ ମୋଟ୍ ଅନାଦାୟ ରଣର ୨୩ଶତାଂଶ। ଏହା ପଛକୁ ରହିଛି ସେବା କ୍ଷେତ୍ର (୭%), କୃଷି (୬.୩%) ଓ ଖୁଚୁରା କ୍ଷେତ୍ର (୨.୧%)। ଶିଳ୍ପକ୍ଷେତ୍ରରେ ମୋଟ ଅନାଦାୟ ରଣର ୨୮.୮% ରହିଥିବାବେଳେ ଏଥିରେ ଘରୋଇ ବ୍ୟାଙ୍କର ଅନୁପାତ ୯.୩ ଓ ବିଦେଶୀ ବ୍ୟାଙ୍କ ଅଂଶ ୭.୧% ରହିଛି। ବିଭିନ୍ନ ଧାତବ ଶିଳ୍ପ ସଂସ୍ଥା, ସିମେଣ୍ଟ, ବୟନ ଶିଳ୍ପ ଓ ଭିତ୍ତିଭୂମି କ୍ଷେତ୍ରରେ ଯଥାକ୍ରମେ ଅଧିକ ରଣ ବାକି ପଡ଼ିଛି। ବିପୁଳ ରଣ କରିବା ଓ ତାହାକୁ ନଶୁଝିବା ପଛରେ କେତେକ କାରସାଦି ଓ କାରଣ ରହିଛି। ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଯାଇଛି।

୧) ରଣ ଆଶାରେ ବ୍ୟାଙ୍କକୁ ମିଥ୍ୟା ତଥ୍ୟ ଦେବାକୁ ବିଭିନ୍ନ ସଂସ୍ଥା ଜାଣିଶୁଣି ନିଜର ବାଲାନ୍ସ ସିଟିକୁ ଏପଟସେପଟ କରି ମୋଟ କାରବାର ଓ ଲାଭ ପରିମାଣ ଅଧିକ ଦେଖାଇଛନ୍ତି।

୨) ସମ୍ଭାବ୍ୟ ଚାହିଦା ବୃଦ୍ଧିକୁ ଆଖି ଆଗରେ ରଖି ଉତ୍ପାଦନ ଦକ୍ଷତା ବଢ଼ାଇବା ଉଦ୍ଦେଶ୍ୟରେ ରଣ କରାଯାଇଛି; କିନ୍ତୁ ରଣ ମିଳିବା ପରେ ତାହାକୁ ଅନ୍ୟତ୍ର ବିନିଯୋଗ କରି ରଣ ଶୁଝାଯାଇନାହିଁ।

୩) ବିଭିନ୍ନ କାରଣରୁ ଶିଳ୍ପୋଦ୍ୟୋଗ ସମୂହଙ୍କର ପ୍ରକଳ୍ପ ନିର୍ମାଣ ବିଳମ୍ବିତ ହୋଇଛି କିମ୍ବା ଆଗେଇପାରିନାହିଁ। ଫଳରେ ସେମାନେ ରଣ ଶୁଝି ପାରିନାହାନ୍ତି।

୪) ସଂସ୍ଥାଙ୍କ ଅସୁଲ ବା ଅର୍ଥ ଆଦାୟ ପରିମାଣ ଆଶାଜନକ ହୋଇନାହିଁ କିମ୍ବା ବ୍ୟାହତ ହୋଇଛି।

୫) ଅନେକ କର୍ପୋରେଟ ସଂସ୍ଥା ଅନୁମାନ ମୁତାବକ ଇକ୍ୟୁଇଟି କିମ୍ବା ଡେଟଇନଷ୍ଟ୍ରୁମେଣ୍ଟ ଜରିଆରେ ପୁଂଜି ବଜାରରୁ ଅର୍ଥ ଉଠାଇପାରିନାହାନ୍ତି।

୬) ଉପଯୁକ୍ତ ଆକଳନ ଓ ଯୋଜନା ଅଭାବରୁ ବ୍ୟବସାୟ ବିଫଳ ହୋଇଛି।

୭) ରଣ ଅର୍ଥକୁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ପାଇଁ ବିନିଯୋଗ ନ'କରି ଅନ୍ୟ କ୍ଷେତ୍ରରେ ଖର୍ଚ୍ଚ କରାଯାଇଛି।

୮) ଇଚ୍ଛାକୃତ ଭାବେ ରଣ ଶୁଝାଯାଇନାହିଁ କିମ୍ବା ଅର୍ଥ ଆତ୍ମସାତ ଓ ଠକେଇ ହୋଇଛି।






୯) ଋଣ ଅର୍ଥ କିପରି ବିନିଯୋଗ ହେଉଛି ତାହା ତଦାରଖ କରିବାରେ ବ୍ୟାଙ୍କ ସମୂହ ବିଫଳ ହୋଇଛନ୍ତି, କିମ୍ବା ଅନେକ ସୁପ୍ତ କମ୍ପାନୀ (ସେଲ୍ କମ୍ପାନୀ) ତଞ୍ଚକତା କରି ଋଣ ନେଇଯାଇଛନ୍ତି।

୧୦) ଋଣ ପ୍ରଦାନରେ ଅନୁସୃତ ବିଧି ପାଳନ ହୋଇନାହିଁ କିମ୍ବା ଋଣ ଯୋଗାଣରେ ପଦ୍ଧତିଗତ ତ୍ରୁଟି ରହିଛି।

ମନ୍ଦ ଋଣ ବା ଏନ୍‌ପିଏ କ୍ଷେତ୍ରରେ ଆଉ ଏକ ତ୍ରୁଟି ହେଲା ଅନେକ ଶିଳ୍ପ ସଂସ୍ଥା ଓ ବ୍ୟକ୍ତି ବିଶେଷ ଋଣ ନେଇ ଉପଯୁକ୍ତ ସମୟରେ ପରିଶୋଧ କରି ନ ଥିଲେ ମଧ୍ୟ ଏକା ବ୍ୟାଙ୍କରୁ ତିନିଚାରିବର୍ଷ ବ୍ୟବଧାନରେ ସେମାନଙ୍କୁ ପୁନର୍ବାର ଅଧିକ ଋଣ ଦିଆଯାଇଛି। ଜଣେ ଜଣେ ଉଦ୍ୟୋଗପତି ବା ଗୋଟିଏ ଗୋଟିଏ ସଂସ୍ଥା ଏକାଧିକ ବ୍ୟାଙ୍କରୁ ନିଜର ସମ୍ପତ୍ତି ବନ୍ଧକ ଅଥବା ଜମା ଦେଇ ପ୍ରଚୁର ଋଣ ଉଠାଇଛନ୍ତି। ଏବେ ସେମାନଙ୍କ ସମ୍ପତ୍ତି କୋରଖ କଲେ ମଧ୍ୟ ଋଣ ଅର୍ଥ ସମୂଳେ ମିଳିପାରିବ ନାହିଁ। ଏ କ୍ଷେତ୍ରରେ ବ୍ୟାଙ୍କ କର୍ମଚାରୀଙ୍କ ସଲାସୁତରାକୁ ଅସ୍ୱୀକାର କରିହେବ ନାହିଁ। ବ୍ୟାଙ୍କ ସମୂହଙ୍କର ଆବଶ୍ୟକ ତଦାରଖ ଓ ପର୍ଯ୍ୟବେକ୍ଷଣର ଅଭାବ ଏ କ୍ଷେତ୍ରରେ ଏକ ବଡ଼ ତ୍ରୁଟି। ବେଆଇନ ଭାବେ ଋଣ କରିବା ବା ଅସତ୍ ଉପାୟରେ ଋଣ ଦେବା ଏକ ଦଣ୍ଡନୀୟ ଅପରାଧ ହୋଇଥିଲେ ହେଁ ଅଗଣିତ ଲୋକ ମନଇଚ୍ଛା ବିଭିନ୍ନ ବ୍ୟାଙ୍କରୁ ଋଣ ଆକାରରେ ହଜାର ହଜାର କୋଟି ଟଙ୍କା ଠକି ନେବାରେ ସକ୍ଷମ ହୋଇଛନ୍ତି। ନୀତି ନିୟମ ସତ୍ତ୍ୱେ ତାହାର ଉଲ୍ଲଙ୍ଘନ କରାଯିବା ଏବଂ ବ୍ୟାଙ୍କ ସମୂହ ତାହାକୁ ତଦାରଖ ନ'କରିବା ଅଚଳ ପୁଂଜି ସମସ୍ୟାର ଏକ ପ୍ରମୁଖ କାରଣ। ଗୋଟିଏ ଲୋକ ଋଣ ନାମରେ ବାରମ୍ବାର ବ୍ୟାଙ୍କକୁ ଠକିବା ପଛରେ ବ୍ୟାଙ୍କସମୂହଙ୍କ ଅପାରଗତା ଓ ସେମାନଙ୍କର ଏଥିରେ ସଂପୃକ୍ତି ପ୍ରମାଣିତ ହୁଏ।

ଋଣ ଶୁଝି ପାରୁ ନ ଥିବା ଲୋକର ବନ୍ଧକ ସମ୍ପତ୍ତିକୁ ବାଜ୍ୟାପ୍ତ କରିବାର ନିୟମ ରହିଛି। 'ସରପେସି' ଆଇନ ଅନୁସାରେ ଏଥିରେ କୋର୍ଟ ନିର୍ଦ୍ଦେଶ ବା ହସ୍ତକ୍ଷେପ ଅନାବଶ୍ୟକ। ଏହା ସତ୍ତ୍ୱେ ବିପୁଳ ଋଣ ଦେଇ ବ୍ୟାଙ୍କ ସମୂହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ'କରିବା ପଛରେ କ'ଣ କାରଣ ରହିଛି ? ଯେଉଁ ବ୍ୟାଙ୍କ ଅଧିକାରୀ ଆଇନକାନୁନକୁ ଉଲ୍ଲଙ୍ଘନ କରି ଋଣ ଦେଇ ବ୍ୟାଙ୍କର କ୍ଷତି କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ରହିଛି। ଏହା ସତ୍ତ୍ୱେ ସେଭଳି ଦୋଷୀ ଅଧିକାରୀଙ୍କ ବିରୋଧରେ ଯେଉଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା ତାହା ହୋଇନାହିଁ। ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ବିପୁଳ ଋଣ ଯୋଗାଣ ପଛରେ ମଧ୍ୟ ରାଜନୈତିକ ହସ୍ତକ୍ଷେପ ଓ ଚାପ ରହିଛି। ଏଭଳି ଅନେକ ଘଟଣା ଲୋକଲୋଚନକୁ ଆସିଛି ଯାହା ପ୍ରମାଣିତ କରିଛି ଯେ ବ୍ୟାଙ୍କ ସମୂହକୁ ଲୁଣ୍ଠନ କରିବାକୁ ଠକାମୀ, ରାଜନୈତିକ ଚାପ, ହସ୍ତକ୍ଷେପ, ବ୍ୟାଙ୍କ କର୍ମଚାରୀଙ୍କ ଆପରାଧିକ ଷଡ଼ଯନ୍ତ୍ର ରହିଛି।

ଏବେ ପରିସ୍ଥିତି ଅଣାୟତ୍ତ ହେବାପରେ ସରକାର ଋଣ ପରିଶୋଧ କରୁ ନ ଥିବା ବ୍ୟକ୍ତିବିଶେଷଙ୍କ ସମ୍ପତ୍ତି ଜବତ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦେବାଳିଆ (ଇନ୍‌ସଲ୍‌ଭେନ୍ସି) ଆଇନ କାର୍ଯ୍ୟକାରୀ କରିବାକୁଯାଉଛନ୍ତି। ୨୦୧୬ ଡିସେମ୍ବର ମସିହାଠାରୁ ଲାଗୁ ହୋଇଥିବା ଏହି

ସଦ୍ୟ ପ୍ରକାଶିତ ଅଧ୍ୟାଦେଶ ଅନୁସାରେ ଇଚ୍ଛାକୃତ ଋଣ ଖିଲାପକାରୀଙ୍କୁ ଦଣ୍ଡିତ କରି ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ୨୦୧୩ କମ୍ପାନୀ ଆଇନର ଧାରା ୪୪୭ରେ ପରିବର୍ତ୍ତନ କରାଯାଇଛି। ଇଚ୍ଛାକୃତ ଋଣ ଖିଲାପକୁ ରିଜର୍ଭ ବ୍ୟାଙ୍କ ଏକ ଗୁରୁତର ଅପରାଧ ଆଖ୍ୟା ଦେଇଛି। ଫଳରେ ଏଥିପାଇଁ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି। ଏହାର ସୁଫଳ ଇଚ୍ଛାକୃତ ଋଣ ଖିଲାପକାରୀଙ୍କ ଉପରେ ପଡ଼ିବ ବୋଲି ଆଶା କରାଯାଏ।

ଆଇନ ବଳରେ ଋଣ ଆଦାୟ ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି । ପୁରୁଣା ବ୍ୟବସ୍ଥାରେ ଥିବା ତ୍ରୁଟି ବିଚ୍ୟୁତିକୁ ନୂଆ ଆଇନରେ ଦୂର କରାଯାଇଛି । କୁହାଯାଉଛି ଯେ ନୂଆ ଦେବାଳିଆ ଆଇନ ଋଣ ଖିଲାପ ବିରୋଧରେ ଏକ ବ୍ରହ୍ମାସ୍ତ୍ର ଭଳି କାର୍ଯ୍ୟ କରିବ । ତେବେ ଏ କ୍ଷେତ୍ରରେ ଇଚ୍ଛାକୃତ ଖିଲାପିଙ୍କ ବ୍ୟତୀତ ବିଭିନ୍ନ ବାହ୍ୟ କାରଣରୁ ଯେଉଁମାନେ ଋଣ ଶୁଝି ପାରୁନାହାନ୍ତି ସେମାନଙ୍କ ପାଇଁ କିଛି ସୁବିଧା ଅଛି । ସେମାନଙ୍କୁ ଅଧିକ ସମୟ ଓ ସୁଯୋଗ ଦେଇ ଋଣ ଆଦାୟ କରିବାର ବ୍ୟବସ୍ଥା କରାଯାଇଛି ।

ସଦ୍ୟ ପ୍ରକାଶିତ ଅଧ୍ୟାଦେଶ ଅନୁସାରେ ଇଚ୍ଛାକୃତ ଋଣ ଖିଲାପକାରୀଙ୍କୁ ଦଣ୍ଡିତ କରି ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ୨୦୧୩ କମ୍ପାନୀ ଆଇନର ଧାରା ୪୪୭ରେ ପରିବର୍ତ୍ତନ କରାଯାଇଛି । ଇଚ୍ଛାକୃତ ଋଣ ଖିଲାପକୁ ରିଜର୍ଭ ବ୍ୟାଙ୍କ ଏକ ଗୁରୁତର ଅପରାଧ ଆଖ୍ୟା ଦେଇଛି । ଫଳରେ ଏଥିପାଇଁ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି । ଏହାର ସୁଫଳ ଇଚ୍ଛାକୃତ ଋଣ ଖିଲାପକାରୀଙ୍କ ଉପରେ ପଡ଼ିବ ବୋଲି ଆଶା କରାଯାଏ । ଯେଉଁମାନେ ବିପୁଳ ଋଣ କରି ବ୍ୟାଙ୍କକୁ ଠକିବା ନିଜର ଏକ ଜନ୍ମଗତ ଅଧିକାର ବୋଲି ଧରି ନେଇଥିଲେ ସେମାନେ ବୋଧହୁଏ ଆଉ ଏହା କରିପାରିବେ ନାହିଁ । କେବଳ କଠୋର ଆଇନ ପ୍ରସ୍ତୁତ କରିଦେଲେ ଲୋକଚରିତ୍ର ବଦଳିବ ନାହିଁ । ଏହାର ଉପଯୁକ୍ତ କାର୍ଯ୍ୟକାରିତା ଲୋଡ଼ା । ତଦାରଖ ଓ ଆଇନ ପ୍ରଣୟନ ତଥା ଦଣ୍ଡବିଧାନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ସେ ବ୍ୟବସ୍ଥାଟି ଯେତେ ଦାୟିତ୍ୱସମ୍ପନ୍ନ ଓ ନିଷ୍ଠାପରଭାବେ କାର୍ଯ୍ୟକାରୀ ହେବ ବ୍ୟାଙ୍କ ଠକେଇ, ଋଣ ଖିଲାପ ପରିମାଣ ସେତେ କମିବ ।

ଋଣ ଅର୍ଥ କେମିତି ଖର୍ଚ୍ଚ ହେଉଛି ତାହାର ତଦାରଖ ପାଇଁ ବ୍ୟାଙ୍କ ସମୂହଙ୍କ ପକ୍ଷରୁ ଫରେନ୍‌ସିକ୍ ଅଡିଟ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି । ଏ କ୍ଷେତ୍ରରେ ଡାଟା ଅନୁଶୀଳନ ଓ ଆଇଟି ଭିତ୍ତିକ ବ୍ୟବସ୍ଥାର ଉପଯୋଗ ଜରୁରୀ । ଏହା ହୋଇପାରିଲେ ଋଣକାରୀର ବ୍ୟବସାୟ, କାରବାର ଆଦି ସମ୍ପର୍କରେ ତଥ୍ୟ ମିଳିପାରିବ ଏବଂ ସେ ଋଣ ଟଙ୍କା କେଉଁ ଉଦ୍ଦେଶ୍ୟରେ ନେଇ କେଉଁଠି ବ୍ୟବହାର କରୁଛି ତାହା ଜାଣିହେବ । ମୋଟାମୋଟି ଭାବେ ଏହି ତଦାରଖ ବ୍ୟବସ୍ଥା ପାଇଁ ନୂଆ ଟେକ୍‌ନୋଲୋଜି ବିକାଶର ଆବଶ୍ୟକତା ରହିଛି । କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ପ୍ରୟୋଗ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ । ନବୀ ମୁମ୍ବଇର ଏକ ଫିନ୍‌ଟେକ୍ କମ୍ପାନୀ ଏଭଳି ଡିଟୁକେ (D2K) ଟେକ୍‌ନୋଲୋଜିର ବିକାଶ କରିଛି । ଏହା ବେଶ୍ ଭଲ କାମ କରୁଛି । ବ୍ୟାଙ୍କ ସମୂହ ନୂଆ ଟେକ୍‌ନୋଲୋଜି ବ୍ୟବହାର କରିବା ସହ ନିଜର ଯୁବ ଲୋକଶକ୍ତିକୁ ଏହି ଟେକ୍‌ନୋଲୋଜିରେ ଅଭ୍ୟସ୍ତ କରାଇବା ଉଚିତ ।

ବ୍ୟାଙ୍କ ଠକେଇ ଓ ଋଣ ଜାଲିଆତି ଆଦିକୁ ରୋକିବା ପାଇଁ ସରକାର ବ୍ୟାଙ୍କ ପରିଚାଳନା ବୋର୍ଡରେ ଉପଯୁକ୍ତ ଅଭିଜ୍ଞ ବୃତ୍ତିଧାରୀଙ୍କୁ ନିଯୁକ୍ତି ଦେବା ଉଚିତ । ବ୍ୟାଙ୍କ ପରିଚାଳନା କ୍ଷେତ୍ରରେ ସୁନାମ ଥିବା ସେବା ନିବୃତ୍ତ ପରିଚାଳନା ନିର୍ଦ୍ଦେଶକ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ବୋର୍ଡରେ ସଦସ୍ୟ ଭାବେ ଗ୍ରହଣ କଲେ ଏ କ୍ଷେତ୍ରରେ ବିଶେଷ ପ୍ରଗତି ହାସଲ କରାଯାଇପାରିବ ।

ଋଣ ଆଦାୟ ପାଇଁ ପ୍ରଚଳିତ ବ୍ୟାଙ୍କ ବ୍ୟବସ୍ଥାରେ ଆବଶ୍ୟକ କର୍ମଚାରୀଙ୍କର ଯଥେଷ୍ଟ ଅଭାବ ଅଛି । ସେଥିପାଇଁ ଅଧିକ ଏନ୍‌ସିଏଲ୍‌ଟି ଓ ଡିଆର୍‌ଟିଙ୍କୁ ନିଯୁକ୍ତି ଦିଆଯିବା ଉଚିତ । ସେହିଭଳି ଋଣ ଖିଲାପ ମାମଲାର ବିଚାର ପାଇଁ ଉଦ୍ଦିଷ୍ଟ ପ୍ରାଧିକରଣ ବା କୋର୍ଟଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ବିଚାରପତି ରହିଲେ ମାମଲା ତ୍ୱରିତ ଫଇସଲା ହେବା ସହ ଋଣ ଆଦାୟ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ସରକାର ଏ ଦିଗ ପ୍ରତି ଦୃଷ୍ଟିଦେବା ଆବଶ୍ୟକ । ଦେବାଳିଆ ଆଇନର କାର୍ଯ୍ୟକାରିତା ପାଇଁ ଆବଶ୍ୟକ ଲୋକଶକ୍ତି ଓ ରୂପାୟନ ବ୍ୟବସ୍ଥା ଉପରେ ଗୁରୁତ୍ୱ ନ ଦେଲେ ଏହାର ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ।

ତେବେ ସେ ଯା' ହେଉ ଏହା ନିଶ୍ଚିତ ଯେ ଦେବାଳିଆ ଆଇନ କର୍ଯ୍ୟକାରୀ ହେବା ପରେ ବ୍ୟାଙ୍କ ସମୂହର ଋଣ ପ୍ରଦାନ ସଂସ୍କୃତି ନିଶ୍ଚିତ ବଦଳିବ । ଉଭୟ ଋଣ ଦେବା ଓ ନେବା ବାଲା ତ୍ରୁଟିବିଚ୍ୟୁତି ପାଇଁ ସତର୍କ ରହିବେ; କାରଣ ଏଥିପାଇଁ କଠୋର ଦଣ୍ଡବିଧାନର ବ୍ୟବସ୍ଥା ରହିଛି । ନୂଆ ବ୍ୟବସ୍ଥା ଫଳରେ ବ୍ୟାଙ୍କ ସମୂହ ଅବଶ୍ୟ ଅନେକାଂଶରେ ଆଶ୍ୱସ୍ତ ହେବେ । ସରକାରଙ୍କ ଏହି ପ୍ରୟାସ ଧନ୍ୟବାର୍ଦ୍ଦାହ । ଏହାଦ୍ୱାରା ଦେଶରେ ଋଣକାରୀଙ୍କ ମନୋଭାବ ଅବଶ୍ୟ ବଦଳିବ ।

ଲେଖକ ୟୁନାଇଟେଡ୍ ବ୍ୟାଙ୍କର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ।

ବିଶେଷ ପ୍ରବନ୍ଧ

# ବ୍ୟାଙ୍କ ପୁନଃ ପୁଞ୍ଜିକରଣ

■ ଆଶୁତୋଷ କୁମାର

୨୦୧୭ ଅକ୍ଟୋବର ମାସରେ କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ଆର୍ଥିକ ସ୍ଥିତି ଘେନି ଏକ ଅତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏଥିରେ ବ୍ୟାଙ୍କସମୂହର ବିପୁଳ ଅନାଦାୟ ଋଣ ବୋଝ ଜନିତ ସମସ୍ୟାର ସମାଧାନ ପାଇଁ ସରକାର ଏକ ନିର୍ଣ୍ଣୟରେ ପହଞ୍ଚିଥିଲେ। ବିପୁଳ ଋଣ ଅର୍ଥ ଆଦାୟ ହୋଇପାରୁ ନ ଥିବାରୁ ବ୍ୟାଙ୍କସମୂହଙ୍କ ପାଖରେ ନୂଆ ଋଣ ପ୍ରଦାନ ଓ ବ୍ୟାବସାୟିକ କାରବାର ପାଇଁ ପୁଂଜିର ଗୁରୁତର ଅଭାବ ଥିଲା। ଏସବୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅନାଦାୟ ଋଣ ପରିମାଣ ୨୦୧୭ ଜୁନ୍ ସୁଦ୍ଧା ୭.୩୩ ଲକ୍ଷ କୋଟିରେ ପହଞ୍ଚିଥିଲା। ୨୦୧୫ରେ ଏହି ପରିମାଣ ଥିଲା ୨.୭୩ ଲକ୍ଷ କୋଟି। ମୋଟାମୋଟି ମାତ୍ର ଦୁଇବର୍ଷର ବ୍ୟବଧାନ ମଧ୍ୟରେ ଅନାଦାୟ ଋଣ ବା ମନ୍ଦଋଣ ପରିମାଣ ତିନିଗୁଣ ବଢ଼ିଥିଲା।

ଅକ୍ଟୋବର ୨୪ରେ କେନ୍ଦ୍ର ସରକାର ଋଣଗ୍ରସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହକୁ ୨,୧୧,୦୦୦ କୋଟି ଟଙ୍କା ଯୋଗାଇ ସେମାନଙ୍କର ଆର୍ଥିକ ସ୍ଥିତିକୁ ସୁଧାରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅର୍ଥ ତିନି ପ୍ରକାର ଯଥା ବଜେଟିୟ ସହାୟତା, ବଜାର ଋଣ ଓ ବ୍ୟାଙ୍କ ରିକ୍ୟାପିଟାଲଇଜେସନ୍ ବଣ୍ଡ୍ ଆକାରରେ ଯୋଗାଇଦେବାର ବ୍ୟବସ୍ଥା କରାଯାଇଥିଲା। ଏହି ଯୋଜନା ଘୋଷଣା କରି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ ବ୍ୟାଙ୍କ ସମୂହ ସମୃଦ୍ଧ ହେଲେ ଅଧିକ ନିଯୁକ୍ତି ସୃଷ୍ଟି ହେବା ସହିତ ଅଭିବୃଦ୍ଧି ଓ ପୁଂଜିନିବେଶ ବଢ଼ିବ। ଯୋଜନା ଅନୁସାରେ ବ୍ୟାଙ୍କସମୂହ ବଜେଟ ସହାୟତା ଆକାରରେ ୧୮,୦୦୦କୋଟି, ଇକ୍ୟୁଇଟି ଇସ୍ୟୁ ଜରିଆରେ ୫୮,୦୦୦କୋଟି ଓ ରିକାପିଟାଲାଇଜେସନ୍ ବଣ୍ଡ୍ ଆକାରରେ ୧,୩୫,୦୦୦କୋଟି ଟଙ୍କା ପାଇବେ।



ପ୍ରଥମେ ଆସନ୍ତୁ ବଣ୍ଡ୍ ସମ୍ପର୍କରେ ଆଲୋଚନା କରିବା ଏବଂ ଏହାଦ୍ୱାରା ବ୍ୟାଙ୍କ ସମୂହ କିପରି ଉପକୃତ ହେବେ ତାହା ଦେଖିବା। ଆର୍ଥିକ ସେବା ବିଭାଗ କେନ୍ଦ୍ର ଅର୍ଥନୈତିକ ବ୍ୟାପାର ମନ୍ତ୍ରଣାଳୟ ସହଯୋଗରେ ଏହି ବଣ୍ଡ୍‌ର ରୂପରେଖ ପ୍ରସ୍ତୁତ କରୁଛନ୍ତି। କେଉଁ ବ୍ୟାଙ୍କ ବଣ୍ଡ୍ ଜରିଆରେ କେତେ ଅର୍ଥ ପାଇବ ତାହାର ନୀତି ନିର୍ଦ୍ଧାରଣ କରାଯାଉଛି। ଏହି ବଣ୍ଡ୍ ଜରିଆରେ ବ୍ୟାଙ୍କ ବ୍ୟବସ୍ଥାରେ ୧,୩୫,୦୦୦କୋଟି ପୁଂଜି ପ୍ରବେଶ କରିବ। ସରକାର ଏହି ବଣ୍ଡ୍ ଜାରି କରିବେ ଏବଂ ବ୍ୟାଙ୍କ ସମୂହ ତାହାକୁ ସିଧା

କିଣିବେ। ଅନ୍ୟ ଅର୍ଥରେ ଏହି ବଣ୍ଡ୍ କ୍ରୟ କରିବା ପରେ ତାହାର ମୂଲ୍ୟ ସଂପୃକ୍ତ ବ୍ୟାଙ୍କର ଜମାଖାତାକୁ ଯିବ। ସିଧାସଳଖ ସରକାର ବ୍ୟାଙ୍କକୁ ନଗଦ ଟଙ୍କା ଦେବେ ନାହିଁ। ବ୍ୟାଙ୍କ ସମୂହ ଏହି ବଣ୍ଡ୍‌କୁ ଅନ୍ୟ ଗୌଣ ବଜାରରେ ବିକ୍ରି କରିପାରିବେ କି ନାହିଁ ସେ ନେଇ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ। ବଣ୍ଡ୍ ସଂକ୍ରାନ୍ତ ସବିଶେଷ ନୀତି ନିୟମ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ କରାଯାଉଛି। ତେଣୁ ଏହା ଚୂଡ଼ାନ୍ତ ହେବା ଯାଏ ଅପେକ୍ଷା କରିବାକୁ ପଡ଼ିବ। ତେବେ ସେ ଯା’ ହେଉ ଏହି ବଣ୍ଡ୍ ବ୍ୟବସ୍ଥା ବ୍ୟାଙ୍କସମୂହଙ୍କ ପାଇଁ ଲାଭଦାୟକ ହେବ ବୋଲି ବିଚାର କରାଯାଉଛି। ଏହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବ। ଯଦି ସରକାର ଏହି ବଣ୍ଡ୍‌କୁ ଅନ୍ୟ ବଜାରରେ ବିକ୍ରି ପାଇଁ ଅନୁମତି ଦିଅନ୍ତି ତାହା ମଧ୍ୟ ବ୍ୟାଙ୍କ ସମୂହଙ୍କୁ ସୁହାଇବ; କାରଣ ସେମାନେ ଏହାଦ୍ୱାରା ସିଧାସଳଖ ଅର୍ଥ ଉଠାଇ ପାରିବେ। ବ୍ୟାଙ୍କଗୁଡ଼ିକ ଏହାକୁ ବିକ୍ରି ନ କରି ନିଜ ପାଖରେ ଗଚ୍ଛିତ ରଖିଲେ ମଧ୍ୟ କିଛି ଅସୁବିଧା ନାହିଁ; କାରଣ ବଣ୍ଡ୍ ଉପରେ ସୁଧ ମିଳିବ। ତେଣୁ ଉଭୟ ଦୃଷ୍ଟିରୁ ଏହି ବଣ୍ଡ୍ ବ୍ୟବସ୍ଥା ବ୍ୟାଙ୍କ ସମୂହଙ୍କ ପାଇଁ ଲାଭଦାୟକ।




ଦେବାଳିଆ ଆଇନ ଦୃଷ୍ଟିକୋଣରୁ ବିଚାର କଲେ ବଣ୍ଡ୍ ପ୍ରଦାନ ବ୍ୟବସ୍ଥା ଅଧିକ ଯଥାର୍ଥ ମନେହୁଏ। ଏହି ଦେବାଳିଆ ଆଇନ ଗତବର୍ଷ ପ୍ରଣିତ ହୋଇଛି। ତଦନୁସାରେ ୩୦୦ ଋଣ ଗ୍ରହୀତାଙ୍କ କ୍ଷେତ୍ରରେ ଦେବାଳିଆ ଆଇନ ଲାଗୁ କରି ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏହି ଋଣୀଙ୍କ ମଧ୍ୟରେ ୧୨ଜଣ ଅତି ବଡ଼ ଋଣ ଗ୍ରହିତା ଅଛନ୍ତି। ଏମାନେ ପ୍ରାୟ ୨.୨୫ ଲକ୍ଷ କୋଟି ଟଙ୍କା ଋଣ ଶୁଝି ନାହାନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ଏସବୁ ଋଣୀଙ୍କ ମାମଲା ଜାତୀୟ କମ୍ପାନୀ ଆଇନ ପରିଷଦକୁ ଗତ ଜୁନ୍ ମାସରେ ବିଚାର ପାଇଁ ପଠାଇଛି। ଆହୁରି ୨୯ଟି ଏଭଳି ଋଣୀ କମ୍ପାନୀଙ୍କ ମାମଲା ପରିଷଦର ବିଚାର ପାଇଁ ପଠାଯିବାକୁ ଆପାତତଃ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ଯାହା ଜଣାଯାଉଛି ଯେ ବିଶାଳକାୟ ଋଣ କରିଥିବା କମ୍ପାନୀମାନେ ଯଦି ସେମାନଙ୍କର ଋଣ ସମୂଳେ ପରିଶୋଧ କରିବାକୁ ସକ୍ଷମ ନ’ହୁଅନ୍ତି ଏବାବଦରେ ବ୍ୟାଙ୍କ ସମୂହଙ୍କୁ ୬୦ଶତାଂଶ କ୍ଷତି ସହିବାକୁ ପଡ଼ିବ।

ଜୁଲାଇର କ୍ରିସିଲ ରିପୋର୍ଟ ଅନୁସାରେ ୫୦ଟି ଅତି ବୃହତ୍ ଋଣ ମାମଲାରେ ବ୍ୟାଙ୍କ ସମୂହଙ୍କୁ ୨୪,୦୦୦୦ କୋଟି ବା ୬୦ ଶତାଂଶ ଅର୍ଥ ହରାଇବାକୁ ପଡ଼ିବ। ବନ୍ଧକ, ଗ୍ୟାରେଣ୍ଟି ବାବଦରେ ଜମି, ଘର ଭଳି ଋଣୀମାନେ ଯାହା ବ୍ୟାଙ୍କକୁ ଜମା ଦେଇଛନ୍ତି ତାକୁ ବିକ୍ରୟ କରି ୪୦ଭାଗ ଋଣ ଅର୍ଥ ଆଦାୟ ହୋଇପାରିବ। ଧାତୁ ଉଦ୍ୟୋଗର କମ୍ପାନୀମାନେ ସର୍ବାଧିକ ଋଣ ଖିଲାପ କରିଛନ୍ତି। ଏହା ମୋଟ୍ ଅନାଦାୟ ଋଣର ୩୦ ଶତାଂଶ। ସେହିଭଳି ନିର୍ମାଣ ଉଦ୍ୟୋଗରେ



୨୫ ଶତାଂଶ ଓ ଶକ୍ତି ଉଦ୍ୟୋଗରେ ୧୫ ଶତାଂଶ ଋଣକାରୀ ଅର୍ଥ ପରିଶୋଧ କରିନାହାନ୍ତି। ମାର୍ଚ୍ଚ ୩୧ ସୁଦ୍ଧା ଏହି ସବୁ ଉଦ୍ୟୋଗ ମୋଟ୍ ଅନାଦାୟ ଋଣର ପ୍ରାୟ ଅର୍ଦ୍ଧେକ ପରିଶୋଧ କରିନାହାନ୍ତି।

ମୋଟାମୋଟି ଭାବେ ରେଟିଂ ସଂସ୍ଥାଙ୍କ ହିସାବ ଅନୁସାରେ ଅନାଦାୟ ଋଣ ବାବଦରେ ବ୍ୟାଙ୍କ ସମୂହ ୫୦ଟି ବଡ଼ ଋଣୀ କମ୍ପାନୀଙ୍କ କ୍ଷେତ୍ରରେ ୬୦ ଶତାଂଶ ବା ୨.୪ ଲକ୍ଷ କୋଟି ଟଙ୍କା ହରାଇବେ। ଏହି ୫୦ଟି କମ୍ପାନୀ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ଋଣ ନେଇଛନ୍ତି। ଅନାଦାୟ ଋଣକୁ ରେଟିଂ ସଂସ୍ଥାମାନେ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରିଛନ୍ତି ଏବଂ ସେଥିମଧ୍ୟରୁ କେଉଁ ଭାଗରୁ କେତେ ଋଣ ଟଙ୍କା ବ୍ୟାଙ୍କ ସମୂହ ହରାଇବେ ତାହାର ଏକ ତାଲିକା ମଧ୍ୟ ପ୍ରସ୍ତୁତ କରିଛନ୍ତି। ସେ ତାଲିକାଟି ନିମ୍ନରେ ପ୍ରଦାନ କରାଗଲା।

୧) ଡିପ୍ କାଟାଗୋରୀ (ଅତି ବଡ଼) - ୭୫ଶତାଂଶରୁ ଅଧିକ

୨) ଆଗ୍ରେସିଭ କାଟାଗୋରୀ (ଉଚ୍ଚ ମଧ୍ୟମ) - ୫୦ ରୁ ୭୫ ଶତାଂଶ

୩) ମଡରେଟ୍ କାଟାଗୋରୀ (ମଧ୍ୟମ) - ୨୫ ରୁ ୫୦ ଶତାଂଶ

୪) ମାରଜିନାଲ କାଟାଗୋରୀ (ନାମକୁମାତ୍ର) - ୨୫ ଶତାଂଶ

କ୍ଷେତ୍ରୱାରୀ ବିଚାର କଲେ ଦେଖାଯାଏ ଯେ ଊର୍ଜା କ୍ଷେତ୍ରକୁ ବ୍ୟାଙ୍କ ସମୂହ ଯେଉଁ ଋଣ ପ୍ରଦାନ କରିଛନ୍ତି ତାହା ଫେରିପାଇବାର ସମ୍ଭାବନା ଅତି ଦୁରୂହ ନୁହେଁ। ଏ କ୍ଷେତ୍ରରେ ବ୍ୟାଙ୍କ ସମୂହ ଅତି ବେଶୀରେ ମଧ୍ୟମ ପରିମାଣର ଅର୍ଥ ହରାଇ ପାରନ୍ତି। ତେବେ ଧାତୁ ଓ ନିର୍ମାଣ ଉଦ୍ୟୋଗରେ ଏହି ସମସ୍ୟାଟି ଉତ୍କଟ। ସେ କ୍ଷେତ୍ରରେ ବ୍ୟାଙ୍କ ସମୂହ ଅଧିକ ଅର୍ଥ ହରାଇପାରନ୍ତି। ଏସବୁ ସଂସ୍ଥାର ଋଣୀ କମ୍ପାନୀମାନଙ୍କ ବନ୍ଧକ ଥିବା କାରଖାନା, ଯନ୍ତ୍ରପାତି, କୋଠାବାଡ଼ି ଓ ସମ୍ପତ୍ତି ବିକ୍ରି କରି ବ୍ୟାଙ୍କସମୂହ ଯେଉଁ ଅର୍ଥ ପାଇବେ ତାହା ଦେଇଥିବା ଋଣ ଓ ସୁଧ ତୁଳନାରେ ଯଥେଷ୍ଟ କମ୍ ରହିବ। କ୍ରିସିଲ ରିପୋର୍ଟ ଅନୁସାରେ ଅନେକ କମ୍ପାନୀ ଇତିମଧ୍ୟରେ ରୁଗ୍ଣ ଓ ଦେବାଳିଆ ହୋଇଯାଇଛନ୍ତି। ସେମାନଙ୍କ ଉପରେ ଯେଉଁ ବ୍ୟାଙ୍କ ଋଣ ବୋଝ ରହିଛି ତାହାର ପରିଶୋଧ ଆଶା କ୍ଷୀଣ।

ଚିତ୍ର -୧ :
ବିଭିନ୍ନ କ୍ଷେତ୍ରକୁ ଦିଆଯାଇଥିବା ଋଣ




ଉତ୍ସ : ଆର୍ଥିକ ସ୍ଥିରତା ରିପୋର୍ଟ

ତେବେ ଯେଉଁସବୁ ସଂସ୍ଥା ବା କମ୍ପାନୀ ରଣ ବୋଝ ସତ୍ତ୍ୱେ ଉତ୍ପାଦନ ଜାରି ରଖିଛନ୍ତି ଓ ସଚଳ ଅବସ୍ଥାରେ ଅଛନ୍ତି ସେସବୁ ସଂସ୍ଥାଙ୍କଠାରୁ ରଣ ଆଦାୟ କରିବାକୁ ନୂଆ କୌଶଳ ଲୋଡ଼ା। ଏଥିପାଇଁ ଅପେକ୍ଷା କରିବାକୁ ପଡ଼ିବ। କ୍ରିସିଲ ରିପୋର୍ଟ କହୁଛି ଯେ ଦେଶର ଅର୍ଥନୀତିକ ସ୍ଥିତି ଯାହା ସେଥିରେ ସାମୟିକ ଅସୁବିଧାର ସମ୍ମୁଖୀନ ହୋଇଥିବା ରଣୀ ଶିଳ୍ପ ସଂସ୍ଥା ଓ ଉଦ୍ୟୋଗଗୁଡ଼ିକର ଗଳା ଚିପି ଅର୍ଥ ଆଦାୟ କରାଯିବା ଅନୁଚିତ। ଏହାଦ୍ୱାରା ସେମାନଙ୍କର ପୁନଃରୁତ୍ଥାନ ପ୍ରକ୍ରିୟା ବ୍ୟାହତ ହେବ ଓ ସେସବୁ ବନ୍ଦ ହୋଇଯାଇପାରେ। ଏସବୁ ସଂସ୍ଥାଙ୍କୁ ଅଧିକ ସମୟ ଦେଇ ବଞ୍ଚାଇ ରଖିବାକୁ ପଡ଼ିବ। ଯେଉଁ ବଡ଼ ବଡ଼ କମ୍ପାନୀ ବିପୁଳ ରଣ କରି ଏବେ ଅଚଳ ଏବଂ ସେସବୁର ପୁନଃ ଉତ୍‌ଥାନ ସମ୍ଭାବନା କ୍ଷୀଣ, ସେସବୁକୁ ସମୟ ନ'ଦେଇ ତାହାକୁ ନିଲାମ କିମ୍ବା ସମ୍ପତ୍ତି ବାଜ୍ୟାପ୍ତ କରାଯିବା ଆବଶ୍ୟକ।

କ୍ରିସିଲ ରିପୋର୍ଟ ଅନୁସାରେ ଅନେକ କମ୍ପାନୀ ଇତିମଧ୍ୟରେ ରଗ୍‌ଣ ଓ ଦେବାଳିଆ ହୋଇଯାଇଛନ୍ତି। ସେମାନଙ୍କ ଉପରେ ଯେଉଁ ବ୍ୟାଙ୍କ ରଣ ବୋଝ ରହିଛି ତାହାର ପରିଶୋଧ ଆଶା କ୍ଷୀଣ। ତେବେ ଯେଉଁସବୁ ସଂସ୍ଥା ବା କମ୍ପାନୀ ରଣ ବୋଝ ସତ୍ତ୍ୱେ ଉତ୍ପାଦନ ଜାରି ରଖିଛନ୍ତି ଓ ସଚଳ ଅବସ୍ଥାରେ ଅଛନ୍ତି ସେସବୁ ସଂସ୍ଥାଙ୍କଠାରୁ ରଣ ଆଦାୟ କରିବାକୁ ନୂଆ କୌଶଳ ଲୋଡ଼ା। ଏଥିପାଇଁ ଅପେକ୍ଷା କରିବାକୁ ପଡ଼ିବ। କ୍ରିସିଲ ରିପୋର୍ଟ କହୁଛି ଯେ ଦେଶର ଅର୍ଥନୀତିକ ସ୍ଥିତି ଯାହା ସେଥିରେ ସାମୟିକ ଅସୁବିଧାର ସମ୍ମୁଖୀନ ହୋଇଥିବା ରଣୀ ଶିଳ୍ପ ସଂସ୍ଥା ଓ ଉଦ୍ୟୋଗଗୁଡ଼ିକର ଗଳା ଚିପି ଅର୍ଥ ଆଦାୟ କରାଯିବା ଅନୁଚିତ। ଏହାଦ୍ୱାରା ସେମାନଙ୍କର ପୁନଃରୁତ୍ଥାନ ପ୍ରକ୍ରିୟା ବ୍ୟାହତ ହେବ ଓ ସେସବୁ ବନ୍ଦ ହୋଇଯାଇପାରେ। ଏସବୁ ସଂସ୍ଥାଙ୍କୁ ଅଧିକ ସମୟ ଦେଇ ବଞ୍ଚାଇ ରଖିବାକୁ ପଡ଼ିବ।

ଦେବାଳିଆ ଆଇନର ଉପଯୋଗ କରିବା ପୂର୍ବରୁ ରଣ ନେଇଥିବା ସଂସ୍ଥାର ସ୍ଥିତି ପ୍ରଥମେ ଭଲଭାବେ ପରଖିବା ଉଚିତ। କିଛି ଆର୍ଥିକ ସହାୟତା ଓ ନିବେଶଦ୍ୱାରା ସଂସ୍ଥାର ସ୍ଥିତିରେ ଯଦି ଉନ୍ନତି ଆସିପାରିବ ସେସବୁକୁ ଦେବାଳିଆ ଘୋଷଣା କରାଯିବା ଅନୁଚିତ। ଯେଉଁଗୁଡ଼ିକ ଆଉ ପୁନଃ-ଉତ୍‌ଥାନ ଯୋଗ୍ୟ ନୁହେଁ ସେ କ୍ଷେତ୍ରରେ ତାହାକୁ ନିଲାମ ବା ବିକ୍ରି କରିଦିଆଯିବା ଉଚିତ। ଯେତେ ଯାହା କଲେ ବି ଅନାଦାୟ ସମସ୍ତ ରଣ ବ୍ୟାଙ୍କ ବ୍ୟବସ୍ଥାକୁ ଫେରିବାର ସମ୍ଭାବନା ନାହିଁ। ଯାହା ଆସିବ ତାହା ଅତିବେଶୀରେ ୪୦ ଶତାଂଶ ମଧ୍ୟରେ। ତେଣୁ ବ୍ୟାଙ୍କ ସମୂହ ଯେଉଁ ବଣ୍ଡ୍ ପାଇବେ ତାହାକୁ କିପରି ପୁଁଜି ଲଗାଣରେ ଉପଯୋଗ କରିବେ ତାହା କହିବା ସହଜ ନୁହେଁ।

ସରକାର ଯେଉଁ ବଣ୍ଡ୍ ବ୍ୟବସ୍ଥା କରିଛନ୍ତି ତାହାର ମୋଟ୍ ବାର୍ଷିକ ସୁଧ ଆଠ ରୁ ନ' ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ହେବ। ଏହା ଅର୍ଥନୀତି ଉପରେ କୁପ୍ରଭାବ ପକାଇପାରେ। ସରକାରଙ୍କ ଆର୍ଥିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ କହନ୍ତି ଯେ ବଣ୍ଡ ଜାରି ହେଲେ ଏହା ମୁଦ୍ରାସ୍ଫୀତି ବଢ଼ାଇବ ନାହିଁ। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ନୀତି ଅନୁସାରେ ଏହି ବଣ୍ଡ୍ ଜାରି ହେଉଥିବାରୁ ଅର୍ଥନୀତି ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ବଣ୍ଡ୍ ଜାରି ପ୍ରସଙ୍ଗରେ ସରକାର ଅନ୍ୟାନ୍ୟ ସଂପୃକ୍ତ କ୍ଷେତ୍ରର ଗତିବିଧିକୁ ଅନୁକୂଳ କରିବାକୁ ଗୁରୁତ୍ୱ ଦେଉଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ବ୍ୟାଙ୍କ

ଚିତ୍ର -୨ :

% ରଣ ଅଭିବୃଦ୍ଧି ବନାମ ଜିଏନ୍‌ପିଏ %

| | ଜିଏନ୍‌ପିଏ ଅନୁପାତ | ରଣ ଅଭିବୃଦ୍ଧି |
|---|---|---|
| 2001-02 | 11 | 23.6 |
| 2002-03 | 9.5 | 14.4 |
| 2003-04 | 7.4 | 16.2 |
| 2004-05 | 5.2 | 31 |
| 2005-06 | 3.5 | 31 |
| 2006-07 | 2.6 | 28.5 |
| 2007-08 | 2.4 | 23.1 |
| 2008-09 | 2.4 | 19.6 |
| 2009-10 | 2.5 | 17.1 |
| 2010-11 | 2.4 | 22.3 |
| 2011-12 | 2.9 | 16.9 |
| 2012-13 | 3.4 | 15.1 |
| 2013-14 | 3.8 | 10.9 |
| 2014-15 | 4.3 | 12.6 |
| 2015-16 | 7.6 | 10.7 |
| 2016-17 | 9.3 | 5.08 |

ସରକାରଙ୍କ ଆର୍ଥିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ କହନ୍ତି ଯେ ବଣ୍ଡ ଜାରି ହେଲେ ଏହା ମୁଦ୍ରାସ୍ଫୀତି ବଢ଼ାଇବ ନାହିଁ। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ନୀତି ଅନୁସାରେ ଏହି ବଣ୍ଡ୍ ଜାରି ହେଉଥିବାରୁ ଅର୍ଥନୀତି ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ବଣ୍ଡ୍ ଜାରି ପ୍ରସଙ୍ଗରେ ସରକାର ଅନ୍ୟାନ୍ୟ ସଂପୃକ୍ତ କ୍ଷେତ୍ରର ଗତିବିଧିକୁ ଅନୁକୂଳ କରିବାକୁ ଗୁରୁତ୍ୱ ଦେଉଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ବ୍ୟାଙ୍କ କ୍ଷେତ୍ରରେ ଅନେକ ସଂସ୍କାରମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ସାମଗ୍ରିକ ସ୍ଥିତି ଘେନି ନଭେମ୍ବର ୧୨ରେ ଗୁରୁଗ୍ରାମରେ ଏକ ମନ୍ଥନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ୟାଙ୍କ ଓ ଅର୍ଥ ବ୍ୟାପାର ସଚିବ ରାଜୀବ କୁମାର କହିଥିଲେ ଯେ ପୁଂଜି ଭିତ୍ତିଭୂମିର ସଂପ୍ରସାରଣ ସହିତ ଉତ୍ତରଦାୟିତ୍ୱ ସଂପୃକ୍ତ। ବ୍ୟାଙ୍କ ସମୂହ କ'ଣ ଚାହୁଁଛନ୍ତି ଏବଂ ସେମାନେ ନିଜ କାର୍ଯ୍ୟକ୍ରମ ଓ ଯୋଜନାକୁ କେଉଁ ମାର୍ଗରେ ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି ତାହାର ସ୍ପଷ୍ଟ ରୂପରେଖ ଉପସ୍ଥାପନ କରିବାକୁ ପଡ଼ିବ।

କ୍ଷେତ୍ରରେ ଅନେକ ସଂସ୍କାରମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ସାମଗ୍ରିକ ସ୍ଥିତି ଘେନି ନଭେମ୍ବର ୧୨ରେ ଗୁରୁଗ୍ରାମରେ ଏକ ମନ୍ଥନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ୟାଙ୍କ ଓ ଅର୍ଥ ବ୍ୟାପାର ସଚିବ ରାଜୀବ କୁମାର କହିଥିଲେ ଯେ ପୁଂଜି ଭିତ୍ତିଭୂମିର ସଂପ୍ରସାରଣ ସହିତ ଉତ୍ତରଦାୟିତ୍ୱ ସଂପୃକ୍ତ। ବ୍ୟାଙ୍କ ସମୂହ କ'ଣ ଚାହୁଁଛନ୍ତି ଏବଂ ସେମାନେ ନିଜ କାର୍ଯ୍ୟକ୍ରମ ଓ ଯୋଜନାକୁ କେଉଁ ମାର୍ଗରେ ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି ତାହାର ସ୍ପଷ୍ଟ ରୂପରେଖ ଉପସ୍ଥାପନ କରିବାକୁ ପଡ଼ିବ। ସେମାନଙ୍କର ଯୋଜନା ଓ କାର୍ଯ୍ୟକ୍ରମର ରୂପରେଖ, ବାସ୍ତବତା ଓ ନିରାପତ୍ତାକୁ ଦେଖି ଅର୍ଥ ଯୋଗାଇଦିଆଯିବ। ସରକାର ସବୁ ବ୍ୟାଙ୍କକୁ ବିନା ସର୍ତ୍ତ ବା ଯୋଜନାରେ ଅର୍ଥ ଦେବେ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ତାଙ୍କ କଥାର ସାରାଂଶ ହେଲା ସରକାରୀ ଆର୍ଥିକ ସହାୟତା ପାଇବା ବ୍ୟାଙ୍କ ସମୂହଙ୍କ ପାଇଁ ସହଜ ଏବଂ ସୁଗମ ନୁହେଁ। ସେମାନଙ୍କୁ ଏହି ସରକାରୀ ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ହେବାକୁ ପଡ଼ିବ। ତେଣୁ ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ଏଥିସହ ବ୍ୟାଙ୍କ ସଂସ୍କାର ବ୍ୟବସ୍ଥାକୁ ଉତ୍ତମ ଭାବେ କାର୍ଯ୍ୟକାରୀ କରିବାକୁ ହେବ। ବ୍ୟାଙ୍କ ବୋର୍ଡକୁ ଆର୍ଥିକ ସ୍ଥିତି ଦୃଢ଼ କରିବା ନିମନ୍ତେ ସ୍ପଷ୍ଟ ଏବଂ ଅଭିନବ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ।

ଶ୍ରୀ କୁମାରଙ୍କ କହିବା ଅନୁସାରେ ବ୍ୟାଙ୍କ ସମୂହ ନିଜର କାର୍ଯ୍ୟକ୍ରମ ଓ ଯୋଜନାକୁ ଯେତେ ବଳିଷ୍ଠ ଓ ଉପଯୋଗୀ କରିବେ ସରକାରୀ ପୁଂଜି ପାଇବା ସେତେ ସହଜସାଧ୍ୟ ହେବ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବ୍ୟାଙ୍କ ସମୂହଙ୍କୁ ସରକାର ଅର୍ଥ ଯୋଗାଇଦେବେ ବୋଲି ଆଶା କରାଯାଉଛି।

ଇତିମଧ୍ୟରେ ଭାରତର ଉଦ୍ୟୋଗ ଜଗତ ବ୍ୟାଙ୍କ ପୁନଃପୁଂଜିକରଣ ନିଷ୍ପତ୍ତିକୁ ସ୍ୱାଗତ କରିଛି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ସହିତ ପ୍ରାକ୍ ବଜେଟ ଆଲୋଚନା ଅବସରରେ ଭାରତୀୟ ଶିଳ୍ପ ମହାସଂଘ ବ୍ୟାଙ୍କ ଉଦ୍ୟୋଗର ସଂସ୍କାର ପାଇଁ କେତେକ ପ୍ରସ୍ତାବ ପ୍ରଦାନ କରିଛି। ମହାସଂଘ ଆହୁରି ମଧ୍ୟ ମତ ଦେଇଛି ଯେ ରିକ୍ୟାପିଟାଲାଇଜେସନ ବଣ୍ଡଗୁଡ଼ିକୁ ବିକ୍ରୟ କରିବାକୁ ବ୍ୟାଙ୍କ ସମୂହଙ୍କୁ ଅନୁମତି ମିଳିବା ଆବଶ୍ୟକ। ଏହା ହେଲେ ଏହି ବଣ୍ଡକୁ ବିଭିନ୍ନ ସଂସ୍ଥା, ନିବେଶକ, ଏପରିକି ସର୍ବସାଧାରଣ ମଧ୍ୟ କ୍ରୟ କରିପାରିବେ।

ସାମ୍ବାଦିକ

ଭିନ୍ନ କଥା

# ଭାରତମାଳା ପରିଯୋଜନା: ରାଜପଥ ବିକାଶର ନୂଆ ପରିସର

■ ଯୁଦ୍ଧବୀର ସିଂହ ମଲିକ

**ସ୍ଥୁଳ ଅବଲୋକନ:**

ଭାରତମାଳା ପରିଯୋଜନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ ୨୦୧୭ ଅକ୍ଟୋବର ୨୪ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ଭାରତମାଳା କାର୍ଯ୍ୟକ୍ରମ ଦେଶରେ ରାଜପଥ ବିକାଶ ସଂକ୍ରାନ୍ତ ଏକ ପୂର୍ଣ୍ଣାଙ୍ଗ ତଥା ବ୍ୟାପକ ଯୋଜନା। ଦେଶର ବିକାଶରେ ରାଜପଥ ଓ ସଡ଼କ ଯୋଗାଯୋଗର ଭୂମିକା ଅଧିକ। ଅତଏବ ସଡ଼କ ପରିବହନ କ୍ଷେତ୍ରରେ ଭାରତରେ ଯେଉଁ ଅଭାବ ଅସୁବିଧା ରହିଛି ତାହାକୁ ଦୂର କରିବା ଭାରତମାଳା କାର୍ଯ୍ୟକ୍ରମର ଅଂଶ ବିଶେଷ। ସଡ଼କ ଓ ରାଜପଥ ବିକାଶ ଦେଶର ଅତି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ। ରାଜପଥ ବିକାଶ କ୍ଷେତ୍ରରେ ଭାରତମାଳା ଏକ ନୂଆ ଯୁଗର ଅୟମାରମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜାତୀୟ ରାଜପଥ ବିକାଶ ପ୍ରକଳ୍ପ (ଏନ୍ଏଚ୍‌ଡିପି) ସଡ଼କ ଯୋଗାଯୋଗ କ୍ଷେତ୍ରରେ ପ୍ରଥମ ଏନଡିଏ ସରକାରଙ୍କ ସର୍ବପ୍ରଥମ ଧ୍ୱଜାଧାରୀ ପ୍ରକଳ୍ପ। ଏହା ୧୯୯୮ ମସିହାରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମର ଅଭିଜ୍ଞତାକୁ ପାଥେୟ କରି ଭାରତମାଳା ପରିଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଭାରତମାଳାରେ ରାଜପଥ ନିର୍ମାଣ, ବିକାଶ, ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ଆଦି ବିଭିନ୍ନ ଦିଗ ଅଗ୍ରାଧିକାର ପାଇଛି। ସମଗ୍ର ଦେଶରେ ରାଜପଥ ନିର୍ମାଣ ଓ ସଡ଼କ ସହ ସଡ଼କ ସଂଯୋଗ କରି ନୂଆ କରିଡର (ପଥ) ନିର୍ମାଣ ଭାରତମାଳା ଯୋଜନାର ଅଂଶବିଶେଷ। ସମଗ୍ର ଦେଶରେ ବାଧାହୀନ ସଡ଼କ ପରିବହନ ବ୍ୟବସ୍ଥା ତଥା ଯାତ୍ରୀ ଓ ପଣ୍ୟ ସେବା ପାଇଁ ସ୍ୱତନ୍ତ୍ର ଭିତ୍ତିଭୂମି ତିଆରି କରିବା ଭାରତମାଳାର ଲକ୍ଷ୍ୟ।

**ଡିଜାଇନ ଆଭିମୁଖ୍ୟ:**

ଦେଶର ବ୍ୟସ୍ତବହୁଳ ରାଜପଥ ଓ ସେଗୁଡ଼ିକର ଗହଳି ଅଞ୍ଚଳଗୁଡ଼ିକୁ ପ୍ରଥମେ ସର୍ଭେ କରାଯାଇ ଠାବ କରାଯିବା ପରେ ବିକଳ୍ପ ସଡ଼କ ଓ ରାଜପଥ ପରିକଳ୍ପନା କରାଯାଇଛି। ଗୋଟିଏ ରାଜପଥକୁ ଆଉ ଗୋଟିଏ ରାଜପଥ ସହିତ ସଂଯୋଗ କରିବା, ଭିଡ଼ସ୍ଥାନ ବା ଅଞ୍ଚଳରେ ଗଳାପୋଲ, ବାଇପାସ, ଓଭରହେଡ୍ ସେତୁ ନିର୍ମାଣ, ଆରମ୍ଭ ଓ ଲକ୍ଷ୍ୟ ସ୍ଥଳ ମଧ୍ୟରେ ବିକଳ୍ପ ସଡ଼କ ନିର୍ମାଣ, ରାଜପଥକୁ ଏକାଧିକ ଲେନ୍ ବିଶିଷ୍ଟ କରିବା, ନୂଆ ନୂଆ ସହର ଓ ଶିଳ୍ପାଞ୍ଚଳକୁ ରାଜପଥ ସଂଯୋଗ ଯୋଗାଇଦେବା ଆଦି କାର୍ଯ୍ୟକ୍ରମ ଏହାର ଅନ୍ତର୍ଭୁକ୍ତ। ଦେଶର ଶିଳ୍ପାଞ୍ଚଳ ଓ ବାଣିଜ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ

> ଦେଶର ପ୍ରମୁଖ ଆର୍ଥିକ କରିଡରଗୁଡ଼ିକୁ ଏକ ପ୍ରକାରର କରି ଏ କ୍ଷେତ୍ରରେ ସମତା ଆଣିବାକୁ ନିଷ୍ପତ୍ତି ନିଆଯାଇଛି। ମୁମ୍ବଇ-କଲକାତା ଜାତୀୟ ରାଜପଥ ଯାହା ଏକ ପ୍ରମୁଖ ଆର୍ଥିକ କରିଡରର ମାନ୍ୟତା ଲାଭ କରିଛି ଏହା ସବୁଠି ଚାରି ଲେନ୍ ବିଶିଷ୍ଟ ନୁହେଁ। ଓଡ଼ିଶାରେ ଥିବା ଏହି ପଥର ବେଶ୍ ଏକ ବଡ଼ ଭାଗ ଦୁଇ ଲେନ୍ ବିଶିଷ୍ଟ ହୋଇଥିବାରୁ ଅବାଧ ପରିବହନ ବ୍ୟାହତ ହେଉଛି। ତେଣୁ ପ୍ରମୁଖ ଆର୍ଥିକ କରିଡର ଓ ପ୍ରମୁଖ ରାଜମାର୍ଗଗୁଡ଼ିକୁ ଚାରିଲେନ୍ ବିଶିଷ୍ଟ କରାଯିବା ସହିତ ଏହାକୁ ସଂଯୋଗ କରୁଥିବା ଅନ୍ୟାନ୍ୟ ରାଜମାର୍ଗଗୁଡ଼ିକର ବିକାଶ ସାଧନ ମଧ୍ୟ କରାଯାଉଛି। ସେହିଭଳି ଅର୍ଥନୈତିକ କରିଡର ନିର୍ମାଣରେ ବିଳମ୍ବକୁ ଯଥାସାଧ୍ୟ ଏଡ଼ାଇବାକୁ ଚେଷ୍ଟା କରାଯାଉଛି; କାରଣ ବିଳମ୍ବ ପ୍ରକଳ୍ପ ନିର୍ମାଣ ଖର୍ଚ୍ଚ ବଢ଼ାଇଥାଏ।

ମଧ୍ୟରେ ବାଧା ରହିତ ଯୋଗାଯୋଗକୁ ସୁଗମ କରିବା ପାଇଁ ଆର୍ଥିକ କରିଡର (ରାଜପଥ) ନିର୍ମାଣ ମଧ୍ୟ ଭାରତମାଳାର ଅଂଶବିଶେଷ। ଏହାଦ୍ୱାରା ଦେଶର ଆର୍ଥିକ ବିକାଶ ପ୍ରକ୍ରିୟା ଅବଶ୍ୟ ତ୍ୱରାନ୍ୱିତ ହେବ।

ଦେଶର ପ୍ରମୁଖ ଆର୍ଥିକ କରିଡରଗୁଡ଼ିକୁ ଏକ ପ୍ରକାରର କରି ଏ କ୍ଷେତ୍ରରେ ସମତା ଆଣିବାକୁ ନିଷ୍ପତ୍ତି ନିଆଯାଇଛି। ମୁମ୍ବଇ-କଲକାତା ଜାତୀୟ ରାଜପଥ ଯାହା ଏକ ପ୍ରମୁଖ ଆର୍ଥିକ କରିଡରର ମାନ୍ୟତା ଲାଭ କରିଛି ଏହା ସବୁଠି ଚାରି ଲେନ୍ ବିଶିଷ୍ଟ ନୁହେଁ। ଓଡ଼ିଶାରେ ଥିବା ଏହି ପଥର ବେଶ୍ ଏକ ବଡ଼ ଭାଗ ଦୁଇ ଲେନ୍ ବିଶିଷ୍ଟ ହୋଇଥିବାରୁ ଅବାଧ ପରିବହନ ବ୍ୟାହତ ହେଉଛି। ତେଣୁ ପ୍ରମୁଖ ଆର୍ଥିକ କରିଡର ଓ ପ୍ରମୁଖ ରାଜମାର୍ଗଗୁଡ଼ିକୁ ଚାରିଲେନ୍ ବିଶିଷ୍ଟ କରାଯିବା ସହିତ ଏହାକୁ ସଂଯୋଗ କରୁଥିବା ଅନ୍ୟାନ୍ୟ ରାଜମାର୍ଗଗୁଡ଼ିକର ବିକାଶ ସାଧନ ମଧ୍ୟ କରାଯାଉଛି। ସେହିଭଳି ଅର୍ଥନୈତିକ କରିଡର ନିର୍ମାଣରେ ବିଳମ୍ବକୁ ଯଥାସାଧ ଏଡ଼ାଇବାକୁ ଚେଷ୍ଟା କରାଯାଉଛି; କାରଣ ବିଳମ୍ବ ପ୍ରକଳ୍ପ ନିର୍ମାଣ ଖର୍ଚ୍ଚ ବଢ଼ାଇଥାଏ।

**ଏବେ ଦେଶର ୬ଟି ଜାତୀୟ କରିଡରରେ ପ୍ରତି ପନ୍ଦର ମିନିଟରେ ହାରାହାରି ୩୦ ହଜାରରୁ ଅଧିକ ଚାରି ଚକିଆ ବା ତଦୂର୍ଦ୍ଧ ଯାନ ଚଳାଚଳ କରୁଛି। ପିସିୟୁ- (ପାସେଞ୍ଜର କାର ୟୁନିଟ) ଚଳାଚଳ ହିସାବରେ ଏହା ଆକଳନ କରାଯାଇଛି। ତେଣୁ ଏସବୁ କରିଡରକୁ ଚାରିରୁ ଛ କିମ୍ବା ଆଠ ଲେନ୍ ବିଶିଷ୍ଟ କରିବାର ଆବଶ୍ୟକତା ରହିଛି। ଗାଡ଼ି ତୁଳନାରେ ରାସ୍ତା ଅପ୍ରସସ୍ତ ଥିବାରୁ ଅଧିକାଂଶ ସ୍ଥାନରେ ଜାମ୍ ହୋଇ ପରିବହନ ବ୍ୟବସ୍ଥା ଗୁରୁତର ଭାବେ ବ୍ୟାହତ ହେଉଛି। ଏହା ସହିତ ସହର ଓ ଛକ ସ୍ଥାନରେ ଏଲିଭେଟେଡ୍ କରିଡର, ରିଙ୍ଗରୋଡ୍ ଏବଂ ବାଇପାସ୍ ନିର୍ମାଣର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡ଼ିଛି।**

ଦେଶରେ ଯେଉଁ ଜାତୀୟ ରାଜପଥ ବିକାଶ କାର୍ଯ୍ୟ ଚାଲିଛି ସେଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ, ଗୋଲେଇ, ଜନଗହଳିପୂର୍ଣ୍ଣ ସ୍ଥାନକୁ ଚିହ୍ନଟ କରାଯାଇ ବିକଳ୍ପ ପଥ, ଗଳା ପୋଲ, ଏକାଧିକ ଲେନ୍ ଓ ବାଇପାସ୍ ନିର୍ମାଣ କରାଯାଉଛି। ତା'ଛଡ଼ା ଫିଡର ରୋଡ୍ ଓ ସଂଯୋଗ ପଥଗୁଡ଼ିକୁ ନୂଆ କୌଶଳ ଓ ଶୈଳୀରେ ତିଆରି କରାଯାଇ ଗାଡ଼ି ଭିଡ଼କୁ ଦୂର କରାଯାଉଛି। ଦେଶର ରପ୍ତାନୀ-ଆମଦାନୀ ବୃଦ୍ଧି କ୍ଷେତ୍ରରେ ବନ୍ଦର ଓ ସୀମାନ୍ତ ଅଞ୍ଚଳର ସଡ଼କ ପଥର ବିକାଶ ଅପରିହାର୍ଯ୍ୟ, ତେଣୁ ଦେଶର ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ଅଞ୍ଚଳରେ ସଡ଼କପଥର ବିକାଶ ସହିତ (ବଡ଼ର ରୋଡ୍) ଉପକୂଳ ଅଞ୍ଚଳରେ ସାଗରମାଳା ଯୋଜନାରେ ସଡ଼କ ଓ ରାଜମାର୍ଗ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ନେପାଳ, ବାଂଲାଦେଶ ଓ ଭୁଟାନ ସୀମାରେ ସୀମାନ୍ତ ସଡ଼କ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଜାହାଜ ଚଳାଚଳ ମନ୍ତ୍ରଣାଳୟ ଜରିଆରେ ଦେଶର ପ୍ରମୁଖ ବନ୍ଦରଗୁଡ଼ିକୁ ସାଗରମାଳା ଯୋଜନାରେ ସଡ଼କପଥରେ ସଂଯୁକ୍ତ କରାଯାଉଛି।





ସରକାର ଏବେ ପ୍ରକଳ୍ପଭିତ୍ତିକ ରାଜପଥ ବିକାଶ ପରିବର୍ତ୍ତେ କରିଡର (ମାର୍ଗ) ଭିତ୍ତିକ ରାଜପଥ / ସଡ଼କ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହା ଫଳରେ ନୂଆ ନୂଆ ଅଞ୍ଚଳକୁ ସଡ଼କ ସଂଯୋଗ ସଂପ୍ରସାରିତ ହେଉଛି।

**ଭାରତମାଳାର ଛ'ଟି ପ୍ରମୁଖ ଅଂଶ:**

ଆର୍ଥିକ କରିଡର, ଆନ୍ତଃ କରିଡର ଓ ଫିଡର ରୋଡ୍, ଜାତୀୟ କରିଡରର ଦକ୍ଷତା ବୃଦ୍ଧି, ସୀମାନ୍ତ ଓ ଆନ୍ତର୍ଜାତିକ ସଂଯୋଗକାରୀ ପଥ, ଉପକୂଳ ଓ ବନ୍ଦର ସଂଯୋଗ ପଥ ଓ ନୂତନ ରାଜପଥ ଆଦି ଭାରତମାଳାର ଛ'ଟି ପ୍ରମୁଖ ବିଭାଗ। ଆର୍ଥିକ କରିଡର ଭାବେ ଚିହ୍ନଟ ରାଜପଥଗୁଡ଼ିକରେ ଆଗାମୀ ଦିନରେ ୨୫ଭାଗ ମାଲ୍ ପରିବହନ ହେବ ବୋଲି ଆଶା କରାଯାଉଛି। ଏହାର ନିର୍ମାଣ ଶେଷ ହେଲେ ଆର୍ଥିକ କରିଡର, ଜାତୀୟ ରାଜପଥ, ଆନ୍ତଃକରିଡର ଓ ଫିଡର ରୁଟ୍ ଦ୍ୱାରା ଦେଶର ୮୦ ଶତାଂଶ ମାଲ୍ ପରିବହନ ହୋଇପାରିବ। ସମଗ୍ର ଦେଶରେ ୨୬୨୦୦ କିମି ରାଜମାର୍ଗ ଆର୍ଥିକ କରିଡରରେ ପରିଣତ ହେବାକୁ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୦୦୦ କିଲୋମିଟରକୁ ଅନ୍ତର୍ଭୁକ୍ତ କରାଯାଇଛି।

ଇଣ୍ଟରକରିଡର ଓ ଫିଡର ରୋଡ୍ ପାଇଁ ଯଥାକ୍ରମେ ୮୦୦୦ ଓ ୭୫୦୦ କିମି ପଥ ଚିହ୍ନଟ ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ସେଥିରୁ ୬୦୦୦ କିମିକୁ ଅନ୍ତର୍ଭୁକ୍ତ କରାଯାଇଛି।

ଜାତୀୟ କରିଡର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ସୁବର୍ଣ୍ଣ ଚତୁର୍ଭୁଜ ସହିତ ଉତ୍ତର-ଦକ୍ଷିଣ ଓ ପୂର୍ବ-ପଶ୍ଚିମ ରାଜମାର୍ଗ ଅନ୍ତର୍ଭୁକ୍ତ ହୋଇଛି। ଏହି ରାଜମାର୍ଗ ଦ୍ୱାରା ଏବେ ଦେଶର ୩୫ଶତାଂଶ ମାଲ୍ ପରିବହନ ହେଉଛି। ଏସବୁ ରାଜମାର୍ଗକୁ ଜାତୀୟ କରିଡର ଭାବେ ଘୋଷଣା କରିବାର ଯୋଜନା ରହିଛି। ଏବେ ଦେଶର ୬ଟି ଜାତୀୟ କରିଡରରେ ପ୍ରତି ପନ୍ଦର ମିନିଟରେ ହାରାହାରି ୩୦ ହଜାରରୁ ଅଧିକ ଚାରି ଚକିଆ ବା ତଦୂର୍ଦ୍ଧ ଯାନ ଚଳାଚଳ କରୁଛି। ପିସିୟୁ- (ପାସେଞ୍ଜର କାର ୟୁନିଟ) ଚଳାଚଳ ହିସାବରେ ଏହା ଆକଳନ କରାଯାଇଛି। ତେଣୁ ଏସବୁ କରିଡରକୁ ଚାରିରୁ ଛ କିମ୍ବା ଆଠ ଲେନ୍ ବିଶିଷ୍ଟ କରିବାର ଆବଶ୍ୟକତା ରହିଛି। ଗାଡ଼ି ତୁଳନାରେ ରାସ୍ତା ଅପ୍ରସସ୍ତ ଥିବାରୁ ଅଧିକାଂଶ ସ୍ଥାନରେ ଜାମ୍ ହୋଇ ପରିବହନ ବ୍ୟବସ୍ଥା ଗୁରୁତର ଭାବେ ବ୍ୟାହତ ହେଉଛି। ଏହା ସହିତ ସହର ଓ ଛକ ସ୍ଥାନରେ ଏଲିଭେଟେଡ୍ କରିଡର, ରିଙ୍ଗରୋଡ୍ ଏବଂ ବାଇପାସ୍ ନିର୍ମାଣର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡ଼ିଛି।

ଏହାଛଡ଼ା ଜାତୀୟ କରିଡରର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ମାଲପତ୍ର ଟ୍ରକ୍‌ରେ ଚଢ଼ା ଉତରା ପାଇଁ ସ୍ୱତନ୍ତ୍ର ଯାଗାର ବ୍ୟବସ୍ଥା କରାଯିବାକୁ ଚିନ୍ତା କରାଯାଇଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦୦୦ କିମି ଦୈର୍ଘ୍ୟ ବିଶିଷ୍ଟ ରାସ୍ତାର ବିଭିନ୍ନ ସ୍ଥାନକୁ ଚିହ୍ନଟ କରାଯାଇଛି।

ସୀମାନ୍ତ ରାଜପଥର ନିର୍ମାଣ ଓ ବିକାଶ ପାଇଁ ଆନ୍ତର୍ଜାତିକ ସୀମାରେଖା ନିକଟରେ ୩୩୦୦ କିମି ପଥ ଚିହ୍ନଟ ହୋଇଛି। ଏହା କେବଳ ସୀମାର କେତେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ନିର୍ମିତ ହେବ ଯାହା ଭାରତ ସହ ଅନ୍ୟ ଦେଶକୁ ସଡ଼କ ସମ୍ପର୍କ ସ୍ଥାପନ କରିବ। ସୀମାର ଆନ୍ତର୍ଜାତିକ ବାଣିଜ୍ୟ ପେଣ୍ଠ ସହିତ ଭାରତୀୟ ଜାତୀୟ ରାଜମାର୍ଗଗୁଡ଼ିକୁ ସଂଯୁକ୍ତ କରିବାକୁ ୨୦୦୦ କିଲୋମିଟର ରାସ୍ତା ତିଆରି କରିବାକୁ ପଡ଼ିବ। ଏହା ଫଳରେ ଭୁଟାନ, ନେପାଳ, ବାଂଲାଦେଶ ଓ ମ୍ୟାଁମାର ସହ ସ୍ଥଳପଥରେ ବାଣିଜ୍ୟ କାରବାର ସୁଗମ ହେବ। ପ୍ରଥମ ପର୍ଯ୍ୟାୟରେ ୨୦୦୦ କିମି ରାଜପଥ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି।

ଉପକୂଳ ଓ ବନ୍ଦର ସଂଯୋଗ ବ୍ୟବସ୍ଥାରେ ପ୍ରାୟ ୨୧୦୦କିମି ରାଜପଥ ଦେଶର ତଟବର୍ତ୍ତୀ ଅଞ୍ଚଳରେ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ନକ୍ସା ପ୍ରସ୍ତୁତି ସହିତ ସ୍ଥାନ ଚିହ୍ନଟ ହୋଇଛି। ଏହି ରାଜପଥ ନିର୍ମିତ ହେଲେ ତଟବର୍ତ୍ତୀ ଅଞ୍ଚଳରେ ଶିଳ୍ପ

ବିକାଶ ସହିତ ପର୍ଯ୍ୟଟନ ଶିଳ୍ପ ମଧ୍ୟ ଲାଭବାନ ହେବ। ବନ୍ଦର ସଂଯୋଗ ପାଇଁ ୨୦୦୦କିମି ସଡ଼କ ନିର୍ମାଣ ପଥ ଚିହ୍ନଟ ହୋଇଛି। ଏହି ପଥ ଦେଶର ପ୍ରମୁଖ ବନ୍ଦର ସହ କ୍ଷୁଦ୍ର ଓ ମଧ୍ୟମ ବନ୍ଦରଗୁଡ଼ିକୁ ମଧ୍ୟ ସଂଯୋଗ କରିବ। ଜାହାଜ ଚଳାଚଳ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସାଗରମାଳା କାର୍ଯ୍ୟ ସହ ଏହାକୁ ମିଶାଇ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୦୦୦ କିମି ରାଜପଥ ନିର୍ମାଣ କରାଯିବାର ପରିକଳ୍ପନା ରହିଛି।

ଜାତୀୟ କରିଡରର ଭିଡ଼ ହ୍ରାସ ପାଇଁ କେତେକ ସମ୍ପୂର୍ଣ୍ଣ ନୂଆ ରାଜପଥ ନିର୍ମାଣର ପରିକଳ୍ପନା କରାଯାଇଛି। ସେଥିପାଇଁ ୧୯୦୦୦କିମି ରାସ୍ତା ନୂଆ କରି ତିଆରି କରାଯିବ। କେଉଁ ଅଞ୍ଚଳରୁ କେଉଁ ଅଞ୍ଚଳକୁ ଏହି ନୂଆ ରାଜପଥ ସଂଯୋଗ କରିବ ତାହା ଚିହ୍ନଟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏଥିରୁ ୮୦୦ କିମି ରାଜମାର୍ଗ ନିର୍ମାଣ କରିବାକୁ ସରକାର ସ୍ଥିର କରିଛନ୍ତି।

**ଭାରତମାଳା-ପ୍ରଥମ ପର୍ଯ୍ୟାୟ:**

ଭାରତମାଳା ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୪,୮୦୦ କିମି ରାଜପଥ ନିର୍ମାଣ କରାଯିବାର ଯୋଜନା ରହିଛି। ଏହା ସହିତ ପ୍ରଥମ ପର୍ଯ୍ୟାୟରେ ମଧ୍ୟ ଅବଶିଷ୍ଟ ୧୦ହଜାର କିମି ଜାତୀୟ ରାଜପଥର ବିକାଶ କାର୍ଯ୍ୟ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ପାଞ୍ଚ ବର୍ଷରେ ୫,୩୫,୦୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବିଭିନ୍ନ ରାଜମାର୍ଗ ପ୍ରକଳ୍ପର କାର୍ଯ୍ୟ ଓ ବ୍ୟୟ ଅଟକଳ ଟେବୁଲ ୧ରେ ଉଲ୍ଲେଖ ଅଛି।

**ଟେବୁଲ -୧**

| କ୍ରମିକ ସଂଖ୍ୟା | ବିଭିନ୍ନ କାର୍ଯ୍ୟ | ଦୈର୍ଘ୍ୟ (କିମିରେ) | ବ୍ୟୟ ବରାଦ (କୋଟିରେ) |
|---|---|---|---|
| ୧ | ଅର୍ଥନୈତିକ କରିଡର ବିକାଶ | ୯୦୦୦ | ୧,୨୦,୦୦୦ |
| ୨ | ଆନ୍ତଃ କରିଡର ଓ ଫିଡର ରୋଡ୍ | ୬୦୦୦ | ୮୦,୦୦୦ |
| ୩ | ଜାତୀୟ କରିଡର ଦକ୍ଷତା ବୃଦ୍ଧି | ୫୦୦୦ | ୧,୦୦,୦୦୦ |
| ୪ | ସୀମାନ୍ତ ଓ ଆନ୍ତର୍ଜାତିକ ସଡ଼କ ସଂଯୋଗ ପଥ | ୨୦୦୦ | ୩୫,୦୦୦ |
| ୫ | ଉପକୂଳ ଓ ବନ୍ଦର ସଂଯୋଗ ପଥ | ୨୦୦୦ | ୨୦,୦୦୦ |
| ୬ | ଏକ୍ସପ୍ରେସ୍ ସଡ଼କ | ୮୦୦ | ୪୦,୦୦୦ |
| | **ମୋଟ୍** | **୨୪,୮୦୦** | **୩,୮୫,୦୦୦** |
| | ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ହେବାକୁ ଥିବା ଅବଶିଷ୍ଟ ସଡ଼କ | ୧୦,୦୦୦ | ୧,୫୦,୦୦୦ |
| | **ମୋଟ** | -- | **୫,୩୫,୦୦୦** |

ଆର୍ଥିକ କରିଡର, ଆନ୍ତଃ କରିଡର ଓ ଫିଡର ରୋଡ୍, ଜାତୀୟ କରିଡରର ଦକ୍ଷତା ବୃଦ୍ଧି, ସୀମାନ୍ତ ଓ ଆନ୍ତର୍ଜାତିକ ସଂଯୋଗକାରୀ ପଥ, ଉପକୂଳ ଓ ବନ୍ଦର ସଂଯୋଗ ପଥ ଓ ନୂତନ ରାଜପଥ ଆଦି ଭାରତମାଳାର ଛ'ଟି ପ୍ରମୁଖ ବିଭାଗ। ଆର୍ଥିକ କରିଡର ଭାବେ ଚିହ୍ନଟ ରାଜପଥଗୁଡ଼ିକରେ ଆଗାମୀ ଦିନରେ ୨୫ଭାଗ ମାଲ୍ ପରିବହନ ହେବ ବୋଲି ଆଶା କରାଯାଉଛି। ଏହାର ନିର୍ମାଣ ଶେଷ ହେଲେ ଆର୍ଥିକ କରିଡର, ଜାତୀୟ ରାଜପଥ, ଆନ୍ତଃକରିଡର ଓ ଫିଡର ରୁଟ୍ ଦ୍ୱାରା ଦେଶର ୮୦ ଶତାଂଶ ମାଲ୍ ପରିବହନ ହୋଇପାରିବ। ସମଗ୍ର ଦେଶରେ ୨୬୨୦୦ କିମି ରାଜମାର୍ଗ ଆର୍ଥିକ କରିଡରରେ ପରିଣତ ହେବାକୁ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୦୦୦ କିଲୋମିଟରକୁ ଅନ୍ତର୍ଭୁକ୍ତ କରାଯାଇଛି।

ଭୂମି ଅଧିଗ୍ରହଣ ଓ ଅନ୍ୟାନ୍ୟ ସମସ୍ୟା ଯୋଗୁଁ ପ୍ରଥମ ପର୍ଯ୍ୟାୟ ରାଜପଥ ନିର୍ମାଣ କ୍ଷେତ୍ରରେ ଯଦି କିଛି ଅସୁବିଧା ଉପୁଜେ ତେବେ ଉଦ୍ଦିଷ୍ଟ ୨୪,୮୦୦କିମି ମଧ୍ୟରୁ ୧୫ ଶତାଂଶ ପଥ ବିଭିନ୍ନ ପ୍ରକଳ୍ପ ମଧ୍ୟରେ ଅଦଳବଦଳ କରି ନିର୍ମାଣ କାର୍ଯ୍ୟ ଆଗେଇ ନେବାକୁ ନିଷ୍ପତ୍ତି ନିଆଯାଇଛି।

**ପ୍ରକଳ୍ପ ଅନୁମୋଦନ, ମୂଲ୍ୟାୟନ ଓ ରୂପାୟନ ଦାୟିତ୍ୱ:**

ପ୍ରକଳ୍ପ ପ୍ରସ୍ତୁତି, ନକ୍ସାଙ୍କନ, କାର୍ଯ୍ୟ ଖସଡ଼ା ଚୂଡ଼ାନ୍ତ, ଖର୍ଚ୍ଚ ଆକଳନ ଓ ନିର୍ମାଣ ଆଦି

**ଜାତୀୟ କରିଡରର ଭିଡ଼ ହ୍ରାସ ପାଇଁ କେତେକ ସମ୍ପୂର୍ଣ୍ଣ ନୂଆ ରାଜପଥ ନିର୍ମାଣର ପରିକଳ୍ପନା କରାଯାଇଛି। ସେଥିପାଇଁ ୧୯୦୦୦କିମି ରାସ୍ତା ନୂଆ କରି ତିଆରି କରାଯିବ। କେଉଁ ଅଞ୍ଚଳରୁ କେଉଁ ଅଞ୍ଚଳକୁ ଏହି ନୂଆ ରାଜପଥ ସଂଯୋଗ କରିବ ତାହା ଚିହ୍ନଟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏଥିରୁ ୮୦୦ କିମି ରାଜମାର୍ଗ ନିର୍ମାଣ କରିବାକୁ ସରକାର ସ୍ଥିର କରିଛନ୍ତି।**

କ୍ଷେତ୍ରରେ ଅନୁମୋଦନ ଓ ରୂପାୟନ ବ୍ୟବସ୍ଥା ମଧ୍ୟ ସ୍ୱଷ୍ଟ ହୋଇଛି। ଫଳରେ ପ୍ରକଳ୍ପ କାର୍ଯ୍ୟକାରିତାରେ ଉତ୍ତମ ସମନ୍ୱୟ ଓ ତଦାରଖ ବ୍ୟବସ୍ଥା ରହିବ। ଜାତୀୟ ରାଜପଥ ପ୍ରାଧିକରଣ ଉପରେ ପ୍ରକଳ୍ପର ଅନୁମୋଦନ ଓ ମୂଲ୍ୟାୟନ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଥିରେ କୌଣସି ତ୍ରୁଟି ବିଚ୍ୟୁତି ଯେପରି ନ'ଘଟେ ଓ ମାନ ରକ୍ଷା ହୁଏ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଛି। ପ୍ରକଳ୍ପର ବୈଷୟିକ ଓ ଆର୍ଥିକ ଦାୟିତ୍ୱ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ସଡ଼କପଥ ମନ୍ତ୍ରଣାଳୟର ବିଶେଷଜ୍ଞ କମିଟି ଉପରେ ନ୍ୟସ୍ତ କରାଯାଇଛି। ଏଥିରେ ନୀତି ଆୟୋଗର ବିଶେଷଜ୍ଞମାନେ ମଧ୍ୟ ସଦସ୍ୟ ଅଛନ୍ତି। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣର ସାମୟିକ ସଦସ୍ୟ ଭାବେ କାର୍ଯ୍ୟ କରିବାର ଅଧିକାର ପାଇଛନ୍ତି। ଏହି କାର୍ଯ୍ୟକ୍ରମର ଏକ ବିଶେଷତ୍ୱ ହେଲା ଗ୍ରାଣ୍ଡ ଚାଲେଞ୍ଜ ମେକାନିଜିମ୍। ଏହା ଏକ ବିକାଶମୂଳକ କାର୍ଯ୍ୟକ୍ରମ ହୋଇଥିବାରୁ ଏଥିରେ ରାଜ୍ୟ ସରକାରମାନଙ୍କ ସହଯୋଗ ନିଆଯାଉଛି। କାରଣ ପ୍ରାଦେଶିକ ସରକାରଙ୍କ ସହଯୋଗ ନ'ରହିଲେ ରାଜପଥ ବିକାଶ କାର୍ଯ୍ୟ ସହଜରେ ହୋଇପାରିବ ନାହିଁ। ଜମି ଅଧିଗ୍ରହଣ, ଆଇନଶୃଙ୍ଖଳା ରକ୍ଷା, ତ୍ୱରିତ କାର୍ଯ୍ୟାନୁଷ୍ଠାନ, ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ରାଜପଥ କେଉଁ ଅଞ୍ଚଳ ଦେଇଯିବ ଏସବୁ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ା ଯାଉଛି। ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି ଏ କ୍ଷେତ୍ରରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସଡ଼କ ପରିବହନ ମନ୍ତ୍ରଣାଳୟ ଓ ଏହାର ବିଭିନ୍ନ ସଂସ୍ଥାର ଦକ୍ଷତା ଏବଂ ଶକ୍ତିକୁ ପ୍ରଥମେ ଭଲଭାବେ ଆକଳନ କରାଯାଇ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଉଛି। ଆବଶ୍ୟକ ସ୍ଥଳେ ଦକ୍ଷ ଲୋକଶକ୍ତି ଓ ଜ୍ଞାନକୌଶଳର ବ୍ୟବସ୍ଥା କରାଯାଉଛି। କାର୍ଯ୍ୟକ୍ରମର ରୂପାୟନ ଓ ଏହାର ଅଗ୍ରଗତିକୁ ନିୟମିତ ଭାବେ ତଦାରଖ କରିବାର ବୈଷୟିକ ବ୍ୟବସ୍ଥା ମଧ୍ୟ ହୋଇଛି।

**ଭାରତମାଳାର ପ୍ରଭାବ:**

ଏକାଧିକ ଉଦ୍ଦେଶ୍ୟ ଓ ସ୍ୱାର୍ଥକୁ ଆଖି ଆଗରେ ରଖି ଦେଶରେ ଭାରତମାଳା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସଡ଼କ ପରିବହନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ଏଥିରେ ଅଧିକ ସମନ୍ୱୟ ଆଣି ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଏହା ମୁଖ୍ୟତଃ ଉଦ୍ଦିଷ୍ଟ। ଭାରତମାଳା ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସଡ଼କ ଯୋଗେ ପ୍ରାୟ ୮୦ ଶତାଂଶ ସାମଗ୍ରୀ / ମାଲ ପରିବହନ ସମ୍ଭବ ହେବ। ଏହା ଆନ୍ତଃ ଜିଲ୍ଲା ଓ ଆନ୍ତଃପ୍ରାଦେଶିକ ପରିବହନ ବ୍ୟବସ୍ଥାକୁ ବ୍ୟାପକ ଏବଂ ସହଜ କରିବ। ସଡ଼କମାଳାଦ୍ୱାରା ଦେଶରେ ସଡ଼କ ପଥରେ ଯାନବାହନ ଚଳାଚଳର ଗତି ହାରାହାରି ୨୦ ରୁ ୨୫ ଶତାଂଶ ବୃଦ୍ଧି ପାଇବ।

ଏହାଦ୍ୱାରା ସଡ଼କ ପରିବହନରେ ଭିଡ଼ ଓ ଗତିରୋଧ ଦୂର ହୋଇ ଯାତ୍ରା ଶୀଘ୍ର, ସୁଗମ ଓ ଅଧିକ ନିରାପଦ ହୋଇପାରିବ। ଭଲ ରାସ୍ତା ଯୋଗୁଁ ଇନ୍ଧନ ସଞ୍ଚୟ ସହ ସମୟ ବଞ୍ଚିବ ଏବଂ ଯାନବାହନର ଦକ୍ଷତା ବଢ଼ିବ। ପ୍ରକାରାନ୍ତରେ ଏହା ପରିବହନ ବ୍ୟୟ ହ୍ରାସରେ ସହାୟକ ହେବ। ଏସବୁ ଦ୍ୱାରା ଦେଶର ସାମଗ୍ରିକ ଅର୍ଥନୀତିରେ ପ୍ରାୟ ୫-୬ ଶତାଂଶ ଉନ୍ନତି ଘଟିବ। ସର୍ବୋପରି ଦେଶର ୫୫୦ ଜିଲ୍ଲା ଜାତୀୟ ରାଜପଥ ସହ ସିଧା ସଂଯୁକ୍ତ ହେବ ଏବଂ ଅନ୍ୟ ୩୦୦ ଜିଲ୍ଲା ଜାତୀୟ ରାଜପଥକୁ ସଂଯୋଗର ପଥ ପାଇବ।

ଭାରତମାଳାରେ ଯେଉଁ ବିପୁଳ ପାଣ୍ଠି ବିନିଯୋଗ ହେବ ତାହା ଦେଶରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁବିଧା ସୃଷ୍ଟି କରିବା ସହ ଭିତ୍ତିଭୂମି ବିକାଶର ସହାୟକ ହେବ। ପ୍ରାୟ ୨୪୮୦୦ କିଲୋମିଟର ଦୈର୍ଘ୍ୟ ଜାତୀୟ ରାଜପଥ ଭାରତମାଳାର ପ୍ରଥମ ପର୍ଯ୍ୟାୟରେ ନିର୍ମିତ ହେବାକୁ ଥିବାରୁ ଏହାଦ୍ୱାରା ୩୪କୋଟି ଶ୍ରମ ଦିବସ ସୃଷ୍ଟି ହେବ। ସଡ଼କ ସଂଯୋଗ ଦ୍ୱାରା ଯେଉଁ ଆର୍ଥିକ ବିକାଶ କାର୍ଯ୍ୟକ୍ରମ ସବୁ ବିଭିନ୍ନ ସ୍ତରରେ ଆରମ୍ଭ ହେବ ତା' ଦ୍ୱାରା ୨୨ନିୟୁତ ସ୍ଥାୟୀ ନିଯୁକ୍ତି ସୃଷ୍ଟି ହେବ ବୋଲି ହିସାବ କରାଯାଇଛି।

ଭାରତ ସରକାରଙ୍କ ସଡ଼କ ଯୋଗାଯୋଗ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟରତ।

ଫୋକସ୍

# ବ୍ୟବସାୟରେ ଦେବାଳିଆ ସ୍ଥିତିର ସମାଧାନ ପାଇଁ ନୂଆ ବ୍ୟବସ୍ଥା

■ ଇନ୍ଦିବଜଲ ଧସମାନା




ସହଜ ଓ ସୁଗମ ବାଣିଜ୍ୟ ବ୍ୟବସାୟ କରିବା ତାଲିକାରେ ଭାରତ ତାହାର ସ୍ଥିତିରେ ଉନ୍ନତି ଆଣିଛି । ବିଶ୍ୱବ୍ୟାଙ୍କ ପକ୍ଷରୁ ୨୦୧୮ ବର୍ଷ ପାଇଁ ପ୍ରକାଶିତ ତାଲିକାରେ ଭାରତ ୩୦ଟି ପାହାଚ ଉପରକୁ ଉଠି ୧୦୦ରେ ପହଞ୍ଚିଛି । ଯେଉଁସବୁ କାରଣ ପାଇଁ ଭାରତ ତାହାର ସ୍ଥିତିରେ ଉନ୍ନତି ଆଣିଛି ସେଥିମଧ୍ୟରୁ ଗୋଟିଏ ହେଲା ଦେବାଳିଆ ସମସ୍ୟାର ସମାଧାନ ବ୍ୟବସ୍ଥା । ଦେବାଳିଆ ପ୍ରସଙ୍ଗ ସମାଧାନ କରିବା ମାନକରେ ଭାରତର ସ୍ଥିତି ୧୦୩ରେ ରହିଥିଲେ ହେଁ ୨୦୧୭ରେ ଏହା ୧୩୬ରେ ଥିଲା । ତେବେ ସେ ଯା'ହେଉ ସୁଗମ ବେପାର ବଣିଜ କରିବାର ବିଶ୍ୱ ତାଲିକାରେ ଭାରତର ଉର୍ଦ୍ଧ୍ୱଗତି ପଛରେ ଅର୍ଥନୀତିର ଉନ୍ନତ ପ୍ରଦର୍ଶନ ରହିଛି । ତାଲିକାରେ ଭାରତ ୨୦୧୬ରେ ୧୩୬ରେ ଥିବାବେଳେ ୨୦୧୫ରେ ୧୩୭ତମ ସ୍ଥାନରେ ଥିଲା ।

> ସୁଗମ ବେପାର ବଣିଜ ବ୍ୟବସ୍ଥାରେ ନୀତିନିୟମମାନ ସ୍ୱଚ୍ଛ ଏବଂ ସମୟବଦ୍ଧ । ଏହି ନୀତିନିୟମ ଆଧାରରେ ବେପାର ବଣିଜ କରାଯାଇଥାଏ । ଜଣକୁ ସୁହାଇଲେ ସେ ବେପାର କରିବ ଓ ନସୁହାଇଲେ ନିର୍ଦ୍ଧାରିତ ସମୟରେ ଅପସରିଯିବ । ଭାରତରେ ପୂର୍ବରୁ ଏହି ବ୍ୟବସ୍ଥାଟି ସ୍ୱଚ୍ଛ ନ ଥିଲା । ସେହି ତ୍ରୁଟିକୁ ସୁଧାରିବା ପାଇଁ ନୂଆ ସ୍ୱଚ୍ଛ ନୀତି ପ୍ରଣୀତ ହୋଇଛି ।

ଏହି ଉନ୍ନତି ପଛରେ ଦେବାଳିଆ ଓ ଋଣଗ୍ରସ୍ତ ପ୍ରସଙ୍ଗର ସମାଧାନ ପାଇଁ ଭାରତ ଏକ ନୂଆ ନିୟମ ପ୍ରସ୍ତୁତ କରିଛି । ଏହା ଦେବାଳିଆ ଓ ଋଣଗ୍ରସ୍ତ ଆଇନ ବା ଇନ୍‌ସଲଭେନ୍ସି ଆଣ୍ଡ୍ ବ୍ୟାଙ୍କରପ୍‌ସି କୋଡ୍ (ଆଇବିସି) ନାମରେ ପରିଚିତ । ଏଥିପାଇଁ ୨୦୧୬ରେ ଏକ ନିୟାମକ ଗଠନ କରାଯାଇଛି । ତେବେ ଏ ସଂକ୍ରାନ୍ତ ଆଇନ ପୂର୍ଣ୍ଣଭାବେ ପ୍ରକାଶିତ ହୋଇ ନ ଥିବାରୁ ବ୍ୟକ୍ତିବିଶେଷ ଓ ଅଂଶୀଦାର ବ୍ୟବସାୟ ତଥା ଋଣ ସମ୍ପର୍କରେ ସ୍ୱଚ୍ଛଚିତ୍ର ମିଳିପାରିନାହିଁ । ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଯେତେବେଳେ ଋଣ ପରିଶୋଧ କରିବାକୁ ଅକ୍ଷମ ହୁଅନ୍ତି,




ସେତେବେଳେ ସେମାନେ ଦେବାଳିଆ ଘୋଷିତ ହୁଅନ୍ତି। ଦେବାଳିଆସ୍ଥିତିରୁ ମୁକୁଳିବା ପାଇଁ କେତେକ ବ୍ୟବସ୍ଥା ଅଛି। ଋଣର ପୁନର୍ବିନ୍ୟାସ କରାଯାଇ ଋଣଗ୍ରହିତାଙ୍କୁ ବିଭିନ୍ନ କିସ୍ତି ଓ କୋହଳ ସୁଧହାରରେ ତାହାକୁ ପରିଶୋଧ କରିବାକୁ ସୁଯୋଗ ଦିଆଯାଇପାରେ। ଏହା ସତ୍ତ୍ୱେ ଯଦି ଋଣକାରୀ କରଜ ଶୁଝି ନ ପାରେ ତେବେ ତାକୁ ଦେବାଳିଆ ଘୋଷଣା କରାଯାଏ ଏବଂ ତା'ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। କମ୍ପାନୀ କ୍ଷେତ୍ରରେ ମଧ୍ୟ ସେୟା ହୁଏ। ଋଣ ଅର୍ଥ ଆଦାୟ ପାଇଁ ଋଣକାରୀ ବ୍ୟକ୍ତି ବିଶେଷ ଓ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତ କରି ନିଲାମ ବା ବିକ୍ରି କରାଯାଏ।

ସୁଗମ ବେପାର ବଣିଜ ବ୍ୟବସ୍ଥାରେ ନୀତିନିୟମମାନ ସ୍ପଷ୍ଟ ଏବଂ ସମୟବଦ୍ଧ। ଏହି ନୀତିନିୟମ ଆଧାରରେ ବେପାର ବଣିଜ କରାଯାଇଥାଏ। ଜଣକୁ ସୁହାଇଲେ ସେ ବେପାର କରିବ ଓ ନସୁହାଇଲେ ନିର୍ଦ୍ଧାରିତ ସମୟରେ ଅପସରିଯିବ। ଭାରତରେ ପୂର୍ବରୁ ଏହି ବ୍ୟବସ୍ଥାଟି ସ୍ପଷ୍ଟ ନ ଥିଲା। ସେହି ତ୍ରୁଟିକୁ ସୁଧାରିବା ପାଇଁ ନୂଆ ସ୍ପଷ୍ଟ ନୀତି ପ୍ରଣୀତ ହୋଇଛି।

ଏହି ଆଇନ ପ୍ରଣୟନ ପୂର୍ବରୁ ଦେବାଳିଆ ସ୍ଥିତିର ସମାଧାନ ପାଇଁ ଦୀର୍ଘ ସମୟ ଲାଗୁ ଥିଲା। ଋଣ ଅର୍ଥ ଆଦାୟ ପାଇଁ ଯାବତୀୟ ଆଇନଗତ ଜଟିଳତା ଲାଗିରହୁଥିଲା। ଛନ୍ଦି ହୋଇ ରହିଥିବା ବିଭିନ୍ନ ଆଇନ ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା। ପୂର୍ବରୁ ଦେବାଳିଆ ଆଇନର ପରିସରଭୁକ୍ତ ଏକ ମାମଲାର ସମାଧାନ ପାଇଁ ୧୨ଟି ଆଇନର ସମ୍ମୁଖୀନ ହେବାକୁ ପଡୁଥିଲା। ସେଥିମଧ୍ୟରୁ ଚୁକ୍ତିନାମା ଆଇନ, ବ୍ୟାଙ୍କର ଋଣ ଅସୁଲି ଓ ଋଣ ଦେୟ ଆଇନ, ବିତ୍ତଲଗାଣକାରୀ ସଂସ୍ଥାଙ୍କ ଅର୍ଥ ଆଦାୟ ଆଇନ, ଆର୍ଥିକ ସମ୍ପତ୍ତି ଯାଞ୍ଚ ଓ ପ୍ରବର୍ତ୍ତନ ଆଇନ ଏବଂ ପ୍ରତିଭୂତି ସୁଧ ଆଇନ ଆଦି ସେଥିମଧ୍ୟରୁ ଅନ୍ୟତମ। ସତ କଥା ହେଲା ଦେବାଳିଆ ବ୍ୟବସ୍ଥାର ଅବସାନ ପାଇଁ ଏତେଗୁଡ଼ିଏ ଆଇନର କୌଣସି ଯଥାର୍ଥତା ନ ଥିଲା। ଏହା ମାମଲା ସମାଧାନ କ୍ଷେତ୍ରରେ ଅଧିକ ଆଇନଗତ ଜଟିଳତା ସୃଷ୍ଟି କରୁଥିଲା। ମଝିରେ ଭାରତ ସରକାର ରୁଗ୍‌ଣ ଶିଳ୍ପ କମ୍ପାନୀ ଆଇନ (ସ୍ୱତନ୍ତ୍ର ନୀତି) ଏବଂ କମ୍ପାନୀ / ଶିଳ୍ପ ବିଲୋପନ ଆଇନ ମଧ୍ୟ ପ୍ରସ୍ତୁତ କରିଥିଲେ। ଏହା ମଧ୍ୟ ବିଶେଷ ଫଳପ୍ରଦ ପ୍ରମାଣିତ ହୋଇ ନ ଥିଲା। ବ୍ୟକ୍ତିଗତ ଦେବାଳିଆ ସ୍ଥିତିରେ ମଧ୍ୟ ଏକାଧିକ ଆଇନ ରହିଥିଲା। ପ୍ରେସିଡେନ୍ସି ଟାଉନ୍

କମ୍ପାନୀ ସମୂହଙ୍କ ଦେବାଳିଆ ମାମଲାର ସମାଧାନ ଏବେ ଜାତୀୟ କମ୍ପାନୀ ଆଇନ ଟ୍ରାଇବ୍ୟୁନାଲ (ଏନ୍‌ସିଏଲ୍‌ଟି) ଉପରେ ନ୍ୟସ୍ତ। ବ୍ୟକ୍ତିଗତ ଦେବାଳିଆ ମାମଲାର ବିଚାର ଋଣ ଆଦାୟ ଟ୍ରାଇବ୍ୟୁନାଲ (ଡିଆର୍‌ଟି) କରୁଛି। ଏ ସଂକ୍ରାନ୍ତ ନୂଆ କୋଡ୍ ବା ଆଇନ ସଂହିତା ପୁରୁଣା ବ୍ୟବସ୍ଥା ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ଋଣ ପ୍ରଦାନକାରୀ ସିଧାସଳଖ ଋଣ ନେଇଥିବା ଉଦ୍ୟୋଗ ବା ସଂସ୍ଥା ବିରୋଧରେ ମାମଲା ଦାଏର କରି ଅର୍ଥ ଆଦାୟ କରିବାର ସୁଯୋଗ ପାଇବ। ପୁରୁଣା ବ୍ୟବସ୍ଥାରେ ଋଣକାରୀକୁ ମୂଳତଃ ଏକ ମାମଲା ଦାଏର କରିବାକୁ ପଡୁଥିଲା ଏବଂ ଋଣ ପ୍ରଦାନକାରୀ ନିଜର ଅର୍ଥ ଆଦାୟ ପାଇଁ ଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲା। ତେବେ ସେ ଯା'ହେଉ ନୂଆ ବ୍ୟବସ୍ଥାରେ ଋଣ ନେଇଥିବା କମ୍ପାନୀ ମଧ୍ୟ ନିଜକୁ ଦେବାଳିଆ ଘୋଷଣା କରିବାକୁ ନିଜ ଆଡୁ ମାମଲା ଦାଏର କରିପାରିବେ।




ଇନସଲଭେନ୍ସି ଆଇନ, ପ୍ରାଦେଶିକ ଇନସଲଭେନ୍ସି ଆଇନ ସବୁ ପ୍ରାୟ ଶହେବର୍ଷର ପୁରୁଣା ଏବଂ ଅତ୍ୟନ୍ତ ଜଟିଳ। ଏସବୁ ଆଇନ ଏବେ ମଧ୍ୟ ବଳବତ୍ତର ରହିଛି। ଏହାର ବିଲୋପନ ନ'ହେଲେ ଜଣେ ବ୍ୟକ୍ତିବିଶେଷ ଦେବାଳିଆ ସ୍ଥିତିରୁ ମୁକୁଳିବା କଷ୍ଟ। ଆଶାକରାଯାଉଛି ଏହାର ବିଲୋପନ ନୂଆ ଆଇନରେ କରାଯିବ।

କମ୍ପାନୀ ସମୂହଙ୍କ ଦେବାଳିଆ ମାମଲାର ସମାଧାନ ଏବେ ଜାତୀୟ କମ୍ପାନୀ ଆଇନ ଟ୍ରାଇବ୍ୟୁନାଲ (ଏନ୍‌ସିଏଲ୍‌ଟି) ଉପରେ ନ୍ୟସ୍ତ। ବ୍ୟକ୍ତିଗତ ଦେବାଳିଆ ମାମଲାର ବିଚାର ଋଣ ଆଦାୟ ଟ୍ରାଇବ୍ୟୁନାଲ (ଡିଆର୍‌ଟି) କରୁଛି। ଏ ସଂକ୍ରାନ୍ତ ନୂଆ କୋଡ୍ ବା ଆଇନ ସଂହିତା ପୁରୁଣା ବ୍ୟବସ୍ଥା ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ଋଣ ପ୍ରଦାନକାରୀ ସିଧାସଳଖ ଋଣ ନେଇଥିବା ଉଦ୍ୟୋଗ ବା ସଂସ୍ଥା ବିରୋଧରେ ମାମଲା ଦାଏର କରି ଅର୍ଥ ଆଦାୟ କରିବାର ସୁଯୋଗ ପାଇବ। ପୁରୁଣା ବ୍ୟବସ୍ଥାରେ ଋଣକାରୀକୁ ମୂଳତଃ ଏକ ମାମଲା ଦାଏର କରିବାକୁ ପଡୁଥିଲା ଏବଂ ଋଣ ପ୍ରଦାନକାରୀ ନିଜର ଅର୍ଥ ଆଦାୟ ପାଇଁ ଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲା। ତେବେ ସେ ଯା'ହେଉ ନୂଆ ବ୍ୟବସ୍ଥାରେ ଋଣ ନେଇଥିବା କମ୍ପାନୀ ମଧ୍ୟ ନିଜକୁ ଦେବାଳିଆ ଘୋଷଣା କରିବାକୁ ନିଜ ଆଡୁ ମାମଲା ଦାଏର କରିପାରିବେ।

ଏଣିକି ଏନ୍‌ସିଏଲ୍‌ଟିରେ ଏକ ମାମଲା ଦାଏର ହେବାପରେ ଏହାର ସମାଧାନ ୧୮୦ଦିନ ମଧ୍ୟରେ ହେବ ଏବଂ ଆବଶ୍ୟକ ପଡ଼ିଲେ ଏହି ସମୟସୀମାକୁ ଅଧିକ ୯୦ଦିନ ବଢ଼ାଯାଇ ପାରିବ। ୯୦ ଦିନ ମଧ୍ୟରେ




ମାମଲାର ସମାଧାନ ପାଇଁ ମଧ୍ୟ ଫାଷ୍ଟଟ୍ରାକ୍ (ତ୍ୱରିତ ବିଚାର) ପ୍ରକ୍ରିୟାର ବ୍ୟବସ୍ଥା ରହିଛି। ଏ କ୍ଷେତ୍ରରେ ଆବଶ୍ୟକ ହେଲେ ଅଧିକ ୪୫ଦିନ ଟ୍ରାଇବ୍ୟୁନାଲ ଦେଇପାରିବେ। ଏହି ବ୍ୟବସ୍ଥା କେବଳ କ୍ଷୁଦ୍ର କମ୍ପାନୀ, ଘରୋଇ ସଂସ୍ଥାଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କର ପୁଂଜି ନିବେଶ ପରିମାଣ ୫୦ଲକ୍ଷ କିମ୍ବା ବାର୍ଷିକ କାରବାର ଦୁଇକୋଟି ଟଙ୍କା ମଧ୍ୟରେ ସୀମିତ ଥିବା ଷ୍ଟାର୍ଟଅପ୍‌ମାନେ ମଧ୍ୟ ଏହାର ସୁବିଧା ନେଇପାରିବେ। ଯେଉଁ କମ୍ପାନୀମାନେ ତାଲିକାଭୁକ୍ତ ହୋଇନାହାନ୍ତି ଏବଂ ସେମାନଙ୍କର ସମ୍ପତ୍ତିର ମୂଲ୍ୟ ଏକ କୋଟି ଟଙ୍କା ମଧ୍ୟରେ ସୀମିତ ସେମାନେ ମଧ୍ୟ ଏହି ସୁବିଧା ପାଇବାକୁ ଯୋଗ୍ୟ।

ମାମଲାର ସମାଧାନ ପ୍ରକ୍ରିୟାକାଳରେ ଋଣପ୍ରଦାନକାରୀ ଋଣୀଙ୍କ ବ୍ୟାବସାୟିକ ସ୍ଥିତିର ଆକଳନ କରି ତାହା ପୁନରୁଦ୍ଧାର / ପୁନଃ ଉତ୍ପାଦନକ୍ଷମ ହୋଇପାରିବ କି ନାହିଁ ତାହା ନିର୍ଣ୍ଣୟ କରିବେ। ଏହି ସମୟରେ ଋଣ ପ୍ରଦାନକାରୀଙ୍କ ଦାବିକୁ ସଂରକ୍ଷିତ ରଖାଯିବ।

ଯଦି ଦେବାଳିଆ ମାମଲାର ସମାଧାନ ପ୍ରକ୍ରିୟା ବିଫଳ ହେଲା ତା'ହେଲେ ସମ୍ପତ୍ତିର ସମାପନ ପ୍ରକ୍ରିୟା ଆରମ୍ଭ ହେବ।

ସମାଧାନ ପ୍ରକ୍ରିୟା ଲାଇସେନ୍ସପ୍ରାପ୍ତ ଦେବାଳିଆ ବିଶେଷଜ୍ଞ ସଂସ୍ଥା ଦ୍ୱାରା ତଦାରଖ ହେବ। ଏସବୁ ସଂସ୍ଥାଙ୍କର ଅତି କମ୍‌ରେ ଏ କ୍ଷେତ୍ରରେ ୧୦ବର୍ଷର ଅଭିଜ୍ଞତା ଥିବ। ଏଥିରେ ଚାଟାର୍ଡ ଆକାଉଣ୍ଟାଣ୍ଟ, କମ୍ପାନୀ ସେକ୍ରେଟାରୀ, ଆଇନଜୀବୀ କିମ୍ବା କଷ୍ଟଆକାଉଣ୍ଟାଣ୍ଟ ମୁଖ୍ୟତଃ ସଦସ୍ୟ ଥିବେ। ଜାତୀୟ ଦେବାଳିଆ ପରୀକ୍ଷାରେ କୃତକାର୍ଯ୍ୟ ବ୍ୟକ୍ତିବିଶେଷ ମଧ୍ୟ ଏଥିରେ ସଦସ୍ୟ ରହିପାରିବେ।

ଆବେଦନ ପତ୍ର ପାଇବାର ୧୪ଦିନ ମଧ୍ୟରେ ଏନ୍‌ଏସ୍‌ଏଲ୍‌ଟି ଜଣେ ଅନ୍ତରୀଣ ଇନସଲଭେନ୍ସି ବିଶେଷଜ୍ଞଙ୍କୁ ଆର୍‌ବିଆଇର ପରାମର୍ଶକ୍ରମେ ଅନ୍ତରୀଣ ଭାବେ ନିଯୁକ୍ତି ଦିଅନ୍ତି। ସେ ମାତ୍ର ୩୦ ଦିନ କାର୍ଯ୍ୟ କରିଥାନ୍ତି ଏବଂ ଏହି ସମୟରେ ସେ ଋଣକାରୀର ସମ୍ପତ୍ତିକୁ ନିଜ ନିୟନ୍ତ୍ରଣରେ ରଖିବା ସହ କମ୍ପାନୀର ପରିଚାଳନା ଦେଖାଶୁଣା କରନ୍ତି। ସେ କମ୍ପାନୀ ବା ସଂସ୍ଥାର ଆର୍ଥିକ ସ୍ଥିତି ଅନୁଧ୍ୟାନ କରିବା ସହିତ ଏକ ଋଣପ୍ରଦାନକାରୀଙ୍କ (କ୍ରେଡିଟ୍‌ର) କମିଟି ଗଠନ କରିଥାନ୍ତି। ଋଣ ଦେଇଥିବା ସବୁ ସଂସ୍ଥା ବା ବ୍ୟକ୍ତିବିଶେଷ ଏହି କମିଟିର ସଦସ୍ୟ ରହିବାର ବ୍ୟବସ୍ଥା ଅଛି। ତେବେ କମ୍ପାନୀର ମାଲିକଙ୍କ ସମ୍ପର୍କରେ ବା ଅଂଶୀଦାର ଥିବା କୌଣସି ପୁଂଜି ପ୍ରଦାନକାରୀ ଏହି କମିଟିରେ ରହିବାର ବ୍ୟବସ୍ଥା ନାହିଁ। ପରିଚାଳନା ସହ ସମ୍ପୃକ୍ତ କ୍ରେଡିଟର (ଅର୍ଥପ୍ରଦାନକାରୀ) କମିଟିରେ ସଦସ୍ୟ ରହିବାର ବ୍ୟବସ୍ଥା ଥିଲେ ମଧ୍ୟ ସେମାନଙ୍କର ଭୋଟ ଅଧିକାର ନାହିଁ।

ସାତ ଦିନ ମଧ୍ୟରେ କ୍ରେଡିଟ୍‌ର କମିଟିର ବୈଠକ ବସି ଅନ୍ତରୀଣ ଇନସଲଭେନ୍ସି ପ୍ରଫେସନାଲ ରହିବେ କି ଯିବେ ୭୫ଶତାଂଶ ଭୋଟରେ ତାହା ଚୂଡ଼ାନ୍ତ କରନ୍ତି। ଏହା ପରେ ମାମଲାର ସମାଧାନ ପାଇଁ ପେସାଦାରଙ୍କୁ ଏନ୍‌ସିଏଲ୍‌ଟି ନିଯୁକ୍ତି ଦେଇଥାଏ।

ଏଣିକି ଏନ୍‌ସିଏଲ୍‌ଟିରେ ଏକ ମାମଲା ଦାଏର ହେବାପରେ ଏହାର ସମାଧାନ ୧୮୦ଦିନ ମଧ୍ୟରେ ହେବ ଏବଂ ଆବଶ୍ୟକ ପଡ଼ିଲେ ଏହି ସମୟସୀମାକୁ ଅଧିକ ୯୦ଦିନ ବଢ଼ାଯାଇ ପାରିବ। ୯୦ ଦିନ ମଧ୍ୟରେ ମାମଲାର ସମାଧାନ ପାଇଁ ମଧ୍ୟ ଫାଷ୍ଟଟ୍ରାକ୍ (ତ୍ୱରିତ ବିଚାର) ପ୍ରକ୍ରିୟାର ବ୍ୟବସ୍ଥା ରହିଛି। ଏ କ୍ଷେତ୍ରରେ ଆବଶ୍ୟକ ହେଲେ ଅଧିକ ୪୫ଦିନ ଟ୍ରାଇବ୍ୟୁନାଲ ଦେଇପାରିବେ। ଏହି ବ୍ୟବସ୍ଥା କେବଳ କ୍ଷୁଦ୍ର କମ୍ପାନୀ, ଘରୋଇ ସଂସ୍ଥାଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କର ପୁଂଜି ନିବେଶ ପରିମାଣ ୫୦ଲକ୍ଷ କିମ୍ବା ବାର୍ଷିକ କାରବାର ଦୁଇକୋଟି ଟଙ୍କା ମଧ୍ୟରେ ସୀମିତ ଥିବା ଷ୍ଟାର୍ଟଅପ୍‌ମାନେ ମଧ୍ୟ ଏହାର ସୁବିଧା ନେଇପାରିବେ। ଯେଉଁ କମ୍ପାନୀମାନେ ତାଲିକାଭୁକ୍ତ ହୋଇନାହାନ୍ତି ଏବଂ ସେମାନଙ୍କର ସମ୍ପତ୍ତିର ମୂଲ୍ୟ ଏକ କୋଟି ଟଙ୍କା ମଧ୍ୟରେ ସୀମିତ ସେମାନେ ମଧ୍ୟ ଏହି ସୁବିଧା ପାଇବାକୁ ଯୋଗ୍ୟ।

ସମାପନ ପ୍ରକ୍ରିୟାରେ ସମ୍ପତ୍ତିର ଆବଣ୍ଟନ କେଉଁ ରୀତିରେ ହେବ ସେଥିପାଇଁ ସଂହିତା (କୋଡ୍)ରେ ନିର୍ଦ୍ଦେଶ ରହିଛି। ସୁରକ୍ଷିତ ଋଣ ପ୍ରଦାନକାରୀ ସେମାନଙ୍କର ସମସ୍ତ ବକେୟା ପାଇବାର ବ୍ୟବସ୍ଥା ଥିବାବେଳେ ଅସୁରକ୍ଷିତ (ଅନସିକିଓରଡ୍) କ୍ରେଡିଟର ଓ ଟ୍ରେଡ୍ କ୍ରେଡିଟରମାନେ ନିଜନିଜ ଅଂଶ ପାଇବେ। ସେହିଭଳି ସରକାରଙ୍କର ଯଦି କିଛି ଦେୟ ବା ପ୍ରାପ୍ୟ ଥାଏ ତାହା ମଧ୍ୟ ଦିଆଯିବ।

ଏହି ବ୍ୟବସ୍ଥାରେ ଘର କିଣୁଥିବା ଲୋକଙ୍କ ପାଇଁ ଅସୁବିଧା ଦେଖାଦେବାରୁ ସମସ୍ୟା ସୃଷ୍ଟି ହୋଇଥିଲା। କାରଣ ଏଥିରେ ବିଲଡର୍‌ମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ପ୍ରତିବାଦ ଉଠିବାରୁ ହୋମ୍ ବିଲଡରମାନଙ୍କୁ ନିଜର ଦାବି ଉପସ୍ଥାପନ କରିବାକୁ ନିୟନ୍ତ୍ରକ ସୁଯୋଗ ପ୍ରଦାନ କଲେ। ସେଥିପାଇଁ ସେମାନଙ୍କୁ ଏଫ୍-ଫର୍ମରେ ନୂଆ କରି ଆବେଦନ କରିବାକୁ ପଡୁଛି; କିନ୍ତୁ ବିଲଡରମାନେ ରେଗୁଲେଟରଙ୍କ ଅଗ୍ରାଧିକାର ତାଲିକାରେ ନାହାନ୍ତି।ସମୟକ୍ରମେ ନୂଆ ଦେବାଳିଆ କୋଡ୍‌ର କାର୍ଯ୍ୟକାରିତାରେ ସମସ୍ୟା ଦେଖାଦେଉଛି। ଉଦାହରଣ ସ୍ୱରୂପ-ସିନର୍ଜି କ୍ୟାଷ୍ଟିଂ ନାମକ ଏକ ସଂସ୍ଥା ତାହାର ବ୍ୟବସାୟ ପାଇଁ ପ୍ରାୟ ୨୦୦କୋଟି ଟଙ୍କାର ଋଣ ବିଭିନ୍ନ ସୂତ୍ରରୁ କରିଥିଲା। ଏକ ବିଶ୍ୱସ୍ତରୀୟ କାର କମ୍ପାନୀକୁ ଆଲୁମିନିୟମ ଚକ ଯୋଗାଇବା ପାଇଁ ଏହି କମ୍ପାନୀ ଚୁକ୍ତିବଦ୍ଧ ହୋଇଥିଲା। ବ୍ୟାବସାୟିକ ବିଫଳତା ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ଏହା ଚୁକ୍ତି ଖିଲାପ କରିବା ସହ କମ୍ପାନୀ ଋଗ୍‌ଣ ହୋଇଗଲା। ଋଣ ଓ ସୁଧ ମିଶି ୯୦୦କୋଟି ହେଲା। ମାମଲା ଏନ୍‌ସିଏଲ୍‌ଟିକୁ ଗଲା। ଏନ୍‌ସିଏଲ୍‌ଟି ମାମଲାର ବିଚାର କରି ସିନର୍ଜି କାଷ୍ଟିଂ କମ୍ପାନୀକୁ ପ୍ରାୟ ୯୦ ଶତାଂଶ ଋଣ ଛାଡ଼ କରିଦେଲେ। ଅର୍ଥାତ୍ ଋଣକାରୀଙ୍କୁ ମାତ୍ର ୫୪କୋଟି ଟଙ୍କା ଦେବାକୁ କମ୍ପାନୀକୁ କୁହାଗଲା। ଆହୁରି ମଧ୍ୟ ସେହି ୫୪ କୋଟି ଟଙ୍କା ମଧ୍ୟରୁ ୨୦କୋଟି ଆଗୁଆ ଏବଂ ଅବଶିଷ୍ଟ ୩୪କୋଟି ଟଙ୍କାକୁ ପାଞ୍ଚବର୍ଷ ମଧ୍ୟରେ ପରିଶୋଧ କରିବାକୁ କମ୍ପାନୀକୁ ସୁଯୋଗ ଦିଆଗଲା। ଏହି ମାମଲାରେ ସଂପୃକ୍ତ କମ୍ପାନୀର ମୂଳ ଋଣ ଥିଲା ୨୧୫କୋଟି। ଏହା ଉପରେ ସୁଧ ଓ ଅନ୍ୟାନ୍ୟ ବାବଦ ଦେୟ ଥିଲା ୬୮୫ କୋଟି।

ଏହି ମାମଲା ସହ ଏପରି ପ୍ରାୟ ଯେଉଁ ୯୩ହଜାର ମାମଲା ଶିଳ୍ପ ଓ ଆର୍ଥିକ ପୁନର୍ଗଠନ ବୋର୍ଡ (ବିଆଇଏଫଆର)ରେ ପଡ଼ି ରହିଥିଲା ତାହା ଆଇବିସି ଅଧୀନ ଏନ୍‌ଏସ୍‌ଏଲ୍‌ଟିକୁ ଅଣାଯାଇଥିଲା। ହେଲେ ପ୍ରଥମ ମାମଲାର ଯେଉଁ ସମାଧାନ ହେଲା ତାହା ଚର୍ଚ୍ଚାର ବିଷୟ ପାଲଟିଥିଲା। ଚଳିତବର୍ଷ ମଇ ମାସରେ ଏକ ଅଧ୍ୟାଦେଶ ଜାରି କରି ସରକାର ବ୍ୟାଙ୍କ ନିୟନ୍ତ୍ରଣ ସଂଶୋଧନ ଆଇନ ଆଣିବା ପରେ ଦେବାଳିଆ ସଂପର୍କିତ ମାମଲା ଆବଶ୍ୟକ ଗୁରୁତ୍ୱ ପାଇଲା। ଏହା ଫଳରେ ରିଜର୍ଭ ବ୍ୟାଙ୍କକୁ ବ୍ୟାପକ କ୍ଷମତା ମିଳିଲା। ଋଣ ଆଦାୟ କରିବାକୁ ଋଣୀଙ୍କ ସମ୍ପତ୍ତି ବାଜ୍ୟାପ୍ତ ଓ ଅନ୍ୟାନ୍ୟ ଆଇନଗତ ପଦକ୍ଷେପ ନେବାକୁ ଋଣ ପ୍ରଦାନକାରୀ ବ୍ୟାଙ୍କକୁ ରିଜର୍ଭ ବ୍ୟାଙ୍କ କ୍ଷମତା ସମ୍ପନ୍ନ କଲା। ଏହା ଫଳରେ ଅଚଳ ପୁଂଜି ବା ମନ୍ଦ ଋଣ ଆଦାୟ ପାଇଁ ପଥ ପରିଷ୍କାର ହୋଇଗଲା। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କ ଅଚଳ ପୁଂଜି ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି। ବିଶେଷ କରି ଶକ୍ତି, ଇସ୍ପାତ, ସଡ଼କ, ଭିତ୍ତିଭୂମି ନିର୍ମାଣ ଓ ବୟନ ଉଦ୍ୟୋଗରେ ବିପୁଳ ଋଣ ଆଦାୟ ନ'ହୋଇ ପଡ଼ିରହିଛି।

ଅଧ୍ୟାଦେଶ ଜାରି ପରେ ରିଜର୍ଭ ବ୍ୟାଙ୍କ ୧୨ଟି ସର୍ବବୃହତ୍ ଅନାଦାୟ ଋଣ ମାମଲାର ସମାଧାନ ପାଇଁ ନୂଆ କୋଡ୍‌ର ସହାୟତା ଦେବାକୁ ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ନିଜର ଆଭ୍ୟନ୍ତରୀଣ ପରାମର୍ଶଦାତା କମିଟିର ସୁପାରିଶ କ୍ରମେ ରିଜର୍ଭ ବ୍ୟାଙ୍କ ଏହି ପଦକ୍ଷେପ ଗ୍ରହଣ କରିଛି। ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ମାମଲାର ସମାଧାନ କରିବାକୁ କମିଟି ନିର୍ଦ୍ଦେଶ ଦେଇଛି।

ଏହି ସର୍ବବୃହତ୍ ଋଣକାରୀମାନେ ହେଲେ ଭୂଷଣ ଷ୍ଟିଲ, ଲାଙ୍କୋ ଇନଫ୍ରା, ଏସାର ଷ୍ଟିଲ, ଭୂଷଣ ପାଓ୍ୱାର, ଆଲୋକ ଇଣ୍ଡଷ୍ଟ୍ରିଜ୍, ଆମଟେକ୍ ଅଟୋ, ମନ୍ନେଟ ଇସ୍ପାତ, ଇଲେକଟ୍ରୋଷ୍ଟିଲ, ଏରା ଇନଫ୍ରା, ଜାଇପାଇ ଇନଫ୍ରାଟେକ୍, ଏବିଜି ସିପିୟାର୍ଡ ଓ ଜ୍ୟୋତି ଷ୍ଟ୍ରକଚରର୍ସ। ଏସବୁ ସଂସ୍ଥାଙ୍କ ମୋଟ ବକେୟା ଋଣ ପରିମାଣ ସବୁ ବ୍ୟାଙ୍କର ଅନାଦାୟ ଋଣ ରାଶୀର ୨୫ଭାଗ, ୨୦୧୭ମାର୍ଚ୍ଚ ସୁଦ୍ଧା ଭାରତୀୟ ବ୍ୟାଙ୍କ ସମୂହଙ୍କ ମୋଟ ମନ୍ଦ ଋଣ ପରିମାଣ ଥିଲା ୭.୧୧ ଲକ୍ଷ କୋଟି। ହିସାବ ଅନୁସାରେ ଉପରୋକ୍ତ ୧୨ଟି କମ୍ପାନୀଙ୍କ ଅପରିଶୋଧ ଋଣ ପରିମାଣ ଥିଲା ୧.୭୮ଲକ୍ଷ କୋଟି ଟଙ୍କା।

ମୋତିଲାଲ ଓସ୍ୱାଲ ଆର୍ଥିକ ସେବା ଫାର୍ମର ରିପୋର୍ଟ ଅନୁସାରେ ଚଳିତ କ୍ୟାଲେଣ୍ଡର ବର୍ଷରେ ୩୭୬ଟି ମାମଲା ଏନ୍‌ସିଏଲ୍‌ଟିକୁ ବିଚାର ପାଇଁ ପଠାଯାଇଛି। ସେଥିମଧ୍ୟରୁ ସର୍ବାଧିକ ୧୮୭ଟି ମାମଲା ପରିଚାଳନା ଋଣ ପ୍ରଦାନକାରୀ (ଅପରେସନ କ୍ରେଡିଟ୍‌ର)ଙ୍କ ପକ୍ଷରୁ ଦାଏର ହୋଇଛି। ଋଣ ପ୍ରଦାନକାରୀ ସଂସ୍ଥା ୧୨୨ଟି ମାମଲା ରୁଜୁ କରିଥିବା ବେଳେ ଅବଶିଷ୍ଟ ମାମଲାତକ କମ୍ପାନୀ ଋଣ ପ୍ରଦାନକାରୀ (କର୍ପୋରେଟ୍ କ୍ରେଡିଟର) ଦାଏର କରିଛନ୍ତି। ଏସବୁ ମାମଲା ମଧ୍ୟରୁ ମାତ୍ର ଦୁଇଟିକୁ ବିଚାର ପାଇଁ ଗ୍ରହଣ କରାଯାଇଛି। ସେ ଦୁଇଟି ଯାକ ମାମଲାରେ ଋଣ କରିଥିବା ସଂସ୍ଥା ବଡ଼ଧରଣର ରିଆତି ପାଇପାରନ୍ତି। ଅନ୍ୟ ସାତଟି ମାମଲାରେ ସଂପୃକ୍ତ ଋଣକାରୀ କମ୍ପାନୀର ସମାପନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ୧୪ଟି ମାମଲାରେ ଅଧିକ ଅନୁସନ୍ଧାନ କରାଯାଉଛି।

କେତେକ କ୍ଷେତ୍ରରେ ଉଦ୍ୟୋକ୍ତାମାନେ ବିପୁଳ ଋଣ ବୋଝରୁ ମୁକ୍ତି ପାଇବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ନିଜ ଉଦ୍ୟୋଗର ନିଲାମ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏ କ୍ଷେତ୍ରରେ ବିପୁଳ ଋଣ ଛାଡ଼ର ସମ୍ଭାବନା ଥିବାରୁ ସେମାନେ ଏହି ସହଜ ପନ୍ଥା ଆପଣାଉଛନ୍ତି। କିଛି ସନ୍ଦିଗ୍ଧ କମ୍ପାନୀ ମଧ୍ୟ ଏସବୁ କମ୍ପାନୀ / ଉଦ୍ୟୋଗକୁ ନିଲାମରେ କିଣିବାକୁ ଚେଷ୍ଟା କରୁଛନ୍ତି। ଏହି ପ୍ରକ୍ରିୟାରେ ଉଦ୍ୟୋଗ ପୁନର୍ବାର ମୂଳ ମାଲିକଙ୍କ ନିୟନ୍ତ୍ରଣକୁ ଚାଲିଯାଉଛି। ଏହାକୁ ରୋକିବା ପାଇଁ ନୂଆ ଦେବାଳିଆ ସଂହିତାରେ କେତେକ ପ୍ରତିକାର ବ୍ୟବସ୍ଥା କରାଯାଇଛି।

ନୂତନ ବ୍ୟବସ୍ଥା ଅନୁସାରେ କୌଣସି ଇଚ୍ଛାକୃତ ଋଣ ଖିଲାପକାରୀ ତାହାର କମ୍ପାନୀ / ସଂସ୍ଥାକୁ ପୁନର୍ବାର ନିଜ ନିୟନ୍ତ୍ରଣକୁ ନେଇପାରିବ ନାହିଁ। ଏହାକୁ ରୋକିବା ପାଇଁ ଋଣ

ନିକଟରେ ସରକାର ଏ ସଂକ୍ରାନ୍ତ ଅଧ୍ୟାଦେଶରେ ରିଜର୍ଭବ୍ୟାଙ୍କର ପ୍ରାୟ ସବୁ ନିର୍ଦ୍ଦେଶାବଳୀକୁ ଆଇନଗତ ମାନ୍ୟତା ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ଏଥିରେ ସନ୍ଦିଗ୍ଧ ଉଦ୍ୟୋକ୍ତା, ଇଚ୍ଛାକୃତ ଋଣ ଖିଲାପ ଓ ଠକେଇ ପାଇଁ କଠୋର ଦଣ୍ଡବିଧାନର ବ୍ୟବସ୍ଥା ହୋଇଛି। ଆହୁରି ମଧ୍ୟ ଦେବାଳିଆ ଘୋଷିତ ଗୋଟିଏ କମ୍ପାନୀର ସହଯୋଗୀ କମ୍ପାନୀ ବା ଏକା ମାଲିକାନାରେ ଥିବା ଅନ୍ୟ କମ୍ପାନୀ ଦେବାଳିଆ ଘୋଷିତ କମ୍ପାନୀର ନିଲାମରେ ଭାଗ ନେଇ ପାରିବ ନାହିଁ। ତେବେ ଏ କ୍ଷେତ୍ରରେ ଅସୁବିଧାଟି ହେଲା ସେହି କମ୍ପାନୀର ମାଲିକ ଅନ୍ୟ ଲୋକ ବା ସଂସ୍ଥା ଜରିଆରେ ନିଲାମ ଡାକି ଦେବାଳିଆ କମ୍ପାନୀକୁ କିଣିବାରେ କିଛି ପ୍ରତିବନ୍ଧକ ନାହିଁ। ତେବେ ସେ ଯା'ହେଉ ସର୍ବାଧିକ ଋଣକାରୀ ୧୨ଟି କମ୍ପାନୀର ସମ୍ପତ୍ତିକୁ ଏହାର କୌଣସି ପ୍ରମୋଟର ଯେପରି ନିଲାମରେ କିଣି ନପାରନ୍ତି ତାହାକୁ ଏନ୍‌ସିଏଲ୍‌ଟି ନିଶ୍ଚିତ କରିଛି।

ପ୍ରଦାନକାରୀଙ୍କୁ ନେଇ ଏକ ତଦାରଖ କମିଟି ଗଠନ କରାଯାଇଛି। ଦେବାଳିଆ କମ୍ପାନୀର ନିଲାମ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରାଯାଇଛି ଏବଂ ଋଣଦେଇ ଦେବାଳିଆ ହୋଇଥିବା ସଂସ୍ଥା ପୁନର୍ବାର ଯେପରି ସେହି କମ୍ପାନୀକୁ କିଣି ନ'ପାରେ ସେଥିପାଇଁ ନିୟାମକ ପକ୍ଷରୁ ଆବଶ୍ୟକ ପ୍ରତିବିଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ହେଉଛି। ଇଚ୍ଛାକୃତ ଋଣ ଖିଲାପ ଓ ଠକେଇ ପାଇଁ ଋଣକାରୀଙ୍କ ବିରୋଧରେ ଆପରାଧିକ ମାମଲା, କଠୋର ଦଣ୍ଡବିଧାନ, ଅଯୋଗ୍ୟ ଘୋଷଣା ଆଦି ପଦକ୍ଷେପ ଗ୍ରହଣ ବ୍ୟବସ୍ଥା ରିଜର୍ଭବ୍ୟାଙ୍କ ନିର୍ଦ୍ଦେଶାବଳୀରେ ରହିଛି।

ନିକଟରେ ସରକାର ଏ ସଂକ୍ରାନ୍ତ ଅଧ୍ୟାଦେଶରେ ରିଜର୍ଭବ୍ୟାଙ୍କର ପ୍ରାୟ ସବୁ ନିର୍ଦ୍ଦେଶାବଳୀକୁ ଆଇନଗତ ମାନ୍ୟତା ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ଏଥିରେ ସନ୍ଦିଗ୍ଧ ଉଦ୍ୟୋକ୍ତା, ଇଚ୍ଛାକୃତ ଋଣ ଖିଲାପ ଓ ଠକେଇ ପାଇଁ କଠୋର ଦଣ୍ଡବିଧାନର ବ୍ୟବସ୍ଥା ହୋଇଛି। ଆହୁରି ମଧ୍ୟ ଦେବାଳିଆ ଘୋଷିତ ଗୋଟିଏ କମ୍ପାନୀର ସହଯୋଗୀ କମ୍ପାନୀ ବା ଏକା ମାଲିକାନାରେ ଥିବା ଅନ୍ୟ କମ୍ପାନୀ ଦେବାଳିଆ ଘୋଷିତ କମ୍ପାନୀର ନିଲାମରେ ଭାଗ ନେଇ ପାରିବ ନାହିଁ। ତେବେ ଏ କ୍ଷେତ୍ରରେ ଅସୁବିଧାଟି ହେଲା ସେହି କମ୍ପାନୀର ମାଲିକ ଅନ୍ୟ ଲୋକ ବା ସଂସ୍ଥା ଜରିଆରେ ନିଲାମ ଡାକି ଦେବାଳିଆ କମ୍ପାନୀକୁ କିଣିବାରେ କିଛି ପ୍ରତିବନ୍ଧକ ନାହିଁ। ତେବେ ସେ ଯା'ହେଉ ସର୍ବାଧିକ ଋଣକାରୀ ୧୨ଟି କମ୍ପାନୀର ସମ୍ପତ୍ତିକୁ ଏହାର କୌଣସି ପ୍ରମୋଟର ଯେପରି ନିଲାମରେ କିଣି ନପାରନ୍ତି ତାହାକୁ ଏନ୍‌ସିଏଲ୍‌ଟି ନିଶ୍ଚିତ କରିଛି।

ଏସବୁ କଟକଣା ଓ ଆଇନଗତ ପ୍ରତିବନ୍ଧକ ସତ୍ତ୍ୱେ କିଛି ପ୍ରସଙ୍ଗ ଉତ୍‌ଥାପିତ ହେଉଛି ଯାହା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁରକ୍ଷିତ କରିପାରୁନାହିଁ। ଗୋଟିଏ ଉଦାହରଣ ନେବା। ଋଣ ଶୁଝି ପାରି ନ ଥିବା ଉତ୍ତମ ଗାଲ୍‌ଭା କମ୍ପାନୀର ସମ୍ପତ୍ତି ଏବେ ନିଲାମ ହେବ। ଏହାକୁ ଆର୍ସେଲର ମିତ୍ତଲ କମ୍ପାନୀ କିଣିବାକୁ ଚାହୁଁଛି। ହେଲେ ଉତ୍ତମ ଗାଲଭା କମ୍ପାନୀରେ ଆର୍ସେଲର ମିତ୍ତଲର ଅଂଶଧନ ରହିଛି। ଆର୍ଥିକ ପ୍ରମୋଟର ହିସାବରେ ଆର୍ସେଲର ମିତ୍ତଲ, ଉତ୍ତମ ଗାଲ୍‌ଭା କମ୍ପାନୀର ନିଲାମରେ ଭାଗନେବାକୁ ନିୟମତଃ ଅଯୋଗ୍ୟ; କିନ୍ତୁ ଆର୍ସେଲର ମିତ୍ତଲର ଯୁକ୍ତି ହେଲା ଯେ ଉତ୍ତମ ଗାଲ୍‌ଭାରେ ତାହାର ଯେଉଁ ଅଂଶଧନ ରହିଛି ତାହା ୨୯ ଶତାଂଶ। ଏହା ସଂଖ୍ୟାଲଘୁ ଅଂଶୀଦାରର ପରିସରଭୁକ୍ତ। ଉତ୍ତମ ଗାଲଭାର ପରିଚାଳନା ବୋର୍ଡରେ ଆର୍ସେଲର ମିତ୍ତଲ ଜଣେ ପରିଚାଳନା ନିର୍ଦ୍ଦେଶକଭାବେ ନଥିବାରୁ ତାକୁ ନିଲାମରେ ଭାଗ ନେବାକୁ ଅନୁମତି ଦେବାକୁ କମ୍ପାନୀ ଯୁକ୍ତି ଉପସ୍ଥାପନ କରୁଛି। ତେବେ ଆଇବିସି ନିୟମ ଅନୁସାରେ ୨୦ଶତାଂଶ ଅଂଶଧନ ଥିବା କୌଣସି କମ୍ପାନୀ ମୂଳ କମ୍ପାନୀର ନିଲାମରେ ଭାଗ ନେଇ ପାରିବ ନାହିଁ। ଏ ନେଇ ଯେଉଁ ଆଇନଗତ ବିବାଦ ଚାଲିଛି ତାହାର ସମାଧାନ କରିବାକୁ ସ୍ୱଷ୍ଟ ନିୟମ ଲୋଡ଼ା। ସେବିର ନିୟମ ଅନୁସାରେ କୌଣସି କମ୍ପାନୀରେ ୧୦ଶତାଂଶ ଅଂଶଧନ ଥିବା କମ୍ପାନୀକୁ ପ୍ରମୋଟର ଭାବେ ଗଣାଯିବ। ତେଣୁ ତାହାକୁ ନିଲାମରେ ଭାଗ ନେବାକୁ ଅନୁମତି ଦିଆଯିବା ଅନୁଚିତ।

ପୂର୍ବୋକ୍ତ ୧୨ଟି ବଡ଼ ଋଣ ଖିଲାପକାରୀ କମ୍ପାନୀ ବ୍ୟତୀତ ଆଉ ୨୯ଟି କମ୍ପାନୀର ନାମ ରିଜର୍ଭ ବ୍ୟାଙ୍କ ଏନ୍‌ଏସ୍‌ଏଲ୍‌ଟିକୁ ଦେଇଛି। ଋଣ ପରିଶୋଧ ମାମଲାର ଆପୋସ ସମାଧାନ ନ'ହେଲେ ଏସବୁ କମ୍ପାନୀର ନିଲାମ କରାଯାଇପାରେ। ପାଞ୍ଚଟି ଇସ୍ପାତ କାରଖାନା ଓ ଆମ୍‌ଟେକ୍ ଅଟୋ ଉଦ୍ୟୋଗ ମଧ୍ୟ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଏବେ ପ୍ରସଙ୍ଗ ହେଉଛି ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ଋଣ ମାମଲାର ସମାଧାନ ପାଇଁ ବ୍ୟାଙ୍କ ସମୂହଙ୍କୁ ଯଦି ସମୟ ଦିଆଯାଉଛି ୧୨ଟି ବଡ଼ କମ୍ପାନୀଙ୍କୁ ଏ ସୁଯୋଗ କାହିଁକି ମିଳୁନାହିଁ ?

ଦେବାଳିଆ ପ୍ରସଙ୍ଗରେ ବିବାଦୀୟ ପ୍ରସଙ୍ଗମାନ ଉଠିବ ଏବଂ ଆଇନଗତ ପ୍ରଶ୍ନ ଉତ୍‌ଥାପିତ ହେବ। ହେଲେ ଏ କ୍ଷେତ୍ରରେ ମୁଖ୍ୟ ଲକ୍ଷ୍ୟ ହେଉଛି ଋଣ ଶୁଝିପାରୁ ନ ଥିବା କମ୍ପାନୀମାନଙ୍କ ପାଇଁ ବିଲୋପନ ବା ଉତ୍ଥାନର ଏକ ସହଜ ବାଟ ଫିଟାଇବା। ଯେଉଁ କମ୍ପାନୀ ଆଉ ପୁନରୁଦ୍ଧାର ହେବା ଅବସ୍ଥାରେ ନାହିଁ ତାହାକୁ ଆଉ ଅଧିକ ସମୟ ଝୁଲାଇ ନ ରଖି ତାହାର ବିଲୋପନ ଯଥାଶୀଘ୍ର କରାଯିବା ଆବଶ୍ୟକ। ସେହିଭଳି କୌଣସି ଋଣଗ୍ରସ୍ତ କମ୍ପାନୀର ପୁନରୁଦ୍ଧାର ପାଇଁ ଯଦି ବାଟଥାଏ ତା'କୁ ମୁଣ୍ଡ ଟେକିବାକୁ ସୁଯୋଗ ଯଥାଶୀଘ୍ର ଦେବାର ଆବଶ୍ୟକତା ରହିଛି।

ଲେଖକ ଜଣେ ଅର୍ଥନୈତିକ ସାମ୍ବାଦିକ।

# ଭାରତରେ ଗ୍ରାମୀଣ ବ୍ୟାଙ୍କ ସେବା : ସମସ୍ୟା ଓ ଆହ୍ୱାନ

■ ମଂଜୁଳା ୱାଧୱା

ଜାତିର ଜନକଙ୍କ ଭାଷାରେ ଭାରତ ତାହାର ଗ୍ରାମ ସମୂହରେ ବଞ୍ଚିଛି। ତଦନୁସାରେ ଭାରତର ସର୍ବାଙ୍ଗୀଣ ଉନ୍ନତି ପାଇଁ ଗ୍ରାମାଞ୍ଚଳ ବିକାଶ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ସ୍ୱାଧୀନତା ପରଠାରୁ ଆମ ନୀତି ନିର୍ଦ୍ଧାରକମାନେ ଗ୍ରାମାଞ୍ଚଳର ବିକାଶ ଓ ସମୃଦ୍ଧିକୁ ଆଖି ଆଗରେ ରଖି ବିଭିନ୍ନ ନୀତି ତଥା କାର୍ଯ୍ୟକ୍ରମ ଗ୍ରହଣ କରିଆସିଛନ୍ତି। ବିଗତ ୭୦ବର୍ଷ ମଧ୍ୟରେ ସ୍ୱାଧୀନ ଭାରତରେ ସମବାୟ ଋଣ ଯୋଗାଣ ବ୍ୟବସ୍ଥା ଠାରୁ ଆରମ୍ଭ କରି ବ୍ୟାଙ୍କ ଜାତୀୟକରଣ, ଗ୍ରାମାଞ୍ଚଳକୁ ବ୍ୟାଙ୍କ ସେବାର ପ୍ରସାର, ୧୯୭୬ରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର ପ୍ରତିଷ୍ଠା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ବ୍ୟବସ୍ଥା ଆରମ୍ଭ ହେବାପରେ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବାର ପ୍ରସାରର ଏକ ଆନୁଷ୍ଠାନିକ ସ୍ୱତନ୍ତ୍ର ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏବେ ଏହାର ପରିସର ବ୍ୟାପକ ହୋଇପାରିଛି। ଏହା ସତ୍ତ୍ୱେ ଆମ ଗ୍ରାମାଞ୍ଚଳର ଏକ ବୃହତ୍ ସମୁଦାୟ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ବାହାରେ ରହି ସାହୁକାର / ମହାଜନଙ୍କ ଶୋଷଣର ଶିକାର ହେଉଛନ୍ତି ଯାହା ଦୁଃଖ ଓ ପରିତାପର ବିଷୟ। ଏବେ ମଧ୍ୟ ଭାରତର ୨୪ ଶତାଂଶ ପ୍ରାପ୍ତବୟସ୍କ ଲୋକ ବ୍ୟାଙ୍କ ସେବାରୁ ବଞ୍ଚିତ। ଦକ୍ଷିଣ ଏସିଆ ହାର ଅନୁସାରେ ଏହା ଦୁଇ ତୃତୀୟାଂଶ। ଭାରତର ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରାୟ ୩୧କୋଟି ଲୋକ, ଯେଉଁମାନେ ବ୍ୟାଙ୍କ କାରବାର କରିବାକୁ ସକ୍ଷମ, ସେମାନଙ୍କୁ ବ୍ୟାଙ୍କ ସୁବିଧା ଏପର୍ଯ୍ୟନ୍ତ ମିଳିନାହିଁ। ଏସ୍‌ଏଲ୍‌ବିସିର ରିପୋର୍ଟ ଅନୁସାରେ ୨୦୧୬ ଜୁନ୍ ୩୦ ସୁଦ୍ଧା ଦେଶର ଛ'ଲକ୍ଷ ଗାଁ ମଧ୍ୟରୁ ୪ଲକ୍ଷ ୫୨ ହଜାର ୧୫୧ ଗାଁରେ ବ୍ୟାଙ୍କ ପ୍ରତିନିଧି (ବିସି) ଏବଂ ଅବଶିଷ୍ଟ ୨୦,୫୩୯ ଗାଁରେ ଏଟିଏମ୍, ମୋବାଇଲ ଭ୍ୟାନ ଆଦି ବ୍ୟବସ୍ଥା ଜରିଆରେ ବ୍ୟାଙ୍କ ସେବା ଯୋଗାଇ ଦିଆଯାଉଛି। ଭୌତିକ ଓ ସାମାଜିକ ଭିତ୍ତିଭୂମିର ଅଭାବ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ପ୍ରସାର କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ତଳେ ଦିଆଯାଇଥିବା ଚିତ୍ରାବଳୀରୁ ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣର ବାସ୍ତବ ଚିତ୍ର ଜାଣିହେବ।





ଗ୍ରାମାଞ୍ଚଳ ଭାରତର ସାକ୍ଷରତା ହାର ୭୧%। ଗାଁର ଶିକ୍ଷିତ ଲୋକଟିଏ ବ୍ୟାଙ୍କ ସୁବିଧା ପାଇବା ପାଇଁ ସହରକୁ ଆସିଲେ ତା'ର ଦିନଟିଏ ନଷ୍ଟ ହୁଏ। ବ୍ୟାଙ୍କ ସବୁ ପୂର୍ବାହ୍ଣ ୧୦ଟାରେ ଖୋଲେ ଓ ଅପରାହ୍ଣ ୫ଟାରେ ବନ୍ଦ ହୁଏ। ତେଣୁ ଦିନସାରା ସେ ଅନ୍ୟକାମ କରିପାରେ ନାହିଁ। ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ଏନ୍‌ଜିଓ, ସ୍ୱୟଂସହାୟକ ଗୋଷ୍ଠୀ, ମାଇକ୍ରୋ ଫାଇନାନ୍ସ, ଅର୍ଦ୍ଧ ଆନୁଷ୍ଠାନିକ ସେବା ପ୍ରଦାନକାରୀ ବ୍ୟାଙ୍କ ପ୍ରତିନିଧିଙ୍କୁ ନିୟୋଜିତ କରାଯାଇଛି। ମାତ୍ର ଦେଖାଯାଉଛି ଏସବୁ ବ୍ୟବସ୍ଥା ଗ୍ରାମାଞ୍ଚଳରେ ସୀମିତ ବ୍ୟାଙ୍କ ସେବା ଯୋଗାଣରେ ସମର୍ଥ ହେଉଛନ୍ତି। ସେମାନଙ୍କ ସେବାରେ ମଧ୍ୟ ଅନେକ ତ୍ରୁଟି ବିଚ୍ୟୁତି ରହୁଛି।

ଏହାବ୍ୟତୀତ ଅନେକ ବ୍ୟାଙ୍କ ଗ୍ରାମାଞ୍ଚଳ ବଜାରକୁ ଏକ ଅର୍ଥନୈତିକ ସୁଯୋଗ ଅପେକ୍ଷା ଏକ ନିୟନ୍ତ୍ରଣକାରୀ ଆବଶ୍ୟକତା ଭାବେ ବିଚାର କରନ୍ତି। ଏହାର ଅବଶ୍ୟ କିଛି କାରଣ ରହିଛି। ସେସବୁ ହେଲା-ଗ୍ରାମାଞ୍ଚଳ ଲୋକଙ୍କର ଆୟ-ବ୍ୟୟ ଢାଞ୍ଚା ଅନିୟମିତତା ଓ ଗ୍ରାମାଞ୍ଚଳରେ ଅଧିକ ପରିମାଣର ଅଣଲାଭଦାୟକ ଋଣ ପ୍ରଦାନ। ଗ୍ରାମାଞ୍ଚଳର ଅର୍ଥନୀତି ମୁଖ୍ୟତଃ କୃଷି ଭିତ୍ତିକ। ଚାଷବାସ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ ଏବଂ ଅମଳ ଅନିଶ୍ଚିତ। ଚାଷୀଙ୍କର ଚାଷବାସ କ୍ଷତିଗ୍ରସ୍ତ ହେଲେ ଋଣଛାଡ଼ ରାଜନୈତିକ କାର୍ଯ୍ୟସୂଚୀରେ ଅଗ୍ରାଧିକାର ପାଏ। ଫଳରେ ବ୍ୟାଙ୍କ ସମୂହ କ୍ଷତିଗ୍ରସ୍ତ ହୁଅନ୍ତି। ଗ୍ରାମାଞ୍ଚଳରେ ବ୍ୟାଙ୍କ ସମୂହ ଯେଉଁ ପରିମାଣର ଅର୍ଥ ଋଣ ଆକାରରେ ଦିଅନ୍ତି ତା'ଠାରୁ ବହୁ କମ୍ ଜମା ଆକାରରେ ମିଳେ। ଅତଏବ ବ୍ୟାଙ୍କର ଶାଖାସବୁ କ୍ଷତିରେ ଚାଲେ। ଅପରପକ୍ଷରେ ଚାଷୀ, ଗ୍ରାମାଞ୍ଚଳର କ୍ଷୁଦ୍ର ବ୍ୟବସାୟୀ ଓ ବିଭିନ୍ନ ସରକାରୀ ଯୋଜନାରେ ନିଯୁକ୍ତ ମଜୁରିଆ, ଶ୍ରମିକ ସେମାନଙ୍କ ବୃତ୍ତିଗତ କାର୍ଯ୍ୟ ପାଇଁ ବ୍ୟାଙ୍କ ସେବା ଚାହାନ୍ତି।

ଗ୍ରାମାଞ୍ଚଳର ବାସ୍ତବତା କ୍ରମଶଃ ବଦଳୁଛି। ଏହାଫଳରେ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ବ୍ୟାଙ୍କ ଶାଖା ସ୍ଥାପନ ସହିତ ବ୍ୟାଙ୍କ ସେବାର ପ୍ରସାର ଏକାନ୍ତ ଅପରିହାର୍ଯ୍ୟ ହୋଇଛି। ତେଣୁ ଗ୍ରାମାଞ୍ଚଳରେ ବ୍ୟାଙ୍କ ବ୍ୟବସ୍ଥା ଓ ସେବା ସ୍ଥିର ନିଶ୍ଚିତ ହେବାର ଆବଶ୍ୟକତା ଉପୁଜିଛି। ସେଥିପାଇଁ ନୂଆ ଟେକ୍‌ନୋଲୋଜି ପରିଚାଳିତ ନିରନ୍ତର ବ୍ୟାଙ୍କ ସେବା ଗ୍ରାମାଞ୍ଚଳରେ ଆରମ୍ଭ କରିବାର ସମୟ ଆସିଛି। ଏଥିପାଇଁ କେତେକ ବିଷୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ସେଗୁଡ଼ିକ ହେଲା ୧) ସାମଗ୍ରୀଗତ କୌଶଳ (ପ୍ରଡକ୍ଟ ଷ୍ଟ୍ରାଟେଜି), ୨) ପ୍ରୋସେସ ବା ପ୍ରକ୍ରିୟା, ୩) ପାର୍ଟନରସିପ୍ ବା ଅଂଶୀଦାରୀ, ୪) ପ୍ରୋଟେକସନ ବା ସୁରକ୍ଷା, ୫) ପ୍ରଫିଟେବିଲିଟି ବା ଲାଭ, ୬) ପ୍ରଡକ୍ଟିଭିଟି ବା ଉତ୍ପାଦକତା, ୭) ପିପୁଲ ବା ଜନସମୁଦାୟ। ଏହି ସାତଟି ବିଷୟକୁ ନେଇ ଗ୍ରାମାଞ୍ଚଳ ବ୍ୟାଙ୍କ ସେବା ନିମନ୍ତେ କୌଶଳ ପ୍ରସ୍ତୁତ କରିବାକୁ ପଡ଼ିବ।

ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଖ୍ୟାତ ବର୍ଣ୍ଣ ବୈଷମ୍ୟ ବିରୋଧୀ ନେତା ନେଲ୍‌ସନ୍ ମାଣ୍ଡେଲା କହିଥିଲେ,

ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବାର ପ୍ରସାର ଓ ଅଧିକରୁ ଅଧିକ ଲୋକଙ୍କୁ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ପରିସରକୁ ଆଣିବାକୁ ହେଲେ ନିମ୍ନଲିଖିତ ବିଷୟ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରଥମେ ବିଜ୍‌ନେସ୍ କରେସ୍ପଣ୍ଡେଣ୍ଟମାନଙ୍କୁ ବ୍ୟାଙ୍କ ପକ୍ଷରୁ ଉପଯୁକ୍ତ ପାରିଶ୍ରମିକ ଦେବାକୁ ପଡ଼ିବ। ସେମାନଙ୍କ କାର୍ଯ୍ୟ ତଦାରଖ କରିବାକୁ ପ୍ରଭାବଶାଳୀ ବ୍ୟବସ୍ଥା କରିବାକୁ ହେବ। ଏହାଦ୍ୱାରା ସେମାନେ ପଇସାପତ୍ର କାରବାରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଗ୍ରାହକଙ୍କ ଆପତ୍ତି ଅଭିଯୋଗର ତୁରନ୍ତ ଶୁଣାଣି କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପଡ଼ିବ। ଗ୍ରାମାଞ୍ଚଳରେ ନିର୍ଦ୍ଦିଷ୍ଟ ବ୍ୟବଧାନରେ କ୍ଷୁଦ୍ର ସ୍ଥାୟୀ ବ୍ୟାଙ୍କ ଶାଖାମାନ ଖୋଲିବାକୁ ହେବ। ବିସିମାନଙ୍କୁ ଆବଶ୍ୟକ ତାଲିମ ମଧ୍ୟ ଦେବାକୁ ପଡ଼ିବ।



"ଯେଉଁମାନଙ୍କ ପାଖରେ ପ୍ରଚୁର କିଛି ଅଛି ସେମାନଙ୍କୁ ଅଧିକ କିଛି ଦେଲେ ସମାଜର ବିକାଶ ସାଧିତ ହେବନାହିଁ; ଯେଉଁମାନଙ୍କ ପାଖରେ କିଛି ନାହିଁ ସେମାନଙ୍କ ପାଖରେ ଯଥେଷ୍ଟ କିଛି ପହଞ୍ଚିଲେ ପ୍ରକୃତ ବିକାଶ ସାଧିତ ହେବ।" ବୋଧହୁଏ ଏହି ବିଚାରରେ ଅନୁପ୍ରାଣିତ ହୋଇ ସରକାର ଏବେ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବାର ପ୍ରସାର ଉପରେ ଗୁରୁତ୍ୱ ଦେଉଛନ୍ତି।

ଆର୍ଥିକ ସମାବେଶ ସଂକ୍ରାନ୍ତ ପ୍ରଥମ ମୂଳଭୂତ ପ୍ରୟାସ ଭାରତରେ ୨୦୦୫ରେ ଆରମ୍ଭ ହୋଇଥିଲା। ଇଣ୍ଡିଆନ ବ୍ୟାଙ୍କର ତତ୍‌କାଳୀନ ଅଧକ୍ଷ କେ.ସି ଚକ୍ରବର୍ତ୍ତୀ ପ୍ରଥମଥର ପାଇଁ ମଙ୍ଗଳମ୍ ନାମକ ଏକ ଗ୍ରାମକୁ ବାଛି ସେଠାକାର ସବୁ ପରିବାରକୁ ବ୍ୟାଙ୍କ ସେବା ସୁବିଧା ଯୋଗାଇଥିଲେ। ଏବେ ଭାରତୀୟ ରିଜର୍ଭବ୍ୟାଙ୍କ ବିଭିନ୍ନ ପ୍ରକାର ପଦକ୍ଷେପ ହାତକୁ ନେଇ ଗ୍ରାମାଞ୍ଚଳ ବ୍ୟାଙ୍କ ସେବାକୁ ଏକ ଅଭିଯାନ ଭାବେ କାର୍ଯ୍ୟକାରୀ କରୁଛି। ନୂଆ ସାମଗ୍ରୀ, କୋହଳ ବ୍ୟବସ୍ଥା ଓ ନିୟନ୍ତ୍ରକ ନିର୍ଦ୍ଦେଶାବଳୀ ଜରିଆରେ ଏହାକୁ ସଫଳ କରିବାକୁ ଉଦ୍ୟମ ଚାଲିଛି। ଯଥାସମ୍ଭବ ଗ୍ରାମାଞ୍ଚଳ ଲୋକଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଉଛି। ଏବେ ଶୂନ ଜମାରେ ବ୍ୟାଙ୍କ ଖାତା ଖୋଲିବାର ବ୍ୟବସ୍ଥା ହୋଇଛି। ସ୍ୱଳ୍ପ ଜମା ଓ ଋଣ ପାଇଁ ଜେନେରାଲ କ୍ରେଡିଟକାର୍ଡ ପ୍ରଦାନର ବ୍ୟବସ୍ଥା କରାଯାଇଛି। ବାର୍ଷିକ ୫୦ ହଜାରରୁ କମ୍ ଜମା ରଖିବା ପାଇଁ ଥିବା ନିୟମକୁ କୋହଳ କରାଯାଇଛି। ଗରିବ ଓ ଅନଗ୍ରସର ବର୍ଗଙ୍କ ପାଇଁ ବ୍ୟାଙ୍କ ଖାତା ଖୋଲିବା ଅତି ସହଜ ହୋଇଛି। ଏସବୁର ଲକ୍ଷ୍ୟ ହେଲା ଅସ୍ୱଚ୍ଛଳ ଓ ଅଭାବୀ ବ୍ୟକ୍ତିଙ୍କୁ ସହଜରେ ଋଣ ଯୋଗାଇଦେବା ଏବଂ ସେମାନଙ୍କୁ ସୁଧଖୋର ସାହୁକାରଙ୍କ ଶୋଷଣରୁ ମୁକ୍ତ କରିବା। ଏହାଛଡ଼ା ସରକାରୀ ପ୍ରୋତ୍ସାହନ ମାଧ୍ୟମରେ ୫୦ ନିୟୁତ ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ ଯୋଗାଇଦିଆଯାଇଛି। ବେସରକାରୀ ସଂଗଠନ (ଏନ୍‌ଜିଓ / ଏସ୍‌ଏଚଜି), ମାଇକ୍ରୋ ଫାଇନାନ୍ସ ଓ ଅନ୍ୟ କେତେକ ନାଗରିକ ଅନୁଷ୍ଠାନକୁ ଏ କ୍ଷେତ୍ରରେ ସହଯୋଗ କରିବାକୁ ରିଜର୍ଭ ବ୍ୟାଙ୍କ ଅନୁମତି ପ୍ରଦାନ କରିଛନ୍ତି। ଏମାନେ ବିଜ୍‌ନେସ୍ କରେସପଣ୍ଡେଣ୍ଟ ଓ ଫ୍ୟାସିଲିଟେଟର ଭାବେ କାର୍ଯ୍ୟ କରୁଛନ୍ତି। ଏସବୁ ପ୍ରୟାସ ଫଳରେ ପୁଡୁଚେରୀ, ହିମାଚଳପ୍ରଦେଶ ଓ କେରଳ ଭଳି ରାଜ୍ୟରେ ଶତପ୍ରତିଶତ ଆର୍ଥିକ ସମାବେଶ ସମ୍ଭବ ହୋଇଛି। ରିଜର୍ଭ ବ୍ୟାଙ୍କ ୨୦୨୦ ସୁଦ୍ଧା ୬୦୦ ନିୟୁତ ନୂଆ ବ୍ୟାଙ୍କ ଜମା ଖାତା ଖୋଲିବାର ଲକ୍ଷ୍ୟ ରଖିଛି। ସେଥିପାଇଁ ବ୍ୟାଙ୍କସମୂହଙ୍କ ଆଇଟି

ଗ୍ରାମାଞ୍ଚଳର ବାସ୍ତବତା କ୍ରମଶଃ ବଦଳୁଛି। ଏହାଫଳରେ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ବ୍ୟାଙ୍କ ଶାଖା ସ୍ଥାପନ ସହିତ ବ୍ୟାଙ୍କ ସେବାର ପ୍ରସାର ଏକାନ୍ତ ଅପରିହାର୍ଯ୍ୟ ହୋଇଛି। ତେଣୁ ଗ୍ରାମାଞ୍ଚଳରେ ବ୍ୟାଙ୍କ ବ୍ୟବସ୍ଥା ଓ ସେବା ସ୍ଥିର ନିଶ୍ଚିତ ହେବାର ଆବଶ୍ୟକତା ଉପୁଜିଛି। ସେଥିପାଇଁ ନୂଆ ଟେକ୍‌ନୋଲୋଜି ପରିଚାଳିତ ନିରନ୍ତର ବ୍ୟାଙ୍କ ସେବା ଗ୍ରାମାଞ୍ଚଳରେ ଆରମ୍ଭ କରିବାର ସମୟ ଆସିଛି। ଏଥିପାଇଁ କେତେକ ବିଷୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ସେଗୁଡ଼ିକ ହେଲା ୧) ସାମଗ୍ରୀଗତ କୌଶଳ (ପ୍ରଡକ୍ଟ ଷ୍ଟ୍ରାଟେଜି), ୨) ପ୍ରୋସେସ ବା ପ୍ରକ୍ରିୟା, ୩) ପାର୍ଟନରସିପ୍ ବା ଅଂଶୀଦାରୀ, ୪) ପ୍ରୋଟେକସନ ବା ସୁରକ୍ଷା, ୫) ପ୍ରଫିଟେବିଲିଟି ବା ଲାଭ, ୬) ପ୍ରଡକ୍ଟିଭିଟି ବା ଉତ୍ପାଦକତା, ୭) ପିପୁଲ ବା ଜନସମୁଦାୟ। ଏହି ସାତଟି ବିଷୟକୁ ନେଇ ଗ୍ରାମାଞ୍ଚଳ ବ୍ୟାଙ୍କ ସେବା ନିମନ୍ତେ କୌଶଳ ପ୍ରସ୍ତୁତ କରିବାକୁ ପଡ଼ିବ।

ବ୍ୟବସ୍ଥାରେ ଉନ୍ନତି ଅଣାଯାଉଛି। ଏହି ପ୍ରୟାସ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ସଂପ୍ରସାରଣରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିବ ବୋଲି ଆଶା କରାଯାଏ।

ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବାର ପ୍ରସାର ଓ ଅଧିକରୁ ଅଧିକ ଲୋକଙ୍କୁ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ପରିସରକୁ ଆଣିବାକୁ ହେଲେ ନିମ୍ନଲିଖିତ ବିଷୟ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରଥମେ ବିଜ୍‌ନେସ୍ କରେସ୍ପଣ୍ଡେଣ୍ଟମାନଙ୍କୁ ବ୍ୟାଙ୍କ ପକ୍ଷରୁ ଉପଯୁକ୍ତ ପାରିଶ୍ରମିକ ଦେବାକୁ ପଡ଼ିବ। ସେମାନଙ୍କ କାର୍ଯ୍ୟ ତଦାରଖ କରିବାକୁ ପ୍ରଭାବଶାଳୀ ବ୍ୟବସ୍ଥା କରିବାକୁ ହେବ। ଏହାଦ୍ୱାରା ସେମାନେ ପଇସାପତ୍ର କାରବାରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଗ୍ରାହକଙ୍କ ଆପତ୍ତି ଅଭିଯୋଗର ତୁରନ୍ତ ଶୁଣାଣି କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପଡ଼ିବ। ଗ୍ରାମାଞ୍ଚଳରେ ନିର୍ଦ୍ଦିଷ୍ଟ ବ୍ୟବଧାନରେ କ୍ଷୁଦ୍ର ସ୍ଥାୟୀ ବ୍ୟାଙ୍କ ଶାଖାମାନ ଖୋଲିବାକୁ ହେବ। ବିସିମାନଙ୍କୁ ଆବଶ୍ୟକ ତାଲିମ ମଧ୍ୟ ଦେବାକୁ ପଡ଼ିବ।

> ଏବେ ଭାରତୀୟ ରିଜର୍ଭବ୍ୟାଙ୍କ ବିଭିନ୍ନ ପ୍ରକାର ପଦକ୍ଷେପ ହାତକୁ ନେଇ ଗ୍ରାମାଞ୍ଚଳ ବ୍ୟାଙ୍କ ସେବାକୁ ଏକ ଅଭିଯାନ ଭାବେ କାର୍ଯ୍ୟକାରୀ କରୁଛି। ନୂଆ ସାମଗ୍ରୀ, କୋହଳ ବ୍ୟବସ୍ଥା ଓ ନିୟନ୍ତ୍ରକ ନିର୍ଦ୍ଦେଶାବଳୀ ଜରିଆରେ ଏହାକୁ ସଫଳ କରିବାକୁ ଉଦ୍ୟମ ଚାଲିଛି। ଯଥାସମ୍ଭବ ଗ୍ରାମାଞ୍ଚଳ ଲୋକଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଉଛି। ଏବେ ଶୂନ ଜମାରେ ବ୍ୟାଙ୍କ ଖାତା ଖୋଲିବାର ବ୍ୟବସ୍ଥା ହୋଇଛି। ସ୍ୱଳ୍ପ ଜମା ଓ ଋଣ ପାଇଁ ଜେନେରାଲ କ୍ରେଡିଟ୍ କାର୍ଡ ପ୍ରଦାନର ବ୍ୟବସ୍ଥା କରାଯାଇଛି।

ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଏଟିଏମ୍ ସ୍ଥାପନ ସହିତ ରୂପେ କାର୍ଡର ଅଧିକ ପ୍ରଚଳନ କରାଯିବା ଉଚିତ। ଲୋକଙ୍କୁ ବ୍ୟାଙ୍କ କାରବାର ସମ୍ପର୍କରେ ଶିକ୍ଷିତ ସଚେତନ କରିବା ସହ ବ୍ୟାଙ୍କ ଓ ଏଟିଏମ୍‌ର ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ହେବ। ନାବାର୍ଡ ଇତିମଧ୍ୟରେ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ଯୋଗାଣରେ ବେଶ୍ କିଛି ଆଖିଦୃର୍ଶିଆ ପଦକ୍ଷେପ ଗ୍ରହଣ କରିଛି। ଏହା କେସିସିକୁ ଇଲେକ୍‌ଟ୍ରୋନିକ କ୍ରେଡିଟ୍ କାର୍ଡରେ ପରିଣତ କରିବା ସହ ରୂପେ କେସିସି ବ୍ୟବସ୍ଥା ଚାଲୁ କରିଛି। ଗ୍ରାମାଞ୍ଚଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ସମୂହ ବହୁମୁଖୀ କାର୍ଡ ପ୍ରବର୍ତ୍ତନ କରିବାର ଆବଶ୍ୟକତା ରହିଛି - ଯାହା ଡେବିଟ କାର୍ଡ, କିଷାନ କ୍ରେଡିଟ୍ କାର୍ଡ (କେସିସି), ଜିସିସି ବା ଗ୍ରୀନ୍ ଚାନାଲ କାର୍ଡ ଭଳି କାମ କରିପାରିବ।



ମାର୍ଚ୍ଚ ୨୦୧୭ ସୁଦ୍ଧା ଗ୍ରାମୀଣ ଭାରତରେ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ଥିଲା ୫୦୬ ନିୟୁତ । ଏନକ୍ରିପ୍ଟେଡ୍ ଏମ୍ଏମ୍ଏସ୍ ବେସ୍ଡ ଫଣ୍ଡ ଟ୍ରାନ୍ସଫର ପାଇଁ ଏହାକୁ ଉପଯୋଗ କରାଯାଇପାରେ । ନାବାର୍ଡ ପକ୍ଷରୁ ନିକଟରେ ପ୍ରକାଶିତ ନିର୍ଦ୍ଦେଶାବଳୀ ଅନୁସାରେ ବ୍ୟାଙ୍କ ସମୂହ ପିଏସି ବ୍ୟବହାର କରିପାରିବେ । ଏହାଛଡ଼ା ଗ୍ରାମାଞ୍ଚଳର ସର୍ବବୃହତ୍ ନେଟ୍ୱାର୍କ ସମବାୟ ସଂସ୍ଥାଙ୍କୁ ବ୍ୟବସାୟ ପ୍ରତିନିଧି ଭାବେ ବ୍ୟବହାର କରାଯାଇପାରିବ । ଗ୍ରାମାଞ୍ଚଳର ଅନେକ ଲୋକ ରୋଜଗାର ଲକ୍ଷ୍ୟରେ ଅନ୍ୟତ୍ର ରହୁଥିବାରୁ ସେମାନେ ସହଜ ଓ ସୁବିଧାରେ ଘରକୁ ଯେପରି ଟଙ୍କା ପଠାଇପାରିବେ ତାହାକୁ ନିଶ୍ଚିତ କରିବାକୁ ଏହି ନିର୍ଦ୍ଦେଶାବଳୀରେ ଗୁରୁତ୍ୱ ଦିଆଯାଇଛି ।



ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଉପଯୁକ୍ତ ବ୍ୟାଙ୍କ ସେବା ପ୍ରଦାନ କରିବାକୁ ନିଜର କର୍ମଚାରୀମାନଙ୍କୁ ଆବଶ୍ୟକ ତାଲିମ ଉପରେ ମଧ୍ୟ ଅଗ୍ରାଧିକାର ଦିଆଯାଇଛି । ବଡ଼ବଡ଼ ଚାଷୀଙ୍କ ସହିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କୃଷି ଋଣ ଯୋଗାଇ ସେମାନଙ୍କୁ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାକୁ ଆଣିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି । ତା'ନହେଲେ ଆର୍ଥିକ ସମାବେଶର ଲକ୍ଷ୍ୟ ସାଧିତ ହୋଇପାରିବ ନାହିଁ । ଏତଦ୍ ଭିନ୍ନ ଇଲେକ୍ଟ୍ରୋନିକ ବେନିଫିଟ ଟ୍ରାନ୍ସଫର ସିଷ୍ଟମକୁ ଗ୍ରାମାଞ୍ଚଳ ବ୍ୟାଙ୍କ ସେବାରେ ଯଥାଯଥ ଗୁରୁତ୍ୱ ପ୍ରଦାନ ପାଇଁ କୁହାଯାଇଛି । ଗ୍ରାମାଞ୍ଚଳରେ ଋଣ ପ୍ରଦାନବେଳେ ଜୀବିକାର୍ଜନ ଓ ନିଯୁକ୍ତି ବ୍ୟବସ୍ଥା ଯେପରି ତ୍ୱରାନ୍ୱିତ ହୋଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ ।

ସର୍ବଶେଷ ତଥ୍ୟ ଅନୁସାରେ ୨୦୧୦ ମାର୍ଚ୍ଚ ସୁଦ୍ଧା ଦେଶର ଗ୍ରାମାଞ୍ଚଳରେ ୩୩,୩୭୮ଟି ବ୍ୟାଙ୍କ ଶାଖା ରହିଥିବାବେଳେ ୨୦୧୬ମାର୍ଚ୍ଚ ସୁଦ୍ଧା ଏହି ସଂଖ୍ୟା ୫୧୮୩୦ରେ ପହଞ୍ଚିଥିଲା । ସେହିଭଳି ଗ୍ରାମାଞ୍ଚଳରେ ଶାଖା ବିହୀନ ବ୍ୟାଙ୍କ ସେବାକେନ୍ଦ୍ର (ଆଉଟଲେଟ୍) ୨୦୧୦ ମାର୍ଚ୍ଚ ସୁଦ୍ଧା ୩୪୩୧୬ ଥିବାବେଳେ ୨୦୧୬ ମାର୍ଚ୍ଚ ସୁଦ୍ଧା ଏହା ୫୩୪,୪୭୭ ଥିଲା । ଏ କ୍ଷେତ୍ରରେ ମାର୍ଚ୍ଚ ୨୦୧୭ ସୁଦ୍ଧା ଘରୋଇ ଉଦ୍ୟୋଗ ବ୍ୟାଙ୍କର ସଂପ୍ରସାରଣ ସେବା ମାତ୍ର ୨୦% ଥିଲା ଯାହା ସନ୍ତୋଷଜନକ ନୁହେଁ । ତେଣୁ ଘରୋଇ ବ୍ୟାଙ୍କମାନେ ଗ୍ରାମାଞ୍ଚଳ ସେବା ପ୍ରତି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ଦେଶର ୬ ଲକ୍ଷ ଗାଁ ମଧ୍ୟରୁ ପ୍ରାୟ ୧୮ ହଜାର ଗାଁରେ ଏ ପର୍ଯ୍ୟନ୍ତ ବିଜୁଳି ପହଞ୍ଚିନାହିଁ । ତେଣୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏସବୁ ଗ୍ରାମକୁ ବିଜୁଳି ଯୋଗାଇ ନ'ଦେଲେ ସେଠାକୁ ବ୍ୟାଙ୍କ ସେବା ସଂପ୍ରସାରଣରେ ଅସୁବିଧା ସୃଷ୍ଟି ହେବ ।

ଗ୍ରାମାଞ୍ଚଳ ବ୍ୟାଙ୍କ ସେବା କ୍ଷେତ୍ରରେ ସ୍ଥାନୀୟ ଭାଷାର ଗୁରୁତ୍ୱ ଅତି ଅଧିକ । ବ୍ୟାଙ୍କର ଫର୍ମ, ନୀତିନିୟମ ଆଦି ସ୍ଥାନୀୟ ଭାଷାରେ ପ୍ରସ୍ତୁତ ହେବା ଦରକାର ଯାହା ଇଂରାଜୀ ଜାଣି ନ ଥିବା ଲୋକେ ସହଜରେ ବୁଝିପାରିବେ । ଏହା ଆର୍ଥିକ ସାକ୍ଷରତା ପ୍ରସାର ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ବ୍ୟାଙ୍କ ସମୂହଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଇଂରାଜୀ ପ୍ରେମରୁ ମୁକ୍ତ ହେବାକୁ ପଡ଼ିବ ।

ଭାରତରେ ବିଶ୍ୱର ଅନ୍ୟତମ ସର୍ବବୃହତ୍ ଡାକଯୋଗାଯୋଗ ବ୍ୟବସ୍ଥା ରହିଛି । ଦେଶରେ ଏବେ ମୋଟ ୧,୫୪,୮୮୨ ଡାକଘର କାର୍ଯ୍ୟକରୁଛି । ସେଥିମଧ୍ୟରୁ ଗ୍ରାମାଞ୍ଚଳରେ ୧,୩୯,୧୮୨ (୮୯.୮୬%) ଶାଖା ରହିଛି । ଅତଏବ ଡାକ ଯୋଗାଯୋଗ ବ୍ୟବସ୍ଥାର ଯେଉଁ ବିରାଟ ଭିତ୍ତିଭୂମି ଓ ସୁବିଧା ଗ୍ରାମାଞ୍ଚଳରେ ରହିଛି ତାହା ମାଧ୍ୟମରେ ବ୍ୟାଙ୍କ ସେବା ଯୋଗାଇବା ଅତି ସହଜ ହେବ । ସେ




ଦୃଷ୍ଟିରୁ ଭାରତ ସରକାର ଯେଉଁ 'ଇଣ୍ଡିଆ ପୋଷ୍ଟ ବ୍ୟାଙ୍କ' ଯୋଜନା ଆରମ୍ଭ କରିଛନ୍ତି ତାହା ପ୍ରଶଂସାଯୋଗ୍ୟ।

ନାବାର୍ଡର ଏସ୍‌ଏଚ୍‌ଜି-ବ୍ୟାଙ୍କ ଲିଙ୍କେଜ୍ କାର୍ଯ୍ୟକ୍ରମ ବିଶ୍ୱର ସର୍ବବୃହତ୍ ମାଇକ୍ରୋ-କ୍ରେଡିଟ୍ ବ୍ୟବସ୍ଥା। ଏହାକୁ କିପରି ବଜାୟ ରଖାଯାଇପାରିବ ଓ ଏହି ବ୍ୟବସ୍ଥା ମାଇକ୍ରୋ-ଏଣ୍ଟରପ୍ରାଇଜ୍ ଜନିତ ପ୍ରସଙ୍ଗକୁ କିପରି ପରିଚାଳିତ କରିପାରିବ ତାହା ଦେଖିବାକୁ ହେବ।

ଗ୍ରାମାଞ୍ଚଳରେ ଯେଉଁମାନେ ବ୍ୟାଙ୍କ କରେସ୍‌ପଣ୍ଡେଣ୍ଟ (ବିସି) ସେବା ପାଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ନିରକ୍ଷର ଏବଂ ଏ କ୍ଷେତ୍ରରେ ବ୍ୟବହୃତ ଟେକ୍‌ନୋଲୋଜି ସମ୍ପର୍କରେ ଅଜ୍ଞ। ତେଣୁ ବିସି ସେବା ଦ୍ୱାରା ସେମାନେ ଠକାମୀରେ ପଡ଼ିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ'ପାରେ।

ଉପରବର୍ଣ୍ଣିତ ପ୍ରସଙ୍ଗର ସମାଧାନ ପାଇଁ ଭାରତ ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଇତିମଧ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିମଧ୍ୟରେ ୨୬କୋଟି ଜନଧନ ଆକାଉଣ୍ଟ ଖୋଲାଯିବା ଏକ ଉଲ୍ଲେଖନୀୟ ଉପଲବ୍ଧି। ମୁଦ୍ରା ଯୋଜନା, ଅଟଳ ପେନ୍‌ସନ୍ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଭଳି ଯେଉଁ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି ତାହା ଗ୍ରାମାଞ୍ଚଳରେ ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ସେହିଭଳି ନଗଦ ଟଙ୍କା କାରବାରକୁ ନିରୁତ୍ସାହିତ କରିବା ପାଇଁ ସରକାର କ୍ଷୁଦ୍ର ଏଟିଏମ୍ ଓ ରୁପେ କାର୍ଡ ପ୍ରବର୍ତ୍ତନ କରିଛନ୍ତି ଯାହା ଏକ ଭଲ ପଦକ୍ଷେପ। ଏହାଛଡ଼ା ଗ୍ରାମାଞ୍ଚଳରେ ବିକଳ୍ପ ଓ ସହଜ ବ୍ୟାଙ୍କ ସେବା ଯୋଗାଇଦେବାକୁ ସରକାର ୧୧ଟି ପେମେଣ୍ଟ ବ୍ୟାଙ୍କ ଓ ୧୦ଟି କ୍ଷୁଦ୍ର ଅର୍ଥଲଗାଣକାରୀ ବ୍ୟାଙ୍କକୁ ଅନୁମତି ପ୍ରଦାନ କରିଛନ୍ତି।

ଏସବୁ ପଦକ୍ଷେପ ସତ୍ତ୍ୱେ ଗ୍ରାମାଞ୍ଚଳ ବ୍ୟାଙ୍କ ସେବା କ୍ଷେତ୍ରରେ କେତେକ ସମସ୍ୟା ରହିଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ବିଚାରକୁ ଏ କ୍ଷେତ୍ରରେ ନିଆଯାଉ। ଏହି ଯୋଜନାରେ ଆକାଉଣ୍ଟର ବହୁଳତା ଏକ ସମସ୍ୟା। ଏଭଳି ବହୁ ଜମାଖାତା ବା ଆକାଉଣ୍ଟ ରହିଛି ଯେଉଁଥିରେ କୌଣସି ଅର୍ଥ ନାହିଁ ଏବଂ ସେଗୁଡ଼ିକ ନିଷ୍କ୍ରିୟ ହୋଇ ପଡ଼ିରହିଛି। ତେଣୁ ସେସବୁ ଆକାଉଣ୍ଟକୁ ବଞ୍ଚେଇ ରଖିବା ପାଇଁ ବ୍ୟାଙ୍କ ସମୂହଙ୍କୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଗରିବ ଲୋକେ ଢୋକେ ପିଇ ଦଣ୍ଡେ






ଜିଅନ୍ତି। ସେମାନଙ୍କର କୌଣସି ସ୍ଥାୟୀ ରୋଜଗାର ନଥାଏ। ଟଙ୍କା ବଳୁ ନଥିବାରୁ ସେମାନେ ବ୍ୟାଙ୍କରେ ଅର୍ଥ ସଞ୍ଚୟର ସୁଯୋଗ ପାଆନ୍ତି ନାହିଁ। ଏଣୁ ପଇସା ନ ଥିବା ବ୍ୟାଙ୍କ ଖାତା ଖୋଲି ଲୋକଙ୍କୁ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବାର କୌଣସି ମାନେ ନାହିଁ।

- ଟେକ୍‌ନୋଲୋଜି ପରିଚାଳିତ ସେବା ଯଥା ଜନଧନ, ଆଧାର ଓ ମୋବାଇଲକୁ ସଂଯୋଗ (ଜାମ୍) ମନ୍ତ୍ରର ଗତିରେ ପ୍ରସାର ଲାଭ କରୁଛି। ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବାର ସୁବିଧା ପେମେଣ୍ଟ ବ୍ୟାଙ୍କ ସମୂହଙ୍କର ରହିଥିଲେ ମଧ୍ୟ ଇଣ୍ଟରନେଟ୍‌ର ଅଭାବ, ବ୍ୟବହାର ଜନିତ ଜଟିଳତା, ଆପତ୍ତି ବା ଅଭିଯୋଗ ନିରାକରଣ ବ୍ୟବସ୍ଥାର ଅଭାବ ଆଦି କାରଣରୁ ବିଶେଷ ଲୋକପ୍ରିୟ ହୋଇପାରୁନାହିଁ। ଏ କ୍ଷେତ୍ରରେ ଉଭୟ ସରକାର ଓ ରିଜର୍ଭବ୍ୟାଙ୍କଙ୍କୁ ଅଧିକ କିଛି କରିବାର ଅଛି।

- ପ୍ରତ୍ୟକ୍ଷ ଲାଭ ଯୋଗାଣ ବ୍ୟବସ୍ଥା (ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର) ଏକ ଭଲ ପଦକ୍ଷେପ ହୋଇଥିଲେ ମଧ୍ୟ ପୁରୁଣା ମଧ୍ୟସ୍ଥ/ ଦଲାଲ ଏବଂ ବ୍ୟାଙ୍କ କର୍ମଚାରୀ ତଥାପି ଏ କ୍ଷେତ୍ରରେ ସଲାସୁତରା ହୋଇ ଲୋକଙ୍କୁ ଏହାର ସୁଫଳରୁ ବଞ୍ଚିତ କରିପାରନ୍ତି।

- ପେମେଣ୍ଟ ବ୍ୟାଙ୍କର ବିସ୍ତାର ଫଳରେ ନିୟମିତ ବ୍ୟାଙ୍କ ସମୂହଙ୍କ ଗ୍ରାହକଙ୍କଠାରୁ ଫି ଆଦାୟ ପରିମାଣ ହ୍ରାସ ପାଇପାରେ। ନିୟମିତ ବ୍ୟାଙ୍କ ସବୁ ଡିମାଣ୍ଡ ଡ୍ରାଫ୍ଟ, କ୍ୟାସ୍ ଟ୍ରାନ୍ସପର, ଟଙ୍କା ପ୍ରେରଣ, ଚେକ୍‌ଦ୍ୱାରା ଟଙ୍କା ଉଠାଣ ଓ ଏଟିଏମ୍ ଟ୍ରାନ୍‌ଜାକ୍‌ସନ୍ ଫି ବାବଦରେ ଯେଉଁ ଅର୍ଥ ଆଦାୟ କରୁଥିଲେ ତାହା କମିଯିବ। ତେଣୁ ସେମାନେ ପେମେଣ୍ଟ ବ୍ୟାଙ୍କ କ୍ଷେତ୍ରରେ ଅସହଯୋଗ କରିପାରନ୍ତି।

- ଏବେ ଦେଖାଯାଉଛି ଯେ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା କିଛି ବ୍ୟାଙ୍କ କରେସ୍‌ପଣ୍ଡେଣ୍ଟ ଜମାକାରୀଙ୍କ ଅର୍ଥ ଆତ୍ମସାତ୍ କରୁଛନ୍ତି। ଏହା ଫଳରେ ଜମାକାରୀଙ୍କ ମଧ୍ୟରେ ସନ୍ଦେହ ଓ ଅସୁରକ୍ଷାର ବାତାବରଣ ସୃଷ୍ଟି ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଲୋଡ଼ା।

- ଦେଶର ଦୂରଦୂରାନ୍ତ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ମୋବାଇଲ କନେକ୍ଟିଭିଟି ବ୍ୟବସ୍ଥା ଏଯାଏ ସନ୍ତୋଷଜନକ ହୋଇପାରିନାହିଁ। ଏହା ସହିତ ବ୍ୟାଙ୍କିଙ୍ଗ୍ ଟେକ୍‌ନୋଲୋଜି ଜନିତ ଠକେଇ ମଧ୍ୟ ବଢୁଛି। ଅଗ୍ରାଧିକାର ଭିତ୍ତିରେ ଏ କ୍ଷେତ୍ରରେ କାର୍ଯ୍ୟ କରିବାକୁ ପଡ଼ିବ।

- ଅଗ୍ରାଧିକାର କ୍ଷେତ୍ରକୁ ଋଣ ଯୋଗାଣ ବ୍ୟାଙ୍କ ସମୂହଙ୍କ ପାଇଁ ଏକ ଅନିବାର୍ଯ୍ୟ ନୀତି। ଏହାସତ୍ତ୍ୱେ ବ୍ୟାଙ୍କମାନେ କୃଷି, ସମବାୟ, ଗରିବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଋଣ ପ୍ରଦାନରେ ଟାଳଟୁଳ ନୀତି ପ୍ରଦର୍ଶନ କରୁଛନ୍ତି। ଅନେକ ସମୟରେ ଅଯୋଗ୍ୟ ଲୋକଙ୍କୁ ଜାଲ୍ କାଗଜପତ୍ରରେ ମଧ୍ୟ ଋଣ ଦିଆଯାଉଛି। ଏହାଦ୍ୱାରା ବ୍ୟାଙ୍କ ସେବାର

ଲକ୍ଷ୍ୟ ସାଧିତ ହୋଇପାରୁନାହିଁ । ଏ କ୍ଷେତ୍ରରେ ଗୋଟିଏ ଉଦାହରଣ ଯଥେଷ୍ଟ ହେବ । ଚାଷୀମାନଙ୍କ ପାଇଁ ବ୍ୟାଙ୍କ ସମୂହଙ୍କର ସୁନା ଋଣ ବ୍ୟବସ୍ଥା ଅଛି । ସୁନା ବନ୍ଧକ ଦେଇ ସେମାନେ କମ୍ ସୁଧ ହାରରେ ଋଣ ପାଇବାକୁ ହକ୍‌ଦାର । ମାତ୍ର ଦେଖାଯାଉଛି ଯେ ଚାଷବାସ ନ ଥିବା ଲୋକ ସୁନା ବନ୍ଧକ ଦେଇ ବ୍ୟାଙ୍କରୁ ଋଣ ନେଇ ବିଭିନ୍ନ ବ୍ୟାବସାୟିକ କାର୍ଯ୍ୟରେ ଲଗାଉଛନ୍ତି । ଫଳରେ ବାସ୍ତବ ଚାଷୀ ଏହାର ଲାଭ ଉଠାଇପାରୁ ନାହାନ୍ତି ।

ଉପରବର୍ଣ୍ଣିତ ସମସ୍ୟାବଳୀଗୁଡ଼ିକୁ ଅନୁଧ୍ୟାନ କରି ସରକାର ତୁରନ୍ତ ସଂସ୍କାରମୂଳକ କାର୍ଯ୍ୟକ୍ରମ ହାତକୁ ନେବା ଉଚିତ ।

**ଉପସଂହାର:**

ଦେଶର ଆର୍ଥିକ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ ନ କରି ଗରିବ ଓ ଅଭାବୀ ଲୋକଙ୍କୁ ଜଂଜାଳମୁକ୍ତ ବ୍ୟବସ୍ଥାରେ ଋଣ ଯୋଗାଇବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଙ୍ଗୀକୃତ । ଏହାଫଳରେ ଅଧିକରୁ ଅଧିକ ଲୋକ ଉପକୃତ ହେବା ସହ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇପାରିବେ । ଏହି ପ୍ରକ୍ରିୟାରେ ବ୍ୟାଙ୍କମାନେ ନିଜର ଆର୍ଥିକ ସମାବେଶୀ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସୁଯୋଗ ପାଇବା ଉଚିତ । ସେଥିପାଇଁ ସେମାନେ ଏଭଳି କୌଶଳ ଅବଲମ୍ବନ କରିବା ଉଚିତ ଯଦ୍ୱାରା ନିଜର ଆର୍ଥିକ ସ୍ଥିତି ପ୍ରଭାବିତ ହେବ ନାହିଁ ଏବଂ ଅଗ୍ରାଧିକାର କ୍ଷେତ୍ର ତଥା ଗ୍ରାମାଞ୍ଚଳର ସାଧାରଣ ଜନତା ଲାଭବାନ ହୋଇପାରିବେ । ଏହା ହେଲେ ଗ୍ରାମାଞ୍ଚଳରେ ରହୁଥିବା ଅଧିକରୁ ଅଧିକ ଲୋକ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ସାମିଲ ହେବା ସହ ନିଜର ସ୍ଥିତିରେ ଉନ୍ନତି ଆଣିପାରିବେ । ଗ୍ରାମାଞ୍ଚଳ ବ୍ୟାଙ୍କ ସେବା କ୍ଷେତ୍ରରେ ଉଭୟ ଗୁଣ ଓ ପରିମାଣାତ୍ମକ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ତାହା ହାସଲ କରିବା ପାଇଁ ବାସ୍ତବବାଦୀ ପଦକ୍ଷେପ ଲୋଡ଼ା ।

**ଗ୍ରାମାଞ୍ଚଳ ବ୍ୟାଙ୍କ ସେବା - ଭିଜନ ୨୦୨୫**

| | | |
|---|---|---|
| ୧୦୦% ବିଜୁଳି ଶକ୍ତି | -- | ୧୦୦% ସାକ୍ଷରତା |
| ଶାଖା | -- | ବିସି / ବିଏଫ୍ ଚାନେଲ |
| ପଏଣ୍ଟ ଅଫ୍ ସେଲ୍ | -- | ଏଟିଏମ୍ |
| କିଷାନ କଲ ସେଣ୍ଟର | -- | ଇ-ଶକ୍ତି |
| ଏଫପିଓ | -- | ଏଫ୍ଏଲ୍‌ସି |
| ଏସ୍‌ଏଚ୍‌ଜି | -- | ଜେଏଲ୍‌ଜି |
| ମୋବାଇଲ ବ୍ୟାଙ୍କିଂ | -- | ଆପ୍ |

**ଭାରତ ମାନଚିତ୍ରରେ ତଥ୍ୟ**

ଭାରତର ବିଦ୍ୟୁତ୍‌କରଣ (ରାଜ୍ୟଓ୍ୱାରୀ ପ୍ରତ୍ୟେକ ଗ୍ରାମର ବିଦ୍ୟୁତ୍‌କରଣ ତଥ୍ୟ)

| | |
|---|---|
| ୭୧% | ଗାଁର ମୋଟ ବିଜୁଳି ପହଞ୍ଚିଥିବା ଘର |
| ୩୯% | ଝାଡ଼ଖଣ୍ଡରେ ଗାଁର ସବୁ ଘରକୁ ବିଜୁଳି ପହଞ୍ଚ ନ ଥିବା ହାର ସର୍ବାଧିକ |
| ୯୧ -୧୦୦% | ୬୧-୭୦% |
| ୮୧-୯୦% | ୫୧-୬୦% |
| ୭୧-୮୦% | ୫୦% ରୁ କମ୍ |

*ତଥ୍ୟ - ବ୍ଲୁମବର୍ଗ*

ଲେଖିକା ଚଣ୍ଡିଗଡ଼ସ୍ଥିତ ହରିୟାଣା ଆଞ୍ଚଳିକ ନାବାର୍ଡର ଜଣେ ସହକାରୀ ପରିଚାଳିକା ।

# ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ବ୍ୟାଙ୍କ ସମୂହଙ୍କ ଭୂମିକା

■ ଚରଣ ସିଂହ ଓ ଶିବକୁମାର ରେଡ୍ଡୀ

ସମାଜର ସବୁ ଶ୍ରେଣୀ ଓ ବର୍ଗଙ୍କୁ ସୁଲଭ ମୂଲ୍ୟରେ ଉପଯୁକ୍ତ ଅର୍ଥନୈତିକ ସେବା ଓ ସାମଗ୍ରୀ ସମାନଭାବେ ଯୋଗାଇବା ଆର୍ଥିକ ସମାବେଶ ପ୍ରକ୍ରିୟାର ଲକ୍ଷ୍ୟ। ସମାଜର ଦୁର୍ବଳ, ଦରିଦ୍ର ଓ ଉପେକ୍ଷିତ ବର୍ଗ ଏହି ସୁବିଧାରୁ ଯେପରି ବଞ୍ଚିତ ନ ହୁଅନ୍ତି ତାହାକୁ ନିଶ୍ଚିତ କରାଯିବା ଅପରିହାର୍ଯ୍ୟ। ଆର୍ଥିକ ସମାବେଶୀ ପ୍ରକ୍ରିୟା ସ୍ୱଚ୍ଛ, ନିରପେକ୍ଷ ଓ ବିଧିସମ୍ମତ ହେବା ଉଚିତ। ତେବେ ଯାଇ ସମସ୍ତେ ଆନୁଷ୍ଠାନିକ ଭାବେ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇପାରିବେ। ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ପାଇଁ ବ୍ୟାଙ୍କ ହିଁ ସବୁଠୁ ସହଜ ମାଧ୍ୟମ। ତେଣୁ ଗରିବ, ଦଳିତ, ଉପେକ୍ଷିତ ବର୍ଗଙ୍କୁ ରୋଜଗାରର ସୁଯୋଗ ଦେବାବେଳେ ସେମାନଙ୍କୁ ବ୍ୟାଙ୍କ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯିବାର ଆବଶ୍ୟକତା ରହିଛି।

ବାସ୍ତବରେ ଭାରତ ଆର୍ଥିକ ସମାବେଶୀ ପ୍ରକ୍ରିୟାର ଏକ ପ୍ରମୁଖ ରାଷ୍ଟ୍ର। ଏକଥା ଅବଶ୍ୟ ଅନେକଙ୍କୁ ଜଣାନାହିଁ। ୧୯୦୪ର ସମବାୟ ଋଣ ସୋସାଇଟି ଆଇନ ଭାରତରେ ସମବାୟ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲା। ଏଥିରେ ଗଠିତ ସମବାୟ ବ୍ୟାଙ୍କର ପ୍ରଥମ ଲକ୍ଷ୍ୟ ଥିଲା ଲୋକଙ୍କୁ ମହାଜନଙ୍କ ଋଣ ଯନ୍ତାରୁ ରକ୍ଷା କରିବା। ସେଥିପାଇଁ ଏହି ବ୍ୟାଙ୍କ ଜରିଆରେ ସରଳ ଓ ସହଜ ହାରରେ ସଭ୍ୟମାନଙ୍କୁ ବିଭିନ୍ନ ଆବଶ୍ୟକତା ପୂରଣ ନିମନ୍ତେ ଋଣ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଥିଲା। ଏହାଥିଲା ଆର୍ଥିକ ସମାବେଶୀ ପ୍ରୟାସର ଆଦ୍ୟ ପ୍ରୟାସ। ଏହା ପରେ ୧୯୫୫ରେ ଭାରତୀୟ ଷ୍ଟେଟବ୍ୟାଙ୍କ ଜାତୀୟକରଣ ହେବା ପରେ ଆର୍ଥିକ ସମାବେଶ ବ୍ୟବସ୍ଥା ତ୍ୱରାନ୍ୱିତ ହେଲା। ଏହା ଲୋକଙ୍କୁ ଋଣ ପ୍ରଦାନ କରିବା ସହ ଲାଭଖୋର ସାହୁକାରଙ୍କ କବଳରୁ ମୁକ୍ତ କଲା। ୧୯୬୭ରେ ସାମାଜିକ ବ୍ୟାଙ୍କିଙ୍ଗର ବିତର୍କ ଆରମ୍ଭ ହେଲା। ଏହା ପରେ ୧୪ଟି ଘରୋଇ ବ୍ୟାଙ୍କକୁ ୧୯୬୯ରେ ଜାତୀୟକରଣ କରାଗଲା। ବ୍ୟାଙ୍କ ସୁବିଧା ପାଉ ନ ଥିବା ଲୋକଙ୍କୁ ବ୍ୟାଙ୍କ ସେବା ଯୋଗାଇବା ଥିଲା ଏହି ଉଦ୍ୟମର ମୁଖ୍ୟ ଲକ୍ଷ୍ୟ।

୧୯୭୪ରେ ଅଗ୍ରାଧିକାର କ୍ଷେତ୍ରକୁ ଋଣ ଯୋଗାଣର ଆବଶ୍ୟକତା ବିଚାର ଆସିଲା। ଏହା ଫଳରେ ବ୍ୟାଙ୍କ ନ ଥିବା ଅଞ୍ଚଳରେ



ସିଧାସଳଖ ଋଣ ଯୋଗାଣ ଆରମ୍ଭ କରିବାକୁ ବ୍ୟାଙ୍କ ସମୂହଙ୍କୁ ନିର୍ଦ୍ଦେଶ ଦିଆଗଲା। ୧୯୮୦ରେ ଆଉ ଆଠଟି ଘରୋଇ ବ୍ୟାଙ୍କ ଜାତୀୟକରଣ ହେଲା। ଏହି ସବୁ ବ୍ୟାଙ୍କକୁ ଗ୍ରାମାଞ୍ଚଳ ଏବଂ ସମାଜର ଅବହେଳିତ ଓ ଦଳିତ ବର୍ଗର ଲୋକଙ୍କୁ ଋଣ ସୁବିଧା ଯୋଗାଇ ଦେବାର ଦାୟିତ୍ୱ ଦିଆଗଲା। ସେବେଠାରୁ ବ୍ୟାଙ୍କର ଋଣ ପ୍ରଦାନ ନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ମାନ ହୋଇଛି। ଏହା ଫଳରେ ଲୋକଙ୍କ ଜୀବନ ଜୀବିକାରେ ଉନ୍ନତି ଘଟିବା ସହ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି। ପୂର୍ବରୁ ଯେଉଁ କ୍ଷେତ୍ରଗୁଡ଼ିକୁ ବ୍ୟାଙ୍କ ଋଣ ମିଳୁ ନ ଥିଲା ସେଗୁଡ଼ିକ ଅଗ୍ରାଧିକାର କ୍ଷେତ୍ରର ମାନ୍ୟତା ପାଇବା ଫଳରେ ବ୍ୟାଙ୍କ ଋଣ ଯୋଗାଣ ସହଜ ହେଲା।

ସମଗ୍ର ଦେଶରେ ବ୍ୟାଙ୍କ ସେବାର ଦ୍ରୁତ ପ୍ରସାର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ନାବାର୍ଡ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ସମୟକ୍ରମେ ଦୂରଦୂରାନ୍ତ ଓ ଗ୍ରାମାଞ୍ଚଳରେ ମାଇକ୍ରୋ ଫାଇନାନ୍ସ (କ୍ଷୁଦ୍ର ବିତ୍ତ ଯୋଗାଣ) ପ୍ରୟାସ ଓ ବ୍ୟାପାର ପ୍ରତିନିଧି (ବିଜ୍‌ନେସ୍ କରେସ୍‌ପଣ୍ଡେଣ୍ଟ)ମାନଙ୍କୁ ମୁତୟନ କରିବା କାର୍ଯ୍ୟ ହାତକୁ ନିଆଗଲା। ୧୯୭୫ରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ପ୍ରତିଷ୍ଠା, ୧୯୮୯ରେ ସର୍ଭିସ୍ ଏରିଆ ଆପ୍ରୋଚ ବା ସେବାଞ୍ଚଳ ଆଭିମୁଖ୍ୟ, ୧୯୮୯-୯୦ରେ ସ୍ୱୟଂସହାୟକ ଗୋଷ୍ଠୀ-ବ୍ୟାଙ୍କ ସହଯୋଗ ନୀତି କାର୍ଯ୍ୟକାରୀ ହେଲା। ନିକଟ ଅତୀତରେ ବିଶେଷତଃ ୨୦୦୫ରେ ଲୋକଙ୍କୁ ଆର୍ଥିକ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଉଦ୍ୟମ କରାଗଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏଥିପାଇଁ 'ନୋ-ଫ୍ରିଲ' ଆକାଉଣ୍ଟ ଖୋଲିବାର ସୁଯୋଗ ଲୋକଙ୍କୁ ଦିଆଗଲା। ଏହାଦ୍ୱାରା ଜମା ଖାତାରେ ନାମକୁ ମାତ୍ର ଅର୍ଥ ଜମାର ବ୍ୟବସ୍ଥା କରାଯିବା ସହିତ ନିଜ ଗ୍ରାହକଙ୍କୁ ଜାଣ (ନୋ ଇୟୋର କଷ୍ଟୋମର) ବ୍ୟବସ୍ଥା ପ୍ରବର୍ତ୍ତିତ ହେଲା। ରିଜର୍ଭ ବ୍ୟାଙ୍କ ଏହି ନୀତି ପ୍ରବର୍ତ୍ତନ କରିବାବେଳେ ବ୍ୟାଙ୍କ ସମୂହଙ୍କ ଆର୍ଥିକ ସ୍ଥିତି, ଦକ୍ଷତା ଓ ଅନ୍ୟାନ୍ୟ କଥା ପ୍ରତି ମଧ୍ୟ ଆବଶ୍ୟକ ନଜର ରଖିଥିଲା। ମୂଳ ଲକ୍ଷ୍ୟ ଥିଲା ଅଧିକରୁ ଅଧିକ ଲୋକଙ୍କୁ ବ୍ୟାଙ୍କ ବ୍ୟବସ୍ଥାକୁ ଆଣି ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବା। ଏହାପରେ ବ୍ୟାଙ୍କ ସେବା କ୍ଷେତ୍ରରେ ନୂଆ ଜ୍ଞାନକୌଶଳ (ଟେକ୍‌ନୋଲୋଜି)ର ଉପଯୋଗକୁ ପ୍ରୋତ୍ସାହିତ କରାଗଲା। ଅଗମ୍ୟ, ଦୂରଦୂରାନ୍ତ ଅଞ୍ଚଳରେ ହାତରେ ଧରିଥିବା ଯନ୍ତ୍ରଦ୍ୱାରା ବ୍ୟାଙ୍କ କର୍ମଚାରୀ ଗ୍ରାହକଙ୍କୁ ସେବା ଯୋଗାଇଦେବାରେ ସଫଳ ହେଲେ।

**ସୀମିତ ପହଞ୍ଚ:**

ଭାରତର ଆର୍ଥିକ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ଘଟିବାରୁ ବିଭିନ୍ନ ଉଦ୍ୟମ ସତ୍ତ୍ୱେ ସବୁ ଅଞ୍ଚଳକୁ ବ୍ୟାଙ୍କ ସେବା ଯୋଗାଇବା ସମ୍ଭବ ହୋଇପାରିଲା ନାହିଁ। ଫଳରେ ଅନେକ ଲୋକ ଆର୍ଥିକ ସମାବେଶୀ ପ୍ରକ୍ରିୟାରୁ ବାଦ ପଡ଼ିଗଲେ। ଏ କ୍ଷେତ୍ରରେ ଦାରିଦ୍ର୍ୟ, ସ୍ୱଳ୍ପ ଆୟ ହାର, ବ୍ୟାଙ୍କ ସେବାର ଅଭାବ, ଯୋଗାଯୋଗର ଅସୁବିଧା ଆଦି ଅନ୍ତରାୟ ସୃଷ୍ଟି କଲା। ଏହା ଫଳରେ ଅନଗ୍ରସର ଅଞ୍ଚଳ, ବଞ୍ଚିତ, ଦରିଦ୍ର ବର୍ଗର ଲୋକ ଆନୁଷ୍ଠାନିକ ବ୍ୟାଙ୍କ ବ୍ୟବସ୍ଥାର ବାହାରେ ରହିବାକୁ ବାଧ୍ୟ ହେଲେ। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ଦେଶର ମାତ୍ର ୫୮.୭ ଶତାଂଶ ପରିବାର ଆନୁଷ୍ଠାନିକ ବ୍ୟାଙ୍କ ସେବା ବ୍ୟବସ୍ଥାର ଅନ୍ତର୍ଭୁକ୍ତ। ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ପାଉଥିବା ପରିବାରଙ୍କ ସଂଖ୍ୟା ୫୪.୪ ଶତାଂଶ ଯାହା ଟେବୁଲ ୧ରେ ଦର୍ଶାଯାଇଛି।

**ଟେବୁଲ-୧ ବ୍ୟାଙ୍କସେବା ପାଉଥିବା ଘରର ଶତାଂଶ** (କୋଟିରେ)

| ଘର | ୨୦୦୧ ଜନଗଣନା ଅନୁସାରେ | | | ୨୦୧୧ ଜନଗଣନା ଅନୁସାରେ | | |
|---|---|---|---|---|---|---|
| | ମୋଟ ଘର ସଂଖ୍ୟା | ବ୍ୟାଙ୍କ ସେବା ପାଉଥିବା ଘର ସଂଖ୍ୟା | ଶତାଂଶ | ମୋଟ ଘର ସଂଖ୍ୟା | ବ୍ୟାଙ୍କ ସେବା ପାଉଥିବା ଘର ସଂଖ୍ୟା | ଶତାଂଶ |
| ଗ୍ରାମାଞ୍ଚଳ | ୧୩.୮ | ୪.୨ | ୩୦.୧ | ୧୬.୮ | ୯.୧ | ୫୪.୪ |
| ସହରାଞ୍ଚଳ | ୫.୪ | ୨.୬ | ୪୯.୫ | ୭.୯ | ୫.୩ | ୬୭.୮ |
| ମୋଟ୍ | **୧୯.୨** | **୬.୮** | **୩୫.୫** | **୨୪.୭** | **୧୪.୫** | **୫୮.୭** |

**ସୂତ୍ର : ଭାରତ ସରକାର**

**ବ୍ୟାଙ୍କ ସଂପ୍ରସାରଣ ଓ ସାହୁକାରଙ୍କ ଭୂମିକା:**

ସରକାର ଓ ରିଜର୍ଭ ବ୍ୟାଙ୍କର ଉଦ୍ୟମରେ ସମଗ୍ର ଦେଶରେ ବ୍ୟାଙ୍କ ବ୍ୟବସ୍ଥାର ସଂପ୍ରସାରଣ ସତ୍ତ୍ୱେ ମହାଜନ / ସାହୁକାରମାନେ ସେମାନଙ୍କ ବ୍ୟାପାର ଜାରି ରଖିଥିଲେ ଏବଂ ଚଢ଼ା ସୁଧରେ ଲୋକଙ୍କୁ ଋଣ ଦେଇ ଲୁଟୁଥିଲେ। ୧୯୩୫ରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଠନ ହେବା ପୂର୍ବରୁ ସମଗ୍ର ଭାରତରେ ବ୍ୟାଙ୍କ ଦପ୍ତର ସଂଖ୍ୟା ଥିଲା ମାତ୍ର ୯୪୬। ୧୯୬୯ ମାର୍ଚ୍ଚରେ ଯେତେବେଳେ ବ୍ୟାଙ୍କ ଜାତୀୟକରଣ ହେଲା ସେତେବେଳେ ଦେଶର ଗ୍ରାମାଞ୍ଚଳରେ ମାତ୍ର ୧୮୩୩ଟି ବ୍ୟାଙ୍କ ଶାଖା ଓ ଉପସହରାଞ୍ଚଳରେ ୩୩୪୨ଟି ଶାଖା ସହ ମୋଟ ୮୨୬୨ ବ୍ୟାଙ୍କ ଦପ୍ତର ଥିଲା। ସେଥିମଧ୍ୟରୁ ଇମ୍ପେରିଆଲ ବ୍ୟାଙ୍କର ୧୬୦, ଏକ୍ସଚେଞ୍ଜ ବ୍ୟାଙ୍କର ୯୮ ଓ ଇଣ୍ଡିଆନ ଜଏଣ୍ଟ ଷ୍ଟକ୍ ବ୍ୟାଙ୍କର ୬୮୮ଟି ଶାଖା କାର୍ଯ୍ୟ କରୁଥିଲା। ଏହାର ଅର୍ଥ ସେତେବେଳେ ପ୍ରତି ତିନିଲକ୍ଷ ଲୋକଙ୍କ ପାଇଁ ଗୋଟିଏ ବ୍ୟାଙ୍କ ଶାଖା ଥିଲା। ଏଭଳି ପରିସ୍ଥିତିରେ ସାହୁକାରମାନେ ଚଢ଼ାସୁଧରେ ଗ୍ରାମାଞ୍ଚଳରେ ଟଙ୍କା ଲଗାଇ ଭଲ ରୋଜଗାର କରୁଥିଲେ। ଗ୍ରାମାଞ୍ଚଳର ଅର୍ଥନୀତି ମଧ୍ୟ ସାହୁକାରଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ବ୍ୟାଙ୍କ ଜାତୀୟକରଣ ପରେ ମଧ୍ୟ ଗ୍ରାମାଞ୍ଚଳରେ ଆବଶ୍ୟକ ମୁତାବକ ବ୍ୟାଙ୍କ ଶାଖା ନ'ଖୋଲିବାରୁ ଏହାର ସୁଯୋଗ ସାହୁକାରମାନେ ନେଇଥିଲେ। ପରବର୍ତ୍ତୀ ସମୟରେ ସରକାର ଗ୍ରମାଞ୍ଚଳରେ ଅଧିକରୁ ଅଧିକ ବ୍ୟାଙ୍କ ଶାଖା ଖୋଲିବାକୁ ପ୍ରୟାସ କରିଥିଲେ ମଧ୍ୟ ତାହା ଆଶାଜନକ ହୋଇପାରିନାହିଁ। ଏହାର ସୁଯୋଗ ସାହୁକାର ନେଇଛନ୍ତି ଏବଂ ୧୯୯୧ ପରେ ମଧ୍ୟ ମହାଜନଙ୍କ ସୁଧ କାରବାର ବୃଦ୍ଧି ପାଇଛି।

**ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଉଦ୍ୟମ:**

ପ୍ରତ୍ୟେକ ପରିବାର ପାଇଁ ବ୍ୟାଙ୍କ ଖାତା ଖୋଲିବା ବ୍ୟବସ୍ଥାକୁ ନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ୨୦୧୪ ଅଗଷ୍ଟ ୧୫ରେ ତାଙ୍କ ପ୍ରଥମ ଲାଲକିଲ୍ଲା ଭାଷଣରେ ଘୋଷଣା କରିଥିଲେ। ଏହାପରେ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍‌ଜେଡିୱାଇ)। ଏହାର ଲକ୍ଷ୍ୟ ଥିଲା ପ୍ରତ୍ୟେକ ପରିବାରର ଅତିକମ୍‌ରେ ଗୋଟିଏ ମୌଳିକ ବ୍ୟାଙ୍କ ଜମାଖାତା ରହିବ। ୨୦୧୭ଡିସେମ୍ବର ୬ ତାରିଖ ସୁଦ୍ଧା ଏହି ଯୋଜନାରେ ସାରା ଦେଶରେ ୩୦.୭ କୋଟି ଜନଧନ ଯୋଜନା ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇପାରିଛି। ସେଥିମଧ୍ୟରୁ ସହରାଞ୍ଚଳରେ ୧୨.୭କୋଟି ଆକାଉଣ୍ଟ ଖୋଲିଥିବାବେଳେ ଗ୍ରାମାଞ୍ଚଳରେ ୧୮.୧ କୋଟି ଖାତା ଖୋଲାଯାଇଛି। ରୂପେ କାର୍ଡ ସଂଖ୍ୟା ମଧ୍ୟ ୨୩.୧ କୋଟିକୁ ବୃଦ୍ଧି ପାଇଛି। ଏହି ସଫଳତା

ସମଗ୍ର ଦେଶରେ ବ୍ୟାଙ୍କ ସେବାର ଦ୍ରୁତ ପ୍ରସାର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ନାବାର୍ଡ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ସମୟକ୍ରମେ ଦୂରଦୂରାନ୍ତ ଓ ଗ୍ରାମାଞ୍ଚଳରେ ମାଇକ୍ରୋ ଫାଇନାନ୍ସ (କ୍ଷୁଦ୍ର ବିତ୍ତ ଯୋଗାଣ) ପ୍ରୟାସ ଓ ବ୍ୟାପାର ପ୍ରତିନିଧି (ବିଜ୍‌ନେସ୍ କରେସ୍‌ପଣ୍ଡେଣ୍ଟ)ମାନଙ୍କୁ ମୁତୟନ କରିବା କାର୍ଯ୍ୟ ହାତକୁ ନିଆଗଲା। ୧୯୭୫ରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ପ୍ରତିଷ୍ଠା, ୧୯୮୯ରେ ସର୍ଭିସ୍ ଏରିଆ ଆପ୍ରୋଚ ବା ସେବାଞ୍ଚଳ ଆଭିମୁଖ୍ୟ, ୧୯୮୯-୯୦ରେ ସ୍ୱୟଂସହାୟକ ଗୋଷ୍ଠୀ-ବ୍ୟାଙ୍କ ସହଯୋଗ ନୀତି କାର୍ଯ୍ୟକାରୀ ହେଲା। ନିକଟ ଅତୀତରେ ବିଶେଷତଃ ୨୦୦୫ରେ ଲୋକଙ୍କୁ ଆର୍ଥିକ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଉଦ୍ୟମ କରାଗଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏଥିପାଇଁ 'ନୋ-ଫ୍ରିଲ' ଆକାଉଣ୍ଟ ଖୋଲିବାର ସୁଯୋଗ ଲୋକଙ୍କୁ ଦିଆଗଲା। ଏହାଦ୍ୱାରା ଜମା ଖାତାରେ ନାମକୁ ମାତ୍ର ଅର୍ଥ ଜମାର ବ୍ୟବସ୍ଥା କରାଯିବା ସହିତ ନିଜ ଗ୍ରାହକଙ୍କୁ ଜାଣ (ନୋ ଇୟୋର କଷ୍ଟୋମର) ବ୍ୟବସ୍ଥା ପ୍ରବର୍ତ୍ତିତ ହେଲା। ରିଜର୍ଭ ବ୍ୟାଙ୍କ ଏହି ନୀତି ପ୍ରବର୍ତ୍ତନ କରିବାବେଳେ ବ୍ୟାଙ୍କ ସମୂହଙ୍କ ଆର୍ଥିକ ସ୍ଥିତି, ଦକ୍ଷତା ଓ ଅନ୍ୟାନ୍ୟ କଥା ପ୍ରତି ମଧ୍ୟ ଆବଶ୍ୟକ ନଜର ରଖିଥିଲା।



ଉତ୍ସାହଜନକ। ଏହି ଜନଧନ ଯୋଜନାରେ ବିଭିନ୍ନ ବ୍ୟାବସାୟିକ ବ୍ୟାଙ୍କରେ ୨୦୧୭ ଡିସେମ୍ବର ୬ ତାରିଖ ସୁଦ୍ଧା ମୋଟ ୬୯,୮୪୧.୨ କୋଟି ଟଙ୍କା ଜମା ଅଛି। ଯାହା ଟେବୁଲ-୨ରେ ଦର୍ଶାଯାଇଛି।

ପରବର୍ତ୍ତୀ ସମୟରେ ଦେଶର ଗ୍ରାମାଞ୍ଚଳରେ ବ୍ୟାଙ୍କ ଶାଖାର ପ୍ରସାର ଦ୍ରୁତତର ହୋଇଥିଲେ ହେଁ ସହରାଞ୍ଚଳରେ ବ୍ୟାଙ୍କ ଶାଖା ସ୍ଥାପନ ପ୍ରକ୍ରିୟା ଅବଶ୍ୟ ତା'ଠାରୁ ଅଧିକ କ୍ଷୀପ୍ରତର ହୋଇଛି। ତାହା ଟେବୁଲ ୩ରେ ଦର୍ଶାଯାଇଛି। ୨୦୧୫ରେ ଗ୍ରାମାଞ୍ଚଳରେ ଜାତୀୟକରଣ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ ଓ ଏହାର ସହଯୋଗୀ ବ୍ୟାଙ୍କ ସମୂହଙ୍କ ଶାଖା ସଂପ୍ରସାରଣ ସର୍ବାଧିକ ଥିଲା। ଯାହା ଟେବୁଲ-୪ରେ ଦର୍ଶାଯାଇଛି।

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପାରମ୍ପରିକ ଭାବେ ସାମାଜିକ ବ୍ୟାଙ୍କିଙ୍ଗରେ ସଂପୃକ୍ତ। ସେମାନେ ଅଣ ବ୍ୟାଙ୍କ ଅଞ୍ଚଳରେ ନିଜର ଶାଖା ପ୍ରତିଷ୍ଠା କରି ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇଥାନ୍ତି। ତେବେ ଗତ ଦଶନ୍ଧିରେ ଘରୋଇ ବ୍ୟାଙ୍କ ସମୂହ ଏ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେମାନେ କେବଳ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଶାଖା ଖୋଲୁ ନାହାନ୍ତି, ଅଧିକ ଜମା ସଂଗ୍ରହ, ଋଣ ଯୋଗାଣରେ ମଧ୍ୟ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି। ଏସବୁ ବ୍ୟାଙ୍କ ପୂର୍ବରୁ ଯେଉଁ ରିକରିଂ ଜମା ଦୈନନ୍ଦିନ ସଂଗ୍ରହ କରୁଥିଲେ ବା ଜୀବନ ନିଧି ଯୋଜନାରେ ଦୈନିକ ନିର୍ଦ୍ଦିଷ୍ଟ ବର୍ଗର ଜମାକାରୀଙ୍କାଠାରୁ ଅର୍ଥ ଗ୍ରହଣ କରୁଥିଲେ ତାହା ଏବେ ମୌଳିକ ବ୍ୟାଙ୍କ ଜମାଖାତାକୁ ସ୍ଥାନାନ୍ତରିତ ହୋଇଥିବା ତଥ୍ୟ ଟେବୁଲ୍ ୫ରେ ଦର୍ଶାଯାଇଛି।

ଦେଶର ସହରାଞ୍ଚଳରେ ବ୍ୟାବସାୟିକ ବ୍ୟାଙ୍କ ସମୂହ ଋଣ ଯୋଗାଣରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ଏସବୁ ଋଣ ଗ୍ରାମୀଣ ଏବଂ ଅର୍ଦ୍ଧ

**ଟେବୁଲ-୨**

**ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ସ୍ଥିତି (୨୦୧୭ ଡିସେମ୍ବର ୬ ସୁଦ୍ଧା)** **କୋଟିରେ**

| ବ୍ୟାଙ୍କ ନାମ / ଶ୍ରେଣୀ | ହିତାଧିକାରୀଙ୍କ ସଂଖ୍ୟା | | | ଖାତାରେ ଜମା (କୋଟିରେ) | ପ୍ରଦାନ କରାଯାଇଥିବା ରୁପେ ଡେବିଟ |
|---|---|---|---|---|---|
| | ଗ୍ରାମ | ସହର | ମୋଟ | | |
| ରାଷ୍ଟ୍ରାୟତ୍ତ ବ୍ୟାଙ୍କ | ୧୩.୩ | ୧୧.୫ | ୨୪.୮ | ୫୫୬୪୬.୬ | ୧୮.୬ |
| ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ | ୪.୨ | ୦.୮ | ୪.୯ | ୧୨୦୩୩.୯ | ୩.୬ |
| ଘରୋଇ ଉଦ୍ୟୋଗ ବ୍ୟାଙ୍କ | ୦.୬ | ୦.୪ | ୧.୦ | ୨୧୬୦.୬ | ୦.୯ |
| ମୋଟ | **୧୮.୧** | **୧୨.୭** | **୩୦.୭** | **୬୯୮୪୧.୨** | **୨୩.୧** |

**ଉତ୍ସ : ଭାରତ ସରକାର**

**ଟେବୁଲ-୩ ଲୋକ ସଂଖ୍ୟା ଗୋଷ୍ଠୀ ଅନୁସାରେ ବିଭିନ୍ନ ବ୍ୟାଙ୍କର ଶାଖା**

| ବର୍ଷ | ଗ୍ରାମୀଣ | ଅର୍ଦ୍ଧସହରାଞ୍ଚଳ | ସହରାଞ୍ଚଳ | ମହାନଗର | ମୋଟ |
|---|---|---|---|---|---|
| ୧୯୬୯ | ୧୮୩୩ | ୩୩୪୨ | ୧୫୮୪ | ୧୫୦୩ | ୮୨୬୨ |
| ୧୯୭୯ | ୧୩୩୩୭ | ୬୮୮୯ | ୫୦୩୭ | ୩୯୩୯ | ୩୦୨୦୨ |
| ୧୯୮୯ | ୩୩୦୧୪ | ୧୧୧୬୬ | ୭୫୨୪ | ୫୯୯୫ | ୫୭୬୯୯ |
| ୧୯୯୯ | ୩୨୮୫୭ | ୧୪୧୬୮ | ୯୮୯୮ | ୮୦୧୬ | ୬୪୯୩୯ |
| ୨୦୦୯ | ୩୦୯୪୩ | ୧୯୨୮୨ | ୧୫୩୫୬ | ୧୪୨୮୮ | ୭୯୮୬୯ |
| ୨୦୧୭ | ୪୮୮୦୬ | ୩୮୨୦୧ | ୨୪୫୭୪ | ୨୬୪୭୮ | ୧୩୮୦୫୯ |

**ଉତ୍ସ : ଭାରତୀୟ ରିଜର୍ଭ ବ୍ୟାଙ୍କ**

ଟେବୁଲ-୪ ବିଭିନ୍ନ ବ୍ୟାଙ୍କର ଶାଖା - ୨୦୧୫

| ବ୍ୟାଙ୍କର ପ୍ରକାର | ଗ୍ରାମ୍ୟ | ଅର୍ଦ୍ଧସହର | ସହର | ମହାନଗର | ମୋଟ |
|---|---|---|---|---|---|
| ଷ୍ଟେଟ୍‌ବ୍ୟାଙ୍କ ଓ ଆସୋସିଏଟ୍ ବ୍ୟାଙ୍କ | ୮୦୨୯ | ୬୫୯୩ | ୪୩୦୪ | ୩୬୨୨ | ୨୨୫୪୮ |
| ଜାତୀୟକରଣ ବ୍ୟାଙ୍କ | ୨୧୬୦୫ | ୧୬୯୫୬ | ୧୩୦୮୩ | ୧୧୬୦୩ | ୬୩୩୪୭ |
| ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ | ୧୪୬୧୩ | ୩୭୪୮ | ୧୦୭୧ | ୨୨୮ | ୧୯୬୬୦ |
| ଘରୋଇ ବ୍ୟାଙ୍କ | ୪୩୦୨ | ୬୪୫୭ | ୪୫୨୧ | ୪୬୯୮ | ୧୯୯୭୮ |
| ବିଦେଶୀ ବ୍ୟାଙ୍କ | ୮ | ୧୨ | ୫୭ | ୨୪୭ | ୩୨୪ |
| ସର୍ବଭାରତୀୟ | ୪୮୫୫୭ | ୩୩୭୬୬ | ୨୩୦୩୬ | ୨୦୪୯୮ | ୧୨୫୮୫୭ |

*ଉତ୍ସ : ଭାରତ ସରକାର*

ଟେବୁଲ-୫ ତଫସିଲଭୁକ୍ତ ବ୍ୟାବସାୟିକ ବ୍ୟାଙ୍କ ସମୂହର ଗୋଷ୍ଠୀ ଓ୍ଵାରୀ ବକେୟା ଋଣ (ନିୟୁତରେ ହିସାବ ଓ ବିଲିୟନରେ ପରିମାଣ)

| | ୧୯୯୬ ମାର୍ଚ୍ଚ | | ୨୦୧୬ ମାର୍ଚ୍ଚ | |
|---|---|---|---|---|
| | ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟା | ବକୟା ଋଣ ପରିମାଣ | ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟା | ବକୟା ଋଣ ପରିମାଣ |
| ଷ୍ଟେଟବ୍ୟାଙ୍କ ଓ ସହଯୋଗୀ ବ୍ୟାଙ୍କ | ୧୪.୨ | ୭୪୨ | ୨୬.୮ | ୧୬୧୧୩ |
| ଜାତୀୟକରଣ ବ୍ୟାଙ୍କ | ୨୫.୭ | ୧୩୦୦ | ୫୬.୪ | ୩୫୧୪୬ |
| ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ | ୧୩.୧ | ୭୩ | ୨୩.୪ | ୨୦୬୮ |
| ଘରୋଇ ବ୍ୟାଙ୍କ | ୨.୪ | ୨୦୨ | ୫୦.୩ | ୧୮୧୨୯ |
| ବିଦେଶୀ ବ୍ୟାଙ୍କ | ୧.୨ | ୨୨୯ | ୫.୫ | ୩୭୭୦ |
| ସମସ୍ତ ବ୍ୟାଙ୍କ | ୫୬.୭ | ୨୫୪୭ | ୧୬୨.୪ | ୭୫୨୨୬ |

*ଉତ୍ସ : ଭାରତୀୟ ରିଜର୍ଭ ବ୍ୟାଙ୍କ*

ସହରାଞ୍ଚଳରେ ଅଧିକ ପ୍ରଦାନ କରାଯାଇଛି। ତାହା ଟେବୁଲ୍ ୬ରେ ପ୍ରଦାନ କରାଯାଇଛି। ପୂର୍ବ ଏବଂ ଉତ୍ତର ପୂର୍ବାଞ୍ଚଳରେ ମଧ୍ୟ ଋଣ ଯୋଗାଣରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଏସବୁ ବ୍ୟାବସାୟିକ ବ୍ୟାଙ୍କ କୃଷି କ୍ଷେତ୍ରକୁ ଋଣ ଯୋଗାଣରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କଠାରୁ ଆଗରେ ରହିଥିବା ତଥ୍ୟ ଟେବୁଲ୍ ୭ରେ ରହିଛି।

**ଋଣ ପ୍ରଦାନରେ ଅଭିନବତା:**

ବ୍ୟାଙ୍କ ନ ଥିବା ଗ୍ରାମାଞ୍ଚଳ ଓ ଦୂରଦୂରାନ୍ତ କ୍ଷେତ୍ରରେ ସ୍ଥାୟୀ ବ୍ୟାଙ୍କ ଶାଖା ବଦଳରେ ଭ୍ରାମ୍ୟମାଣ ବ୍ୟାଙ୍କ ବ୍ୟବସ୍ଥାରେ ସେବା ଯୋଗାଣ ଏକ ଅଭିନବ ପଦକ୍ଷେପ। ଏଥିପାଇଁ ମୋବାଇଲ ଭ୍ୟାନ୍, କିଓସ୍କୋ ଓ ବ୍ୟାଙ୍କ ପ୍ରତିନିଧି ଆଦିଙ୍କୁ ବ୍ୟବହାର କରାଯାଉଛି। ବ୍ୟାବସାୟିକ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଅଣବ୍ୟାଙ୍କି ଅଞ୍ଚଳରୁ ଯାଇ ସେଠାକାର ଗ୍ରାହକଙ୍କୁ ସେବା ଯୋଗାଉଛନ୍ତି। ଏ କ୍ଷେତ୍ରରେ ବ୍ୟାଙ୍କ ପ୍ରତିନିଧି (ବି.ସି)ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଗ୍ରାମାଞ୍ଚଳ ଓ ଅଣଗ୍ରାମାଞ୍ଚଳରେ ଗ୍ରାହକ ସଂଗ୍ରହ କରିବାରେ ଏମାନେ

ପ୍ରତ୍ୟେକ ପରିବାର ପାଇଁ ବ୍ୟାଙ୍କ ଖାତା ଖୋଲିବା ବ୍ୟବସ୍ଥାକୁ ନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ୨୦୧୪ ଅଗଷ୍ଟ ୧୫ରେ ତାଙ୍କ ପ୍ରଥମ ଲାଲକିଲ୍ଲା ଭାଷଣରେ ଘୋଷଣା କରିଥିଲେ। ଏହାପରେ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍‌ଜେଡିଓ୍ଵାଇ)। ଏହାର ଲକ୍ଷ୍ୟ ଥିଲା ପ୍ରତ୍ୟେକ ପରିବାରର ଅତିକମ୍‌ରେ ଗୋଟିଏ ମୌଳିକ ବ୍ୟାଙ୍କ ଜମାଖାତା ରହିବା। ୨୦୧୭ ଡିସେମ୍ବର ୬ ତାରିଖ ସୁଦ୍ଧା ଏହି ଯୋଜନାରେ ସାରା ଦେଶରେ ୩୦.୭ କୋଟି ଜନଧନ ଯୋଜନା ବ୍ୟାଙ୍କ ଆକାଉଣ୍ଟ ଖୋଲା ଯାଇପାରିଛି।

ଟେବୁଲ-୬ ବ୍ୟାବସାୟିକ ବ୍ୟାଙ୍କ ସମୂହର ଋଣ ବୋଝ (ବିଲିୟନରେ)

| | ୧୯୯୬ | | | | ୨୦୧୬ | | | |
|---|---|---|---|---|---|---|---|---|
| | ଗ୍ରାମାଞ୍ଚଳ | ଅର୍ଦ୍ଧ ସହରାଞ୍ଚଳ | ସହରାଞ୍ଚଳ | ମହାନଗରୀ | ଗ୍ରାମାଞ୍ଚଳ | ଅର୍ଦ୍ଧସହରାଞ୍ଚଳ | ସହରାଞ୍ଚଳ | ମହାନଗରୀ |
| ଉତ୍ତରାଞ୍ଚଳ | ୭୭ | ୫୩ | ୮୫ | ୨୬୧ | ୧୭୭୪ | ୧୯୯୦ | ୨୯୬୪ | ୧୦୫୦୨ |
| ଉତ୍ତରପୂର୍ବାଞ୍ଚଳ | ୧୨ | ୮ | ୮ | - | ୧୮୧ | ୨୫୨ | ୨୨୦ | |
| ପୂର୍ବାଞ୍ଚଳ | ୫୯ | ୩୭ | ୪୬ | ୧୧୬ | ୮୬୬ | ୭୧୪ | ୧୩୫୧ | ୨୮୩୭ |
| କେନ୍ଦ୍ରାଞ୍ଚଳ | ୬୬ | ୫୮ | ୭୧ | ୪୭ | ୧୩୫୨ | ୧୨୨୬ | ୨୨୩୧ | ୧୭୦୮ |
| ପଶ୍ଚିମାଞ୍ଚଳ | ୬୪ | ୫୭ | ୬୦ | ୬୪୬ | ୯୧୩ | ୧୩୬୮ | ୧୪୧୪ | ୨୦୭୦୩ |
| ଦକ୍ଷିଣାଞ୍ଚଳ | ୧୦୯ | ୧୫୫ | ୧୭୨ | ୨୭୮ | ୨୨୭୦ | ୩୮୧୩ | ୪୭୮୪ | ୯୭୮୯ |
| ସର୍ବଭାରତୀୟ | ୩୮୬ | ୩୬୯ | ୪୪୪ | ୧୩୪୮ | ୭୩୫୮ | ୯୩୬୩ | ୧୨୯୬୬ | ୪୫୫୪୦ |

*ଉତ୍ସ : ଭାରତୀୟ ରିଜର୍ଭ ବ୍ୟାଙ୍କ*

ଟେବୁଲ-୭ କୃଷିଋଣର ଲକ୍ଷ୍ୟ ଓ ଉପଲବ୍ଧି

(ବିଲିୟନରେ)

| ବର୍ଷ | ବ୍ୟାବସାୟିକ ବ୍ୟାଙ୍କ | | ସମବାୟ ବ୍ୟାଙ୍କ | | ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ | | ମୋଟ | |
|---|---|---|---|---|---|---|---|---|
| | ଲକ୍ଷ୍ୟ | ଉପଲବ୍ଧି | ଲକ୍ଷ୍ୟ | ଉପଲବ୍ଧି | ଲକ୍ଷ୍ୟ | ଉପଲବ୍ଧି | ଲକ୍ଷ୍ୟ | ଉପଲବ୍ଧି |
| ୨୦୧୩-୧୪ | ୪୭୫୦ | ୫୦୯୦ | ୧୨୫୦ | ୧୧୯୯ | ୧୦୦୦ | ୮୨୭ | ୭୦୦୦ | ୭୧୧୬ |
| ୨୦୧୬-୧୭ | ୬୨୫୦ | ୭୯୯୮ | ୧୫୦୦ | ୧୪୨୮ | ୧୨୫୦ | ୧୨୩୨ | ୯୦୦୦ | ୧୦,୬୫୮ |

*ସୂତ୍ର : ରିଜର୍ଭ ବ୍ୟାଙ୍କ (ପ୍ରୋଭିଜିନାଲ)*

ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି। ଏମାନେ ଅନଭିଜ୍ଞ ଏବଂ ବ୍ୟାଙ୍କ ଦେଖି ନ ଥିବା ଲୋକଙ୍କୁ ଟଙ୍କା ଜମା, ଋଣ, ପରିଶୋଧ ଓ ଅନ୍ୟାନ୍ୟ ବ୍ୟାଙ୍କ ସଂସ୍କୃତି ସମ୍ପର୍କରେ ଅବଗତ କରାଉଛନ୍ତି। ଏହା ଫଳରେ ବ୍ୟାଙ୍କର ଗ୍ରାହକମାନେ ସମୟ, ଖର୍ଚ୍ଚ ଓ ଶ୍ରମ ବଞ୍ଚାଇ ସହଜରେ ବ୍ୟାଙ୍କ ସୁବିଧା ପାଇପାରୁଛନ୍ତି। ଏହି ବ୍ୟବସ୍ଥାରେ ବ୍ୟାବସାୟିକ ବ୍ୟାଙ୍କମାନେ ୬ ଲକ୍ଷ ଦୂରଦୂରାନ୍ତ ଗ୍ରାମକୁ ବ୍ୟାଙ୍କ ସେବା ଯୋଗାଣରେ ସଫଳ ହୋଇଛନ୍ତି ଏବଂ ଏଥିରେ ବିସିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଏ କ୍ଷେତ୍ରରେ ଯେଉଁ ସଫଳତା ମିଳିଛି ତାହା ଟେବୁଲ-୮ରେ ଉଲ୍ଲେଖ କରାଯାଇଛି।

**କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଓ ପ୍ରସ୍ତାବ:**

ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ଯେଉଁ କିଛି ବ୍ୟବଧାନ ବା ତ୍ରୁଟି ରହୁଛି ସେସବୁ ଅନୁଧ୍ୟାନ କରି ପ୍ରତିକାର ଗ୍ରହଣ କରିବାର ଆବଶ୍ୟକତା ରହିଛି। ପ୍ରଥମତଃ ଭିନ୍ନକ୍ଷମ, ଶାରୀରିକ ଅନଗ୍ରସର ଓ ବୟସ୍କ ବ୍ୟକ୍ତି ବିଶେଷ ବ୍ୟାଙ୍କ ବ୍ୟବସ୍ଥାରେ ଆନୁଷ୍ଠାନିକ ଭାବେ ସାମିଲ ହେବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତେଣୁ ସେମାନେ ଯେପରି ସହଜରେ ଏଟିଏମ୍ ବ୍ୟବହାର କରିପାରିବେ ସେଥିପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ଯତ୍ନଶୀଳ ହେବା ଆବଶ୍ୟକ। ଦ୍ୱିତୀୟ ପ୍ରସଙ୍ଗଟି ହେଲା ବୈଷୟିକ ତ୍ରୁଟି ବିଚ୍ୟୁତି। ବାରମ୍ବାର ମେସିନ୍ ଅଚଳ, ୱାଇଫାଇ ସଂଯୋଗ ତ୍ରୁଟି ଯୋଗୁଁ ଗ୍ରାହକଙ୍କ ବିରକ୍ତି ବଢ଼େ ଏବଂ ସେମାନେ ନିରାଶ ହୁଅନ୍ତି। ତେଣୁ ଅଣଆନୁଷ୍ଠାନିକ ବ୍ୟାଙ୍କିଙ୍ଗ ପ୍ରତି ସେମାନଙ୍କର ବିଶ୍ୱାସ ତୁଟୁଛି। ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବା କ୍ଷେତ୍ରରେ ଏହା ଏକ ପ୍ରତିବନ୍ଧକ। ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଏ କ୍ଷେତ୍ରରେ ବାୟୋମେଟ୍ରିକ ପରିଚାଳିତ, ବହୁଭାଷିକ ଯନ୍ତ୍ର ଯାହାକୁ ହାତରେ ଧରି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନିଆଯାଇପାରିବ ତାହାର ଅଧିକରୁ

ଟେବୁଲ-୮ **ବ୍ୟାଙ୍କ ଦ୍ୱାରା ଆର୍ଥିକ ସମାବେଶୀ ପ୍ରକ୍ରିୟାର ସ୍ଥିତି** **ମାର୍ଚ୍ଚ, ବର୍ଷ ଶେଷ ସୁଦ୍ଧା**

| ପରିମାଣ | | | | | | |
|---|---|---|---|---|---|---|
| **ବର୍ଷ** | **ବିଏସ୍‌ବିଡିଏ** | | **ଓଡି** | **କେସିସି** | **ଜିସିସି** | **ଆଇସିଟି** |
| | **ଶାଖା** | **ବିସି** | | | | |
| ୨୦୧୦ | ୪୪ | ୧୧ | ୦.୧ | ୧୨୪୦ | ୩୫ | ୭ |
| ୨୦୧୪ | ୨୭୩ | ୩୯ | ୧୬ | ୩୬୮୪ | ୧୦୯୭ | ୫୨୪ |
| ୨୦୧୭ | ୬୯୧ | ୨୮୫ | ୧୭ | ୫୮୦୫ | ୨୧୧୭ | ୨୬୫୨ |
| ପରିମାଣ (ନିୟୁତରେ) | | | | | | |
| **ବର୍ଷ** | **ବିଏସ୍‌ବିଡିଏ** | | **ଓଡି** | **କେସିସି** | **ଜିସିସି** | **ଆଇସିଟି** |
| | **ଶାଖା** | **ବିସି** | | | | |
| ୨୦୧୦ | ୬୦ | ୧୩ | ୦.୨ | ୨୪ | ୧ | ୨୭ |
| ୨୦୧୪ | ୧୨୬ | ୧୧୭ | ୬ | ୪୦ | ୭ | ୩୨୯ |
| ୨୦୧୭ | ୨୫୪ | ୨୮୦ | ୯ | ୪୬ | ୧୩ | ୧୧୫୯ |

**ପୂର୍ଣ୍ଣାଙ୍ଗ ଅର୍ଥ :**

ବିଏସ୍ ବିଡିଏ – ବେସିକ ସେଭିଂ ବ୍ୟାଙ୍କ ଡିପୋଜିଟ୍ ଆକାଉଣ୍ଟ :

ଓଡି – ଓଭରଡ୍ରାଫ୍ଟ

ଜିସିସି -ଜେନେରାଲ କ୍ରେଡିଟ କାର୍ଡ

ଆଇସିଟି – ଇନଫରମେସନ ଆଣ୍ଡ୍ କମ୍ୟୁନିକେଶସନ ଟେକ୍‌ନୋଲୋଜି

କେସିସି-କିଷାନ କ୍ରେଡିଟ କାର୍ଡ

ବିସି – ବିଜ୍‌ନେସ୍ କରେସ୍‌ପଣ୍ଡେଣ୍ଟ୍

***ଉତ୍ସ : ଭାରତୀୟ ରିଜର୍ଭ ବ୍ୟାଙ୍କ***

ଅଧିକ ଉପଯୋଗ କରାଯିବା ଆବଶ୍ୟକ। ଏହାଛଡ଼ା ନୂଆ ଧରଣର ସମନ୍ୱିତ ମେସିନ୍ ଯାହା ସହଜରେ ଏଟିଏମ୍ ଭଳି ଟଙ୍କା ଦେଇପାରୁଥିବ ଓ ଜମା ନେଇପାରୁଥିବ ସେଭଳି ଯନ୍ତ୍ରର ବ୍ୟବହାର କରାଯିବା ଉଚିତ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସାମାଜିକ-ଆର୍ଥିକ ପୃଷ୍ଠଭୂମି ଭିନ୍ନଭିନ୍ନ। ତେଣୁ ସେମାନଙ୍କ ସାମର୍ଥ୍ୟ ଓ ଆବଶ୍ୟକତା ଦେଖି ଭିନ୍ନ ଭିନ୍ନ ଆର୍ଥିକ ଯୋଜନା

ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ଯେଉଁ କିଛି ବ୍ୟବଧାନ ବା ତ୍ରୁଟି ରହୁଛି ସେସବୁ ଅନୁଧ୍ୟାନ କରି ପ୍ରତିକାର ଗ୍ରହଣ କରିବାର ଆବଶ୍ୟକତା ରହିଛି। ପ୍ରଥମତଃ ଭିନ୍ନକ୍ଷମ, ଶାରୀରିକ ଅନଗ୍ରସର ଓ ବୟସ୍କ ବ୍ୟକ୍ତି ବିଶେଷ ବ୍ୟାଙ୍କ ବ୍ୟବସ୍ଥାରେ ଆନୁଷ୍ଠାନିକ ଭାବେ ସାମିଲ ହେବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତେଣୁ ସେମାନେ ଯେପରି ସହଜରେ ଏଟିଏମ୍ ବ୍ୟବହାର କରିପାରିବେ ସେଥିପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ଯତ୍ନଶୀଳ ହେବା ଆବଶ୍ୟକ।

କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ସେଠାରେ ଚାକରିଆ ଶ୍ରେଣୀର ଲୋକଙ୍କ ଅପେକ୍ଷା କୃଷି ଭିତ୍ତିକ ବୃତ୍ତିରେ ଅଧିକ ଲୋକ ବସବାସ କରୁଥିବାରୁ ସେମାନଙ୍କୁ ସୁହାଇବା ଭଳି ଯୋଜନା କାର୍ଯ୍ୟକାରୀ କଲେ ଆର୍ଥିକ ସମାବେଶୀ ପ୍ରକ୍ରିୟା ତଦାରଖ କରିବାରେ ନାବାର୍ଡ ଭଳି ଅନୁଷ୍ଠାନର ବିଶେଷ ଭୂମିକା ରହିଛି। ଗ୍ରାମାଞ୍ଚଳରେ ଲୋକଙ୍କ ସାକ୍ଷରତା ହାର ଆଉ ଏକ



ସମସ୍ୟା। ତେଣୁ ସେମାନଙ୍କୁ ବୁଝାଇ ସଚେତନ କରି ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ସାମିଲ କରିବାକୁ ବ୍ୟାଙ୍କ ପକ୍ଷରୁ ଲୋକ ସମ୍ପର୍କ ରକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ଟଙ୍କା ଜମା କରିବା ପୂର୍ବରୁ ଭଲଭାବେ ସବୁ ବୁଝିବା ଦରକାର। ନ'ହେଲେ ସେମାନେ ବ୍ୟାଙ୍କରେ ଖାତା ଖୋଲିବେ ନାହିଁ। ଏଥିପାଇଁ ଆର୍ଥିକ ସାକ୍ଷରତା ବଢ଼ାଇବାକୁ ପଡ଼ିବ। କେତେକ ବ୍ୟାଙ୍କ ଏ କ୍ଷେତ୍ରରେ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ସ୍କୁଲ ଓ କଲେଜ ସ୍ତରରେ କୁଇଜ ପ୍ରତିଯୋଗିତା, ମ୍ୟାଜିକ ଶୋ, କମିକ୍ ବୁକ୍ ପ୍ରବର୍ତ୍ତନ ଆଦି କାର୍ଯ୍ୟ କରାଯାଉଛି।

**ଉପସଂହାର:**

ଉପସଂହାରରେ ଏତିକି କୁହାଯାଇ ପାରେ ଯେ ବ୍ୟାବସାୟିକ ବ୍ୟାଙ୍କ ସମୂହ ଦେଶର ଆର୍ଥିକ ସମାବେଶୀ ପ୍ରକ୍ରିୟା ପ୍ରସାରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ଏମାନଙ୍କର କାର୍ଯ୍ୟ ବିଶେଷ ଆଖିଦୃର୍ଶିଆ ହୋଇଛି। ବ୍ୟାଙ୍କ ବ୍ୟବସ୍ଥାର ସଂପ୍ରସାରଣର ସୁଯୋଗ ନେଇ ଏହା ମାଧ୍ୟମରେ ବୀମା ଓ ପେନ୍‌ସନ୍ ପାଣ୍ଠିର ପ୍ରସାର ପ୍ରଚାର ବଢ଼ାଇବାକୁ ଉଦ୍ୟମ କରାଯାଉଛି।

ଲେଖକ ଚରଣ ସିଂହ ବ୍ୟାଙ୍କ ଓ ପରିଚାଳନା କ୍ଷେତ୍ରର ଜଣେ ବିଶାରଦ, ଶିବକୁମାର ରେଡ୍ଡୀ ଜଣେ ଗବେଷକ।

# କ୍ରେଡିଟ୍ ରେଟିଂରେ ଭାରତ ଉପରକୁ ଉଠିବାକୁ ଯୋଗ୍ୟ

■ ପ୍ରଭାକର ସାହୁ ଓ ଭବେଶ ଗର୍ଗ

୨୦୧୬-୧୭ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଭାରତୀୟ ଅର୍ଥନୀତି ପ୍ରତି ଆନ୍ତର୍ଜାତିକ କ୍ରେଡିଟ୍ ରେଟିଂ ଏଜେନ୍ସି (ସିଆର୍ଏ) ସମୂହର ବିଦ୍ୱେଷମୂଳକ ବିଚାର ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଭାରତର କ୍ରେଡିଟ ରେଟିଂ ଉପରକୁ ଉଠିବାକୁ ଯୋଗ୍ୟ ବୋଲି ଅନେକ ବିତର୍କ କରୁଥିଲେ ମଧ୍ୟ ସିଆରଏମାନେ ଏଥିପ୍ରତି ଭୂକ୍ଷେପ କରୁ ନ ଥିଲେ। ଅବଶେଷରେ ରେଟିଂ ସଂସ୍ଥା 'ମୁଡିସ୍' ଭାରତର ରେଟିଂକୁ ବିଏଏ-୩ରୁ ବିଏଏ-୨କୁ ଉନ୍ନୀତ କରିଛି। ଏହାର ଅର୍ଥ ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିତି ଅସ୍ତିବାଚକ ଓ ସ୍ଥିର ରହିଛି। ଦୀର୍ଘ ୧୩ବର୍ଷ ପରେ ଭାରତର କ୍ରେଡିଟ ରେଟିଂରେ ଏହି ବୃଦ୍ଧି ଘଟିଛି। ଏହି ଊର୍ଦ୍ଧ୍ୱଗତିର କାରଣମାନ ମୁଡିସ୍ ସଂସ୍ଥା ତାହାର ରିପୋର୍ଟରେ ଉଲ୍ଲେଖ କରିଛି। ସେଗୁଡ଼ିକ ମଧ୍ୟରେ ରହିଛି ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ, ଜିଏସ୍‌ଟି ପ୍ରବର୍ତ୍ତନ, ଦେବାଳିଆସ୍ଥିତିର ସମାଧାନ ପାଇଁ ଇନ୍‌ସଲଭେନ୍ସି ଓ ବ୍ୟାଙ୍କରପ୍‌ସି କୋଡ ପ୍ରବର୍ତ୍ତନ। ସଂସ୍ଥାଗତ ପରିବର୍ତ୍ତନ ସହ ସ୍ୱଳ୍ପ ନଗଦ ଅର୍ଥନୀତିର ପ୍ରବର୍ତ୍ତନ, ବିଭିନ୍ନ କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଂଜି ନିବେଶରେ ଇକ୍ୟୁଇଟି ସୀମା ବୃଦ୍ଧି, ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ, ବିତ୍ତୀୟ ସୁଦୃଢ଼ୀକରଣ ଆଦି ଅନ୍ୟତମ। ସୁଗମ ବ୍ୟବସାୟ ତାଲିକାରେ ବିଶ୍ୱ ବ୍ୟାଙ୍କ ଭାରତକୁ ଏକଶହତମ ସ୍ଥାନରେ ରଖିବା ପରେ ମୁଡିସ୍ ରେଟିଂରେ ଉନ୍ନତି ଭାରତ ପାଇଁ ଦ୍ୱିତୀୟ ଉଲ୍ଲେଖନୀୟ ଉପଲବ୍ଧି। ବିଶ୍ୱବ୍ୟାଙ୍କର ସୁଗମ ବ୍ୟବସାୟ ତାଲିକାରେ ଭାରତ ମାତ୍ର ଗୋଟିଏ ବର୍ଷ ବ୍ୟବଧାନରେ ୩୦ଟି ସ୍ଥାନ ଉପରକୁ ଉଠି ଏକଶହରେ ପହଞ୍ଚିଥିଲା। ଭାରତୀୟ ଅର୍ଥନୀତିର ଉତ୍ତମ ସ୍ଥିତି ସତ୍ତ୍ୱେ 'ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର' ଭଳି ରେଟିଂ ସଂସ୍ଥା ଭାରତର ରେଟିଂ ବଢ଼ାଇ ନ ଥିଲା। ତେବେ ଆର୍ଥିକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତିକୁ ବିଚାରକୁ ନେଇ ଏହି ସଂସ୍ଥା ୨୦୦୭ରୁ ଭାରତର ରେଟିଂକୁ ସ୍ଥିର ରଖି ଆସୁଛି।

**କ୍ରେଡିଟ ରେଟିଂର ଗୁରୁତ୍ୱ:**

ଗୋଟିଏ ଦେଶର ସାମଗ୍ରିକ ଆର୍ଥିକ ଓ ବିକାଶମୂଳକ ସ୍ଥିତିକୁ ବିଚାରକୁ ନେଇ ଆନ୍ତର୍ଜାତିକ କ୍ରେଡିଟ ରେଟିଂ ସଂସ୍ଥାମାନେ ରେଟିଂ ପ୍ରଦାନ କରିଥାନ୍ତି। ଏହି ରେଟିଂ ଭଲ ରହିଲେ ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥାରୁ ବିକାଶମୂଳକ ଋଣ ପାଇବା ସହଜ ହୁଏ। ଏହି ରେଟିଂରେ ଦେଶର ପୁଂଜିନିବେଶ ସ୍ଥିତି, ଦେଶର ଆର୍ଥିକ ସ୍ଥିତି, ଅର୍ଥନୈତିକ ସ୍ଥିତିର ଭବିଷ୍ୟତ ଓ ସମ୍ଭାବନା, ଋଣ ଫେରାଇବାର ଦକ୍ଷତା ଓ ଆଗ୍ରହକୁ ବିଚାରକୁ ନିଆଯାଇଥାଏ। ମୁଡିସ୍, ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର ଓ ଫିଚ୍ ଭଳି ଆନ୍ତର୍ଜାତିକ ରେଟିଂ ସଂସ୍ଥା ବିଭିନ୍ନ ଦେଶକୁ ଏହି ରେଟିଂ ମାନ୍ୟତା ଦେଇଥାନ୍ତି। ତେବେ ସବୁଠୁ ବଡ଼ କଥା ହେଉଛି ଏହି ସଂସ୍ଥାଙ୍କ ଉତ୍ତମ ସାର୍ଟିଫିକେଟ ପାଇଲେ କୌଣସି ଏକ ଦେଶ ଆନ୍ତର୍ଜାତିକ ସଂସ୍ଥାରୁ ଆପଣା ଛାଏଁ ଋଣ ପାଇବ ଏ ଗ୍ୟାରେଣ୍ଟି ନାହିଁ। ଏହି ସଂସ୍ଥାମାନେ ସଂପୃକ୍ତ ଦେଶର ବଜାର ସ୍ଥିତି ଓ ଆର୍ଥିକ ଅବସ୍ଥାର ଏକ ରିପୋର୍ଟ ଦେଇଥାନ୍ତି ଯାହା ଋଣ ପାଇବାକୁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ଏସବୁ ସଂସ୍ଥାଙ୍କ ରେଟିଂର ପଦ୍ଧତି ମଧ୍ୟ ସମାନ ନୁହେଁ। ଉଦାହରଣ ସ୍ୱରୁପ-ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର ଗୋଟିଏ ଦେଶର ଋଣ ପାଇବାର ଯୋଗ୍ୟତାକୁ ଅଗ୍ରାଧିକାର ଦିଏ। ଅପରପକ୍ଷରେ ମୁଡିସ୍ ସଂସ୍ଥା ଋଣ ଲୋଡୁଥିବା ଦେଶର ମୋଟାମୋଟି ଦକ୍ଷତା ଦେଖେ ଏବଂ ଏଥିରେ କିଛି ସମ୍ଭାବ୍ୟ ତ୍ରୁଟି ବିଚ୍ୟୁତିକୁ ମଧ୍ୟ ହିସାବକୁ ନେଇଥାଏ। ଆନ୍ତର୍ଜାତିକ ଆର୍ଥିକ ସଂକଟ ପରେ କ୍ରେଡିଟ୍ ରେଟିଂ ସଂସ୍ଥାମାନେ ନିଜନିଜର ରେଟିଂ ନୀତିରେ କିଛି ପରିବର୍ତ୍ତନ ଆଣି ଏହାକୁ କିଞ୍ଚିତ୍ କୋହଳ କରିଛନ୍ତି। ଏଏଏ ରେଟିଂ ପାଇଥିବା ଗୋଟିଏ ଦେଶ ଯଦି ଋଣ ପରିଶୋଧରେ କିଞ୍ଚିତ

ତ୍ରୁଟି କରେ ତଥାପି ତାହାର ଗୁରୁତ୍ୱ କମୁ ନ ଥିଲା। କ୍ରେଡିଟ୍ ରେଟିଂରେ ନିୟମଭିତ୍ତିକ ପ୍ରଣାଳୀ ଅନୁସୃତ ହୁଏ ନାହିଁ; ଏହା ବିଷୟଭିତ୍ତିକ। ଏହା ସତ୍ତ୍ୱେ ଏହି ରେଟିଂ ଉପରେ ଗୋଟିଏ ଦେଶର ଆନ୍ତର୍ଜାତିକ ପୁଂଜି ବଜାରରୁ ଋଣ ପାଇବା ନ'ପାଇବା ଅନେକାଂଶରେ ନିର୍ଭର କରେ। ସେଥିପାଇଁ ଉତ୍ତମ ରେଟିଂ ପାଇବାକୁ ବିଭିନ୍ନ ଦେଶ ଏହିସବୁ ରେଟିଂ ସଂସ୍ଥା ଉପରେ ନିର୍ଭର କରନ୍ତି।

ଭାରତ ଭଳି ଦ୍ରୁତ ବିକାଶଶୀଳ ରାଷ୍ଟ୍ର ଆନ୍ତର୍ଜାତିକ ଆର୍ଥିକ ବଜାରରୁ ଋଣ ଉଠାଣ ସହ ବିଦେଶୀ ପୁଂଜି ନିବେଶକଙ୍କୁ ଆକୃଷ୍ଟ କରିବାକୁ ଭଲ କ୍ରେଡିଟି ରେଟିଂ ଉପରେ ବିଶେଷ ନିର୍ଭର କରନ୍ତି। ସଂପୃକ୍ତ ସଂସ୍ଥା ରେଟିଂ କରିବା ବେଳେ ଗୋଟିଏ ଦେଶର ଜିଡିପି ସହ ବାହ୍ୟ ଋଣର ଅନୁପାତ, ଜିଡିପି ଅଭିବୃଦ୍ଧି, ମୁଣ୍ଡପିଛା ଜିଡିପି, ପୁଂଜି ପ୍ରବାହ ଓ ପ୍ରତ୍ୟକ୍ଷ ବିଦେଶୀ ପୁଂଜି ନିବେଶ, ବିତ୍ତୀୟ ଓ ଚଳିତ ଜମା ଖାତାରେ ନିଅଣ୍ଟ ତଥା ଅର୍ଥନୀତିର ଦୋଷ ତ୍ରୁଟିର ଇତିହାସକୁ ତର୍ଜମା କରିଥାନ୍ତି।

ମୁଡିସ୍ ରେଟିଂରେ ଉନ୍ନତି ଦ୍ୱାରା ଭାରତ ବିଶେଷ ଉପକୃତ ହେବ। ଭାରତୀୟ ଅର୍ଥନୀତିରେ ପୁଂଜି ଅଭାବ ଏକ ବଡ଼ ସମସ୍ୟା। ତେଣୁ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ବାହ୍ୟ ବଜାର ଉପରେ ନିର୍ଭରଶୀଳ। ଏବେ ତାହାର ରେଟିଂରେ ଉନ୍ନତି ଆସିଥିବାରୁ ଆନ୍ତର୍ଜାତିକ ସଂସ୍ଥାରୁ ଋଣ ଆଣିବା ଭାରତ ପାଇଁ ସହଜ ହେବ। ଏହାଦ୍ୱାରା ଭାରତୀୟ ଅର୍ଥନୀତିକୁ ଆବଶ୍ୟକ ଇନ୍ଧନ ମିଳିବ। ଦ୍ୱିତୀୟତଃ ଭାରତରେ ପୁଂଜିନିବେଶ କମ୍ ସୁଧରେ ହୋଇପାରିବ। ତୃତୀୟରେ ବାହ୍ୟ ଋଣ ନିଅଣ୍ଟ ପରିମାଣ ହ୍ରାସ ପାଇବା ସହ ଭାରତକୁ କମ୍ ସୁଧ ଦେବାକୁ ପଡ଼ିବ। ଚତୁର୍ଥ ଲାଭଟି ହେବ ଭାରତକୁ ବିଦେଶୀ ପୁଂଜି ପ୍ରବାହ ବଢ଼ିବ ଏବଂ ଭାରତୀୟ ଷ୍ଟକ୍ ମାର୍କେଟର ଦକ୍ଷତା ଓ ପ୍ରଦର୍ଶନ ବୃଦ୍ଧି ପାଇବ।

**ଭାରତୀୟ ଅର୍ଥନୀତିର ପ୍ରଦର୍ଶନ:**

ଗତ ଦଶନ୍ଧିରେ ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିଛି। ଗତ ୧୦ବର୍ଷ ମଧ୍ୟରେ ଏହା ହାରାହାରି ୭.୬୮ ହାରରେ ବୃଦ୍ଧି ପାଉଛି। ବାସ୍ତବରେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ୨୦୧୭-୧୮ରେ ଏହାର ଅଭିବୃଦ୍ଧି ହାର ୭.୨ହେବ ବୋଲି ଆକଳନ କରାଯାଇଛି। ଏହାର ମୁଖ୍ୟ କାରଣ ହେଲା ରପ୍ତାନି ବୃଦ୍ଧି ଓ ବିଭିନ୍ନ କ୍ଷେତ୍ରରେ ସରକାରୀ ବ୍ୟୟ ବୃଦ୍ଧି। ବିଶ୍ୱର ଅନ୍ୟ ବିକାଶଶୀଳ ଅର୍ଥନୀତିର ଅଭିବୃଦ୍ଧି ହାର ୪.୭ ହେବ ବୋଲି ବିଶ୍ୱ ବ୍ୟାଙ୍କ ୨୦୧୭ରେ ଆକଳନ କରିଥିବା ବେଳେ ଭାରତ ଏହି ହାରରେ ଯଥେଷ୍ଟ ଆଗରେ ରହିଛି।

ଟେବୁଲ -୧ ଭାରତୀୟ ଅର୍ଥନୀତିର ବୃହତ୍-ଆର୍ଥିକ ସୂଚକ

| ବର୍ଷ | ଚାଲୁ ଖାତା (କରେଣ୍ଟ ଏକାଉଣ୍ଟ) ନିଅଣ୍ଟ (ଜିଡିପି % ହିସାବରେ) | ବିତ୍ତୀୟ ନିଅଣ୍ଟ (ଜିଡିପି % ହିସାବରେ) | ଏଫ୍‌ଡିଆଇ ପ୍ରବାହ (ଆମେରିକା ଡଲାରରେ) | ମୋଟ ଋଣ (ଜିଡିପି %ରେ) |
|---|---|---|---|---|
| ୨୦୦୭ | ୧.୦ | ୫.୧ | ୨୨.୮୨୬ | ୭୪.୦୨୭ |
| ୨୦୦୮ | ୧.୩ | ୪.୦ | ୩୪.୮୪୪ | ୭୪.୫୩୬ |
| ୨୦୦୯ | ୨.୩ | ୮.୩ | ୪୧.୯୦୩ | ୭୨.୫୨୭ |
| ୨୦୧୦ | ୨.୮ | ୯.୩ | ୩୭.୭୪୫ | ୬୭.୪୫୮ |
| ୨୦୧୧ | ୨.୮ | ୬.୯ | ୩୬.୦୪୭ | ୬୯.୬୪୩ |
| ୨୦୧୨ | ୪.୨ | ୭.୮ | ୪୬.୫୫୧ | ୬୯.୧୦୫ |
| ୨୦୧୩ | ୪.୮ | ୬.୯ | ୩୪.୨୯୮ | ୬୮.୫୨୯ |
| ୨୦୧୪ | ୧.୭ | ୬.୭ | ୩୬.୦୪୭ | ୬୮.୫୭୬ |
| ୨୦୧୫ | ୧.୩ | ୬.୭ | ୪୫.୧୪୭ | ୬୯.୫୫୧ |
| ୨୦୧୬ | ୧.୧ | ୭.୫ | ୫୫.୫୫୮ | ୬୯.୫୩୭ |

ଉତ୍ସ : (ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି)

ଭାରତୀୟ ଅର୍ଥନୀତିର ସ୍ଥିତି ଟେବୁଲ-୧ରେ ପ୍ରଦତ୍ତ ତଥ୍ୟାବଳୀରୁ ଜାଣିହୁଏ। ଦେଶର ଅର୍ଥନୀତିର ବୃହତ୍ ଆର୍ଥିକ ସୂଚକାଙ୍କ ଏହାର ପ୍ରମାଣ ଦିଏ। ଦେଶର କରେଣ୍ଟ ଆକାଉଣ୍ଟ ବା ଚାଲୁଖାତାର ସ୍ଥିତି ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ବେଶ୍ ଭଲ ରହିଛି। ୨୦୧୩ରେ କରେଣ୍ଟ ଏକାଉଣ୍ଟ ନିଅଣ୍ଟ ଅଭୂତପୂର୍ବ ଭାବେ ଜିଡିପିର ୪.୭%ରେ ପହଞ୍ଚିଥିବା ବେଳେ ବିତ୍ତୀୟ ନିଅଣ୍ଟ ୭%ରେ ପହଞ୍ଚିଥିଲା। ଏହା ଫଳରେ ଦେଶର ଆର୍ଥିକ ସ୍ଥିତି ନେଇ ଏକ ଆଶଙ୍କା ସୃଷ୍ଟି ହୋଇଥିଲା। କରେଣ୍ଟ ଆକାଉଣ୍ଟର ସରଳ ଅର୍ଥ ହେଲା ଦେଶର ମୋଟ୍ ଆମଦାନୀ ଓ ରପ୍ତାନୀ ବାଣିଜ୍ୟ ମଧ୍ୟରେ ସମତା ରକ୍ଷା। ଗୋଟିଏ ଦେଶ ଯଦି କମ୍ ରପ୍ତାନୀ ଓ ବେଶୀ ଆମଦାନୀ କରେ ତେବେ ତାହାର ଚାଲୁ ଖାତାରେ ନିଅଣ୍ଟ ବଢ଼ିଥାଏ। ତେବେ ସେ ଯା' ହେଉ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମକ୍ରମେ 'ମେକ୍ ଇନ୍ ଇଣ୍ଡିଆ' ଭଳି ଧ୍ୱଜାଧାରୀ କାର୍ଯ୍ୟକ୍ରମ ୨୦୧୪ରେ ଆରମ୍ଭ ହେବା ପରେ ମାନୁଫାକଚରିଙ୍ଗ ଉଦ୍ୟୋଗରେ ନୂଆ ଉତ୍ସାହ ଆସିଲା। ଅଧିକ ନିଯୁକ୍ତି ସୃଷ୍ଟି ହେବା ସହିତ ଅଭିବୃଦ୍ଧି ବଢ଼ିଲା ଏବଂ ଭାରତ ବାଣିଜ୍ୟ ନିଅଣ୍ଟ ପରିମାଣ ହ୍ରାସ କରିବା ସହ ଦେଶକୁ ପୁଂଜି ପ୍ରବାହ ବଢ଼ିଲା। ଅଧିକରୁ ଅଧିକ ପରିମାଣର ପ୍ରତ୍ୟକ୍ଷ ବିଦେଶୀ ପୁଂଜି ନିବେଶ (ଏଫ୍‌ଡିଆଇ) ଫଳରେ ଦେଶକୁ ଅଧିକ ପୁଂଜି ଆସିଲା ଯାହା ଅର୍ଥନୀତିକୁ ଅଚଳ ଅବସ୍ଥାରୁ ରକ୍ଷା କରିବାରେ ସହାୟକ ହେଲା। ଏବେ ଏଫ୍‌ଡିଆଇ ଭାରତ ପାଇଁ ଏକ ସ୍ଥିର ନିରନ୍ତର ପୁଂଜି ପ୍ରବାହ ଧାରାରେ ପରିଣତ ହୋଇଛି। ୨୦୦୭ରେ ଭାରତରେ ଏଫ୍‌ଡିଆଇ ପରିମାଣ ୨୨.୮୨ ବିଲିୟନ ଡଲାର ଥିଲାବେଳେ ୨୦୧୬ରେ ଏହା ୫୫.୫୫ ବିଲିୟନ ଡଲାରରେ ପହଞ୍ଚିଥିଲା।

ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ୨୫ଟି କ୍ଷେତ୍ରକୁ ଚିହ୍ନଟ କରାଯାଇ ୧୦କୋଟି ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ମାନୁଫାକଚରିଙ୍ଗ ଉଦ୍ୟୋଗର ସମୃଦ୍ଧି ସହିତ ଜିଡିପିରେ ଏହାର ଅବଦାନ ୨୦୨୦ ସୁଦ୍ଧା ୨୫ ଶତାଂଶରେ ପହଞ୍ଚିବ ବୋଲି ଆଶା କରାଯାଉଛି। ମେକ୍ ଇନ୍ ଇଣ୍ଡିଆକୁ ସଫଳ କରିବା ପାଇଁ ସରକାର ବିଭିନ୍ନ ଆନୁଷ୍ଠାନିକ କ୍ଷେତ୍ର ଯଥା ଭିତ୍ତିଭୂମି ବିକାଶ, ପ୍ରକଳ୍ପ ଅନୁମୋଦନରେ ପରିବେଶଗତ ପ୍ରତିବନ୍ଧକ ଦୂର, ସୁଗମ ବ୍ୟବସାୟ ନୀତି, ବୌଦ୍ଧିକ ସ୍ୱତ୍ତ୍ୱାଧିକାର ଆଇନର ସୁରକ୍ଷା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ପ୍ରୋତ୍ସାହନ, ଟିକସ ବ୍ୟବସ୍ଥାର ସରଳୀକରଣ, ଶ୍ରମ ଆଇନରେ ସଂସ୍କାର, ଏଫ୍‌ଡିଆଇ ନୀତିର ସରଳୀକରଣ, ଦକ୍ଷ ବାଣିଜ୍ୟ ନୀତି ଓ ମୁକ୍ତ ଅର୍ଥନୀତି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି।

ଭାରତ ସରକାରଙ୍କ ଅର୍ଥନୈତିକ ନୀତି ପ୍ରଗତିଶୀଳ ଓ ସୁସଂହତ। ଏଥିରୁ ସୂଚିତ ହେଉଛି ଯେ ଏଫ୍‌ଡିଆଇ ଏବେ ନିଶ୍ଚିତ। ଏହାଦ୍ୱାରା ଅଭିବୃଦ୍ଧି ବଢ଼ିବ ଓ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗତ କେତେବର୍ଷ ହେଲା ଏହାର ସୁଫଳ ଅନୁଭୂତ ହୋଇଆସୁଛି। ଦେଶର ବିତ୍ତୀୟ ସ୍ଥିତି କିଞ୍ଚିତ ମାତ୍ରାରେ ଖରାପ ହୋଇଥିଲେ ମଧ୍ୟ ଏହାକୁ ଅଟକାଇ ବିତ୍ତୀୟ ଭାରସାମ୍ୟ ରକ୍ଷା ଓ ଆର୍ଥିକ ସୁଦୃଢ଼ୀକରଣ ପାଇଁ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରିଛନ୍ତି।

ମୋଟ୍ ଋଣ-ଜିଡିପି ଅନୁପାତ ଦେଶର ରେଟିଂ ନିର୍ଦ୍ଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ୨୦୦୩ରେ ଏହା ୮୪.୨ ଶତାଂଶ ଥିବାବେଳେ ଏଥିରେ ନିରନ୍ତର ଉନ୍ନତି ଘଟି ୨୦୧୬ରେ ଏହା ୬୯.୫ ଶତାଂଶରେ ପହଞ୍ଚିଛି। ଦେଶର ମୋଟ ଋଣ ମଧ୍ୟରୁ ସରକାରୀ ଋଣ ଅନୁପାତ ୪୨ ଶତାଂଶ ରହିଛି। ଏହା ମୁଖ୍ୟତଃ ଆଭ୍ୟନ୍ତରୀଣ ଋଣ ଥିଲା। ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର ସଂସ୍ଥା ୨୦୦୭ରେ ଯେତେବେଳ ଭାରତର ରେଟିଂ ବଢ଼ାଇଥିଲା ସେତେବେଳେ ଋଣ-ଜିଡିପି ଅନୁପାତ ଥିଲା ୭୭.୧ ଶତାଂଶ। ୨୦୧୬ରେ ଏହି ଅନୁପାତ ୬୯.୫ ଶତାଂଶକୁ ହ୍ରାସ ପାଇଥିଲା। ଋଣ-ଜିଡିପି ଅନୁପାତକୁ ଆହୁରି ହ୍ରାସ କରି ଏହାକୁ ୨୦୨୩ ସୁଦ୍ଧା ୬୦ ଶତାଂଶ ତଳେ ରଖିବାକୁ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା କମିଟି (ଏଫ୍‌ଆର୍‌ବିଏସ୍) ଅଙ୍ଗୀକୃତ ହୋଇ କାର୍ଯ୍ୟ କରୁଛି। ଏହାସତ୍ତ୍ୱେ ଋଣ ଉପରେ ବିପୁଳ ସୁଧ ପ୍ରଦାନ ଭାରତ ପାଇଁ ଏବେ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ତେଣୁ ବିତ୍ତୀୟ ନିଅଣ୍ଟକୁ ଆଖି ଆଗରେ ରଖି ଦେଶର ଆର୍ଥିକ ସ୍ୱାସ୍ଥ୍ୟ କଥା ବୁଝିବା ଉଚିତ ହେବ।



ଟେବୁଲ -୨ ଭାରତର ଗୁରୁତ୍ୱପୂର୍ଣ୍ଣ ବାହ୍ୟ ଋଣ ସୂଚକାଙ୍କ ଏବଂ ଅନୁପାତ

| ବର୍ଷ ଏବଂ ଋଣ ପରିଶୋଧ ଅନୁପାତ | ବାହ୍ୟ ଋଣ ପରିମାଣ (ବିଲିୟନରେ) | ଜିଡିପି ଅନୁସାରେ ବାହ୍ୟ ଋଣ ଅଂଶ | ମୋଟ ବାହ୍ୟ ଋଣରେ ଦୀର୍ଘ ମିଆଦି ଋଣ ଅନୁପାତ | ମୋଟ ଋଣ ପରିମାଣରେ ସ୍ୱଳ୍ପ ମିଆଦି ଋଣ ପରିମାଣ |
|---|---|---|---|---|
| ୨୦୦୭<br>୪.୭ | ୧୭୨.୩୬ | ୧୭.୫ | ୮୩.୭ | ୧୬.୩ |
| ୨୦୦୮<br>୪.୮ | ୨୨୪.୪୦୭ | ୧୮.୦ | ୭୯.୬ | ୨୦.୪ |
| ୨୦୦୯<br>୪.୪ | ୨୨୪.୪୯୮ | ୨୦.୩ | ୮୦.୭ | ୧୯.୩ |
| ୨୦୧୦<br>୫.୮ | ୨୬୦.୯୩୫ | ୧୮.୨ | ୭୯.୯ | ୨୦.୧ |
| ୨୦୧୧<br>୪.୪ | ୩୧୭.୮୯୧ | ୧୮.୨ | ୭୯.୬ | ୨୦.୪ |
| ୨୦୧୨<br>୬.୦ | ୩୬୦.୭୬୬ | ୨୧.୧ | ୭୮.୩ | ୨୧.୭ |
| ୨୦୧୩<br>୫.୯ | ୪୦୯.୩୭୪ | ୨୨.୪ | ୭୬.୪ | ୨୩.୬ |
| ୨୦୧୪<br>୫.୯ | ୪୪୬.୧୭୮ | ୨୩.୮ | ୭୯.୫ | ୨୦.୫ |
| ୨୦୧୫<br>୭.୬ | ୪୭୪.୬୭୫ | ୨୩.୮ | ୮୨.୦ | ୧୮.୦ |
| ୨୦୧୬<br>୮.୮ | ୪୮୫.୦୨୩ | ୨୩.୭ | ୮୨.୮ | ୧୭.୨ |

**ଉତ୍ସ : ଭାରତୀୟ ରିଜର୍ଭ ବ୍ୟାଙ୍କ**

ଏଠାରେ ଟେବୁଲ -୨ ଇନସର୍ଟ୍ ହେବ

ବାହ୍ୟ ଋଣ ସୂଚକାଙ୍କରୁ ଜଣା ପଡୁଛି ଯେ ଦେଶର ଦୀର୍ଘ ମିଆଦି ଋଣ ମଧ୍ୟରୁ ପ୍ରାୟ ୮୩ ଶତାଂଶ ବାହ୍ୟ ଋଣ ହୋଇଥିଲା ବେଳେ ମାତ୍ର ୧୭ ଶତାଂଶ ସ୍ୱଳ୍ପ ମିଆଦି। ଋଣ ଉପରେ ସୁଧ ଓ ଋଣ ପରିଶୋଧ ଅନୁପାତ ୨୦୧୪ରେ ୫.୯% ଥିବାବେଳେ ୨୦୧୬ରେ ଏହା ୮.୮ ଶତାଂଶକୁ ବୃଦ୍ଧି ପାଇଛି। ତେବେ ଏହା ଏତେ ଚିନ୍ତାଜନକ ନୁହେଁ। ବାହ୍ୟ ଋଣ - ଜିଡିପି ଅନୁପାତ ୨୦୦୭ରୁ ୨୦୧୬ ମଧ୍ୟରେ ୬ ଶତାଂଶ ବଢ଼ିଛି। ମୋଟାମୋଟି ଦେଖିଲେ ବାହ୍ୟ ଋଣ ପରିମାଣ ଦେଶ ପାଇଁ ବିଶେଷ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି।

ବୈଦେଶିକ ବିନିମୟ ମୁଦ୍ରା (ଫରେକ୍ସ) ମହଜୁଦ ଦେଶର ଉତ୍ତମ ଆର୍ଥିକ ସ୍ଥିତିର ଆଉ ଏକ ସୂଚକାଙ୍କ। କ୍ରେଡିଟ୍ ରେଟିଂ ନିର୍ଦ୍ଧାରଣରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ୨୦୦୭ରେ ଭାରତର ଫରେକ୍ସ ରିଜର୍ଭ ପରିମାଣ ୧୯୯.୧୭ ବିଲିୟନ ଡଲାର ଥିବାବେଳେ ୨୦୧୬ରେ ଏହା ୩୬୦.୧୭ ବିଲିୟନ ଡଲାରରେ ପହଞ୍ଚିଥିଲା। ଅତଏବ ଦେଶର ଫରେକ୍ସ ରିଜର୍ଭ ସ୍ଥିତି ଭଲ ରହିଛି। ଆଗାମୀ ଦିନରେ ବିଦେଶୀ ପୁଂଜି ପ୍ରବାହ ଓ ଏକ୍ସଚେଞ୍ଜ ରେଟର ପ୍ରଭାବ ଫରେକ୍ସ ରିଜର୍ଭ ଉପରେ ପଡ଼ିପାରେ। ତେବେ ୨୦୧୭ର ଫରେକ୍ସ ରିଜର୍ଭ ପରିମାଣ ୪୦୦ ବିଲିୟନ ଡଲାର ଅତିକ୍ରମ କରିଥିବାରୁ ବାଣିଜ୍ୟ ନିଅଣ୍ଟଜନିତ ସ୍ଥିତି ଏ କ୍ଷେତ୍ରରେ ବିଶେଷ ପ୍ରଭାବ ପକାଇ ପାରି ନ ଥିବା ପ୍ରମାଣିତ ହୋଇଛି।

ଦେଶର ଅର୍ଥନୀତିର ପ୍ରମୁଖ କ୍ଷେତ୍ରର ସୂଚକାଙ୍କରେ ଅଧିକ ଉନ୍ନତି ପରିଲକ୍ଷିତ ହେବା ଏକ ଭଲ ଲକ୍ଷଣ। ସରକାରଙ୍କ ବିଭିନ୍ନ ସଂସ୍କାରବାଦୀ କାର୍ଯ୍ୟକ୍ରମ ଯୋଗୁଁ ସ୍ଥିତିରେ ଉନ୍ନତି ଆସିଛି। ଭିତ୍ତିଭୂମି କ୍ଷେତ୍ର ପାଇଁ ଅଧିକ ଅର୍ଥ ବରାଦ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏଫ୍‌ଡିଆଇ ଇକ୍ୱିଟିରେ ବୃଦ୍ଧି, ବିଭିନ୍ନ ପ୍ରକଳ୍ପର ତ୍ୱରିତ ଅନୁମୋଦନ ଓ ଏ କ୍ଷେତ୍ରରେ ସ୍ୱଚ୍ଛତା ପ୍ରଦର୍ଶନ, ଶ୍ରମ ସଂସ୍କାର ପାଇଁ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ, ସୁଗମ ବ୍ୟବସାୟ ବାଣିଜ୍ୟ ନୀତି ଅବଲମ୍ବନ, ଇନସଲଭେନ୍ସି ଓ ବ୍ୟାଙ୍କରପ୍‌ସି କୋଡ୍ ପ୍ରବର୍ତ୍ତନ, ଜିଏସ୍‌ଟି ଲାଗୁ କରିବା ଆଦି ସଂସ୍କାରବାଦୀ କାର୍ଯ୍ୟକ୍ରମର ସିଧାସଳଖ ପ୍ରଭାବ ଅର୍ଥନୀତି ଉପରେ ପଡ଼ିଛି ଯାହା ରେଟିଂ ହାରରେ ଉନ୍ନତି ଆଣିବାରେ ସହାୟକ ହୋଇଛି।

ସରକାରଙ୍କ ଧ୍ୱଜାଧାରୀ କାର୍ଯ୍ୟକ୍ରମ ମେକ୍ ଇନ୍ ଇଣ୍ଡିଆ ଏବଂ ଏହାର ସହଯୋଗୀ 'ସ୍କିଲ୍ ଇଣ୍ଡିଆ', ଡିଜିଟାଲ ଇଣ୍ଡିଆ ଆଦି କାର୍ଯ୍ୟକ୍ରମ ଫଳରେ ପୁଂଜି ନିବେଶ ତ୍ୱରାନ୍ୱିତ ହୋଇଛି। ଏହାଦ୍ୱାରା ମାନୁଫାକଚରିଙ୍ଗ କ୍ଷେତ୍ରରେ ଉନ୍ନତି ଆସିବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ଦେଶରେ ବ୍ୟବସାୟ ବାଣିଜ୍ୟକୁ ସୁଗମ କରିବାକୁ କେନ୍ଦ୍ର ସରକାର ଗ୍ରହଣ କରିଥିବା କେତେକ ପଦକ୍ଷେପ

- ପ୍ରାକ୍ ଅନୁମତି ପାଇଁ ଥିବା ବହୁବିଧ ବ୍ୟବସ୍ଥାର ଅବସାନ ନିମନ୍ତେ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି।
- ଏକ ୨୪ଘଣ୍ଟିଆ ଇ-ବିଜିନେସ୍ ପୋର୍ଟାଲ ପ୍ରତିଷ୍ଠା କରାଯାଇଛି ଯେଉଁଥିରେ ଗୋଟିଏ ସ୍ଥାନରେ ୧୪ଟି ନିୟନ୍ତ୍ରକ ଅନୁମତି ରହିଛି।
- ଆସନ୍ତା ଚରିବର୍ଷ ପାଇଁ କର୍ପୋରେଟ ଟିକସହାରକୁ ୩୦%ରୁ ୨୫ ଶତାଂଶକୁ ହ୍ରାସ କରାଯାଇଛି।
- ରେଟ୍ରୋସ୍ପେକ୍‌ଟିଭ ଟିକସ ବ୍ୟବସ୍ଥାର ପ୍ରାୟତଃ ଅବସାନ ସହିତ ସାଧାରଣ ଆଣ୍ଟି-ଆଭଏଡାନ୍ସ ନିୟମକୁ ଦୁଇ ବର୍ଷ ପାଇଁ ସ୍ଥଗିତ ରଖାଯାଇଛି।
- ନିବେଶକଙ୍କ ପ୍ରସ୍ଥାନ ବ୍ୟବସ୍ଥାକୁ ସହଜ କରିବାକୁ ନୂଆ ଦେବାଳିଆ ଆଇନ (ବ୍ୟାଙ୍କରପ୍‌ସି ଆକ୍ଟ) ପ୍ରସ୍ତୁତ କରାଯାଇଛି।
- ବାଣିଜ୍ୟିକ ବିବାଦ ସମୂହର ତ୍ୱରିତ ସମାଧାନ ପାଇଁ ଏକ ନୂଆ ଆଇନଗତ ବ୍ୟବସ୍ଥା ସଂପର୍କରେ ବିଚାର କରାଯାଉଛି।
- ଟିକସ ବିବାଦର ଏକକାଳୀନ ସମାଧାନ ବ୍ୟବସ୍ଥା କରାଯାଇଛି।
- କମ୍ପାନୀ ପଂଜୀକରଣ ବ୍ୟବସ୍ଥାକୁ ତ୍ୱରିତ କରାଯାଇ ଗୋଟିଏ ଦିନରେ ଏହା ସମ୍ପନ୍ନ କରିବାର ବ୍ୟବସ୍ଥା ହୋଇଛି। ଆଗରୁ ଏଥିପାଇଁ ୧୫ରୁ ୨୦ ଦିନ ସମୟ ଲାଗୁଥିଲା।
- ଯୁବ ଭାରତୀୟମାନଙ୍କୁ ଦକ୍ଷ କରିବା ପାଇଁ ଉଦ୍ଦିଷ୍ଟ ଜାତୀୟ ଦକ୍ଷତା ବିକାଶ ପରିଷଦ ଗଠନ ସହିତ ଦେଶରେ ୧୫୦୦ ବହୁବିଧ ଦକ୍ଷତା ବିକାଶ ତାଲିମ ପ୍ରତିଷ୍ଠାନ ପାଇଁ ଅଧିକ ଅର୍ଥ ବରାଦ କରାଯାଇଛି।
- ୨୦୧୬ ମାର୍ଚ୍ଚ ପହିଳାରୁ ପଂଜୀକୃତ ସଂସ୍ଥାଙ୍କ ପାଇଁ କମ୍ପାନୀ ଟିକସ ପରିମାଣ ୨୫ ଶତାଂଶ ଧାର୍ଯ୍ୟ କରାଯାଇଛି। ନୂଆ କମ୍ପାନୀଙ୍କୁ ତିନିବର୍ଷର ଟିକସ ଛୁଟି ଦେବାର ବ୍ୟବସ୍ଥା ହୋଇଥିବାବେଳେ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଏହି ସୁବିଧାର ଅବଧି ପାଞ୍ଚ ବର୍ଷ କରାଯାଇଛି।
- ପ୍ରକଳ୍ପ ଆରମ୍ଭ ପାଇଁ ଯନ୍ତ୍ରପାତି, ସାମଗ୍ରୀ ଓ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା କରିବା କ୍ଷେତ୍ରରେ କମ୍ପାନୀଗୁଡ଼ିକ ପାଇଁ ଆମଦାନୀ ଟିକସ ଓ ଶୁଳ୍କ ରିଆତି ବ୍ୟବସ୍ଥା ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ରହିଛି।
- କାର୍ଯ୍ୟନିର୍ବାହୀ ଓ ନ୍ୟାୟପାଳିକାର ଦକ୍ଷତା ବୃଦ୍ଧି ପାଇଁ ସରକାର ଟେକ୍‌ନୋଲୋଜି ଉପଯୋଗର ବ୍ୟବସ୍ଥା କରିଛନ୍ତି।

> ଗୋଟିଏ ଦେଶର ସାମଗ୍ରିକ ଆର୍ଥିକ ଓ ବିକାଶମୂଳକ ସ୍ଥିତିକୁ ବିଚାରକୁ ନେଇ ଆନ୍ତର୍ଜାତିକ କ୍ରେଡିଟ ରେଟିଂ ସଂସ୍ଥାମାନେ ରେଟିଂ ପ୍ରଦାନ କରିଥାନ୍ତି। ଏହି ରେଟିଂ ଭଲ ରହିଲେ ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥାରୁ ବିକାଶମୂଳକ ଋଣ ପାଇବା ସହଜ ହୁଏ। ଏହି ରେଟିଂରେ ଦେଶର ପୁଂଜିନିବେଶ ସ୍ଥିତି, ଦେଶର ଆର୍ଥିକ ସ୍ଥିତି, ଅର୍ଥନୈତିକ ସ୍ଥିତିର ଭବିଷ୍ୟତ ଓ ସମ୍ଭାବନା, ଋଣ ଫେରାଇବାର ଦକ୍ଷତା ଓ ଆଗ୍ରହକୁ ବିଚାରକୁ ନିଆଯାଇଥାଏ। ମୁଡିସ୍, ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର ଓ ଫିଚ୍ ଭଳି ଆନ୍ତର୍ଜାତିକ ରେଟିଂ ସଂସ୍ଥା ବିଭିନ୍ନ ଦେଶକୁ ଏହି ରେଟିଂ ମାନ୍ୟତା ଦେଇଥାନ୍ତି। ତେବେ ସବୁଠୁ ବଡ଼ କଥା ହେଉଛି ଏହି ସଂସ୍ଥାଙ୍କ ଉତ୍ତମ ସାର୍ଟିଫିକେଟ ପାଇଲେ କୌଣସି ଏକ ଦେଶ ଆନ୍ତର୍ଜାତିକ ସଂସ୍ଥାରୁ ଆପଣା ଛାଏଁ ଋଣ ପାଇବ ଏ ଗ୍ୟାରେଣ୍ଟି ନାହିଁ। ଏହି ସଂସ୍ଥାମାନେ ସଂପୃକ୍ତ ଦେଶର ବଜାର ସ୍ଥିତି ଓ ଆର୍ଥିକ ଅବସ୍ଥାର ଏକ ରିପୋର୍ଟ ଦେଇଥାନ୍ତି ଯାହା ଋଣ ପାଇବାକୁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ଏସବୁ ସଂସ୍ଥାଙ୍କ ରେଟିଂର ପଦ୍ଧତି ମଧ୍ୟ ସମାନ ନୁହେଁ। ଉଦାହରଣ ସ୍ୱରୂପ-ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର ଗୋଟିଏ ଦେଶର ଋଣ ପାଇବାର ଯୋଗ୍ୟତାକୁ ଅଗ୍ରାଧିକାର ଦିଏ।

- ରପ୍ତାନୀ-ଆମଦାନୀ କ୍ଷେତ୍ରରେ ଆଗରୁ ୧୩ଟି ନଥିପତ୍ର ପୂରଣ କରି ଦାଖଲ କରିବାକୁ ପଡୁଥିଲା ଏବଂ ଏହା ବେଶ୍ ବିରକ୍ତିକର ଥିଲା । ସରକାର ଏଥିରେ ସଂସ୍କାର ଆଣି ନୂଆ ବ୍ୟବସ୍ଥାରେ ମାତ୍ର ତିନିଟି ନଥିର ବ୍ୟବସ୍ଥା କରିଛନ୍ତି ।

- ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଥିବା ଲାଇସେନ୍ସ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି । ମୋଟ୍ ୫୬ଟି ସାମଗ୍ରୀକୁ ପ୍ରତିରକ୍ଷା ଲାଇସେନ୍ସ ତାଲିକାରୁ ବାଦ ଦିଆଯାଇଛି । ଫଳରେ ଯେକୌଣସି ଉଦ୍ୟୋଗୀ ଏହାର ଉତ୍ପାଦନ କରିପାରିବ ।

- ପ୍ରବାସୀ ଭାରତୀୟଙ୍କ ପୁଂଜିନିବେଶକୁ ଭାରତୀୟ ପୁଂଜି ନିବେଶର ମାନ୍ୟତା ପ୍ରଦାନ କରାଯାଇଛି ।

**ପକ୍ଷପାତ ବିଚାର:**

ରେଟିଂ ପ୍ରଦାନରେ ସଂପୃକ୍ତ ସଂସ୍ଥା ସମୂହ ପକ୍ଷପାତ ବିଚାର କରୁଛନ୍ତି ବୋଲି ଭାରତର ନୀତି ନିର୍ଦ୍ଧାରକ ଅଭିଯୋଗ କରୁଛନ୍ତି । ରେଟିଂରେ ମଧ୍ୟ ସ୍ଥିରତା ନ ଥିବା ଓ ଏହା ବାଛବିଚାର ମୂଳକ ହେଉଥିବାର ପ୍ରମାଣ ଏମାନେ ଉପସ୍ଥାପିତ କରିଆସୁଛନ୍ତି । ଚୀନ ଓ ଭାରତ କ୍ଷେତ୍ରରେ ରେଟିଂରେ ହେଉଥିବା ପକ୍ଷପାତିତା ଏ ନେଇ ବିତର୍କ ସୃଷ୍ଟି କରିଛି । ୨୦୧୭ରେ ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର ଚୀନର ରେଟିଂରେ ଅବମୂଲ୍ୟାୟନ କରିଥିଲା । ଫଳରେ ଏହା ଏ + ରୁ ଏ ଏ – କୁ ଖସିଥିଲା । ଏହାର ଅର୍ଥ ସେ ଦେଶର ରେଟିଂ ସ୍ଥିରରୁ ନକରାତ୍ମକ ହୋଇଛି । ଅପରପକ୍ଷରେ ଭାରତର ସବୁ ଆର୍ଥିକ ସୂଚକାଙ୍କରେ ଅଗ୍ରଗତି ସତ୍ତ୍ୱେ ଏହି ସଂସ୍ଥା ଭାରତୀୟ ରେଟିଂକୁ ବଢ଼ାଇ ନ ଥିଲା । ଭାରତ ସରକାରଙ୍କର ମୁଖ୍ୟ ଅର୍ଥନୀତିକ ପରାମର୍ଶଦାତା ଷ୍ଟାଣ୍ଡାର୍ଡ ଆଣ୍ଡ ପୁଅର ସଂସ୍ଥାର ଅସ୍ଥିର ମୂଲ୍ୟାୟନ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ୨୦୦୭ରେ ଏହି ସଂସ୍ଥା ଭାରତର ରେଟିଂରେ ଉନ୍ନତି ଘଟାଇ ବିବିବି – ମାନ୍ୟତା ଦେଇଥିଲା । ଏହାପରେ ଗତ ୧୦ବର୍ଷ ମଧ୍ୟରେ ଏହି ସଂସ୍ଥା ଚାରିଥର ଭାରତର ମୂଲ୍ୟାୟନ (୨୦୦୯, ୧୦,୧୨ ଓ ୨୦୧୪) କରିଛି ଏବଂ ପ୍ରତିଥର ରେଟିଂ ଅପରିବର୍ତ୍ତିତ ରହିଛି । ମୁଡିସ୍ ମଧ୍ୟ ପ୍ରାୟ ୧୩ବର୍ଷ ପରେ ଭାରତର ରେଟିଂରେ ଉନ୍ନତି ଆଣିଛି । ନୀତି ବିଶ୍ଳେଷକ ଓ ବଜାର ବିଶେଷଜ୍ଞଙ୍କ ମତରେ ଭାରତର ରେଟିଂ ଉପଯୁକ୍ତ ଭାବେ ହୋଇନାହିଁ ଏବଂ ଏହା ଆହୁରି ଉପରେ ରହିବା ଆବଶ୍ୟକ । ବିଶ୍ୱର ପ୍ରମୁଖ ଅର୍ଥନୀତି ଓ ବିକାଶଶୀଳ ଦେଶ ସମୂହ ମଧ୍ୟରେ ଭାରତର ଅର୍ଥନୈତିକ ପ୍ରଦର୍ଶନ ଅପେକ୍ଷାକୃତ ବହୁତ ଭଲ । ସେମାନଙ୍କର ରେଟିଂରେ ସଂପୃକ୍ତ ସଂସ୍ଥା ଯେଉଁ ଉଦାରତା ପ୍ରକାଶ କରୁଛନ୍ତି ଭାରତ କ୍ଷେତ୍ରରେ ତାହା ହେଉନାହିଁ । ଉଦାରୀକରଣ ପରେ ଭାରତରେ ବଜାର ଚାଳିତ ଏକ୍ସଚେଞ୍ଜ ରେଟ ଚାଲୁଛି । ଚୀନରେ ସେ କଥା ନାହିଁ । ୧୯୯୦ରୁ ଭାରତର ବାଣିଜ୍ୟ ନିଅଣ୍ଟରେ କ୍ରମାଗତ ଉନ୍ନତି ପରିଲକ୍ଷିତ ହୋଇଆସୁଛି । ବିଭିନ୍ନ କ୍ଷେତ୍ରରେ ଭାରତର ଉତ୍ତମ ପ୍ରଦର୍ଶନ ସତ୍ତ୍ୱେ ଏହାର ରେଟିଂ ଆଶାଜନକ ଭାବେ ବୃଦ୍ଧି କରାଯାଉନାହିଁ ।

**ଉପସଂହାର:**

୨୦୧୩ ଠାରୁ ଭାରତର ଅର୍ଥନୈତିକ ଅଭିବୃଦ୍ଧି, ଚାଲୁଖାତାରେ ଭାରସାମ୍ୟ ରକ୍ଷା, ଏଫ୍‌ଡିଆଇ ଆଗମନ ଓ ଫରେକ୍ସ ରିଜର୍ଭ ସ୍ଥିତିରେ ନିରନ୍ତର ପ୍ରଗତି ପରିଲକ୍ଷିତ ହୋଇଆସୁଛି । ନିଜର ଋଣ ପରିଶୋଧ କରିବାର ଦକ୍ଷତା ଭାରତ ଉଲ୍ଲେଖନୀୟ ଭାବେ ପ୍ରଦର୍ଶନ କରିବା ସହ ଋଣ ପରିଶୋଧର ବିଶେଷ ଆଗ୍ରହ ମଧ୍ୟ ଦେଖାଇ ଆସୁଛି । ନିଜର ଅଙ୍ଗୀକାରରେ ଏହା କେବେ ବିଫଳ ହୋଇନାହିଁ । ବିପୁଳ ଋଣ କରି ତାହାକୁ ସମ୍ଭାଳିବାର କ୍ଷମତା ଭାରତର ରହିଛି । ଋଣ କରି ତାହାକୁ ପରିଶୋଧ କରିବା ସହ ଦେବାଳିଆମୁକ୍ତ ରହିବାର ସୁଯୋଗ ଏହାର ଅର୍ଥନୀତି ଯୋଗାଇଛି । ଏହା ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ମାନ୍ୟତା ପାଇଛି । ସେଥିପାଇଁ ନିବେଶକ ଏବେ ଅଧିକ ସଂଖ୍ୟାରେ ଭାରତ ମୁହାଁ ହୋଇଛନ୍ତି ।

ଅଧିକାଂଶ ଆନ୍ତର୍ଜାତିକ ରେଟିଂ ସଂସ୍ଥାଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ସତ୍ତ୍ୱେ ମୁଡିସ୍‌ର ଅନୁକୂଳ ରେଟିଂ ନିବେଶକଙ୍କ ମନୋଭାବକୁ ସୁଦୃଢ଼ କରିବ । ଭାରତର ରାଜନୈତିକ ସ୍ଥିରତା ନିବେଶକଙ୍କ ପାଇଁ ଆଉ ଏକ ଆଶ୍ୱାସନାର ବିଷୟ । ଭାରତର ଅର୍ଥନୀତି ଏବେ ବିଭିନ୍ନ ଦୃଷ୍ଟିରୁ ପ୍ରଗତିଶୀଳ ଏବଂ ସଂସ୍କାରମୁଖୀ । ଏଭଳି ସ୍ଥିତିରେ ରେଟିଂ ସଂସ୍ଥାଙ୍କର ଉଚିତ ମୂଲ୍ୟାୟନ ଭାରତ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତା । ହେଲେ ଏସବୁ ସଂସ୍ଥାଙ୍କ ବାଛବିଚାରମୂଳକ ବିଚାର ଏ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଛି । ଏହା ବିଶ୍ୱ ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ । ଏହାର ଅବସାନ ଲୋଡ଼ା ।

**ଲେଖକ ଡକ୍ଟର ସାହୁ ଆର୍ଥିକ ଅଭିବୃଦ୍ଧି ପ୍ରତିଷ୍ଠାନ, ନୂଆ ଦିଲ୍ଲୀରେ ଜଣେ ପ୍ରଫେସର ଓ ଭବେଶ ଗର୍ଗ ଆଇଆଇଟି ହାଇଦରାବାଦରେ ଡକ୍ଟରେଟ କରୁଛନ୍ତି ।**

# ମିଶନ ଇନ୍ଦ୍ରଧନୁଷ୍ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୁନର୍ବିନ୍ୟାସ

■ ଡି.ଏସ୍. ମଲିକ

ଦୁଇ ମାସରୁ ଅଧିକ ସମୟ ଧରି ଏକ ବଡ଼ ଖବର ଦେଶର ଆର୍ଥିକ ସେବା କ୍ଷେତ୍ରରେ ବେଶ୍ ଚର୍ଚ୍ଚିତ ହେଉଛି। ସେ ଖବରଟି ହେଲା ଋଣ ବୋଝରେ ବୁଡ଼ି ରହିଥିବା ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ସରକାର ଆସନ୍ତା ଦୁଇ ବର୍ଷ ମଧ୍ୟରେ ୨.୧୧ଲକ୍ଷ କୋଟି ଟଙ୍କା ନିବେଶ କରିବେ। ଏହା ସହିତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ପୁନର୍ବିନ୍ୟାସ କରାଯିବ। ସରକାର ବ୍ୟାଙ୍କ ସମୂହଙ୍କ ଅନାଦାୟ ଋଣ ବା ଅଚଳ ପୁଞ୍ଜି ସମସ୍ୟାର ସମାଧାନ କରିବା ସହ ଦେବାଳିଆ ଆଇନ ଓ ଋଣ ଅସୁଲି ଆଇନରେ ମଧ୍ୟ ବଡ଼ଧରଣର ପରିବର୍ତ୍ତନ ପାଇଁ ପ୍ରୟାସ କରୁଛନ୍ତି। ଆହୁରି ମଧ୍ୟ କ୍ଷତିରେ ଚାଲୁଥିବା ବ୍ୟାଙ୍କଗୁଡ଼ିକୁ ମିଶାଇ ଦେବାର ପରିକଳ୍ପନା ରହିଛି। ବ୍ୟାଙ୍କ କ୍ଷେତ୍ରରେ ସୁଧାର ଓ ପୁନର୍ବିନ୍ୟାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଇତିମଧ୍ୟରେ ଏକ 'ବିକଳ୍ପ ବ୍ୟବସ୍ଥା'ର ରୂପରେଖ ପ୍ରସ୍ତୁତ କରିଛନ୍ତି। ଏହାକୁ ଅଲଟରନେଟିଭ୍ ମେକାନିଜିମ୍ କୁହାଯାଉଛି। ଏସବୁ ପ୍ରୟାସକୁ ଅପ୍ରତ୍ୟାଶିତ କହିବା ଠିକ୍ ହେବ ନାହିଁ। ସତକଥା ହେଲା ସରକାର ୨୦୧୪ରୁ ବ୍ୟାଙ୍କ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ନୂଆ ରଣନୀତି ଓ ଉପାୟମାନ ପ୍ରସ୍ତୁତି କରିଆସୁଛନ୍ତି। ଏବେ ଏହାର ରୂପାୟନ ପ୍ରାୟତଃ ନିଶ୍ଚିତ ହୋଇଯାଇଛି।

ଦେଶର ଆର୍ଥିକ ବିକାଶରେ ବ୍ୟାଙ୍କସମୂହଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ହେଲେ ଦେଖାଯାଉଛି ଯେ ଭିତ୍ତିଭୂମି କ୍ଷେତ୍ର ଋଣ ଯୋଗାଣରେ ଗତ କେତେ ବର୍ଷ ଧରି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କ ପ୍ରଦର୍ଶନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏଥିପାଇଁ ବିଭିନ୍ନ କାରଣ ଦାୟୀ। ବିଭିନ୍ନ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣରେ ସମସ୍ୟା, ପ୍ରକଳ୍ପ ଅନୁମୋଦନରେ ଅଯଥା ବିଳମ୍ବ, ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଋଣ ଚାହିଦାରେ ମାନ୍ଦାବସ୍ଥା ଏବଂ ପୁଞ୍ଜି ଲଗାଣରେ ସ୍ୱଳ୍ପ ଲାଭ ଯୋଗୁଁ ବ୍ୟାଙ୍କ ସମୂହ ଭିତ୍ତିଭୂମି କ୍ଷେତ୍ରକୁ ଆଶାଜନକ ଭାବେ ଋଣ ଯୋଗାଇ ପାରୁନାହାନ୍ତି। ଯେଉଁସବୁ ଋଣ ଦିଆଯାଇଛି ତାହା ମଧ୍ୟ ବିଭିନ୍ନ କାରଣରୁ ଆଦାୟ ହୋଇପାରୁନାହିଁ। ଏସବୁ ସମସ୍ୟାର ସମାଧାନ ପାଇଁ ୨୦୧୫ରେ କେନ୍ଦ୍ର ସରକାର ଏକ ଯୋଜନା ପ୍ରସ୍ତୁତ କରିଥିଲେ ଯାହା ଇନ୍ଦ୍ରଧନୁ ଯୋଜନା ବା ମିଶନ ଇନ୍ଦ୍ରଧନୁଷ୍ ନାମରେ ପରିଚିତ। ଏହାର ପ୍ରମୁଖ ଲକ୍ଷ୍ୟ ଥିଲା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ଆର୍ଥିକ ଦୁରବସ୍ଥା ଦୂର କରିବା ପାଇଁ ସେସବୁକୁ ପୁଞ୍ଜି ଯୋଗାଇ ଦେବା ଓ ବ୍ୟାଙ୍କଗୁଡ଼ିକର କାର୍ଯ୍ୟ ପ୍ରଣାଳି ଓ ସ୍ଥିତିରେ ପୁନର୍ବିନ୍ୟାସ କରିବା। ୨୦୧୫ ଅଗଷ୍ଟ ୧୪ ତାରିଖରେ ସରକାର ଏହି ଘୋଷଣା କରିଥିଲେ। ୧୯୭୦ରେ ବ୍ୟାଙ୍କ ଘରୋଇକରଣ ପରେ ବ୍ୟାଙ୍କ ବ୍ୟବସ୍ଥାରେ ଏହା ଥିଲା ସବୁଠୁ ବଡ଼ ସଂସ୍କାରବାଦୀ ପଦକ୍ଷେପ।

**ଇନ୍ଦ୍ରଧନୁଷ ଯୋଜନାର ଗୁରୁତ୍ୱପୂର୍ଣ୍ଣ ଦିଗ ସମୂହ**




**ନିଯୁକ୍ତି:**

ସରକାରଙ୍କ ନିଷ୍ପତ୍ତି ଅନୁସାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପଦ ଅଲଗା ଅଲଗା ହେବ। ଏଣିକି ନୂଆ ନିଯୁକ୍ତି ଏହି ଢାଞ୍ଚାରେ କରାଯିବ। ପ୍ରତ୍ୟେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏଣିକି ପରିଚାଳନା ନିର୍ଦ୍ଦେଶକ ଏମ୍ଡି ଏବଂ ସିଇଓ ଭାବେ ନାମିତ ହେବେ। ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବ୍ୟାଙ୍କର ଅଣ-କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯିବ।

**ବ୍ୟାଙ୍କ ବୋର୍ଡ ବ୍ୟୁରୋ (ବିବିବି) :**

ବୃତ୍ତିଗତ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନେଇ ବିବିବି ଗଠନ କରାଯିବ। ଏହି ବୋର୍ଡ ନିଯୁକ୍ତି ବୋର୍ଡର ସ୍ଥାନ ନେବ। ପ୍ରଚଳିତ ନିଯୁକ୍ତି ବୋର୍ଡ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଅଣନିର୍ବାହୀ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦେଉଥିଲା। ଏ କାର୍ଯ୍ୟଟି ଏବେ ବିବିବି କରିବ। ସେମାନେ ନିୟମିତ ଭାବେ ବିବିବି ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ସହିତ ସମ୍ପର୍କରେ ରହି ବ୍ୟାଙ୍କର ଉପଯୁକ୍ତ ବ୍ୟବସାୟ ନୀତି, ବିକାଶ ଓ ଅଭିବୃଦ୍ଧି କର୍ଯ୍ୟକ୍ରମ ପ୍ରସ୍ତୁତ କରିବେ।

**ପୁନଃ ପୁଂଜି ଯୋଗାଣ:**

ଏବେ ସବୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୁଂଜି ଆବଶ୍ୟକତା ରିଜର୍ଭ ବ୍ୟାଙ୍କର ବେସଲ-୩ ନୀତି ନିୟମ ଅନୁସାରେ ପୂରଣ କରାଯାଉଛି। ତେବେ ସରକାର ସବୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଙ୍କୁ ଆବଶ୍ୟକ ଅର୍ଥ ଯୋଗାଇ ସେମାନଙ୍କର ନିରାପଦ ଅର୍ଥ ଜମା ପରିମାଣକୁ ବେସଲ-୩ ନୀତି ଅନୁପାତଠାରୁ ଯଥେଷ୍ଟ ଅଧିକ ରଖିବାକୁ ଚାହାନ୍ତି। ଏଥିପାଇଁ ଚାରିବର୍ଷ ନିମନ୍ତେ ୨୦୧୯ ଆର୍ଥିକ ବର୍ଷ ଯାଏଁ ଯେଉଁ ଅତିରିକ୍ତ ପୁଂଜିର ଆବଶ୍ୟକତା ପଡ଼ିବ ତାହାର ପରିମାଣ ପ୍ରାୟ ୧,୮୦,୦୦୦କୋଟି ଟଙ୍କା ହେବ। ଏହି



ଆକଳନ ରଣ ଅଭିବୃଦ୍ଧି ହାରକୁ ବିଚାରକୁ ନେଇ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଏହା ୧୨ଶତାଂଶ ଏବଂ ଆଗାମୀ ତିନି ବର୍ଷ ପାଇଁ ୧୨ ରୁ ୧୫ ଶତାଂଶ ହେବ ଯାହା ବ୍ୟାଙ୍କର ଆକାର ଓ ସେମାନଙ୍କର ଅଭିବୃଦ୍ଧି ଦକ୍ଷତା ଉପରେ ନିର୍ଭର କରେ। ଆବଶ୍ୟକ ହେଉଥିବା ଏହି ଅର୍ଥରାଶୀ ମଧ୍ୟରୁ ସରକାର ବଜେଟ ବ୍ୟବସ୍ଥାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କୁ ୭୦ହଜାର କୋଟି ଟଙ୍କା ଯୋଗାଇଦେବେ ଏବଂ ଏହା ଚାରିବର୍ଷ ମଧ୍ୟରେ ଦିଆଯିବ। ସରକାରୀ ହିସାବ ଅନୁସାରେ ୨୦୧୫-୧୬ ଆର୍ଥିକ ବର୍ଷ ପାଇଁ ୨୫ ହଜାର କୋଟି, ୧୬-୧୭ ବର୍ଷ ପାଇଁ ୨୫ ହଜାର କୋଟି, ୧୭-୧୮ବର୍ଷ ପାଇଁ ୧୦ ହଜାର କୋଟି ଏବଂ ୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ ୧୦ ହଜାର କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନେ ସରକାରଙ୍କଠାରୁ ପାଇବେ।

**ବ୍ୟାଙ୍କ ସମୂହଙ୍କ ଆର୍ଥିକ ଚାପ ହ୍ରାସ ପ୍ରୟାସ:**

ବିଗତ ଦିନରେ ଭିତ୍ତିଭୂମି କ୍ଷେତ୍ର ଓ ମୌଳିକ କ୍ଷେତ୍ରଗୁଡ଼ିକର ପ୍ରକଳ୍ପସମୂହ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରୁ ସର୍ବାଧିକ ରଣ ପାଉଥିଲେ। ତେବେ ବିଭିନ୍ନ କାରଣରୁ ଏସବୁ ପ୍ରକଳ୍ପ ମନ୍ଥର, ବନ୍ଦ କିମ୍ବା ଆଶାନୁରୂପ କାର୍ଯ୍ୟକ୍ଷମ ହୋଇନ'ପାରିବାରୁ ବ୍ୟାଙ୍କ ରଣ ଶୁଝିବାରେ ସମସ୍ୟା ଦେଖାଦେଲା। ଫଳରେ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତି ଖରାପ ହୋଇ ବ୍ୟବସାୟ ପ୍ରଭାବିତ ହେଲା ଓ ସେମାନଙ୍କର ଅନାଦାୟ / ମନ୍ଦ ରଣ ପରିମାଣ ମାତ୍ରାଧିକ ଭାବେ ବଢ଼ିଗଲା। ତେଣୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହ ଅଚଳ ପୁଂଜି ଓ ମନ୍ଦ ରଣ ବୋଝରେ ବୁଡ଼ି ରହିଲେ। ନିକଟରେ ହୋଇଥିବା ଏକ ସମୀକ୍ଷା ଅନୁସାରେ ଶକ୍ତି, ଇସ୍ପାତ, ସଡ଼କ ଆଦି କ୍ଷେତ୍ରରେ ପ୍ରକଳ୍ପ ନିର୍ମାଣ ନାନାଦି କାରଣରୁ ମନ୍ଥର କିମ୍ବା ବନ୍ଦ ହୋଇଯିବାରୁ ରଣକାରୀ ସଂସ୍ଥା ସେମାନଙ୍କର ରଣ ଫେରାଇବାରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଫଳରେ ଏହାର ସିଧାସଳଖ ପ୍ରଭାବ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଉପରେ ପଡ଼ିଛି। ସେମାନେ ରଣ ଅର୍ଥ ଓ ସୁଧ ଆଦାୟ କରିପାରୁନାହାନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ସମୀକ୍ଷା ବୈଠକରେ ନିମ୍ନରେ ପ୍ରଦତ୍ତ କେତେକେ ପଦକ୍ଷେପ ଗ୍ରହଣ କରାଯାଇଛି। ସେଗୁଡ଼ିକ ହେଲା –

୧) କ୍ୟାବିନେଟ ସଚିବାଳୟ ସଂପୃକ୍ତ ମନ୍ତ୍ରଣାଳୟ ଏକ ପକଳ୍ପ ତଦାରଖ ଗୋଷ୍ଠୀ ଗଠନ କରି ଅଚଳ ବା ମନ୍ଥର ପ୍ରକଳ୍ପର ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିବା ସହ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାର

ବ୍ୟାଙ୍କ କ୍ଷେତ୍ରରେ ସରକାରୀ ସଂସ୍କାର ପ୍ରକ୍ରିୟାର ମୂଳଦୂଆ ପଡ଼ିଥିଲା 'ଜ୍ଞାନସଙ୍ଗମ' କାର୍ଯ୍ୟକ୍ରମରୁ। ୨୦୧୫ରେ ପୁଣେଠାରେ ଅନୁଷ୍ଠିତ ଏକ ଶିବିରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ତୁଙ୍ଗ ପଦାଧିକାରୀ, ରିଜର୍ଭବ୍ୟାଙ୍କର ଗଭର୍ଣ୍ଣର, ବିତ୍ତଲଗାଣକାରୀ ସଂସ୍ଥାର ମୁଖ୍ୟ ଏବଂ ବିଭିନ୍ନ ସଂପୃକ୍ତ ପକ୍ଷର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ପ୍ରମୁଖ ମଧ୍ୟ ଅଂଶଗ୍ରହଣ କରି ଅନାଦାୟ ରଣ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ବ୍ୟାପକ ବିଚାର ଆଲୋଚନା କରିବା ପରେ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରାଷ୍ଟ୍ରାୟତ୍ତ ବ୍ୟାଙ୍କସମୂହଙ୍କୁ ଆର୍ଥିକ ସ୍ୱୟଂଶାସନ କ୍ଷମତା ପ୍ରଦାନ, ବ୍ୟବସାୟରେ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ଏବଂ ସରକାରୀ ହସ୍ତକ୍ଷେପର ଅବସାନ ପାଇଁ ପ୍ରଧାନମନ୍ତ୍ରୀ ଏଥିରେ ସ୍ପଷ୍ଟ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ତେବେ ଏ କ୍ଷେତ୍ରରେ ବ୍ୟାଙ୍କର ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ବ୍ୟବସ୍ଥା ଯଥା ସମ୍ଭବ ଶୀଘ୍ର କରିବେ ।

୨) ବିଭିନ୍ନ ମନ୍ତ୍ରଣାଳୟ ବିଚାରାଧୀନ ପ୍ରକଳ୍ପଗୁଡ଼ିକର ବିଚାର କରି ତୁରନ୍ତ ଅନୁମୋଦନ ଦେବା ସହ ଏହାର କାର୍ଯ୍ୟକାରିତା ପାଇଁ ପଦକ୍ଷେପ ନେବେ ।

୩) ଉର୍ଜାର ଅଭାବ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତାରେ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ଏହାର ସ୍ଥାୟୀ ସମାଧାନ କୋଇଲା / ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବାହାର କରି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବାରେ ସହଯୋଗ କରିବେ ।

୪) ଦେଶର ବିଭିନ୍ନ ଶକ୍ତି ଆବଣ୍ଟନକାରୀ କମ୍ପାନୀ (ଡିସ୍‌କମ୍)ଗୁଡ଼ିକୁ ଆବଶ୍ୟକ ଦିଗ୍‌ଦର୍ଶନ ଓ ସହାୟତା ଦେଇ ଯେତେଶୀଘ୍ର ସମ୍ଭବ ସଂସ୍କାରବାଦୀ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ।

୫) ଅତିରିକ୍ତ ଇକ୍ୟୁଇଟି (ଅଂଶଧନ) ଯୋଗାଇ ପ୍ରକଳ୍ପ ରୂପାୟନ କାର୍ଯ୍ୟ ଆଗେଇ ନେବାକୁ ପ୍ରମୋଟରମାନଙ୍କୁ କୁହାଯିବ । ଯଦି ପ୍ରମୋଟରମାନେ ଏ କ୍ଷେତ୍ରରେ ଅସାମର୍ଥ୍ୟ ପ୍ରକାଶ କରନ୍ତି ତା' ହେଲେ ପ୍ରକଳ୍ପର ପରିଚାଳନା ଦାୟିତ୍ୱ କୌଣସି ସମର୍ଥ ପକ୍ଷଙ୍କୁ ହସ୍ତାନ୍ତର କରିବା ଦାୟିତ୍ୱ ବ୍ୟାଙ୍କଗୁଡ଼ିକ ଉପରେ ନ୍ୟସ୍ତ କରାଯିବ ।

୬) ପ୍ରକଳ୍ପ ପାଇଁ ଆବଶ୍ୟକ ବିଭିନ୍ନ କଞ୍ଚାମାଲ ଓ ଯନ୍ତ୍ରପାତି ଉପରେ ଲାଗିଥିବା ଶୁଳ୍କ ବ୍ୟବସ୍ଥା ଯଦି ଜଟିଳ ଓ ମାତ୍ରାଧିକ ହୋଇଥାଏ ତାହାର ପୁନର୍ବିଚାର ସରକାର କରିବେ । ଶସ୍ତାରେ ବିଦେଶରୁ ଆସୁଥିବା ସାମଗ୍ରୀକୁ ନିରୁତ୍ସାହିତ କରିବାକୁ ପ୍ରତିରୋଧୀ ଟିକସ ପ୍ରବର୍ତ୍ତନ କଥା ବିଚାର କରାଯାଇପାରେ । ଇସ୍ପାତ କ୍ଷେତ୍ରରେ ଏହି ପ୍ରତିରୋଧୀ ଟିକସ ବ୍ୟବସ୍ଥା ଲାଗୁ କରିବାକୁ ବିଚାର କରାଯାଉଛି ।

୭) ଯଦି ଋଣ ଫେରିବାର ସମ୍ଭାବନା ଥାଏ ସେଭଳି ପରିସ୍ଥିତିରେ ସଂପୃକ୍ତ ଋଣର ପୁନର୍ବିନ୍ୟାସ ପାଇଁ




ବ୍ୟାଙ୍କଗୁଡ଼ିକୁ ନିଷ୍ପତ୍ତି ଗ୍ରହଣର ଅଧିକାର ଦେବାକୁ ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରାଯାଇଛି ।

**ବିପଦ ନିୟନ୍ତ୍ରଣ ବ୍ୟବସ୍ଥାର ସୁଦୃଢ଼ୀକରଣ:** ଡିଆରଟି ଓ ସରଫାସି ବ୍ୟବସ୍ଥାରେ ଋଣ ଅସୁଲ ପ୍ରୟାସ ବ୍ୟତୀତ ସରକାର ବ୍ୟାଙ୍କ ସମୂହର ଅନାଦାୟ ଋଣ ସମସ୍ୟାର ସମାଧାନ ପାଇଁ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିଛନ୍ତି ।

୧) ବ୍ୟାଙ୍କ ସମୂହଙ୍କ ଅନାଦାୟ ଋଣ ପରିମାଣର ନିୟମିତ ଆକଳନ ରିଜର୍ଭବ୍ୟାଙ୍କ ଦ୍ୱାରା କରିବା ଏବଂ ଅଚଳ ସମ୍ପତ୍ତିର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା । ୨୦୧୪ର ରିଜର୍ଭ ବ୍ୟାଙ୍କ ସଂକଳ୍ପ ଅନୁସାରେ ଋଣଦାତାଙ୍କଠାରୁ ନ୍ୟାୟୋଚିତ ଉପାୟରେ ଋଣ ଅସୁଲ କରିବା

୨) ରିଜର୍ଭ ବ୍ୟାଙ୍କ ଏକ ନୂଆ ଶ୍ରେଣୀର ଋଣ ଖିଲାପକାରୀଙ୍କୁ ଚିହ୍ନଟ କରିଛି । ସେମାନଙ୍କୁ ଅସହଯୋଗୀ ଶ୍ରେଣୀଭୁକ୍ତ କରାଯାଇଛି । ଏମାନେ ଋଣ ପରିଶୋଧ ବା ମାମଲାର ସମାଧାନରେ ସହଯୋଗ କରି ନ ଥାନ୍ତି । ଏଭଳି ବର୍ଗର ବ୍ୟକ୍ତିଙ୍କୁ ପୁନର୍ବାର ଋଣ ନ'ଦେବାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

୩) ସମ୍ପତ୍ତି ପୁନର୍ଗଠନ କରୁଥିବା କମ୍ପାନୀଗୁଡ଼ିକ ପାଇଁ ରିଜର୍ଭ ବ୍ୟାଙ୍କ ତାହାର ନିୟମକୁ ଅଧିକ କଠୋର କରିଛି । ଏ କ୍ଷେତ୍ରରେ ସର୍ବନିମ୍ନ ଜମା (ଅମାନତ) ପରିମାଣକୁ ୫ ରୁ ୧୫ ଶତାଂଶ କରାଯାଇଛି । ସମ୍ପତ୍ତି ପୁନର୍ଗଠନ ବା ନୂଆ ସମ୍ପତ୍ତି ଆହରଣ ବେଳେ ଗୋଟିଏ କମ୍ପାନୀ କେତେ ନଗଦ ଅର୍ଥ ଦେଉଛି ଏବଂ ତାହାର କାରବାର ଓ ବାଲାନ୍ସସିଟର ସ୍ଥିତି କ'ଣ ତାହାକୁ ତନଖି କରିବାର ବ୍ୟବସ୍ଥା ହୋଇଛି ।

୪) ଦେଶରେ ଛ'ଟି ନୂଆ ଋଣ ଆଦାୟ ଟ୍ରାଇବ୍ୟୁନାଲ (ଡିଆରଟି) ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ସେସବୁ ଚଣ୍ଡିଗଡ଼, ବେଙ୍ଗାଲୁରୁ, ଏର୍ଣ୍ଣାକୁଲମ୍, ଡେରାଡୁନ, ସିଲିଗୁଡ଼ି ଓ ହାଇଦରାବାଦରେ ପ୍ରତିଷ୍ଠା କରାଯିବ । ବ୍ୟାଙ୍କ ଉଦ୍ୟୋଗରେ ପଡ଼ି ରହିଥିବା ଅନାଦାୟ ଋଣକୁ ଶୀଘ୍ର ଆଦାୟ କରିବା ଦିଗରେ ଏହି ଟ୍ରାଇବ୍ୟୁନାଲ କାର୍ଯ୍ୟ କରିବ ।

୫) ନିଜ ସଂସ୍ଥା / ଅନୁଷ୍ଠାନରେ ବ୍ୟାବସାୟିକ ସ୍ୱାର୍ଥକୁ ଆଖି ଆଗରେ ରଖି ବ୍ୟାଙ୍କଗୁଡ଼ିକୁ ସ୍ୱାଧୀନଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯିବ ଏବଂ ଏଥିରେ ସରକାରୀ ହସ୍ତକ୍ଷେପ ରହିବ ନାହିଁ ।

**ଉତ୍ତରଦାୟିତ୍ୱର ଢାଞ୍ଚା:**
ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କ ପାଇଁ ବ୍ୟବସାୟ, ବିଶେଷ କରି ଋଣ ପ୍ରଦାନ ଓ ଏହାର ଅସୁଲି କ୍ଷେତ୍ରରେ ଉତ୍ତର ଦାୟିତ୍ୱ ନୀତି ପ୍ରସ୍ତୁତ ହୋଇଛି। ବ୍ୟାଙ୍କଗୁଡ଼ିକର ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ (କେପିଏସ୍) ଏଣିକି ମପାଯିବ। ତାହାର ପ୍ରଦର୍ଶନକୁ ହିସାବକୁ ନେଇ ସଫଳତା ବିଫଳତା ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବ। ଅର୍ଥମନ୍ତ୍ରଣାଳୟର ଆର୍ଥିକ ବିଭାଗ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଠକେଇ ମାମଲାରେ ସିବିଆଇ ନିକଟରେ ଏତଲା ଦାଏର କରିବାକୁ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ଋଣ ମାମଲାଗୁଡ଼ିକର ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବଡ଼ବଡ଼ ଋଣ ଠକେଇ ଓ ଅନାଦାୟ ଋଣ ମାମଲାରେ ବ୍ୟାଙ୍କର କୌଣସି କର୍ମଚାରୀଙ୍କ ସମ୍ପୃକ୍ତି ରହୁଛି କି ନାହିଁ ତାହା ନିର୍ଦ୍ଧାରଣ କରିବା ଏବଂ ଋଣ ଅନାଦାୟ ମାମଲାଗୁଡ଼ିକୁ ଦେଖିବା ପାଇଁ ବ୍ୟାଙ୍କରେ ଆଭ୍ୟନ୍ତରୀଣ ତଦାରଖ (ଭିଜିଲାନ୍ସ) ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ କୁହାଯାଇଛି। ବ୍ୟାଙ୍କ କର୍ମଚାରୀଙ୍କ ଦୁର୍ନୀତି ରୋକିବାକୁ କଠୋର ପଦକ୍ଷେପମାନ ମଧ୍ୟ ଗ୍ରହଣ କରାଯାଇଛି।

**ସରକାରୀ ସଂସ୍କାର:**
ବ୍ୟାଙ୍କ କ୍ଷେତ୍ରରେ ସରକାରୀ ସଂସ୍କାର ପ୍ରକ୍ରିୟାର ମୂଳଦୂଆ ପଡ଼ିଥିଲା 'ଜ୍ଞାନସଙ୍ଗମ' କାର୍ଯ୍ୟକ୍ରମରୁ। ୨୦୧୫ରେ ପୁଣେଠାରେ ଅନୁଷ୍ଠିତ ଏକ ଶିବିରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ତୁଙ୍ଗ ପଦାଧିକାରୀ, ରିଜର୍ଭବ୍ୟାଙ୍କର ଗଭର୍ଣ୍ଣର, ବିତ୍ତଲଗାଣକାରୀ ସଂସ୍ଥାର ମୁଖ୍ୟ ଏବଂ ବିଭିନ୍ନ ସଂପୃକ୍ତ ପକ୍ଷର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ ପ୍ରମୁଖ ମଧ୍ୟ ଅଂଶଗ୍ରହଣ କରି ଅନାଦାୟ ଋଣ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ବ୍ୟାପକ ବିଚାର ଆଲୋଚନା କରିବା ପରେ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରାଷ୍ଟ୍ରାୟତ୍ତ ବ୍ୟାଙ୍କସମୂହଙ୍କୁ ଆର୍ଥିକ ସ୍ୱୟଂଶାସନ କ୍ଷମତା ପ୍ରଦାନ, ବ୍ୟବସାୟରେ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ଏବଂ ସରକାରୀ ହସ୍ତକ୍ଷେପର ଅବସାନ ପାଇଁ ପ୍ରଧାନମନ୍ତ୍ରୀ ଏଥିରେ ସ୍ପଷ୍ଟ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ତେବେ ଏ କ୍ଷେତ୍ରରେ ବ୍ୟାଙ୍କର ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ଜ୍ଞାନ ସଂଗମରେ ବ୍ୟାଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି, ବିପଦମୁକ୍ତ କାରବାର, ସ୍ୱୟଂଶାସନ ଓ ସରକାରୀ ହସ୍ତକ୍ଷେପ ବନ୍ଦ ଆଦି ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାଛଡ଼ା ବ୍ୟାଙ୍କ ସମୂହଙ୍କ ମାନବ ସମ୍ବଳ ପରିଚାଳନା ନୀତିରେ ଉନ୍ନତି ଆଣିବାକୁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିଭଳି ବ୍ୟାଙ୍କ ବୋର୍ଡଗୁଡ଼ିକୁ ସୁଦୃଢ଼ କରିବାକୁ ସରକାର ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି।

> ବ୍ୟାଙ୍କଗୁଡ଼ିକର ଦକ୍ଷତା ବୃଦ୍ଧି ଓ ଦୁର୍ବଳ ବ୍ୟାଙ୍କସମୂହର ସ୍ଥିତିରେ ଉନ୍ନତି ଆଣିବା ଲକ୍ଷ୍ୟରେ ରିଜର୍ଭବ୍ୟାଙ୍କ ବିଭିନ୍ନ ବ୍ୟାଙ୍କର ମିଶ୍ରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ବିଗତ ଦିନରେ ଛ'ଟି ଆସୋସିଏଟ୍ ଓ ମହିଳା ବ୍ୟାଙ୍କକୁ ଷ୍ଟେଟ୍ ବ୍ୟାଙ୍କ ସହ ମିଶାଇବା ବ୍ୟତୀତ ଏ କ୍ଷେତ୍ରରେ ଅଧିକ କିଛି ହୋଇନାହିଁ। ଘରୋଇ ବ୍ୟାଙ୍କ କ୍ଷେତ୍ରରେ ମଧ୍ୟ ଏହି ମିଶ୍ରଣ ପ୍ରକ୍ରିୟାରେ ବିଶେଷ ପ୍ରଗତି ଘଟିନାହିଁ। ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଡକ୍ଟର ଉର୍ଜିତ ପଟେଲଙ୍କ ମତରେ ଅଧିକ ବ୍ୟାଙ୍କ ନରଖି ସେଗୁଡ଼ିକ ମିଶାଇ ଦେଶରେ ବ୍ୟାଙ୍କ ସଂଖ୍ୟା କମାଇବା ସହିତ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଅଣାଗଲେ ଏହାର ସୁଫଳ ଅଧିକ ମିଳିବ। ଇତିମଧ୍ୟରେ କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ମିଶ୍ରଣ ପାଇଁ ଏକ ବିକଳ୍ପ ବ୍ୟବସ୍ଥା ବା ଅଲଟରନେଟିଭ ମେକାନିଜିମ୍ ଗ୍ରହଣ କରିଛନ୍ତି।

ଗତ ଏକ ବର୍ଷ ମଧ୍ୟରେ ବ୍ୟାଙ୍କ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ସରକାର ଇନ୍‌ସଲଭେନ୍ସି ଓ ବ୍ୟାଙ୍କରପ୍‌ସି କୋଡ୍ ପ୍ରବର୍ତ୍ତନ, ବ୍ୟାଙ୍କଗୁଡ଼ିକୁ ପୁଂଜି ଯୋଗାଣ, ବ୍ୟାଙ୍କ ପୁନର୍ଗଠନ ଭଳି ତିନିଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଇନ୍‌ସଲଭେନ୍ସି ଓ ବ୍ୟାଙ୍କରପ୍‌ସି କୋଡ୍ (ଦେବାଳିଆ ଆଇନ) ୨୦୧୬ ମଇ ୨୮ରେ ପ୍ରଣିତ ହେବା ସହ ଦେବାଳିଆ ଏବଂ ଅର୍ଥ ପରିଶୋଧ କରିପାରୁ ନ ଥିବା କମ୍ପାନୀଗୁଡ଼ିକର ସମାପନ / ବିଲୋପନ/ପୁନଃଉତ୍ଥାନ ପାଇଁ ଆଇନଗତ ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ପୁରୁଣାକାଳିଆ ଦେବାଳିଆ ଆଇନର ଉଚ୍ଛେଦ କରି ଏ କ୍ଷେତ୍ରରେ ଗୋଟିଏ ଏକୀକୃତ ଆଇନ କରାଯାଇଛି। ବ୍ୟାଙ୍କକୁ ଠକୁଥିବା ଓ ଉଦ୍ଦେଶ୍ୟମୂଳକ ଭାବେ ଋଣ ଶୁଝୁ ନ ଥିବା ଲୋକଙ୍କଠାରୁ ଅର୍ଥ ଆଦାୟ ସହ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଇବିସିରେ ଆବଶ୍ୟକ ସଂଶୋଧନ କରାଯାଇଛି।

ସେହିଭଳି ଅନାଦାୟ ଋଣ ବୋଝ ଯୋଗୁଁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇପଡ଼ିଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ସରକାର ପୁଂଜି ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବଜେଟରେ ମଧ୍ୟ ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ଦୁଇ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନେ

> ବିଗତ ଦିନରେ ଭିତ୍ତିଭୂମି କ୍ଷେତ୍ର ଓ ମୌଳିକ କ୍ଷେତ୍ରଗୁଡ଼ିକର ପ୍ରକଳ୍ପସମୂହ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରୁ ସର୍ବାଧିକ ଋଣ ପାଉଥିଲେ। ତେବେ ବିଭିନ୍ନ କାରଣରୁ ଏସବୁ ପ୍ରକଳ୍ପ ମନ୍ଥର, ବନ୍ଦ କିମ୍ବା ଆଶାନୁରୂପ କାର୍ଯ୍ୟକ୍ଷମ ହୋଇନ'ପାରିବାରୁ ବ୍ୟାଙ୍କ ଋଣ ଶୁଝିବାରେ ସମସ୍ୟା ଦେଖାଦେଲା। ଫଳରେ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତି ଖରାପ ହୋଇ ବ୍ୟବସାୟ ପ୍ରଭାବିତ ହେଲା ଓ ସେମାନଙ୍କର ଅନାଦାୟ / ମନ୍ଦ ଋଣ ପରିମାଣ ମାତ୍ରାଧିକ ଭାବେ ବଢ଼ିଗଲା। ତେଣୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହ ଅଚଳ ପୁଂଜି ଓ ମନ୍ଦ ଋଣ ବୋଝରେ ବୁଡ଼ି ରହିଲେ। ନିକଟରେ ହୋଇଥିବା ଏକ ସମୀକ୍ଷା ଅନୁସାରେ ଶକ୍ତି, ଇସ୍ପାତ, ସଡ଼କ ଆଦି କ୍ଷେତ୍ରରେ ପ୍ରକଳ୍ପ ନିର୍ମାଣ ନାନାଦି କାରଣରୁ ମନ୍ଥର କିମ୍ବା ବନ୍ଦ ହୋଇଯିବାରୁ ଋଣକାରୀ ସଂସ୍ଥା ସେମାନଙ୍କର ଋଣ ଫେରାଇବାରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଫଳରେ ଏହାର ସିଧାସଳଖ ପ୍ରଭାବ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଉପରେ ପଡ଼ିଛି। ସେମାନେ ଋଣ ଅର୍ଥ ଓ ସୁଧ ଆଦାୟ କରିପାରୁନାହାନ୍ତି।

୨,୧୧,୦୦୦କୋଟି ଟଙ୍କା ପାଇବେ। ଚଳିତ ଆର୍ଥିକ ବର୍ଷ ଏଥିପାଇଁ ବଜେଟରେ ୧୮,୧୩୯ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହା ଛଡ଼ା ରିକ୍ୟାପିଟାଲଇଜେସନ ବଣ୍ଡ ଜରିଆରେ ୧,୩୫,୦୦୦କୋଟି ଟଙ୍କା ଯୋଗାଇ ଦିଆଯିବ। ଅବଶିଷ୍ଟ ୫୮,୦୦୦କୋଟି ଟଙ୍କା ଇକ୍ୟୁଇଟି ବଣ୍ଡ୍ ଜରିଆରେ ବଜାରରୁ ଉଠାଯାଇ ବ୍ୟାଙ୍କ ସମୂହଙ୍କୁ ପ୍ରଦାନ କରାଯିବ।

ଦେଶର ଅର୍ଥନୈତିକ ବିକାଶରେ ବ୍ୟାଙ୍କ ସମୂହଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବ୍ୟବସାୟ ପରିସର ବଢ଼ାଇବା ଓ ନୂଆ ନିଯୁକ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାର ଏହି ପଦକ୍ଷେପ ନେଇଛନ୍ତି।

ବ୍ୟାଙ୍କଗୁଡ଼ିକର ଦକ୍ଷତା ବୃଦ୍ଧି ଓ ଦୁର୍ବଳ ବ୍ୟାଙ୍କସମୂହର ସ୍ଥିତିରେ ଉନ୍ନତି ଆଣିବା ଲକ୍ଷ୍ୟରେ ରିଜର୍ଭବ୍ୟାଙ୍କ ବିଭିନ୍ନ ବ୍ୟାଙ୍କର ମିଶ୍ରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ବିଗତ ଦିନରେ ଛ'ଟି ଆସୋସିଏଟ୍ ଓ ମହିଳା ବ୍ୟାଙ୍କକୁ ଷ୍ଟେଟ୍ ବ୍ୟାଙ୍କ ସହ ମିଶାଇବା ବ୍ୟତୀତ ଏ କ୍ଷେତ୍ରରେ ଅଧିକ କିଛି ହୋଇନାହିଁ। ଘରୋଇ ବ୍ୟାଙ୍କ କ୍ଷେତ୍ରରେ ମଧ୍ୟ ଏହି ମିଶ୍ରଣ ପ୍ରକ୍ରିୟାରେ ବିଶେଷ ପ୍ରଗତି ଘଟିନାହିଁ। ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଡକ୍ଟର ଉର୍ଜିତ ପଟେଲଙ୍କ ମତରେ ଅଧିକ ବ୍ୟାଙ୍କ ନରଖି ସେଗୁଡ଼ିକ ମିଶାଇ ଦେଶରେ ବ୍ୟାଙ୍କ ସଂଖ୍ୟା କମାଇବା ସହିତ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଅଣାଗଲେ ଏହାର ସୁଫଳ ଅଧିକ ମିଳିବ। ଇତିମଧ୍ୟରେ କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ମିଶ୍ରଣ ପାଇଁ ଏକ ବିକଳ୍ପ ବ୍ୟବସ୍ଥା ବା ଅଲଟର୍‌ନେଟିଭ ମେକାନିଜିମ୍ ଗ୍ରହଣ କରିଛନ୍ତି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ଏଥିପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ରେଳବାଇ ଓ କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲ ଏବଂ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ସଦସ୍ୟ ଅଛନ୍ତି। ବିଭିନ୍ନ ବ୍ୟାଙ୍କର ମିଶ୍ରଣ ନେଇ ପ୍ରସ୍ତୁତ ପ୍ରସ୍ତାବ ଏହି କମିଟିରେ ଉପସ୍ଥାପିତ ହେବ। କମିଟିର ସୁପାରିସ କ୍ୟାବିନେଟ୍‌ରେ ଉପସ୍ଥାପିତ ହୋଇ ଅନୁମୋଦିତ ହେବା ପରେ ମିଶ୍ରଣ ପ୍ରକ୍ରିୟା କାର୍ଯ୍ୟକାରୀ ହେବାର ବ୍ୟବସ୍ଥା କରାଯାଇଛି। ବିକଳ୍ପ ବ୍ୟବସ୍ଥା ପାଇଁ କମିଟି ରିଜର୍ଭବ୍ୟାଙ୍କର ପ୍ରସ୍ତାବ ଓ ସୁପାରିସକୁ ମଧ୍ୟ ବିଚାରକୁ ନେବ। ଏହି ମିଶ୍ରଣ ପ୍ରକ୍ରିୟା ବ୍ୟାଙ୍କ ଜାତୀୟକରଣ ଆଇନ ୧୯୭୦ ଓ ସଂସ୍ଥାଗତ ଅଧିଗ୍ରହଣ ଓ ସମ୍ପତ୍ତି ବଦଳି ଆଇନ ୧୯୮୦ ଅନୁସାରେ କରାଯିବ।

ଚୂଡ଼ାନ୍ତ ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହେବାପରେ ସଂସଦରେ ଏହା ଉପସ୍ଥାପିତ ହେବ। ସଂସଦର ଉଭୟଗୃହରେ ଏହା ପାରିତ ହେବା ପରେ ବିକଳ୍ପ ବ୍ୟବସ୍ଥା (ଅଲଟ୍‌ରନେଟିଭ୍ ମେକାନିଜିମ୍) କାର୍ଯ୍ୟକ୍ଷମ ହେବ। ଏହା ଅର୍ଥମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ଅଧୀନରେ କାର୍ଯ୍ୟ କରିବ।

ଏହାଛଡ଼ା କେନ୍ଦ୍ର ସରକାର ନିକଟ ଭବିଷ୍ୟତରେ ଇନ୍ଦ୍ରଧନୁଷ-୨ କାର୍ଯ୍ୟକ୍ରମ ପ୍ରବର୍ତ୍ତନ ପାଇଁ ବିଚାର କରୁଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କୁ ପୁନଃ ପୁଂଜି ଯୋଗାଣ ବ୍ୟବସ୍ଥା ନିମନ୍ତେ ପୂର୍ଣ୍ଣାଙ୍ଗ ନୀତି ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକାରୀ କରିବା ଏହି ଯୋଜନାର ଲକ୍ଷ୍ୟ। ମୁଖ୍ୟ ଉଦ୍ଦେଶ୍ୟ ହେଲା ବ୍ୟାଙ୍କ ସମୂହଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ ଓ ବ୍ୟବସାୟ ଦୃଷ୍ଟିରୁ ସୁଦୃଢ଼ ରହିବା। ଏହି ଯୋଜନାରେ ବ୍ୟାଙ୍କ ସମୂହଙ୍କର ବ୍ୟକ୍ତିଗତ ପୁଂଜି ଜମା ପରିମାଣ ରିଜର୍ଭବ୍ୟାଙ୍କର ଧାର୍ଯ୍ୟ ବେସଲ୍-୩ ନିୟମ ଅନୁପାତଠାରୁ ଅଧିକ ରଖିବା। ଏ ସଂକ୍ରାନ୍ତ ସବିଶେଷ ନୀତି ଇନ୍ଦ୍ରଧନୁଷ-୨ରେ ସ୍ପଷ୍ଟ କରାଯିବ।

(ଲେଖକ ଅର୍ଥ ମନ୍ତ୍ରଣାଳୟର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ମହାନିର୍ଦ୍ଦେଶକ)

# ବ୍ୟାଙ୍କମାନଙ୍କର ବ୍ୟାଙ୍କ
# ଭାରତୀୟ ରିଜର୍ଭ ବ୍ୟାଙ୍କ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୧୯୩୪ର ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ଅନୁସାରେ ୧୯୩୫ ଏପ୍ରିଲ ପହିଲାରେ ଗଠିତ ହୋଇଥିଲା। ପ୍ରାରମ୍ଭିକ ଅବସ୍ଥାରେ ଏହାର ସଦର କାର୍ଯ୍ୟାଳୟ କଲକାତାରେ ଅସ୍ଥାୟୀଭାବେ କାର୍ଯ୍ୟ କରିବା ପରେ ୧୯୩୭ରେ ସ୍ଥାୟୀ ଭାବେ ମୁମ୍ବଇଠାରେ ପ୍ରତିଷ୍ଠା ହେଲା। ମୂଳତଃ ଏହା ଘରୋଇ ମାଲିକାନାରେ ପରିଚାଳିତ ଏକ ଅନୁଷ୍ଠାନ ହୋଇଥିଲେ ହେଁ ୧୯୪୯ରେ ଜାତୀୟକରଣ ହେବା ପରେ ଏବେ ସମ୍ପୂର୍ଣ୍ଣ ଭାବେ ଭାରତ ସରକାରଙ୍କ ମାଲିକାନାରେ ରହିଛି। ରିଜର୍ଭ ବ୍ୟାଙ୍କର ପ୍ରସ୍ତାବନା (ପ୍ରିଆମ୍ବଲ)ରେ ଏହାର ମୌଳିକ କାର୍ଯ୍ୟାବଳୀ ବର୍ଣ୍ଣିତ। ଦେଶର ବିତ୍ତୀୟ ନିରାପତ୍ତାରେ ସ୍ଥିରତା ରକ୍ଷା ପାଇଁ ଏହା ବ୍ୟାଙ୍କ ନୋଟ୍ ପ୍ରଚଳନକୁ ନିୟନ୍ତ୍ରଣ କରିବା ସହ ନୋଟ୍ ମହଯୁଦ ପରିମାଣର ତଦାରଖ କରିଥାଏ। ନିଜର ସୁବିଧା ଅନୁସାରେ ଏହା ମୁଦ୍ରା ଓ ଋଣ ବ୍ୟବସ୍ଥା ନିର୍ଦ୍ଧାରଣ କରି ତାହାକୁ କାର୍ଯ୍ୟକାରୀ କରେ। ଦେଶର କ୍ରମବର୍ଦ୍ଧିଷ୍ଣୁ ଜଟିଳ ଆଧୁନିକ ଅର୍ଥନୀତି ବ୍ୟବସ୍ଥାକୁ ସୁସଂହତ କରିବାକୁ ଏହା ଢାଞ୍ଚା ପ୍ରସ୍ତୁତ କରିବା ସହ ଦରଦାମ ନିୟନ୍ତ୍ରଣ ପୂର୍ବକ ଅଭିବୃଦ୍ଧିକୁ ଅଗ୍ରାଧିକାର ଦେଇଥାଏ।

ଏକ କେନ୍ଦ୍ରୀୟ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ରିଜର୍ଭ ବ୍ୟାଙ୍କର ସମସ୍ତ ବ୍ୟାପାର ଏବଂ ପ୍ରଶାସନିକ ବ୍ୟବସ୍ଥା ଧାର୍ଯ୍ୟ ତଥା ନିୟନ୍ତ୍ରିତ ହୋଇଥାଏ। ରିଜର୍ଭ ବ୍ୟାଙ୍କ ଆଇନ ଅନୁସାରେ ଭାରତ ସରକାର ଏହି ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟମାନଙ୍କୁ ନିଯୁକ୍ତି ଦିଅନ୍ତି।



**ମୌଦ୍ରିକ ନୀତି**

ମୌଦ୍ରିକ (ମନିଟାରୀ) ନୀତିର ଅର୍ଥ ରିଜର୍ଭବ୍ୟାଙ୍କ ଆଇନ ଅନୁସାରେ କ୍ଷମତାପ୍ରାପ୍ତ କେନ୍ଦ୍ରୀୟ ବ୍ୟାଙ୍କ ହିସାବରେ ନିଜ ଅଧୀନରେ ଥିବା ମୌଦ୍ରିକ ଓ ଅନ୍ୟାନ୍ୟ ସାଧନ ସମୂହର ନିୟନ୍ତ୍ରଣ ତଥା ପରିଚାଳନା କରି ନିଜର ଲକ୍ଷ୍ୟ ହାସଲ ପାଇଁ ନୀତି ନିର୍ଦ୍ଧାରଣ କରିବା। ତଦନୁସାରେ ଏହା ମୌଦ୍ରିକ ନୀତି ନିର୍ଦ୍ଧାରଣ କରେ ଏବଂ ଏହା ରିଜର୍ଭବ୍ୟାଙ୍କର ଏକ ସ୍ୱତନ୍ତ୍ର ଓ ଏକାନ୍ତ ଅଧିକାର। ମୌଦ୍ରିକ ନୀତିର ମୂଳ ଲକ୍ଷ୍ୟ ହେଲା ଅଭିବୃଦ୍ଧିକୁ ନଜରରେ ରଖି ଦେଶରେ ଦରଦାମରେ ସ୍ଥିରତା ରକ୍ଷା। ଅଭିବୃଦ୍ଧି ପାଇଁ ଦରଦାମ ନିୟନ୍ତ୍ରଣ ଓ ସ୍ଥିରତା ଏକ ପ୍ରମୁଖ ସର୍ତ୍ତ।

**ନିକଟ ଅତୀତର ପ୍ରୟାସ:**

୨୦୧୬ ମଇ ମାସରେ ରିଜର୍ଭ ବ୍ୟାଙ୍କର ୧୯୩୪ ଆଇନରେ ସଂଶୋଧନ କରାଯାଇଥିଲା। ଏକ କୋହଳ ମୁଦ୍ରାସ୍ଫୀତି ଭିତ୍ତିକ ଲକ୍ଷ୍ୟ ନିର୍ଦ୍ଧାରଣ ସକାଶେ ବୈଧାନିକ ବ୍ୟବସ୍ଥା ଗ୍ରହଣ ପାଇଁ ଏହି ସଂଶୋଧନ ଉଦ୍ଦିଷ୍ଟ ଥିଲା। ଏହି ସଂଶୋଧନ ଅନୁସାରେ ମୁଦ୍ରାସ୍ଫୀତି ହାର କେତେ ରହିବ ତାହା ରିଜର୍ଭ ବ୍ୟାଙ୍କର ପରାମର୍ଶ କ୍ରମେ କେନ୍ଦ୍ର ସରକାର ଧାର୍ଯ୍ୟ କରିବେ। ପ୍ରତି ପାଞ୍ଚବର୍ଷରେ ଏହି ମୁଦ୍ରାସ୍ଫୀତି ହାର ନିର୍ଦ୍ଧାରିତ ହେବ। ପୂର୍ବରୁ ଏହା ୨୦୧୫ର ରାଜିନାମା ଅନୁସାରେ ମନିଟାରୀ ପଲିସି ଫ୍ରେମ୍‌ୱାର୍କ

ମାଧ୍ୟମରେ ରିଜର୍ଭ ବ୍ୟାଙ୍କ ଓ କେନ୍ଦ୍ର ସରକାର ମିଳିତ ଭାବେ କରୁଥିଲେ।

ଭାରତ ସରକାରଙ୍କ ସମଯୋଗରେ ରିଜର୍ଭ ବ୍ୟାଙ୍କ ଦେଶର ମୁଦ୍ରା (ନୋଟ୍ ଓ କଏନ୍)ର ନକ୍ସା ବା ଡିଜାଇନ୍, ଉତ୍ପାଦନ, ସାମଗ୍ରିକ ପରିଚାଳନା କରନ୍ତି। ଦେଶର ସବୁ ଭାଗରେ ପରିଷ୍କାର ଏବଂ ଅସଲି ନୋଟ୍ ଯେପରି ଉପଲବ୍ଧ ହେବ ତାହା ରିଜର୍ଭ ବ୍ୟାଙ୍କ ନିଶ୍ଚିତ କରିଥାଏ।




ଭାରତ ସରକାର କଏନ୍ ବା ମୁଦ୍ରାର ଏକକ ପ୍ରବର୍ତ୍ତନକାରୀ କର୍ତ୍ତୃପକ୍ଷ। ରିଜର୍ଭ ବ୍ୟାଙ୍କର ଚାହିଦା କ୍ରମେ ସରକାର ଏହାକୁ ପ୍ରସ୍ତୁତ କରି ଯୋଗାଇଥାନ୍ତି।

ଭାରତ ସରକାରଙ୍କ ସହ ପରାମର୍ଶକ୍ରମେ ରିଜର୍ଭ ବ୍ୟାଙ୍କ ନୋଟ୍ ପ୍ରଚଳନ ଜନିତ ଗୋପନୀୟତା ରକ୍ଷା ଦିଗରେ କାର୍ଯ୍ୟକରେ। ଏହାଛଡ଼ା ନକଲି ନୋଟ୍ ପ୍ରଚଳନକୁ ପ୍ରତିହତ କରିବା ଲକ୍ଷ୍ୟରେ ଏହା ନିରନ୍ତର ଉଦ୍ୟମ ଜାରି ରଖି ନୂଆ ଡିଜାଇନ ଓ ନିରାପତ୍ତା ବ୍ୟବସ୍ଥା ଥିବା ନୋଟ୍ ଛପାଇଥାଏ।

**ରିଜର୍ଭବ୍ୟାଙ୍କର ନିୟନ୍ତ୍ରକ ଭୂମିକା:**
ଦେଶର ଆର୍ଥିକ ବ୍ୟବସ୍ଥାର ନିୟନ୍ତ୍ରକ ହିସାବରେ ରିଜର୍ଭ ବ୍ୟାଙ୍କର କିଛି ସ୍ୱତନ୍ତ୍ର କ୍ଷମତା ରହିଛି। ସେଗୁଡ଼ିକ ମଧ୍ୟରେ ଅଧିକୃତ ଲକ୍ଷ୍ୟ (ମ୍ୟାଣ୍ଡେଟ/ ଗୋଲ୍), ପରିସର (ପେରିମିଟର) ଓ ବିବର୍ତ୍ତନ (ଇଭାଲ୍ୟୁସନ) ଅନ୍ୟତମ।

ଏହାର ଅଧିକାର, ଦାୟିତ୍ୱ ଓ ଲକ୍ଷ୍ୟ ମଧ୍ୟରେ ରହିଛି ଜମାକାରୀଙ୍କ ସ୍ୱାର୍ଥ ସୁରକ୍ଷିତ ରଖିବା, ଦେଶରେ ବ୍ୟାଙ୍କ ବ୍ୟବସ୍ଥାର ଶୃଙ୍ଖଳିତ ପରିଚାଳନା ଓ ବିକାଶ, ଆର୍ଥିକ ସ୍ଥିରତା ରକ୍ଷା ଏବଂ ବ୍ୟାଙ୍କ ସମୂହଙ୍କର ଆର୍ଥିକ ସ୍ଥିତି ପ୍ରତି ଧ୍ୟାନ ଦେବା।

ସେହିଭଳି ରିଜର୍ଭବ୍ୟାଙ୍କର କାର୍ଯ୍ୟ ପରିସର ବା ଅଧିକାର କ୍ଷେତ୍ରରେ ରହିଛି ଦେଶର ୯୧ଟି ବ୍ୟାବସାୟିକ ବ୍ୟାଙ୍କର କାରବାର, ପାଞ୍ଚଟି ସର୍ବଭାରତୀୟ ବିତ୍ତୀୟ ଅନୁଷ୍ଠାନ, ୪ଟି ଋଣ ସୂଚନା କମ୍ପାନୀ, ୫୬ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଓ ୪ଟି ସ୍ଥାନୀୟ ଅଞ୍ଚଳ ବ୍ୟାଙ୍କର କାର୍ଯ୍ୟ ତଦାରଖ ତଥା ନିୟନ୍ତ୍ରଣ ଦାୟିତ୍ୱ।

ବିବର୍ତ୍ତନ କ୍ଷମତା ଅନୁସାରେ ରିଜର୍ଭ ବ୍ୟାଙ୍କ ଦେଶର ସାମଗ୍ରିକ ବ୍ୟାଙ୍କ ବ୍ୟବସ୍ଥାରେ ନିରନ୍ତର ଉନ୍ନତି ଓ ଶ୍ରେଷ୍ଠ ଆନ୍ତର୍ଜାତିକ ବ୍ୟାଙ୍କ ସେବା ନୀତି ଆଧାରରେ ନୂଆ ନୀତି ପ୍ରଣୟନ କରିବାକୁ ଅଧିକୃତ।




**ସାର୍ବଜନୀନ ବ୍ୟାଙ୍କ ଲାଇସେନ୍ସ ନୀତି:**
ରିଜର୍ଭ ବ୍ୟାଙ୍କ ଦୁଇ ଆବେଦନକାରୀ - ଆଇଡିଏଫ୍‌ସି ଓ ବନ୍ଧନ ଫାଇନାନ୍ସିଆଲ ସର୍ଭିସ ନାମକ ଦୁଇଟି ସଂସ୍ଥାଙ୍କୁ ୨୦୧୪ ଏପ୍ରିଲ ୨ ତାରିଖରେ ଘରୋଇ ବ୍ୟାଙ୍କ ଭାବେ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଛି। ସାର୍ବଜନିନ ବ୍ୟାଙ୍କ ସେବା ଯୋଗାଣ ଓ ଘରୋଇ ବ୍ୟାଙ୍କ ଗଠନ ପାଇଁ ରିଜର୍ଭ ବ୍ୟାଙ୍କ ଅନୁମତି ଦେଇଥାଏ। ଏଥିପାଇଁ ଥିବା ସର୍ତ୍ତପୂରଣକାରୀମାନେ ହିଁ ଏହି ଅନୁମତି ପାଇଥାନ୍ତି।

ଏହାଛଡ଼ା ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଯେଉଁ ଅଚଳ ସମ୍ପତ୍ତି ବା ମନ୍ଦ ଋଣ ସମସ୍ୟା ରହିଛି ତାହାର ପରିଚାଳନା କ୍ଷମତା ରିଜର୍ଭବ୍ୟାଙ୍କ ଉପରେ ନ୍ୟସ୍ତ। ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନେ ଯଦି ଅନାଦାୟ ଋଣ ଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତି କିମ୍ବା ବ୍ୟବସାୟରେ କ୍ଷତି କରନ୍ତି ତାହାକୁ ତଦାରଖ କରି ସମାଧାନର ସୂତ୍ର ତୁରନ୍ତ ବାହାର କରିବା ରିଜର୍ଭ ବ୍ୟାଙ୍କର ଦାୟିତ୍ୱ। ଏହା ଏବେ ବିଭିନ୍ନ ବ୍ୟାଙ୍କ ବୋର୍ଡର ପରିଚାଳନାଗତ ସ୍ଥିତି ସମ୍ପର୍କରେ ମଧ୍ୟ ସମୀକ୍ଷା କରୁଛି।

ଏହା ବ୍ୟତୀତ ସମବାୟ ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା ସମୂହର କାର୍ଯ୍ୟ

ତଦାରଖ, ଆକଳନ, ସମୀକ୍ଷା ଓ ନିୟନ୍ତ୍ରଣ ଦାୟିତ୍ୱ ରିଜର୍ଭ ବ୍ୟାଙ୍କ ଉପରେ ନ୍ୟସ୍ତ। ଏହାଛଡ଼ା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ ସଂସ୍ଥା ଯେଉଁମାନେ ଜମା ଗ୍ରହଣ କରନ୍ତି ଓ ବ୍ୟାଙ୍କ ଭଳି ଋଣ ଦିଅନ୍ତି ତାହାର କାର୍ଯ୍ୟକୁ ମଧ୍ୟ ରିଜର୍ଭ ବ୍ୟାଙ୍କ ନିୟନ୍ତ୍ରଣ କରିଥାଏ।



Rupees Five Hundred    Rupees Two Thousand

Rupees Fifty    Rupees Two Hundred

ଏହାମଧ୍ୟ ବିଭିନ୍ନ ବ୍ୟାଙ୍କ ଓ ବିତ୍ତୀୟ ସଂସ୍ଥାର ନିୟନ୍ତ୍ରକ ଏବଂ କେନ୍ଦ୍ରୀୟ ସମବାୟ ସଂସ୍ଥାର ରେଜିଷ୍ଟ୍ରାର / ପ୍ରାଦେଶିକ ରେଜିଷ୍ଟ୍ରାର ଆଦିଙ୍କ ସହ ନିବିଡ଼ ସମ୍ପର୍କ ରଖି ସେମାନଙ୍କ କାର୍ଯ୍ୟର ତଦାରଖ କରେ।

ଖାଉଟିଙ୍କ ସ୍ୱାର୍ଥ ରକ୍ଷା ଓ ଖାଉଟି ସଚେତନତା ବୃଦ୍ଧି ଦିଗରେ କାର୍ଯ୍ୟ କରିବା ରିଜର୍ଭ ବ୍ୟାଙ୍କର ଆଉ ଏକ ବଡ଼ ଦାୟିତ୍ୱ। ସେଥିପାଇଁ କଷ୍ଟମର ରିଡ୍ରେସାଲ ସେଲ୍, କଷ୍ଟମର ସର୍ଭିସ୍ ବିଭାଗ ପ୍ରତିଷ୍ଠା ଖାଉଟି ସଚେତନତା ଶିକ୍ଷା, ଖାଉଟି ସୁରକ୍ଷା ବିଭାଗ ପ୍ରତିଷ୍ଠା, ଖାଉଟି ସ୍ୱାର୍ଥ ସୁରକ୍ଷା ପାଇଁ ସଂସ୍ଥାଗତ ବ୍ୟବସ୍ଥା ସୃଷ୍ଟି ଉପରେ ରିଜର୍ଭ ବ୍ୟାଙ୍କ ଗୁରୁତ୍ୱ ଦେଇ କାର୍ଯ୍ୟ କରିଥାଏ। ବ୍ୟାଙ୍କସମୂହଙ୍କ ବିରୋଧରେ ହେଉଥିବା ଗୁରୁତର ଅଭିଯୋଗର ଶୁଣାଣି ପାଇଁ ୧୯୯୫ରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ଅମ୍ବୁଡ୍ସମ୍ୟାନ (ବ୍ୟାଙ୍କପାଳ) ବ୍ୟବସ୍ଥା ପ୍ରବର୍ତ୍ତନ ହୋଇ କାର୍ଯ୍ୟ କରିଆସୁଅଛି। ଏବେ ଦେଶରେ ୨୦ ବ୍ୟାଙ୍କପାଳ ଦପ୍ତର କାର୍ଯ୍ୟ କରୁଛି। ଏହା ମୁଖ୍ୟତଃ ଜମାକାରୀଙ୍କ ସ୍ୱାର୍ଥ ରକ୍ଷା ଦିଗରେ କାର୍ଯ୍ୟ କରି ବିବାଦର ସମାଧାନ କରିଥାଏ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗ୍ରାହକ ଅଧିକାର ସନନ୍ଦ (ଚାର୍ଟର ଅଫ୍ କଷ୍ଟମର ରାଇଟ୍ସ) ପ୍ରବର୍ତ୍ତନ କରାଯାଇଛି। ଏହା ଆନ୍ତର୍ଜାତିକ ଖାଉଟି ସୁରକ୍ଷା ସଂକ୍ରାନ୍ତ ଏକ ଶ୍ରେଷ୍ଠ ନୀତି ଆଧାରରେ କରାଯାଇଛି। ସେଥିରେ ଖାଉଟି ବ୍ୟାଙ୍କରୁ ଉତ୍ତମ ଆଚରଣ ପାଇବା, କାରବାର ଓ ବ୍ୟବହାରରେ ସାଧୁତା, ସ୍ୱଚ୍ଛତା, ଗ୍ରାହକର ଆବଶ୍ୟକତା ଅନୁସାରେ ସେବାଦେବା, ବ୍ୟକ୍ତିଗତ ଗୋପନୀୟତା ରକ୍ଷା, ଅଭିଯୋଗର ବିଚାର କରି ଗ୍ରାହକକୁ ଉଚିତ ନ୍ୟାୟ ପ୍ରଦାନର ଅଧିକାର ଅଗ୍ରାଧିକାର ପାଇଛି।

**ସରକାରଙ୍କ ଋଣ ପରିଚାଳକ:**

ଏହାର ପ୍ରତିଷ୍ଠା କାଳରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ପାରମ୍ପରିକ ଭାବେ କେନ୍ଦ୍ରୀୟ ବ୍ୟାଙ୍କର ଭୂମିକା ନିର୍ବାହ କରି ସରକାରଙ୍କ ବ୍ୟାଙ୍କ କାରବାର କାର୍ଯ୍ୟ କରିଆସୁଛି। ୧୯୩୪ର ରିଜର୍ଭ ବ୍ୟାଙ୍କ ଆଇନ ଅନୁସାରେ କେନ୍ଦ୍ର ସରକାରଙ୍କ ଅର୍ଥ ଜିମାନାମା ଦେୟ ପ୍ରେରଣ, ବିନିମୟ ତଥା ବ୍ୟାଙ୍କ କାରବାର ଆଦି କଥା ବୁଝାସୁଝା କରେ। ଏହାଛଡ଼ା ଏହା ମଧ୍ୟ ସରକାରୀ ଋଣ ପରିଚାଳନା କରିଥାଏ। ସରକାର ମଧ୍ୟ ବଳକା ଅର୍ଥ ରିଜର୍ଭ ବ୍ୟାଙ୍କରେ ଜମା ରଖନ୍ତି। ରିଜର୍ଭ ବ୍ୟାଙ୍କ ରାଜ୍ୟସରକାରଙ୍କ ସହ ବୁଝାମଣା ଭିତ୍ତିରେ ମଧ୍ୟ ସେମାନଙ୍କ ବ୍ୟାଙ୍କର୍ ଭାବେ କାର୍ଯ୍ୟ କରେ ଏବଂ ଋଣ ପରିଚାଳନା କରିଥାଏ। ଏବେ ରିଜର୍ଭ ବ୍ୟାଙ୍କ ସିକିମ୍‌କୁ ଛାଡ଼ି ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବ୍ୟାଙ୍କର୍ ଭାବେ କାର୍ଯ୍ୟ କରୁଛି। ସିକିମ୍‌ରେ ସରକାରୀ ଋଣ ପରିଚାଳନାରେ ଏହାର କେବଳ ସୀମିତ ଭୂମିକା ଚୁକ୍ତିଭିତ୍ତିରେ ରହିଛି।

ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ବିଭିନ୍ନ କ୍ଷେତ୍ରରେ ବ୍ୟାଙ୍କ ସେବା ଯୋଗାଇଥାଏ। ସରକାରଙ୍କ ବ୍ୟାଙ୍କର୍ ହିସାବରେ ଏହା ସବୁ ବିଭାଗଠାରୁ କର୍ମଚାରୀଙ୍କ ବେତନ ଗ୍ରହଣ କରି ତାହାର ପ୍ରଦାନ ବ୍ୟବସ୍ଥା କରିଥାଏ। ଏହା ମଧ୍ୟ ଫ୍ଲୋଟ ଲୋନ୍ ସରକାରଙ୍କ ପକ୍ଷରୁ କରି ତାହାର ବୁଝାସୁଝା କରେ। ଏହା ସରକାରଙ୍କୁ ସ୍ୱଳ୍ପ ମିଆଦି ସୁଧଭିତ୍ତିକ ଅଗ୍ରୀମ ସାମୟିକ ଆବଶ୍ୟକତା ପୂରଣ ପାଇଁ

ଭାରତ ସରକାରଙ୍କ ସମଯୋଗରେ ରିଜର୍ଭ ବ୍ୟାଙ୍କ ଦେଶର ମୁଦ୍ରା (ନୋଟ୍ ଓ କଏନ୍)ର ନକ୍ସା ବା ଡିଜାଇନ୍, ଉତ୍ପାଦନ, ସାମଗ୍ରିକ ପରିଚାଳନା କରନ୍ତି। ଦେଶର ସବୁ ଭାଗରେ ପରିଷ୍କାର ଏବଂ ଅସଲି ନୋଟ୍ ଯେପରି ଉପଲବ୍ଧ ହେବ ତାହା ରିଜର୍ଭ ବ୍ୟାଙ୍କ ନିଶ୍ଚିତ କରିଥାଏ। ଭାରତ ସରକାର କଏନ୍ ବା ମୁଦ୍ରାର ଏକକ ପ୍ରବର୍ତ୍ତନକାରୀ କର୍ତ୍ତୃପକ୍ଷ। ରିଜର୍ଭ ବ୍ୟାଙ୍କର ଚାହିଦା କ୍ରମେ ସରକାର ଏହାକୁ ପ୍ରସ୍ତୁତ କରି ଯୋଗାଇଥାନ୍ତି। ଭାରତ ସରକାରଙ୍କ ସହ ପରାମର୍ଶକ୍ରମେ ରିଜର୍ଭ ବ୍ୟାଙ୍କ ନୋଟ୍ ପ୍ରଚଳନ ଜନିତ ଗୋପନୀୟତା ରକ୍ଷା ଦିଗରେ କାର୍ଯ୍ୟକରେ।

ଯୋଗାଇଥାଏ ଯାହା 'ୱେଜ୍ ଆଣ୍ଡ ମିନ୍ସ' ଅଗ୍ରୀମ ନାମରେ ପରିଚିତ। ଆୟ ଓ ବ୍ୟୟରେ ସାମୟିକ ଭାବେ ତାଳମେଳ ନ' ରହିଲେ ଆବଶ୍ୟକ ଅର୍ଥ ବା ସାଧନର ବ୍ୟବସ୍ଥା ପାଇଁ ସରକାର 'ୱେଜ୍ ଆଣ୍ଡ୍ ମିନ୍ସ'ର ସହାୟତା ଲୋଡ଼ିଥାନ୍ତି। ପୋର୍ଟଫୋଲିଓ ମ୍ୟାନେଜର ଭାବେ ଏହା ମଧ୍ୟ ସରକାରଙ୍କ ବଳକା ଅର୍ଥକୁ ବିଭିନ୍ନ କ୍ଷେତ୍ରରେ ବିନିଯୋଗ କରିବାର ବ୍ୟବସ୍ଥା କରେ। ରିଜର୍ଭ ବ୍ୟାଙ୍କ ଆବଶ୍ୟକ ପଡ଼ିଲେ ସରକାରଙ୍କ ଅର୍ଥ ବ୍ୟାପାର ପରାମର୍ଶଦାତା ଭାବେ କାର୍ଯ୍ୟ କରିଥାଏ। କେନ୍ଦ୍ର ଓ ରାଜ୍ୟ ସରକାର କନସଲିଡେଟେଡ୍ ପାଣ୍ଠି, କଣ୍ଟିଜେନ୍ସି ପାଣ୍ଠି ଓ ସରକାରୀ ଖାତାରୁ ଅର୍ଥ ଗ୍ରହଣ, ଏହାର ତତ୍ତ୍ୱାବଧାନ ଏବଂ ଆବଣ୍ଟନ ପାଇଁ ନୀତି ପ୍ରଣୟନ କରି ଆବଶ୍ୟକ ସ୍ଥଳେ ରିଜର୍ଭ ବ୍ୟାଙ୍କକୁ ଦାୟିତ୍ୱ ଦେବାର ବ୍ୟବସ୍ଥା ଅଛି। ଏହାକୁ ପାଳନ କରିବାକୁ ରିଜର୍ଭ ବ୍ୟାଙ୍କ ଆଇନତଃ ବାଧ୍ୟ; କାରଣ ସେସବୁ ବାବଦ ଅର୍ଥ ରିଜର୍ଭ ବ୍ୟାଙ୍କ ପାଖରେ ଜମା ଥାଏ।

**ସରକାରୀ ଋଣ ପରିଚାଳନା:**

କେନ୍ଦ୍ରୀୟ ବଜେଟରେ କେନ୍ଦ୍ର ସରକାରଙ୍କ ବାର୍ଷିକ ଋଣ ଆବଶ୍ୟକତାର ନିଷ୍ପତ୍ତି ନିଆଯାଏ। ଏ ସଂକ୍ରାନ୍ତ ନୀତି ନିର୍ଦ୍ଧାରଣ ଯଥା ସୁଧହାର, ଋଣ ଉଠାଣର ସମୟ ଓ ମିଆଦ ଧାର୍ଯ୍ୟ ଏ ସମସ୍ତ କାର୍ଯ୍ୟ ରିଜର୍ଭ ବ୍ୟାଙ୍କ ସରକାରଙ୍କ ନଗଦର ସ୍ଥିତି (ଆର୍ଥିକ ସ୍ଥିତି) ଏବଂ ବଜାରର ପରିବେଶ ପରିସ୍ଥିତିକୁ ନେଇ ନିର୍ଦ୍ଧାରିତ ହୋଇଥାଏ। ରିଜର୍ଭ ବ୍ୟାଙ୍କର ଋଣ ପରିଚାଳନା କୌଶଳ ହେଲା ଋଣ ଓ ଋଣ ବାବଦ ବ୍ୟୟକୁ ଯଥାସମ୍ଭବ କମ୍ ରଖିବା। ଅର୍ଥାତ୍ ଯଥାଶୀଘ୍ର ଋଣ ପରିଶୋଧ କରିବା ଏବଂ ସୁଧ ବାବଦରେ ଅଯଥା ଅଧିକ ଅର୍ଥ ନ'ଦେବା। ଏହାଛଡ଼ା ସରକାରୀ ପ୍ରତିଭୂତି ବା ବଣ୍ଡର ଚାହିଦା ବୃଦ୍ଧି ପାଇଁ ଏହା ଦ୍ୱିତୀୟ ଶ୍ରେଣୀର ବଜାର ସୃଷ୍ଟିକୁ ପ୍ରୋତ୍ସାହିତ କରିଥାଏ।



*ମୁମ୍ବଇର ସାର୍ ଫିରୋଜଶାହା ମେହେତା ମାର୍ଗର ଅମର ଭବନ ତଳ ମହଲାରେ ଥିବା ରିଜର୍ଭ ବ୍ୟାଙ୍କର ବିତ୍ତୀୟ ସଂଗ୍ରହାଳୟ।*

**ବ୍ୟାଙ୍କ ସମୂହଙ୍କ ବ୍ୟାଙ୍କର୍:**

ସବୁ ରାଷ୍ଟ୍ରାୟତ୍ତ ଓ ଲାଇସେନ୍ସପ୍ରାପ୍ତ ଘରୋଇ ବ୍ୟାଙ୍କର କାରବାର ଉପରେ ରିଜର୍ଭ ବ୍ୟାଙ୍କ ନିରନ୍ତର ନଜର ରଖେ। ଆର୍ଥିକ ଓ ଅନ୍ୟାନ୍ୟ କାରବାର ଜନିତ ଅନିୟମିତତା ଯେପରି ନ ଘଟେ ସେଥିପାଇଁ ଏହା ତତ୍ପର ରହେ। କେଉଁ ବ୍ୟାଙ୍କ ନିଜ ପାଖରେ ସର୍ବନିମ୍ନ କେତେ ନଗଦ ରଖିବ ତାହାର ସୀମା ମଧ୍ୟ ଏହା ଧାର୍ଯ୍ୟ କରେ। ଦେଶର ବିଭିନ୍ନ ଭାଗରେ ଥିବା ବ୍ୟାଙ୍କସମୂହ ନିଜ ନିଜ ଭିତରେ ଦେଣନେଣ କରିବାର ଆବଶ୍ୟକତା ଥିବାରୁ ରିଜର୍ଭ ବ୍ୟାଙ୍କ ପ୍ରତ୍ୟେକ ଆଞ୍ଚଳିକ / ପ୍ରାଦେଶିକ ଶାଖାରେ ସବୁ ବ୍ୟାଙ୍କରେ ଜମାଖାତା ଖୋଲିବାର ବ୍ୟବସ୍ଥା ରହିଛି। ଏହି ଖାତା ଜରିଆରେ ସଂପୃକ୍ତ ବ୍ୟାଙ୍କ କାରବାର କରିଥାନ୍ତି। କୌଣସି ଗୋଟିଏ ବ୍ୟାଙ୍କର ଶାଖାରେ ନଗଦ ଅଭାବ ପଡ଼ିଲେ ତାହାପୂରଣ କରିବାକୁ ସେହିବ୍ୟାଙ୍କର ମୁଖ୍ୟ କିମ୍ବା ପ୍ରାଦେଶିକ ଶାଖାରୁ ଅର୍ଥ ପ୍ରେରଣ ବ୍ୟବସ୍ଥା ରିଜର୍ଭ ବ୍ୟାଙ୍କ ମାଧ୍ୟମରେ ହୁଏ। ଏହା ଇ-ଟ୍ରାନ୍‌ଜାକ୍‌ସନ୍ ମାଧ୍ୟମରେ କମ୍ପ୍ୟୁଟର ବ୍ୟବସ୍ଥାରେ କରାଯାଇଥାଏ ଯାହା ଇ-କୁବେର ନାମରେ ପରିଚିତ। କେଉଁ ବ୍ୟାଙ୍କର ଜମା ଓ କାରବାର ସ୍ଥିତି କ'ଣ ତାହା କମ୍ପ୍ୟୁଟାରାଇଜଡ୍ ବ୍ୟବସ୍ଥାରେ ରିଜର୍ଭ ବ୍ୟାଙ୍କ ସହଜରେ ଜାଣିପାରେ।

**ଦେଣା ଓ ସମାଧାନ ବ୍ୟବସ୍ଥା ତଦାରଖ:**

ଦେୟ ପ୍ରଦାନ ଏବଂ ଦେୟ ସମାଧାନ ରିଜର୍ଭ ବ୍ୟାଙ୍କର ଆଉ ଏକ ଦାୟିତ୍ୱ। ବ୍ୟାଙ୍କଗୁଡ଼ିକର ଏ ସଂକ୍ରାନ୍ତ କାର୍ଯ୍ୟକୁ ରିଜର୍ଭ ବ୍ୟାଙ୍କ ନିୟମିତ ଭାବେ ତଦାରଖ କରେ। ଏ କ୍ଷେତ୍ରରେ ଯଥାସମ୍ଭବ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ଦେୟ ପ୍ରଦାନରେ ଯେପରି କୌଣସି ତ୍ରୁଟି, ଭ୍ରାନ୍ତି ବା ବିଭ୍ରାଟ ନରୁହେ ସେଥିପାଇଁ ବ୍ୟବସ୍ଥା ନିର୍ମାଣ ଓ ଏହାର ସୁପରିଚାଳନା ରିଜର୍ଭ ବ୍ୟାଙ୍କ ଦେଖେ। ଏଥିପାଇଁ ଯେଉଁସବୁ ଆଇନ ଓ ବୈଧାନିକ ବ୍ୟବସ୍ଥା ରହିଛି ତାହାର ପରିପାଳନ କାର୍ଯ୍ୟ ରିଜର୍ଭ ବ୍ୟାଙ୍କ ତଦାରଖ କରିଥାଏ।

## ଡିଜିଟାଇଜେସନ୍ ଓ ସ୍ୱଳ୍ପନଗଦ ଅର୍ଥନୀତି

# ସାଇବର ଠକେଇ ନିରୋଧୀ ନିରାପତ୍ତା ଓ ଆଇନଗତ ଆବଶ୍ୟକତା

■ ସୁବ୍ରମଣ୍ୟକୁମାର

ସ୍ୱଳ୍ପ ନଗଦ ଭିତ୍ତିକ ଅର୍ଥନୀତିରେ ଯାବତୀୟ ଆର୍ଥିକ କାରବାରରେ ଡିଜିଟାଇଜେସନରେ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ମାଧ୍ୟମରେ ନଗଦ ଟଙ୍କା ନ'ଦେଇ ତାହାର ଉଦ୍ଦିଷ୍ଟ ମୂଲ୍ୟ ବା ସଂଖ୍ୟାର କାରବାର ହୋଇଥାଏ। ତେଣୁ କାଗଜ ନୋଟ୍ ପରିବର୍ତ୍ତେ ଯେତେବେଳେ ସଂଖ୍ୟା (ନୋଟର ମୂଲ୍ୟ)ର କାରବାର ବଢ଼େ ସେଥିପାଇଁ ଏହାର ମାଧ୍ୟମର ଗୁରୁତ୍ୱ କେବଳ ବଢ଼େ ନାହିଁ; ଏହା ନିରାପଦ ଓ ତ୍ରୁଟିଶୂନ୍ୟ ହେବା ବିଶେଷ ଗୁରୁତ୍ୱ ରଖେ। ସେଥିପାଇଁ ବ୍ୟାଙ୍କ, ଗ୍ରାହକ, ବ୍ୟବସାୟୀ, ଶିଳ୍ପୋଦ୍ୟୋଗ ଓ ଅନ୍ୟ ସମସ୍ତ ସମ୍ପୃକ୍ତ ପକ୍ଷ ଏକ ବିଶ୍ୱସ୍ତ, ନିରାପଦ ଓ ସୁରକ୍ଷିତ ସ୍ୱାଧୀନ ଆର୍ଥିକ ବ୍ୟବସ୍ଥା ଲୋଡ଼ିଥାନ୍ତି। ବ୍ୟାଙ୍କ ଉଦ୍ୟୋଗ ପାଇଁ ଡିଜିଟାଇଜେସନ କେବଳ ଏକ ବିକଳ୍ପ ନୁହେଁ, ବରଂ ଏହା ଏକ ଅପରିହାର୍ଯ୍ୟ ଆବଶ୍ୟକତା।

**ଡିଜିଟାଇଜେସନ୍ :**

ଆମର ଦୈନନ୍ଦିନ ଜୀବନରେ ବ୍ୟାଙ୍କିଙ୍ଗ ଓ ଆର୍ଥିକ କାରବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ପ୍ରାୟ ଆମ ସମସ୍ତଙ୍କ ଜୀବନରେ ଏମିତି ଗୋଟିଏ ଦିନ ନାହିଁ ଯେଉଁ ଦିନ ଆମେ ବ୍ୟବସାୟୀ କିମ୍ବା ବ୍ୟାଙ୍କ ସହ କାରବାର କରିନାହାନ୍ତି। କେଉଁଠି ନା କେଉଁଠି ଆମକୁ ପଇସାପତ୍ର କିଛି ଦେଣନେଣ କରିବାକୁ ହୋଇଛି। ଅତଏବ ବିତ୍ତୀୟ ପ୍ରତିଷ୍ଠାନ ସମୂହ ଏବେକାର ସମୟର ଆବଶ୍ୟକତାକୁ ନଜରରେ ରଖି ସର୍ବଶେଷ ଜ୍ଞାନ କୌଶଳ (ଟେକ୍‌ନୋଲୋଜି)ର ଉପଯୋଗ କରିବା ଉଚିତ। ଏହାଦ୍ୱାରା ଗ୍ରାହକସେବା ସହଜ, ସୁସଂହତ ହେବା ସହ ଡିଜିଟାଲ କାରବାର କ୍ଷେତ୍ରରେ ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ରହିଥିବା ବ୍ୟବଧାନ ଦୂର ହୋଇପାରିବ। ଡିଜିଟାଲ ବ୍ୟବସ୍ଥାର ବିଶ୍ୱସନୀୟତା ଓ ଲୋକପ୍ରିୟତା ମଧ୍ୟ ବଢ଼ିବ ଏବଂ ଲୋକେ ନଗଦ ଟଙ୍କାର କାରବାର ଅଭ୍ୟାସକୁ କ୍ରମଶଃ ପରିହାର କରିବେ।






ନିମ୍ନଲିଖିତ ବିଷୟମାନ ବ୍ୟାଙ୍କ ଡିଜିଟାଇଜେସନ୍‌କୁ ପ୍ରଭାବିତ କରିଥାଏ। ସେସବୁ ହେଲା –

- ଡିଜିଟାଇଜେସନ୍ ସପକ୍ଷରେ ଗ୍ରାହକମାନଙ୍କ ବ୍ୟବହାରର ପରିବର୍ତ୍ତନ
- ଆର୍ଥିକ ସମାବେଶୀ ପ୍ରକ୍ରିୟା ଓ ସରକାରୀ ପ୍ରୋତ୍ସାହନ
- ଅଧିକରୁ ଅଧିକ ସ୍ମାର୍ଟଫୋନ୍‌ର ଉପଯୋଗ ଏବଂ ଦେଶରେ ମୋବାଇଲ ଫୋନ୍‌ର ପ୍ରସାର ତଥା ବ୍ୟବହାର ବୃଦ୍ଧି

ସ୍ୱଳ୍ପନଗଦ ଅର୍ଥନୀତିରେ ଅଧିକାଂଶ ଆର୍ଥିକ କାରବାର ଡିଜିଟ୍ ବା ସଂଖ୍ୟାର ଆଦାନପ୍ରଦାନ ଦ୍ୱାରା ହୋଇଥାଏ। ଏହାର ବିଭିନ୍ନ ମାଧ୍ୟମ ରହିଛି। ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ମୋବାଇଲ ବ୍ୟାଙ୍କିଙ୍ଗ୍, ଡେବିଟ ଓ କ୍ରେଡିଟ କାର୍ଡ। କାର୍ଡ ସ୍ୱାଇପ୍ ବା ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ମେସିନ, ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) - ଭିମ୍, କୁଇକ୍ ରେସ୍‌ପନ୍ସ (କ୍ୟୁ ଆର) କୋଡ୍ ଭିତ୍ତିକ କାରବାର ଏବଂ ଟଚ୍ ଆଣ୍ଡ ଗୋ କାର୍ଡ ଆଦି ସେଥିମଧ୍ୟରୁ ଅନ୍ୟତମ।

ଭିମ୍ ୟୁପିଆଇ-ଭାରତ ଇଣ୍ଟରଫେସ୍ ଫର୍ ମନୀ - ୟୁନାଇଟେଡ୍ ପେମେଣ୍ଟ ଇଣ୍ଟରଫେସ୍ :

ଭିମ୍ ୟୁପିଆଇ ଭାରତରେ ପ୍ରବର୍ତ୍ତିତ ଏକ ବୈପ୍ଳବିକ ପେମେଣ୍ଟ ବ୍ୟବସ୍ଥା ଯାହା ସମଗ୍ର ବିଶ୍ୱରେ ନିଆରା। ଭିମ୍ ୟୁପିଆଇ ସହିତ ୬୦ଟି ବ୍ୟାଙ୍କ ସଂପୃକ୍ତ। ପ୍ରାୟ ୨୧ ନିୟୁତ ଲୋକ ଭିମ୍ ଆପ୍‌ସ ଡାଉନ୍‌ଲୋଡ୍ କରି ତାହାକୁ ବ୍ୟବହାର କରୁଛନ୍ତି। ଭିମ୍ ପ୍ଲାଟଫର୍ମ ମାଧ୍ୟମରେ ଏବେ ପ୍ରତିମାସରେ ପ୍ରାୟ ୮୨ଲକ୍ଷ ଥର କାରବାର ହେଉଛି।

ଡିସେମ୍ବର ୨୦୧୬ରେ ଭିମ୍ ଆପ୍ ପ୍ରବର୍ତ୍ତନ ହେବା ପରେ ଏହା ମାଧ୍ୟମରେ କାରବାର ପ୍ରାରମ୍ଭିକ ଅବସ୍ଥାରେ ମାସିକ ପ୍ରାୟ ୪୦ହଜାର ଥର କାରବାର ହେଉଥିଲା। ଖୁବ୍ କମ୍ ସମୟ ମଧ୍ୟରେ ଏହା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ଏବେ ମାସକୁ ୨ ଲକ୍ଷରେ ପହଞ୍ଚି ମାସିକ ୨ ଲକ୍ଷ ଲୋକ ଏହାର କାରବାର କରୁଥିବାରୁ ଏହା ମାଧ୍ୟମରେ ହେଉଥିବା ନଗଦବିହିନ ଦେଣନେଣର ପରିମାଣ କେତେ ହେଉଛି ତାହା ଅନୁମାନ କରିବା କଷ୍ଟ ନୁହେଁ। ଭିମ୍ ଆଧାର ଏକ ଡିଜିଟାଲ ପେମେଣ୍ଟ ଆକ୍‌ସେପ୍ଟାନ୍ସ ସଲ୍ୟୁସନ୍ ଯାହା ବେପାରୀଙ୍କୁ କ୍ରେତାଙ୍କଠାରୁ ପ୍ରାପ୍ୟ ଡିଜିଟାଲ ବ୍ୟବସ୍ଥାରେ ପାଇବାରେ ସହାୟତା ଯୋଗାଇଥାଏ। ଆଧାର ଚିହ୍ନଟ (ଅଥେଣ୍ଟିକେସନ୍) ମାଧ୍ୟମରେ ଏହି କାରବାର ହୋଇଥାଏ। କ୍ରେତାର ଆଧାର ନମ୍ବର ଓ ବାୟୋମେଟ୍ରିକ ପ୍ରମାଣ ଉପଯୋଗ ଦ୍ୱାରା ଏହି ଦେୟ ପ୍ରଦାନ କରାଯାଏ।



**ସାଇବର ସିକ୍ୟୁରିଟି:**

ବ୍ୟାଙ୍କ ଉଦ୍ୟୋଗରେ ଡିଜିଟାଇଜେସନର ବିପୁଳ ଉପଯୋଗ ହେବା ଫଳରେ ଏହାର ସୁରକ୍ଷା ଓ

ନିରାପତ୍ତା ପ୍ରତି ଅଧିକରୁ ଅଧିକ ଦୃଷ୍ଟି ଦେବାର ଆବଶ୍ୟକତା ଦେଖାଦେଉଛି। ଡିଜିଟାଇଜେସନର ସାମଗ୍ରିକ ବ୍ୟବସ୍ଥାରେ ଗ୍ରାହକ (ସ୍ରଷ୍ଟା), ସର୍ଜନାକାରୀ ପ୍ରତିଷ୍ଠାନ (ଅରିଜିନେଟିଙ୍ଗ୍ ଇନ୍‌ଷ୍ଟିଚ୍ୟୁସନ), ପ୍ରୋସେସିଂ ଏଜେନ୍ସି, ଉପଭୋକ୍ତା ଏଜେନ୍ସି ଓ ଉପଭୋକ୍ତା ଏମାନେ ସଂପୃକ୍ତ।




ଅତଏବ ସବୁ ସଂପୃକ୍ତ ପକ୍ଷଙ୍କୁ ଡିଜିଟାଲ ପଏଣ୍ଟରେ ନିରାପତ୍ତା ନିଶ୍ଚିତ କରିବାକୁ ପଡ଼ିବ। ସମଗ୍ର ପରିତନ୍ତ୍ର ବା ବ୍ୟବସ୍ଥା ସାଇବର-ସଂବେଦନଶୀଳ ହେବା ସହ ସମସ୍ତ ପ୍ରକାର ଡିଜିଟାଲ କାରବାର ନିରାପଦ, ତ୍ରୁଟିଶୂନ୍ୟ, ସୁରକ୍ଷିତ ଏବଂ ଭରସାଯୋଗ୍ୟ ହେବା ଆବଶ୍ୟକ। ବ୍ୟବସ୍ଥା ଉପରେ ଲୋକଙ୍କ ଭରସା ପାଇଁ ବିଶ୍ୱାସ, ସାଧୁତା, ଉପଲବ୍ଧତା ଓ ବିଶ୍ୱସନୀୟତାକୁ ବଜାୟ ରଖିବାକୁ ପଡ଼ିବ।

**କଷ୍ଟମର / ଅରିଜିନେଟର:**

ଯେ କୌଣସି କାରବାରରେ କଷ୍ଟମର ବା ଗ୍ରାହକ ପାଇଁ ପ୍ରଥମ ଆବଶ୍ୟକତା ହେଲା ସେ ବ୍ୟବହାର କରୁଥିବା ଯନ୍ତ୍ର ବା ବ୍ୟବସ୍ଥାଟି ସମ୍ପୂର୍ଣ୍ଣ ଭାବେ ସାଇବର ନିରାପଦ ହେବା ଜରୁରୀ। ଏଥିରେ ଆବଶ୍ୟକ ଭାଇରସ ନିରୋଧୀ ବ୍ୟବସ୍ଥା ରହିବା ଦରକାର। ଏହା ଯଦି ଅନ୍‌ଲାଇନ୍ ଟ୍ରାନ୍‌ଜାକ୍‌ସନ୍ ମାଧ୍ୟମ ହୋଇଥାଏ ଏବଂ ଇ-ମେଲ କ୍ଲିକ୍ ହେଉ ନ ଥାଏ ତା'ହେଲେ ଏଥିରେ ୱେବସାଇଟର

ଗ୍ରାହକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବ୍ୟାଙ୍କ ସମୂହଙ୍କ ନିମନ୍ତେ ଭାରତୀୟ ରିଜର୍ଭ ବ୍ୟାଙ୍କ କେତେକ ସୁରକ୍ଷାଜନିତ ନିର୍ଦ୍ଦେଶାବଳୀ ଜାରି କରିଛି। ସେଥିମଧ୍ୟରୁ ଅନଧିକୃତ ଇଲେକଟ୍ରୋନିକ ବ୍ୟାଙ୍କିଙ୍ଗ୍ ଟ୍ରାନ୍‌ଜାକସନ୍ କ୍ଷେତ୍ରରେ ଦେଣନେଣର ସୀମାଧାର୍ଯ୍ୟ କରାଯାଇଛି। ରିଜର୍ଭ ବ୍ୟାଙ୍କ ଜିରୋ ଲାଏବିଲିଟି ଓ ଲିମିଟେଡ୍ ଲାଇବିଲିଟି ଉପରେ ଗୁରୁତ୍ୱ ଦେଉଛି। ବ୍ୟାଙ୍କ ପକ୍ଷରୁ ତ୍ରୁଟି ହେଲେ ଗ୍ରାହକକୁ ସେଥିପାଇଁ କ୍ଷତି ସହିବାକୁ ପଡ଼ିବ ନାହିଁ। ଏହାକୁ ବ୍ୟାଙ୍କର ଭୁଲ ବୋଲି ଗ୍ରହଣ କରାଯିବ। ଯେଉଁଠି କାରବାରରେ ବ୍ୟାଙ୍କର ସଂପୃକ୍ତି ନଥିବ ସେକ୍ଷେତ୍ରରେ ତିନିଦିନ ମଧ୍ୟରେ ଠକେଇ ସମ୍ପର୍କରେ ବ୍ୟାଙ୍କକୁ ଜଣାଇଲେ ହଡ଼ପ ହୋଇଥିବା ଅର୍ଥକୁ ୧୦ଦିନ ମଧ୍ୟରେ ଗ୍ରାହକକୁ ଫେରାଇବାର ବ୍ୟବସ୍ଥା କରାଯିବ। ଏହା ଲିମିଟେଡ୍ ଲାଏବିଲିଟି ନୀତିର ଅନ୍ତର୍ଭୁକ୍ତ।

ଠିକଣା ସ୍ପଷ୍ଟ ଭାବେ ଲେଖାଇବା ଉଚିତ। ସବୁ କଥା ମାଗଣାରେ ମିଳେନାହିଁ। ଅତଏବ ଯେକୌଣସି ମୋବାଇଲ / ଅନଲାଇନ୍ ଟୁଲସ୍ ଯାହା ମାଗଣା ସେବା ଯୋଗାଉଛି ତାହାକୁ ବ୍ୟବହାର କରିବା ସମୟରେ ସତର୍କତା ଓ ଯଥାର୍ଥ ଅଭିନିବେଶର ଆବଶ୍ୟକତା ରହିଛି। ବ୍ୟବହାରକାରୀ ଏହି ଟୁଲସ୍ ଉପଯୋଗ କରିବା ବେଳେ ନିଜର ପାସ୍‌ୱାର୍ଡ ଓ ପିନ୍‌ର ଗୋପନୀୟତା ରକ୍ଷା କରିବା ପ୍ରତି ସତର୍କ ରହିବା ଉଚିତ। ଏହା ଯେପରି କେହି ଜାଣି ନ'ପାରନ୍ତି ବା ଚୋରାଇବାରେ ସକ୍ଷମ ନ ହୁଅନ୍ତି ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡ଼ିବ। ଏସବୁ ମୌଳିକ ବିଷୟଗୁଡ଼ିକ ପ୍ରତି ସଚେତନ ରହିଲେ ଡିଜିଟାଲ ଟ୍ରାନ୍‌ଜାକ୍‌ସନ୍ ନିରାପଦ ଏବଂ ତ୍ରୁଟିଶୂନ୍ୟ ହେବ ଏବଂ ସାଇବର ଠକେଇରୁ ସୁରକ୍ଷିତ ରହିହେବ।

**ଅରିଜିନେଟିଂ / ହିତାଧିକାରୀ ସଂସ୍ଥା:**

ଅର୍ଥ କାରବାରରେ ପ୍ରେରକର ଦେୟ ଆଇଟି ବ୍ୟବସ୍ଥାରେ ବିତ୍ତୀୟ ସଂସ୍ଥା ଦେଇ ଗ୍ରାହକ ନିକଟରେ ପହଞ୍ଚିଥାଏ। ଏହି ପ୍ରେରଣ ବ୍ୟବସ୍ଥା ଯେପରି ସଂପୂର୍ଣ୍ଣ ସୁରକ୍ଷିତ ରହିବ ଏବଂ ବାଟମାରଣାର ଭୟ କିମ୍ବା ଭୁଲସ୍ଥାନରେ ଦେୟ ନ ପହଞ୍ଚେ ସେଥିପାଇଁ ଆଇଟି ବ୍ୟବସ୍ଥାରେ ଆବଶ୍ୟକ ସୁରକ୍ଷା ରହିବା ଆବଶ୍ୟକ। ତେଣୁ ନିରାପତ୍ତା ରକ୍ଷା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ଲୋଡ଼ା। କହିବା ବାହୁଲ୍ୟ ଯେ ନିଜଘରର ସୁରକ୍ଷା ପାଇଁ ପ୍ରାସାଦବାସୀଠାରୁ କୁଡ଼ିଆରେ ରହୁଥିବା ଲୋକ ମଧ୍ୟ ତାଲାର ବ୍ୟବସ୍ଥା କରିଥାଏ। ତେଣୁ ଡିଜିଟାଲ କାରବାରର ସମଗ୍ର ପ୍ରକ୍ରିୟା ଚକ୍ର ସୁରକ୍ଷିତ ହେବା ଉଚିତ। ଏ କ୍ଷେତ୍ରରେ ସେବାଯୋଗାଉଥିବା ସଂସ୍ଥାଙ୍କ ସାଧୁତା, ନିଷ୍ଠା, ତତ୍ପରତା ଓ ବିଶ୍ୱସନୀୟତା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ପ୍ରେରଣ ସମୟରେ ଡାଟା (ତଥ୍ୟ) ଯେପରି ଚୋରି କିମ୍ବା ଏପଟ ସେପଟ ନ'ହୁଏ ତାହାକୁ ନିଶ୍ଚିତ କରିବାକୁ ହେବ।

**ପ୍ରୋସେସିଂ ସଂସ୍ଥା:**

ଅଧିକଂଶ ଡିଜିଟାଲ କାରବାର କରୁଥିବା ସଂସ୍ଥା ମୁମ୍ବଇସ୍ଥିତ ଏନ୍‌ପିସିଆଇ ଓ ହାଇଦ୍ରାବାଦସ୍ଥିତ ଇଡିଆରବିଟି ଭଳି କେନ୍ଦ୍ରୀୟ ନୋଡାଲ ଏଜେନ୍ସି ମାଧ୍ୟମରେ ହୋଇଥାଏ। ଏହି ସବୁ ସଂସ୍ଥା ଅତ୍ୟାଧୁନିକ ଆଇଟି ଜ୍ଞାନକୌଶଳର ଉପଯୋଗ କରିବା ଉଚିତ। ତା'ନହେଲେ ପ୍ରଯୁକ୍ତିଗତ ବିଭ୍ରାଟ ସୃଷ୍ଟି ହେବାର ଆଶଙ୍କା ରହିଛି। ନୋଡାଲ ଏଜେନ୍ସିର ପରାମର୍ଶକ୍ରମେ

ସେମାନେ ନୂଆ ଜ୍ଞାନକୌଶଳ ବ୍ୟବହାର ଉପରେ ଧ୍ୟାନ ଦେବା ଉଚିତ।

**ହିତାଧିକାରୀ:**

ଯାହା ପାଖକୁ ଟଙ୍କା ପଠାଯାଉଛି (ହିତାଧିକାରୀ) ଡିଜିଟାଲ ବ୍ୟବସ୍ଥାରେ ସେ ବ୍ୟକ୍ତିର ଦାୟିତ୍ୱ ଅପେକ୍ଷାକୃତ କମ୍। ତା' ଆକାଉଣ୍ଟରେ ଟଙ୍କା ନ'ପହଞ୍ଚିଲେ ସେ ହୁଏତ ଅସୁବିଧାରେ ପଡ଼ିପାରେ। ସେଥିପାଇଁ ହିତାଧିକାରୀଙ୍କୁ ଠିକ୍ ଆକାଉଣ୍ଟ ନମ୍ବର, ଆଇଏଫ୍ଏସ୍‌କୋଡ୍ କିମ୍ବା ଭିପିଏ ଠିକଣା ଦେବାକୁ ପଡ଼ିବ। ଏଥିରେ ତ୍ରୁଟି ରହିଲେ ଦେୟ ମିଳିବ ନାହିଁ କିମ୍ବା ଅନ୍ୟ କାହାର ଆକାଉଣ୍ଟକୁ ଚାଲିଯାଇପାରେ।

**ଡିଜିଟାଲ ଟ୍ରାଂଜାକସନକୁ ସୁରକ୍ଷିତ ଓ ଭରସାଯୋଗ୍ୟ କରିବା ପାଇଁ ସରକାର ନାନାବିଧ ସାଇବର ନିରାପତ୍ତା ବ୍ୟବସ୍ଥା ଓ ଆଇନ ପ୍ରବର୍ତ୍ତନ କରୁଛନ୍ତି। ଏ କ୍ଷେତ୍ରରେ ଯେଉଁସବୁ ପଦକ୍ଷେପ ନିଆଯାଉଛି ତାହା ସମ୍ପୂର୍ଣ୍ଣ ହେଲେ ଦେଶରେ ଖୁବ୍ କମ୍ ଦିନରେ ଡିଜିଟାଲ କାରବାର ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଭରସାଯୋଗ୍ୟ ହୋଇପାରିବ।**

**ସରକାରଙ୍କ ବିଭିନ୍ନ ପଦକ୍ଷେପ:**

ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ସହ ଏହାକୁ ନିରାପଦ ଓ ସୁରକ୍ଷିତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ଜାତୀୟ ସାଇବର ନିରାପତ୍ତା ନୀତି-୨୦୧୩ (ଏନ୍‌ସିଏସ୍‌ପି) ଅନ୍ୟତମ। କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ଓ ସୂଚନାପ୍ରଯୁକ୍ତି ବିଭାଗର ସହଯୋଗରେ ଏଥିପାଇଁ ନାନାବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ସାଧାରଣ ନାଗରିକ, ବ୍ୟବସାୟୀ ଗୋଷ୍ଠୀ ଓ ସରକାରୀ କାରବାର ପାଇଁ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ସାଇବର ସ୍ପେଶ ପ୍ରସ୍ତୁତ କରାଯାଇଛି। ଅନ୍ୟାନ୍ୟ ଯୋଜନା ମଧ୍ୟରେ ରହିଛି ନିରାପଦ ସାଇବର ପରିତନ୍ତ୍ର ବ୍ୟବସ୍ଥା, ଏକ ସଶକ୍ତ ନୋଡାଲ ଏଜେନ୍ସି ଗଠନ, ମୁଖ୍ୟ ସୂଚନା ନିରାପତ୍ତା ଅଧିକାରୀ ନିଯୁକ୍ତି, ସୂଚନା ନିରାପତ୍ତା ନୀତି ପ୍ରଣୟନ, ନିୟନ୍ତ୍ରକ ବ୍ୟବସ୍ଥାର ସୁଦୃଢ଼ୀକରଣ, ସଚେତନାର ପ୍ରସାର, ନିରାପତ୍ତା ପ୍ରତି ସମ୍ଭାବ୍ୟ ବିପଦର ମୁକାବିଲା କରିବାକୁ ବ୍ୟବସ୍ଥା ନିର୍ମାଣ, ଗୁରୁତ୍ୱପୂର୍ଣ୍ଣ ତଥ୍ୟର ସୁରକ୍ଷା ଓ ଗୋପନୀୟତା ପାଇଁ ଏନ୍‌ସିଆଇଆଇପି ଗଠନ, ମାନବସମ୍ବଳର ବିକାଶ ଏବଂ ଗବେଷଣା ଓ ଉନ୍ନୟନ ଦ୍ୱାରା ଅତ୍ୟାଧୁନିକ ନିରାପତ୍ତା ବ୍ୟବସ୍ଥା ସୃଷ୍ଟି।



**ସାଇବର ସ୍ୱଚ୍ଛତା କେନ୍ଦ୍ର:**

ନିରାପତ୍ତା ବ୍ୟବସ୍ଥାର ଉଲ୍ଲଙ୍ଘନ ରୋକିବାକୁ ସରକାର ଏକ ସାଇବର ସ୍ୱଚ୍ଛତା କେନ୍ଦ୍ର ୨୦୧୭ ଫେବୃୟାରୀରେ ଆରମ୍ଭ କରିଛନ୍ତି। ଭାରତ ସରକାରଙ୍କ କମ୍ପ୍ୟୁଟର ଏମ୍‌ରଜେନ୍ସି ରେସପନ୍ସ ଟିମ୍ (ସିଇଆର୍‌ଟି-ଇନ୍) ଏଥିପାଇଁ ଜ୍ଞାନକୌଶଳ ଯୋଗାଇଛି। ଏହି କେନ୍ଦ୍ର ପକ୍ଷରୁ ସାଇବର ସିକ୍ୟୁରିଟି ପାଇଁ ନୂଆ ଡେସ୍କଟପ୍ ଓ ମୋବାଇଲ ସିକ୍ୟୁରିଟି ସଲ୍ୟୁସନର ଡିଜାଇନ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଲୋକେ ଡିଜିଟାଲ ଟ୍ରାନ୍‌ଜାକ୍‌ସନ୍‌ରେ ସାଇବର ଠକେଇରୁ ରକ୍ଷା ପାଇପାରିବେ।

ଏହି କେନ୍ଦ୍ର ପକ୍ଷରୁ ୟୁଏସ୍‌ବି ପ୍ରତିରୋଧ ବ୍ୟବସ୍ଥା, 'ସଂବିଧ' ନାମକ ଏକ ଆପ୍, 'ଏମ୍-କବଚ', ବ୍ରାଉଜର ଜେଏସ୍‌ଗାର୍ଡ ଆଦି ପ୍ରସ୍ତୁତ କରାଯାଇଛି, ଯାହା ସାଇବର ଠକେଇ ନିରୋଧୀ।

**ସୂଚନା ପ୍ରଯୁକ୍ତି ଆଇନ-୨୦୦୦, ୨୦୦୮:**

ଏହି ଆଇନ ସାଇବର ଅପରାଧ ନିରାକରଣ ଓ ଇ-କମର୍ସ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ଏହା ଫଳରେ ଆଇଟି ଆଇନରେ ସଂଶୋଧନ ଅଣାଯାଇ ଡିଜିଟାଲ ଓ ଇଲେକଟ୍ରୋନିକ ଦସ୍ତଖତ, ଇ-ଗଭର୍ଣ୍ଣାନ୍ସ, ସୁପାରିସକାରୀ ପ୍ରାଧିକରଣ ନିୟନ୍ତ୍ରଣ, ଇଲେକଟ୍ରୋନିକ୍ସ ସିଗନେଚର ସାର୍ଟିଫିକେଟ ଆଦିର ବ୍ୟବସ୍ଥା କରାଯାଇଛି। ସେହିଭଳି ସାଇବର / ଇଲେକଟ୍ରୋନିକ ଅପରାଧ ପାଇଁ ବିଭିନ୍ନ ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି।

ସେଗୁଡ଼ିକ ମଧ୍ୟରେ କମ୍ପ୍ୟୁଟର ତଥ୍ୟାବଳିକୁ ଏପଟସେପଟ ଓ ଚୋରି, ହ୍ୟାକିଂ, ଚୋରା କମ୍ପ୍ୟୁଟର କ୍ରୟ, ଅନ୍ୟର ପାସୱାର୍ଡକୁ ବ୍ୟବହାର କରିବା, କମ୍ପ୍ୟୁଟର ତଥ୍ୟ ଚୋରି କରି ଅନ୍ୟକୁ ଠକିବା, ରେକର୍ଡ ରକ୍ଷଣାବେକ୍ଷଣରେ ବିଫଳତା, ନିର୍ଦ୍ଦେଶ ପରିପାଳନ ନ' କରିବା, ଭୁଲ ତଥ୍ୟ ଉପସ୍ଥାପନ କରିବା ଆଦି ଦଣ୍ଡନୀୟ ଅପରାଧ ହୋଇଛି। ଏହାଛଡ଼ା ଅନ୍‌ଲାଇନ୍ ଠକେଇ, ଫିଜିଙ୍ଗ, ହ୍ୟାକିଂ ଭଳି ଅପରାଧ ପାଇଁ ମଧ୍ୟ ତିନି ବର୍ଷ କାରାଦଣ୍ଡ ଓ ପାଞ୍ଚଲକ୍ଷ ଟଙ୍କା ଜୋରିମାନାର ବ୍ୟବସ୍ଥା କରାଯାଇଛି।

**ରିଜର୍ଭବ୍ୟାଙ୍କର ନିର୍ଦ୍ଦେଶାବଳୀ:**

ଗ୍ରାହକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବ୍ୟାଙ୍କ ସମୂହଙ୍କ ନିମନ୍ତେ ଭାରତୀୟ ରିଜର୍ଭ ବ୍ୟାଙ୍କ କେତେକ ସୁରକ୍ଷାଜନିତ ନିର୍ଦ୍ଦେଶାବଳୀ ଜାରି କରିଛି। ସେଥିମଧ୍ୟରୁ ଅନଧିକୃତ ଇଲେକଟ୍ରୋନିକ ବ୍ୟାଙ୍କିଙ୍ଗ୍ ଟ୍ରାନ୍‌ଜାକସନ୍ କ୍ଷେତ୍ରରେ ଦେଣନେଣର ସୀମାଧାର୍ଯ୍ୟ କରାଯାଇଛି। ରିଜର୍ଭ ବ୍ୟାଙ୍କ ଜିରୋ ଲାଏବିଲିଟି ଓ ଲିମିଟେଡ୍ ଲାଇବିଲିଟି ଉପରେ ଗୁରୁତ୍ୱ ଦେଉଛି। ବ୍ୟାଙ୍କ ପକ୍ଷରୁ ତ୍ରୁଟି ହେଲେ ଗ୍ରାହକକୁ ସେଥିପାଇଁ କ୍ଷତି ସହିବାକୁ ପଡ଼ିବ ନାହିଁ। ଏହାକୁ ବ୍ୟାଙ୍କର ଭୁଲ ବୋଲି ଗ୍ରହଣ କରାଯିବ। ଯେଉଁଠି କାରବାରରେ ବ୍ୟାଙ୍କର ସଂପୃକ୍ତି ନଥିବ ସେକ୍ଷେତ୍ରରେ ତିନିଦିନ ମଧ୍ୟରେ ଠକେଇ ସମ୍ପର୍କରେ ବ୍ୟାଙ୍କକୁ ଜଣାଇଲେ ହଡ଼ପ ହୋଇଥିବା ଅର୍ଥକୁ ୧୦ଦିନ ମଧ୍ୟରେ ଗ୍ରାହକକୁ ଫେରାଇବାର ବ୍ୟବସ୍ଥା କରାଯିବ। ଏହା ଲିମିଟେଡ୍ ଲାଏବିଲିଟି ନୀତିର ଅନ୍ତର୍ଭୁକ୍ତ।

ଆହୁରି ମଧ୍ୟ ସବୁ ଜମାକାରୀଙ୍କୁ ମୋବାଇଲ ମାଧ୍ୟମରେ ଟେକ୍ସଟ ମ୍ୟାସେଜ ପ୍ରଦାନ, ଟଙ୍କା ଉଠାଣ ଓ ଜମା ସଂପର୍କରେ ଏସ୍‌ଏମ୍‌ଏସ୍ ଆଲର୍ଟ ଯୋଗାଇବାକୁ ସବୁ ବ୍ୟାଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏହା ଏକ ବାଧ୍ୟତାମୂଳକ ନିୟମ। ଏହାଦ୍ୱାରା ଖାତାଧାରୀ ତା'ର ଆକାଉଣ୍ଟର ସର୍ବଶେଷ ସ୍ଥିତି ବିଷୟରେ ଅବଗତ ହୋଇପାରୁଛି। ବ୍ୟାଙ୍କ ସମୂହ ପକ୍ଷରୁ ମଧ୍ୟ ନିଜର ୱେବସାଇଟ ମାଧ୍ୟମରେ ଅନଧିକୃତ କାରବାର ସଂକ୍ରାନ୍ତ ତଥ୍ୟ ଉପସ୍ଥାପନ କରାଯାଉଛି। ଏହାଦ୍ୱାରା କେଉଁ ଆକାଉଣ୍ଟରୁ ବେଆଇନ ଭାବେ ଅର୍ଥ ଯାଉଛି ବା ଆସୁଛି ତାହା ଜାଣି ହେଉଛି। ଏହାଛଡ଼ା ଫୋନ୍ ବ୍ୟାଙ୍କିଙ୍ଗ୍, ଏସ୍‌ଏମ୍‌ଏସ୍, ଇମେଲ, କଲ ସେଣ୍ଟର ଓ ଇଣ୍ଟର ଆକ୍ଟିଭ ଭଏସ୍ ସେଣ୍ଟରର ବ୍ୟବସ୍ଥା ମଧ୍ୟ କରାଯାଇଛି।

କୌଣସି ତୃତୀୟ ପକ୍ଷ ଯଦି ଡିଜିଟାଲ କାରବାରରେ କ୍ଷତିଗ୍ରସ୍ତ ହୁଅନ୍ତି ତେବେ କଷ୍ଟମରଙ୍କୁ ଏହି ଠକେଇ ସମ୍ପର୍କରେ ବ୍ୟାଙ୍କ ଆଲର୍ଟ ପାଇବାର ୪ ରୁ ୭ ଦିନ ମଧ୍ୟରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବାକୁ ପଡ଼ିବ। ଏଥିରେ କଷ୍ଟମରଙ୍କୁ ଟ୍ରାଂଜାକସନ୍ ମୂଲ୍ୟ ଦେବାକୁ ହେବ। ଏ କ୍ଷେତ୍ରରେ କଷ୍ଟମରଙ୍କୁ କେତେ ଅର୍ଥ କ୍ଷତି ସହିବାକୁ ପଡ଼ିବ ତାହା ତାଙ୍କର କ୍ରେଡିଟକାର୍ଡ ଲିମିଟ୍ ଅନୁସାରେ ଧାର୍ଯ୍ୟ ହେବ।

**ଉପସଂହାର:**

ଡିଜିଟାଲ ଟ୍ରାଂଜାକସନକୁ ସୁରକ୍ଷିତ ଓ ଭରସାଯୋଗ୍ୟ କରିବା ପାଇଁ ସରକାର ନାନାବିଧ ସାଇବର ନିରାପତ୍ତା ବ୍ୟବସ୍ଥା ଓ ଆଇନ ପ୍ରବର୍ତ୍ତନ କରୁଛନ୍ତି। ଏ କ୍ଷେତ୍ରରେ ଯେଉଁସବୁ ପଦକ୍ଷେପ ନିଆଯାଉଛି ତାହା ସମ୍ପୂର୍ଣ୍ଣ ହେଲେ ଦେଶରେ ଖୁବ୍ କମ୍ ଦିନରେ ଡିଜିଟାଲ କାରବାର ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଭରସାଯୋଗ୍ୟ ହୋଇପାରିବ। ତେବେ ଅପରାଧୀ ଓ ଚୋର ସବୁବେଳେ ନୂଆ ଉପାୟ ବାହାର କରିଥାନ୍ତି। ତାହାକୁ ନଜରରେ ରଖି ସରକାରଙ୍କୁ ସାଇବର ନିରାପତ୍ତା ବ୍ୟବସ୍ଥାକୁ ନିରନ୍ତର ଯୁଗ ଉପଯୋଗୀ ଓ ସାଇବର ଅପରାଧ ନିରୋଧୀ କରିବାକୁ ହେବ। ନିରାପତ୍ତା ଏକ ସୁଦୀର୍ଘ ନିରନ୍ତର ଯାତ୍ରା। ସଚେତନତା ଓ ସତର୍କତା ଏହି ଯାତ୍ରାର ବିପଦକୁ କେବଳ ଟାଳି ପାରିବ।

ଲେଖକ ଜଣେ ବ୍ୟାଙ୍କର୍।

# ଆପଣ ଜାଣନ୍ତି କି ?

**ଭାରତରେ ସ୍ୱତନ୍ତ୍ର ବ୍ୟାଙ୍କ (ସ୍ପେଶାଲାଇଜ଼ଡ ବ୍ୟାଙ୍କ)**

ଦେଶର ଅର୍ଥନୀତିରେ ବ୍ୟାଙ୍କ ଓ ବିତ୍ତୀୟ ଅନୁଷ୍ଠାନ ସମୂହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅର୍ଥନୀତିର ବିଭିନ୍ନ କ୍ଷେତ୍ରକୁ ସେମାନେ ବିଭିନ୍ନ ପ୍ରକାରର ଋଣ ଯୋଗାଇ ଏହାର ଶ୍ରୀବୃଦ୍ଧି ସାଧନରେ ସହାୟକ ହୋଇଥାନ୍ତି। ଭାରତରେ ଗ୍ରାମୀଣ, କ୍ଷେତ୍ର, ଆବାସ, କ୍ଷୁଦ୍ରଶିଳ୍ପ ଓ ରପ୍ତାନୀ, ଆମଦାନୀ ଭଳି ଅଧିକ ଚାହିଦା କ୍ଷେତ୍ରକୁ ଋଣ ଯୋଗାଣ ଉପରେ ଅଗ୍ରାଧିକାର ପ୍ରଦାନ କରାଯାଉଛି। ବ୍ୟାଙ୍କ ଓ ବିଭିନ୍ନ ବିତ୍ତ ଯୋଗାଣକାରୀ ସଂସ୍ଥା ଏହି ସବୁ ଅଗ୍ରାଧିକାର କ୍ଷେତ୍ରକୁ ଋଣ ଯୋଗାଇ ନିଜର ଗୁରୁଦାୟିତ୍ୱ ନିର୍ବାହ କରୁଛନ୍ତି।

ଭାରତରେ ଚାରିଟି ପ୍ରମୁଖ ସ୍ୱତନ୍ତ୍ର ବ୍ୟାଙ୍କ ବା ଆର୍ଥିକ ପ୍ରତିଷ୍ଠାନ କାର୍ଯ୍ୟ କରୁଛନ୍ତି। ସେସବୁ ହେଲେ - ଏକ୍ସପୋର୍ଟ-ଇମ୍ପୋର୍ଟ ବ୍ୟାଙ୍କ (ଏକ୍ସିସ୍ ବ୍ୟାଙ୍କ), ଜାତୀୟ କୃଷି ଓ ଗ୍ରାମ ବିକାଶ ବ୍ୟାଙ୍କ (ନାବାର୍ଡ), ଜାତୀୟ ହାଉସିଂ ବ୍ୟାଙ୍କ (ଏନ୍‌ଏଚ୍‌ବି) ଓ ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ସିଡ୍‌ବି)।




**ଏକ୍ସପୋର୍ଟ - ଇମ୍ପୋର୍ଟ ବ୍ୟାଙ୍କ (ଏକ୍ସିସ୍ ବ୍ୟାଙ୍କ):**

ଏହି ବ୍ୟାଙ୍କ ମୁଖ୍ୟତଃ ରପ୍ତାନୀ-ଆମଦାନୀ କ୍ଷେତ୍ର ପାଇଁ ଋଣ ଯୋଗାଇଥାଏ। ୧୯୮୧ରେ ଏହା ଗଠିତ ହୋଇଥିଲା ଓ ୧୯୮୨ରୁ କାର୍ଯ୍ୟ ଆରମ୍ଭ କରିଥିଲା। ବିଶ୍ୱସ୍ତରୀୟ ରପ୍ତାନୀ-ଆମଦାନୀକାରୀ ସଂସ୍ଥାମାନଙ୍କୁ ମଧ୍ୟ ଏହା ଋଣ ଯୋଗାଇଥାଏ। ଏହା ବିଭିନ୍ନ ଶିଳ୍ପ ବ୍ୟବସାୟ ସଂସ୍ଥାଙ୍କୁ ବିଭିନ୍ନ ପ୍ରକାର ସେବା ଓ ଆର୍ଥିକ ସହାୟତା ଯୋଗାଇଥାଏ। ଟେକ୍‌ନୋଲୋଜି ଆମଦାନୀ, ବିଭିନ୍ନ ପ୍ରକାରର ଉତ୍ପାଦ ରପ୍ତାନୀ, ବିଦେଶରେ ବିପଣନ ସୁବିଧା, ସାମଗ୍ରୀ ପ୍ରେରଣ ଓ ଆମଦାନୀ ତଥା ଦରିଆପାରି ପୁଂଜିନିବେଶ ପାଇଁ ଏହା ଉଭୟ ଋଣ ଏବଂ ସେବା ଯୋଗାଇ ଆସୁଛି। ରପ୍ତାନୀ-ଆମଦାନୀ କ୍ଷେତ୍ରରେ ବ୍ୟବସାୟିକ ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନ / ପ୍ରତିଷ୍ଠାନ ସହ ଏହା ସଂଯୋଗ ରକ୍ଷା କରିଥାଏ। ଏହା ତାହାର ଗ୍ରାହକଙ୍କୁ ଦେଶ ଓ ବିଦେଶର ଆର୍ଥିକ ବଜାରର ସ୍ଥିତି ସମ୍ପର୍କରେ ମଧ୍ୟ ଆବଶ୍ୟକ ସୂଚନା ପ୍ରଦାନ କରେ। ଜାହାଜ ଓ ଗୋଦାମ ସୁବିଧାଠାରୁ ବିଭିନ୍ନ ସେବା ଯୋଗାଣରେ ଏହା ସହାୟତା ଦେଇଥାଏ। ବାଣିଜ୍ୟ ଲାଇସେନ୍ସ ସହ ଏହା ବିଭିନ୍ନ ସଂସ୍ଥାଙ୍କୁ ଦୀର୍ଘ ଓ ସ୍ୱଳ୍ପ ମିଆଦି ଋଣ ପ୍ରଦାନ କରେ। ଏହା ମଧ୍ୟ ବିଭିନ୍ନ ସଂସ୍ଥାଙ୍କୁ ଲେଟର ଅଫ୍ କ୍ରେଡିଟ୍, ଗ୍ୟାରେଣ୍ଟି ଓ ଅନ୍ୟାନ୍ୟ ଅନୁମତି ଦେଇଥାଏ। ଚଳଚ୍ଚିତ୍ର ଜଗତ ପାଇଁ ଏହା ପ୍ରଯୋଜକଙ୍କୁ ମଧ୍ୟ ଋଣ ଦିଏ। ବିଦେଶରେ ଶିଳ୍ପ ବାଣିଜ୍ୟ ମେଳା ପାଇଁ ଆର୍ଥିକ ସହାୟତା ଯୋଗାଏ। ବିଭିନ୍ନ ବ୍ୟାବସାୟିକ ସଂସ୍ଥାର ମାନବସମ୍ବଳ ପରିଚାଳନା, ଗବେଷଣା ଓ ଉନ୍ନୟନ, ଯୋଜନା ଏବଂ ଆଭ୍ୟନ୍ତରୀଣ ଅଡିଟ୍ ଆଦି କାର୍ଯ୍ୟରେ ସ୍ୱତନ୍ତ୍ର ସହାୟତା ଯୋଗାଇଥାଏ। ଦେଶର ବିଭିନ୍ନ ପ୍ରାନ୍ତରେ ଏହି ବ୍ୟାଙ୍କର ଶାଖା ମାନ କାର୍ଯ୍ୟ କରୁଛି। ବିଦେଶରେ ମଧ୍ୟ ଏହାର ଶାଖାମାନ ଅଛି। ଏହାର ସଦର କାର୍ଯ୍ୟାଳୟ ମୁମ୍ବଇରେ ରହିଛି।

**ନାବାର୍ଡ:**

ଗ୍ରାମାଞ୍ଚଳ ଓ କୃଷି କ୍ଷେତ୍ରର ବିକାଶ ସରକାରୀ ଯୋଜନାରେ ଅଗ୍ରପ୍ରାଧାନ୍ୟ ଲାଭ କରିଥିବାରୁ ସରକାର ସ୍ୱତନ୍ତ୍ର ଭାବେ ଜାତୀୟ କୃଷି ଓ ଗ୍ରାମ ବିକାଶ ବ୍ୟାଙ୍କ ବା ନାବାର୍ଡ ଗଠନ କରିଛନ୍ତି। କୃଷି ଓ ଗ୍ରାମ୍ୟ ଉନ୍ନୟନ କ୍ଷେତ୍ର ପାଇଁ ଆବଶ୍ୟକ ଋଣ ଯୋଗାଣ ଓ ଏହାର ରୂପାୟନରେ ଏହା ମୂଳରୁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଆସୁଛି। ୧୯୭୯ରେ ଗଠିତ ଏକ କମିଟିର ସୁପାରିସକ୍ରମେ କୃଷି ଓ ଗ୍ରାମାଞ୍ଚଳ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ଏକ ବ୍ୟାଙ୍କ ପ୍ରତିଷ୍ଠାର ନିଷ୍ପତ୍ତି ନିଆଯାଇଥିଲା। ତଦନୁସାରେ



ସଂସଦରେ ଏକ ପ୍ରସ୍ତାବ ଗୃହୀତ ହୋଇ ୧୯୮୧ରେ ନାବାର୍ଡ ଗଠିତ ହେଲା ଓ ୧୯୮୨ ଜୁଲାଇରୁ କାର୍ଯ୍ୟ ଅରାମ୍ଭ କଲା। ରିଜର୍ଭ ବ୍ୟାଙ୍କର କୃଷି ଓ ଗ୍ରାମ୍ୟ ଉନ୍ନୟନ ସଂକ୍ରାନ୍ତ କାର୍ଯ୍ୟ ଏବଂ ଦାୟିତ୍ୱ ନାବାର୍ଡ ଉପରେ ସ୍ୱତନ୍ତ୍ର ଭାବେ ନ୍ୟସ୍ତ ହେଲା। ପ୍ରାରମ୍ଭିକ ଭାବେ ନାବାର୍ଡ ଅଧୀନରେ ୧୦୦କୋଟି ଟଙ୍କାର ପାଣ୍ଠି ରଖାଯାଇ ଋଣ ଯୋଗାଣ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ୨୦୧୬ମାର୍ଚ୍ଚ ୩୧ସୁଦ୍ଧା ନାବାର୍ଡର ବିନିଯୋଗ ପୁଂଜି ପରିମାଣ ୫୦୦୦କୋଟି ଟଙ୍କାରେ ପହଞ୍ଚିଥିଲା। ପରେ ନାବାର୍ଡର ଅଂଶଧନ ପରିମାଣରେ ପରିବର୍ତ୍ତନ କରାଯାଇଛି ଏବଂ ଭାରତ ସରକାର ଓ ରିଜର୍ଭ ବ୍ୟାଙ୍କ ଏହାକୁ ଭିନ୍ନଭିନ୍ନ ଅନୁପାତରେ ଅର୍ଥ ଯୋଗାଉଛନ୍ତି। ଏବେ ଭାରତସରକାରଙ୍କର ନାବାର୍ଡରେ ୯୯.୬୦ ଶତାଂଶ ବା ୪୯୮୦ କୋଟି ଏବଂ ଭାରତୀୟ ରିଜର୍ଭବ୍ୟାଙ୍କର ୦.୪୦ ଶତାଂଶ ବା ପ୍ରାୟ ୨୦କୋଟି ଟଙ୍କାର ଅର୍ଥ ଅଂଶଧନ ଭାବେ ରହିଛି।

**ନ୍ୟାଶନାଲ ହାଉସିଂ ବ୍ୟାଙ୍କ:**

ଏହି ବ୍ୟାଙ୍କ ୧୯୮୮ରେ ପ୍ରତିଷ୍ଠା ହୋଇଥିଲା। ଜାତୀୟ ଆବାସ ବ୍ୟାଙ୍କ ଆଇନ ୧୯୮୭ ଅନୁସାରେ ଏହା ଗଠିତ ହୋଇଛି। ଆବାସ ନିର୍ମାଣ କ୍ଷେତ୍ରକୁ ସ୍ୱତନ୍ତ୍ର ଭାବେ ଅର୍ଥ ଯୋଗାଇ ଦେବାକୁ ଏହା ନିର୍ଦ୍ଦିଷ୍ଟ ଭାବେ କାର୍ଯ୍ୟ କରୁଛି। ଆବାସ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀ ଓ ସଂସ୍ଥାମାନଙ୍କୁ ଏହି ବ୍ୟାଙ୍କ ଋଣ ପ୍ରଦାନ କରିଥାଏ। ଘର ତିଆରି ପାଇଁ ଭିତ୍ତିଭୂମି ନିର୍ମାଣଠାରୁ ତତ୍‌ସଂକ୍ରାନ୍ତ ବିବିଧ କାର୍ଯ୍ୟ ପାଇଁ ଏହା ଋଣ ଯୋଗାଇଥାଏ। ବିକାଶ ଓ ବିପଦ ପରିଚାଳନା, ପ୍ରକଳ୍ପ ପାଇଁ ଅର୍ଥଯୋଗାଣ, ପୁନଃ ଅର୍ଥଯୋଗାଣ, ପାଣ୍ଠି ଯୋଗାଡ଼ ଓ ପରିଚାଳନା ଭଳି ସ୍ୱତନ୍ତ୍ର ବିଭାଗ ଏହା ଅଧୀନରେ କାର୍ଯ୍ୟ କରୁଛି। ଏହା ସମ୍ପୂର୍ଣ୍ଣ ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ। ଏହାର ସମସ୍ତ ପୁଂଜି ଆବଶ୍ୟକତା ରିଜର୍ଭ ବ୍ୟାଙ୍କ ପୂରଣ କରିଥାଏ। ଏହାର ପରିଚାଳନା, ତଦାରଖ ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ଏକ ପରିଚାଳନା ବୋର୍ଡ ଦ୍ୱାରା କରାଯାଇଥାଏ।

**ସିଡ୍‌ବି (ସ୍ମଲ ଇଣ୍ଡଷ୍ଟ୍ରିଜ୍ ଡେଭେଲପମେଣ୍ଟ ବ୍ୟାଙ୍କ):**

ପାର୍ଲାମେଣ୍ଟର ଏକ ଆଇନ ଅନୁସାରେ ଏହି ବ୍ୟାଙ୍କ ୧୯୯୦ ଏପ୍ରିଲ ୨ ତାରିଖରେ ପ୍ରତିଷ୍ଠା ହୋଇଥିଲା। ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ ପାଇଁ ଋଣ ଯୋଗାଣ ଓ ସେସବୁର ଅଭିବୃଦ୍ଧିରେ ସହାୟତା କରିବାକୁ ଏହା ସ୍ୱତନ୍ତ୍ର ଭାବେ ଗଠିତ। ଏହି ଉଦ୍ୟୋଗ ଦେଶର ଆର୍ଥିକ ଅଭିବୃଦ୍ଧିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଥିବାରୁ ଏହାର ବିକାଶ ଉପରେ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଦେଶରେ ଏବେ ୫.୧କୋଟି ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ରହିଛି। ଏଥିରେ ପ୍ରାୟ ୧୧.୭କୋଟି ଲୋକ ନିୟୁକ୍ତ। ଏହି ଉଦ୍ୟୋଗରେ ପ୍ରାୟ ୬୦୦୦ପ୍ରକାର ସାମଗ୍ରୀ ଉତ୍ପାଦିତ ହୁଏ। ମାନୁଫାକଚରିଙ୍ଗ କ୍ଷେତ୍ରରେ ଏହି ଉଦ୍ୟୋଗର ଅବଦାନ ୪୫ ଶତାଂଶ ଏବଂ ରପ୍ତାନୀରେ ଏହାର ଅଂଶ ପ୍ରାୟ ୪୦ଭାଗ। ଏହା ଜିଡିପିକୁ ୩୭ ଶତାଂଶ ଅବଦାନ ଦେଇଥାଏ। ଅତଏବ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ଋଣ ଓ ପାଣ୍ଠି ଯୋଗାଣ ବ୍ୟବସ୍ଥା, ଆର୍ଥିକ ଓ ଅନ୍ୟାନ୍ୟ ଅସୁବିଧା ଦୂରକରିବା ପାଇଁ 'ସିଡ୍‌ବି' ସ୍ୱତନ୍ତ୍ର ଭାବେ ଉତ୍ସର୍ଗୀକୃତ।

ସିଡ୍‌ବି ଏହି କ୍ଷେତ୍ରରେ ଏକ ଉତ୍ତମ ଆର୍ଥିକ ଓ ଔଦ୍ୟୋଗିକ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ବ୍ରତୀ। ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଅର୍ଥ ଯୋଗାଣ, ଅର୍ଥାଭାବରେ ଥିବା ସଂସ୍ଥାଙ୍କୁ ପୁନଃ ଅର୍ଥଯୋଗାଣ, ଋଣ ପାଇବାରେ ସହାୟତା, ଟେକ୍‌ନୋଲୋଜି ପରିବର୍ତ୍ତନରେ ସହାୟତା ଓ ସେବା ଯୋଗାଇଥାଏ। ଏହା ମଧ୍ୟ ଉଦ୍ୟୋଗ ବିକାଶ, ଶ୍ରମିକ ତାଲିମ, ଦକ୍ଷତା ବିକାଶ, ଗବେଷଣା ଓ ଉନ୍ନୟନ, ଶିଳ୍ପପୁଂଜ ସ୍ଥାପନ, ସାମଗ୍ରୀ ବିପଣନ, ପ୍ରଦର୍ଶନୀ, ଶିଳ୍ପ ମେଳା ଆୟୋଜନ ପାଇଁ ସାହାଯ୍ୟ ସହଯୋଗ କରିଥାଏ। ଏହି ବ୍ୟାଙ୍କ ଦ୍ୱାରା ଏଯାଏଁ ପ୍ରାୟ ଅଢ଼େଇ ଲକ୍ଷ ଶ୍ରମିକ ଉପକୃତ ହୋଇଥିବା ବେଳେ ପ୍ରାୟ ଦେଢ଼ ଲକ୍ଷ ଲୋକ ଦକ୍ଷତା ବିକାଶ ଜରିଆରେ କର୍ମନିଯୁକ୍ତି ପାଇଛନ୍ତି। ଏହାର ସହାୟତାରେ ପ୍ରାୟ ୮୦ ହଜାର ଉଦ୍ୟୋଗ ସ୍ଥାପିତ ହୋଇଛି ଓ ସେଥିମଧ୍ୟରୁ ଅଧିକାଂଶ ଗ୍ରାମାଞ୍ଚଳର।

## ସାମ୍ପ୍ରତିକୀ

# ଶହୀଦ ପ୍ରଦୀପ ପଣ୍ଡାଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୁଏଲ ଓରାମଙ୍କ ଶ୍ରଦ୍ଧାଞ୍ଜଳି



ଡିସେମ୍ବର ୩୧ ତାରିଖ ଦିନ ଜାମ୍ମୁକାଶ୍ମୀର ପୁଲୱାନାଠାରେ ସିଆରପିଏଫ ଟ୍ରେନିଂ କ୍ୟାମ୍ପ ଉପରେ ପାକିସ୍ଥାନ ଆତଙ୍କବାଦୀମାନଙ୍କ ଦ୍ୱାରା ଅଚାନକ ଆକ୍ରମଣ ସମୟରେ ଭାରତ ସୈନ୍ୟବାହିନୀର ୫ ଜଣ ବୀର ଯବାନ ଦେଶ ପାଇଁ ଶହୀଦ ହୋଇଥିଲେ ।

ସେଥିମଧ୍ୟରୁ ସୁନ୍ଦରଗଡ . ଜିଲ୍ଲା ରାଜଗାଙ୍ଗପୁରସ୍ଥିତ ଶ୍ରୀ ପ୍ରଦୀପ କୁମାର ପଣ୍ଡା ମଧ୍ୟ ଦେଶମାତୃକା ପାଇଁ ଶହୀଦ ହୋଇଥିଲେ । ସ୍ୱର୍ଗତ ପଣ୍ଡାଙ୍କ ମରଶରୀର ବିମାନ ଯୋଗେ ଜାମ୍ମୁକାଶ୍ମୀରରୁ ଦିଲ୍ଲୀ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବା ପରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ବିମାନବନ୍ଦରକୁ ଯାଇ ସ୍ୱର୍ଗତ ପଣ୍ଡାଙ୍କ ମରଶରୀର ଉପରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶେଷଦର୍ଶନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀଓରାମ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ଶ୍ରୀ ପଣ୍ଡାଙ୍କ ବଳିଦାନ ଦେଶମାତୃକାର ସେବା ପାଇଁ ସମର୍ପିତ ବୋଲି ଶ୍ରୀଓରାମ କହିଛନ୍ତି ।

# ଏମ୍‌ପିଲାଡ୍ ସ୍କିମ୍ ସମ୍ପର୍କରେ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି

ସାଂସଦ ଆଂଚଳିକ ବିକାଶ କାର୍ଯ୍ୟକ୍ରମ – ଏମପିଲାଡ୍ ସ୍କିମ୍ ଚତୁର୍ଦ୍ଦଶ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳ ସରିବା ପର୍ଯ୍ୟନ୍ତ ଜାରି ରହିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୈଠକରେ ଏହି ପ୍ରସ୍ତାବ ଅନୁମୋଦିତ ହୋଇଛି। କ୍ୟାବିନେଟ ନିଷ୍ପତ୍ତି ଅନୁସାରେ ଆଗାମୀ ୩୧ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ଏହି ସ୍କିମ୍ ସାଂସଦମାନଙ୍କ ପାଇଁ ଜାରି ରହିବ।

ଏମପିଲାଡ୍ ସ୍କିମ୍ ପାଇଁ ବାର୍ଷିକ ୩୯୫୦ କୋଟି ଟଙ୍କା ହିସାବରେ ଆଗାମୀ ୩ ବର୍ଷ ପାଇଁ ମୋଟ ୧୧,୮୫୦ କୋଟି ଟଙ୍କାର ବ୍ୟୟବରାଦ କରାଯିବ। ଏହାଛଡ଼ା ସାଂସଦ ଆଂଚଳିକ ବିକାଶ ସ୍କିମ୍ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ତଦାରଖ ପାଇଁ ସ୍ୱତନ୍ତ୍ର ସଂସ୍ଥାକୁ ନିୟୋଜିତ କରାଯିବ। ତା'ଛଡ଼ା ଏହି ସ୍କିମ ଅଧୀନରେ ଜିଲ୍ଲା ଓ ରାଜ୍ୟସ୍ତରୀୟ ଅଧିକାରୀମାନଙ୍କ ସାମର୍ଥ୍ୟ ବିକାଶ ଓ ପ୍ରଶିକ୍ଷଣ ପାଇଁ ସଂପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ନିଆଯିବ ଏବଂ ଏଥିଲାଗି ବାର୍ଷିକ ଅତିରିକ୍ତ ୫ କୋଟି ଟଙ୍କା ଖର୍ଚ୍ଚ ହେବ।

ଏମପିଲାଡ୍ ସ୍କିମର ନିର୍ଦ୍ଦେଶାବଳୀ ଅନୁସାରେ ସୁପାରିସ ଜିଲ୍ଲାସ୍ତରରୁ ମିଳିବା ପରେ ଆବଶ୍ୟକ ପାଣ୍ଠିକୁ ସଂପୃକ୍ତ ଜିଲ୍ଲାର ନୋଡାଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥାଏ।

କେନ୍ଦ୍ର ମନ୍ତ୍ରିମଣ୍ଡଳର ଏହି ନିଷ୍ପତ୍ତି ଫଳରେ ସାଂସଦମାନେ ନିଜ ନିଜ ଅଂଚଳରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଅଧିକ ନଜର ଦେଇ ପାଣ୍ଠି ବିନିଯୋଗ କରିପାରିବେ ଏବଂ ଏହା ଦ୍ୱାରା ସମଗ୍ର ଦେଶର ଲୋକେ ଉପକୃତ ହେବେ। ଅଧିକନ୍ତୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳଯୋଗାଣ, ଶିକ୍ଷା, ସାଧାରଣ ସ୍ୱାସ୍ଥ୍ୟସେବା, ପରିମଳ, ରାସ୍ତାଘାଟ ଭଳି ସ୍ଥାୟୀ ସରକାରୀ ସମ୍ପତ୍ତି ସୃଷ୍ଟି କରାଯାଇପାରିବ।

ଗତ କିଛି ବର୍ଷ ହେଲା ଏମପିଲାଡ୍ ସ୍କିମ ମାଧ୍ୟମରେ ସୃଷ୍ଟି କରାଯାଉଥିବା ଦୀର୍ଘସ୍ଥାୟୀ ଗୋଷ୍ଠୀଗତ ସମ୍ପତ୍ତି ଗ୍ରାମାଞ୍ଚଳର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇବାରେ ବେଶ ସମର୍ଥ ହୋଇପାରିଛି। ଆଂଚଳିକ ସ୍ତରରେ ଏହି ସ୍କିମର ଆଦର ରହିଥିବାରୁ କେନ୍ଦ୍ର ସରକାର ଏଥିଲାଗି ଅଧିକ ପାଣ୍ଠିର ବ୍ୟବସ୍ଥା କରିଛନ୍ତି।

ଏମପିଲାଡ୍ ସ୍କିମ ହେଉଛି ଏକ ପ୍ରଚଳିତ କେନ୍ଦ୍ରୀୟ ଯୋଜନା ଯାହାକି ୧୯୯୩-୯୪ ଆର୍ଥିକ ବର୍ଷରୁ ଆରମ୍ଭ କରାଯାଇଥିଲା। ସେହି ବର୍ଷଠାରୁ ଅଗଷ୍ଟ ୨୦୧୭ ପର୍ଯ୍ୟନ୍ତ ଏହି ସ୍କିମ ଅଧୀନରେ ୧୮,୮୨,୧୮୦ ଟି ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି ଏବଂ ଏହି କାର୍ଯ୍ୟ ଲାଗି ମୋଟ ୪୪,୯୨୯.୧୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଦଳମତ ନିର୍ବିଶେଷରେ ସବୁ ସାଂସଦ ନିଜ ନିଜ ଅଂଚଳର ଲୋକଙ୍କ ବିକାଶ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏମପିଲାଡ୍ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିଥାନ୍ତି। ବିଶେଷକରି ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ପରିମଳ, ରାସ୍ତାଘାଟ ଆଦି କ୍ଷେତ୍ରରେ ଏହି ପାଣ୍ଠିକୁ ବହୁଳ ଭାବେ ଉପଯୋଗ କରାଯାଇଥାଏ। ସୂଚନାଯୋଗ୍ୟ ଯେ ଏଥିଲାଗି ପ୍ରଚଳିତ ନିର୍ଦ୍ଦେଶାବଳୀ ତଥା ମାର୍ଗଦର୍ଶିକାକୁ ଗତ ଜୁନ ୨୦୧୬ରେ ସଂଶୋଧିତ କରାଯାଇଥିଲା।

## ସାମ୍ପ୍ରତିକୀ

### ଭୁବନେଶ୍ୱର ରେଳଷ୍ଟେସନ୍‌ରେ ଦ୍ୱିତୀୟ ପ୍ରବେଶ ପଥ ଉଦ୍‌ଘାଟିତ

# ଅନ୍ତରାଷ୍ଟ୍ରୀୟ ମାନର ସହରରେ ପରିଣତ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆହ୍ୱାନ



ରାଜଧାନୀ ଭୁବନେଶ୍ୱରକୁ ଅତ୍ୟାଧୁନିକ ସୁବିଧା ସହ ଅନ୍ତରାଷ୍ଟ୍ରୀୟ ମାନର ସହରରେ ପରିଣତ କରିବା ପାଇଁ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭୁବନେଶ୍ୱର ରେଳଷ୍ଟେସନ୍ ର ୬ ନମ୍ବର ପ୍ଲାଟଫର୍ମ ପାର୍ଶ୍ୱରେ ଦ୍ୱିତୀୟ ପ୍ରବେଶ ଦ୍ୱାର ତଥା ସଂରକ୍ଷିତ ଓ ଅଣସଂରକ୍ଷିତ ଟିକେଟ କାଉଣ୍ଟର ତଥା ନୂତନ ଷ୍ଟେସନ୍ କାର୍ଯ୍ୟାଳୟର ଉଦଘାଟନ ଉତ୍ସବରେ ଯୋଗ ଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବ ଭାରତର ବିକାଶ ଯୋଜନା ଆଧାରରେ ରେଳପଥ , ଜାତୀୟ ରାଜପଥ ଓ ବିମାନ ସେବା ବିକାଶରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିବା ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ବିଗତ କିଛି ମାସରେ ସେ କେନ୍ଦ୍ର ସରକାରଙ୍କ ଯୋଜନାରେ ଓଡିଶାର ସଡକ , ରେଳ ଓ ଆକାଶପଥ ସଂଯୋଗୀକରଣ ଯୋଜନାର ସମୀକ୍ଷା କରିଛନ୍ତି। ରାଜଧାନୀ ଭୁବନେଶ୍ୱରକୁ ଏହିସବୁ ଯୋଜନାର କେନ୍ଦ୍ରବିନ୍ଦୁ କରି ଭୁବନେଶ୍ୱରକୁ ଉଚ୍ଚତମ ଜୀବନ ଓ ପୁଂଜି ଆକର୍ଷଣର କେନ୍ଦ୍ରବିନ୍ଦୁ କରିବା ପାଇଁ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି । ଗତ ତିନି ଦଶନ୍ଧିରେ ଓଡିଶାର ରେଳ ବିକାଶ ପାଇଁ ଯେତିକି ଅର୍ଥ ଆସିନଥିଲା ମୋଦି ସରକାରଙ୍କ ସାଢେ ୩ ବର୍ଷରେ ତାଠାରୁ ଅଧିକ ଆର୍ଥିକ ବ୍ୟୟ ବରାଦ ମୋଦି ସରକାରଙ୍କ ପକ୍ଷରୁ ଓଡିଶା ପାଇଁ କରାଯାଇଛି ବୋଲି ସେ କହିଛନ୍ତି। କେନ୍ଦ୍ର ଦେଉଥିବା ପ୍ରଚୁର ଅର୍ଥକୁ ସଠିକ୍ ଭାବରେ ବିନିଯୋଗ କରିବା ପାଇଁ ରେଳବିଭାଗ ଓ ରାଜ୍ୟ ସରକାର କାମ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

ଭୁବନେଶ୍ୱରରେ ଜୀବନକୁ ଆହୁରି ସରଳ କରିବା ପାଇଁ ପିତାପଲ୍ଲୀ-କଟକ ନୂଆ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ ଆଉ ୨ଟି ରିଙ୍ଗ୍ ରୋଡ୍ ର ବ୍ୟବସ୍ଥା କରାଯାଉଛି । ଯେପରି ଦୂରଗାମୀ ଓ ମାଲବାହୀ ଗାଡି ଗୁଡିକ ଭୁବନେଶ୍ୱର ବାହାରେ ପୁରୀ ଓ ବ୍ରହ୍ମପୁର ଆଡେ ଯାଇପାରିବ ସେଥିପାଇଁ ଆଉ ୨ଟି ଜାତୀୟ ରାଜମାର୍ଗର ରିଙ୍ଗ ରୋଡ୍ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ମାଲବାହୀ ଟ୍ରେନ୍ ଗୁଡିକ ଭୁବନେଶ୍ୱର ଷ୍ଟେସନକୁ ନଆସିବା ପାଇଁ ଚନ୍ଦକା ରାସ୍ତାରେ ନୂଆ ରେଳ ଲାଇନ୍ ସର୍ଭେ ପାଇଁ ସେ ଅନୁରୋଧ କରିଥିବା କହିଛନ୍ତି । ରାଜ୍ୟର ଦ୍ରୁତ ବିକାଶକୁ ଆଖି ଆଗରେ ରଖି ଭୁବନେଶ୍ୱରରେ ଦ୍ୱିତୀୟ ବିମାନ ବନ୍ଦର ନିର୍ମାଣ ସମେତ ଭୁବନେଶ୍ୱର ସହ ଆକାଶ ମାର୍ଗରେ ଯୋଗଯୋଗ ବ୍ୟବସ୍ଥାର ସମୀକ୍ଷା କରିଥିବା ଶ୍ରୀ ପ୍ରଧାନ କହିଛନ୍ତି । ରାଜ୍ୟ ସରକାର ସହଯୋଗ କଲେ ଆଉ ଏକ ଏୟାରପୋର୍ଟ ନିର୍ମାଣ ଖୁବ୍ ଶୀଘ୍ର ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଭୁବନେଶ୍ୱର ରେଳଷ୍ଟେସନରୁ ଭିଡିଓ କନ୍‌ଫରେନ୍ସିଂ ରେ ସାକ୍ଷୀଗୋପାଳ ରେଳଷ୍ଟେସନର ଆଧୁନିକୀକରଣ କାର୍ଯ୍ୟକୁ ମଧ୍ୟ ଶ୍ରୀ ପ୍ରଧାନ ଉଦଘାଟନ କରିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଭୁବନେଶ୍ୱର ରେଳଷ୍ଟେସନରେ ଯାତ୍ରୀ ସଂଖ୍ୟା ବଢୁଥିବା କାରଣରୁ ୧ ନମ୍ବର ଓ ୬ ନମ୍ବର ପ୍ଲାଟଫର୍ମକୁ ଯୋଡି ୬ ମିଟର ଚଉଡାର ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ମୋଦି ସରକାର ସ୍ଥିର କରିଛନ୍ତି ଓ ୨୦୧୮ ମସିହାରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ୪୮ତମ ଭାରତୀୟ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ



ଅଠଚାଳିଶତମ ଭାରତୀୟ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ୨୦୧୭ (ଆଇଏଫ୍ଏଫ୍ଆଇ) ନଭେମ୍ବର ୨୦ ରୁ ୩୦ ତାରିଖ ପର୍ଯ୍ୟନ୍ତ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏଥିରେ ଭାରତ ଓ ବିଶ୍ୱର ବିଭିନ୍ନ ଦେଶର ବଛାବଛା ଚଳଚ୍ଚିତ୍ରମାନ ପ୍ରଦର୍ଶିତ ହୋଇଥିଲା। ଏହାର ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ର ସୂଚନା ଓ ପ୍ରସାରଣ ତଥା ବୟନଶିଳ୍ପ ମନ୍ତ୍ରୀ ସ୍ମୃତି ଇରାନୀ ଯୋଗଦେଇଥିଲେ। ସେ କହିଥିଲେ ଯେ ଭାରତ ଉତ୍ସବ, ପ୍ରଗତିଶୀଳ ଯୁବଶକ୍ତି ଓ କାହାଣୀର ଦେଶ। ଏହି ଦେଶରେ କାହାଣୀମାନ ୧୬୦୦ ଉପଭାଷାରେ କଥିତ ହୋଇଥାଏ। ଏହି ଉତ୍ସବ ଚଳଚ୍ଚିତ୍ର ପ୍ରେମୀଙ୍କୁ ଭାରତୀୟ ଚଳଚ୍ଚିତ୍ର ଜଗତର ନାମୀଦାମୀ ତାରକାଙ୍କ ସହ ଭେଟିବାର ସୁଯୋଗ ଯୋଗାଇବ।

ଏହି ଉତ୍ସବରେ ୧୯୫ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ବିଶ୍ୱର ବିଭିନ୍ନ ଶ୍ରେଷ୍ଠ ଚଳଚ୍ଚିତ୍ରଗୁଡ଼ିକର ତିନିଥର ପ୍ରିମିୟର କରାଯାଇଥିଲା। ଏହାଛଡ଼ା ଏସିଆର ୧୦ଟି ଏବଂ ଭାରତର ୬୪ ଚଳଚ୍ଚିତ୍ରର ଆନ୍ତର୍ଜାତିକ ପ୍ରିମିୟର ହୋଇଥିଲା। ପ୍ରଖ୍ୟାତ ବଲିଉଡ୍ ତାରକା ଅମିତାଭ ବଚ୍ଚନଙ୍କୁ ଏହି ଅବସରରେ ଶ୍ରେଷ୍ଠ ଭାରତୀୟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପୁରସ୍କାର ପ୍ରଦାନ କରାଯାଇଥିଲା।

ପ୍ରଥମ ଥର ପାଇଁ ଏହି ଉତ୍ସବ ଅବସରରେ ଜେମ୍‌ସ ବଣ୍ଡ୍ ପିକ୍‌ଚରରର କ୍ୟୁରେଟେଡ୍ ସେକ୍ସନ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିଲା। କାନାଡ଼ା କ୍ୟୁରେଟେଡ୍ ଉପରେ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା।

ଆନ୍ତର୍ଜାତିକ ପ୍ରତିଯୋଗିତାରେ ଗୋଲଡେନ୍ ଓ ସିଲଭର ପିକକ୍ ପୁରସ୍କାର ପାଇଁ ୧୫ଟି ଚଳଚ୍ଚିତ୍ର ପ୍ରତିଯୋଗିତା କରିଥିଲେ। ଏହାଛଡ଼ା ଏହି ଉତ୍ସବରେ ପରଲୋକଗତ ଚିତ୍ରତାରକା ଓମ୍ ପୁରୀ, ବିନୋଦ ଖାନ୍ନା, ଟମ୍ ଅଲଟର୍, ରୀମା ଲାଗୁ, ଜୟଲଳିତା, ନିର୍ଦ୍ଦେଶକ ଅବଦୁଲ ମାଜିଦ୍, କୁନ୍ଦନ ଶାହା, ଦଶାରୀ ନାରାୟଣ ରାଓ ଓ ସିନେମାଟୋଗ୍ରାଫର ରାମାନନ୍ଦ ସାଗରଙ୍କ ସ୍ମୃତି ଚାରଣ କରାଯାଇଥିଲା।

ମରକ୍କୋରେ ଜନ୍ମିତ ଫରାସୀ ନିର୍ଦ୍ଦେଶକ ରବିନ୍ କାମ୍ପିଲୋଙ୍କ ଚିତ୍ର '୧୨୦ ବିପିଏମ୍' ବା ୧୨୦ ବିଟ ପର୍ ମିନିଟ୍ ମର୍ଯ୍ୟାଦାଜନକ ଗୋଲଡେନ୍ ପିକକ୍ ପୁରସ୍କାର ଲାଭ କରିଥିଲା। ଏହା ଫ୍ରାନ୍ସର ସମଲିଙ୍ଗୀ ଯୌନ ସମ୍ପର୍କ ଓ ଏଡ୍‌ସ ପ୍ରାଦୁର୍ଭାବ ଉପରେ ନିର୍ମିତ। ଚୀନ ନିର୍ଦ୍ଦେଶକ ଭିଭିଆନ କ୍ୟୁ ୱ୍ୱନଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶିକା ପୁରସ୍କାର 'ଆଞ୍ଜେଲ୍ସ ଓ୍ୱାର ହ୍ୱାଇଟ୍' ଚଳଚ୍ଚିତ୍ର ପାଇଁ ମିଳିଥିଲା। ଦୁଇଜଣ ସ୍ୱଳ୍ପ ବୟସ୍କା ଝିଅ ଚୀନର ଏକ ସମୁଦ୍ର ତଟବର୍ତ୍ତୀ ସହରରେ ଜଣେ ମଧ୍ୟବୟସ୍କ ବ୍ୟକ୍ତିଙ୍କ ଦ୍ୱାରା କିପରି ଅତ୍ୟାଚାରିତ ହୋଇଛନ୍ତି ତାହା ଏହି ଚଳଚ୍ଚିତ୍ରର କଥାବସ୍ତୁ।

ଜଣେ ଏଡ୍‌ସ ସଚେତନତା ସୃଷ୍ଟିକାରୀ ଭୂମିକାରେ ନିଖୁଣ ଅଭିନୟ ପାଇଁ ନାହୁଏଲ ବିସ୍‌କାରିଆଟଙ୍କୁ ଶ୍ରେଷ୍ଠ କଳାକାର ପୁରସ୍କାର ଓ ପାର୍ବତୀ ଟିକେଙ୍କୁ ଶ୍ରେଷ୍ଠା ମହିଳା କଳାକାର ପୁରସ୍କାର ମିଳିଥିଲା। ବିସ୍‌କାରିଆଟ ଫରାସୀ ଫିଲ୍ମ ୧୨୦ ବିପିଏମ୍ ପାଇଁ ଏବଂ ପାର୍ବତୀ, ମହେଶନାରାୟଣଙ୍କ ମାଲୟଲି ଚିତ୍ର 'ଟେକ୍ ଅଫ୍' ନିମନ୍ତେ ପାଇଛନ୍ତି। ପାର୍ବତୀ ଏହି ଚିତ୍ରରେ ଜଣେ ନର୍ସ ଭୂମିକାରେ ଅଭିନୟ କରିଛନ୍ତି। ସେଥିରେ ସେ ତାଙ୍କର ମୁଣ୍ଡଜାମିନ ଥିବା ସ୍ୱାମୀଙ୍କ ମୁକ୍ତି ପାଇଁ ସଂଗ୍ରାମ ଚଳାଇଥିବାର କାହାଣୀ ରହିଛି। ମହେଶ ନାରାୟଣଙ୍କୁ ମଧ୍ୟ 'ଟେକ୍ ଅଫ୍' ଚିତ୍ର ପାଇଁ ସ୍ୱତନ୍ତ୍ର ଜୁରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଇରାକର ଟିକ୍ରିଟିରେ ଅଟକି ରହିଥିବା ଭାରତୀୟଙ୍କ ଉଦ୍ଧାର ଘଟଣା ଉପରେ ଏହି ଚଳଚ୍ଚିତ୍ର ନିର୍ମିତ। ବଲଭିଆର ନିର୍ଦ୍ଦେଶକ କିରୋ ରୁସୋ ତାଙ୍କ ଚଳଚ୍ଚିତ୍ର ଡାର୍କସ୍କଲ ପାଇଁ ଶ୍ରେଷ୍ଠ କଥାଚିତ୍ର ନିର୍ଦ୍ଦେଶକ ଭାବେ ସିଲଭର ପିକକ୍ ପୁରସ୍କାର ଲାଭ କରିଛନ୍ତି। ଡାର୍କସ୍କଲ ଚଳଚ୍ଚିତ୍ରଟି ଥିଲା ରୁଷୋଙ୍କ ପ୍ରଥମ ନିର୍ଦ୍ଦେଶିତ ଫିଲ୍ମ। ପରିବେଶ ଓ ଶୋକର ଏକ ଚମତ୍କାର ନିଦର୍ଶନ ଏହି ଚିତ୍ରର ବିଶେଷତ୍ୱ।

ମନୌଦି କଦାମଙ୍କ ମରାଠି ଚିତ୍ର 'କ୍ଷିତିଜ'କୁ ଆଇସିଏଫ୍‌ଟି ୟୁନେସ୍କୋ ଗାନ୍ଧୀ ପଦକ ଏଥିରେ ମିଳିଛି। ଜୀବନବ୍ୟାପୀ ସାଧନା ଓ ଅବଦାନ ପାଇଁ କାନାଡ଼ାର ପ୍ରସିଦ୍ଧ କଳା ନିର୍ଦ୍ଦେଶକ ଆଟମ ଇଗୋୟାନଙ୍କୁ ଏହି ଉତ୍ସବରେ ଆଇଏଫ୍‌ଏଫ୍‌ଆଇ -୨୦୧୭ ପୁରସ୍କାରରେ ସମ୍ମାନିତ କରାଯାଇଛି।

YOJANA (Odia) : Monthly January 2018 RNI No. 57203/93
ISSN 0971-8346 Total Number of Pages (76)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

## ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ ।

## ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡ଼ି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/-ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash